R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୨
ତିଥି : ପୂର୍ଣ୍ଣିମା
୧୭ ଅକ୍ଟୋବର ୨୦୨୪, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore




## ୪୮ ଘଣ୍ଟାରେ ୧୨ ବିମାନରେ ବୋମା ଗୁଜବ

ନୂଆଦିଲ୍ଲୀ, ୧୬।୧୦ : ବିମାନରେ ବୋମା ରହିଛି ବୋଲି ମିଛ ଧମକ କଲ ବଢିଚାଲିଛି । ୪୮ଘଣ୍ଟା ମଧ୍ୟରେ ୧୨ ବିମାନରେ ବୋମା ଥିବା ନେଇ ଧମକ ଆସିଛି । ଫଳରେ ଉଭୟ ଘରୋଇ ଓ ଆନ୍ତର୍ଜାତୀୟ ବିମାନ ଚଳାଚଳ ରାସ୍ତା ପ୍ରଭାବିତ ହୋଇଛି । ତେବେ ଏହି ମିଛ କଲରୁ ବର୍ତ୍ତିବା ଓ ଯାତ୍ରୀମାନଙ୍କୁ ଯଥା ସମୟରେ ଯାତ୍ରା କରିବାର ସୁଯୋଗ ଦେବା ପାଇଁ ଏଭଳି ମିଛ କଲ କରୁଥିବା ଲୋକଙ୍କ ତାଲିକା ନୋ-ଫ୍ଲାଏ ଲିଷ୍ଟରେ ପକାଇବା ଲାଗି କେନ୍ଦ୍ର ସରକାର ଯୋଜନା କରୁଛନ୍ତି । ତେବେ ଏହି ଘଟଣାରେ ମୁମ୍ବାଇ ପୋଲିସ ଆଜି ଜଣେ ନାବାଳକକୁ ଗିରଫ କରିଛି । ଛତିଶଗଡର ଅଧାରୁ ପାଠ ଛାଡିଥିବା ୧୭ବର୍ଷୀୟ ବାଳକ ରାଜନ ଡୋଗାନକୁ ପୋଲିସ ହେପାଜତକୁ ନେଇଛି । ତାକୁ ରିମାଣ୍ଡ ହୋମ୍‌ରେ ରଖାଯାଇଛି । ତା'ର ବାପାକୁ




ପଚରାଉଚରା ଚାଲିଛି ।

ଏହି ନାବାଳକ ଜଣକ ସୋସିଆଲ୍ ହ୍ୟାଣ୍ଡେଲ ଏକ୍ସକୁ ନିଜ ସାଙ୍ଗ ନାଁରେ ଚଳାଇ ବୋମା ଆତଙ୍କ ଓ ବିବାଦ ସବୁ ପୋଷ୍ଟ କରୁଥିଲା । ପ୍ରାୟ ୧୨ ବିମାନକୁ ଏଭଳି ଧମକ ଦିଆଯାଇଛି । ସୋମବାର ଏହା ୪ ବିମାନରୁ ଆରମ୍ଭ ହୋଇଥିଲା । ମୁମ୍ବାଇ ପୋଲିସ ୩ ଏତଲା ରୁଜୁ କରିଛି । ପ୍ରଥମ ଏତଲା ଆଧାରରେ ଏହି ନାବାଳକକୁ ହେପାଜତକୁ ନିଆଯାଇଛି । ସମ୍ପୃକ୍ତ ନାବାଳକ ଜଣକ ୪ ବିମାନକୁ ଏଭଳି ଧମକପୂର୍ଣ୍ଣ ସୂଚନା ଦେଇଥିଲା । ତା'ମଧ୍ୟରେ ୩ ଆନ୍ତର୍ଜାତୀୟ ବିମାନ ରହିଥିଲା । ଗତକାଲି ମଧ୍ୟ ଏଭଳି ମିଛ କଲ୍ ଅଭିଯୋଗ ୭ ବିମାନକୁ ଦିଆଯାଇଥିଲା । ଯେଉଁଥିରେ ଏୟାର ଇଣ୍ଡିଆର ଦିଲ୍ଲୀରୁ ଚିକାଗୋ ଯାଉଥିବା ବିମାନକୁ ଏଭଳି ଧମକପୂର୍ଣ୍ଣ ସୂଚନା ଦିଆଯାଇଥିଲା । ଫଳରେ ବିମାନଟି କାନାଡାରେ ଅବତରଣ କରିଥିଲା । ଆଜି ମଧ୍ୟ ଏହି ଧାରା ବଜାୟ ରହିଥିଲା । ନୂଆଦିଲ୍ଲୀରୁ ବେଙ୍ଗାଲୁରୁ ଯାଉଥିବା ଆକାଶ ଏୟାର ଫ୍ଲାଇଟ୍‌କୁ ଏଭଳି ଧମକ ମିଳିବା ପରେ ତାହା ଦିଲ୍ଲୀ ଫେରିଥିଲେ । ସେହିଭଳି ଇଣ୍ଡିକୋର ମୁମ୍ବାଇରୁ ଦିଲ୍ଲୀ ଯାଉଥିବା ବୋଲି କହିଛନ୍ତି । ତାଙ୍କ ବିଭାଗ ନିୟମିତ ଭାବେ ବିମାନ ଚଳାଚଳ ନିୟନ୍ତ୍ରଣ ନିର୍ଦ୍ଦେଶାଳୟ ସହ ଯୋଗାଯୋଗରେ ରହିଛି । ଜଣେ ଏୟାରଲାଇନ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ବିମାନ କମ୍ପାନୀ ଗୁଡିକ ଉପରେ ଏହାର

### ଗୁଜବ ସୃଷ୍ଟିକାରୀ ନାବାଳକ ଗିରଫ

### ମିଥ୍ୟା କଲ୍‌କୁ ନୋ ଫ୍ଲାଏ ଲିଷ୍ଟରେ

ବିମାନକୁ ମଧ୍ୟ ଏଭଳି ମିଛ ସୂଚନା ମିଳିବା ପରେ ଏହାକୁ ଅହମ୍ମଦାବାଦ ଦିଆଯାଇଥିଲା । ଦିଲ୍ଲୀ ପୋଲିସ ମଧ୍ୟ ଏହି ମାମଲାରେ ଅନେକ ଏତଲା ରୁଜୁ କରିଛି । ପରିବହନ ବିଭାଗର ସଂସଦୀୟ ଷ୍ଟାଣ୍ଡିଂ କମିଟିରେ ଏ ପ୍ରସଙ୍ଗ ଉଠିଛି । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜଣେ ସାଂସଦ ଏହି ପ୍ରସଙ୍ଗ ଉଠାଇବା ସହ କେତେକ ସନ୍ଦିଗ୍ଧଙ୍କୁ ଚିହ୍ନଟ କରାଯାଇଛି ଗଭୀର ଆର୍ଥିକ ପ୍ରଭାବ ପଡୁଛି । ମାତ୍ର ଏହି ଘଟଣାକୁ ଗୁରୁତର ଭାବେ ନେବା ବ୍ୟତୀତ ଅନ୍ୟ କୌଣସି ରାସ୍ତା ନାହିଁ ବୋଲି ସୂଚନା ଦେଇଛନ୍ତି । ବେସାମରିକ ବିମାନ ଚଳାଚଳ ସୁରକ୍ଷା ବ୍ୟୁରୋ ସାଇବର ସୁରକ୍ଷା ସଂସ୍ଥା ଓ ପୋଲିସ ସହ ମିଳିତ ଭାବେ କାର୍ଯ୍ୟ କରି ଏହା ପଛରେ ଥିବା ଅପରାଧୀଙ୍କୁ ଧରିବା ଲାଗି ଚେଷ୍ଟା ଚଳାଇଛି ।

## ଶ୍ରୀମନ୍ଦିର ଚାରି ଦ୍ୱାର ଦେଇ ଭକ୍ତଙ୍କ ପ୍ରବେଶ ଉପରେ କଟକଣା

ପୁରୀ, ୧୬।୧୦ (ସବ୍ୟୁ) : ଆସନ୍ତା ୧୮ ତାରିଖରେ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେବ କାର୍ତ୍ତିକ ମାସ ହବିଷ ବ୍ରତଛ ଶ୍ରୀମନ୍ଦିରରେ ପରିଲକ୍ଷିତ ହେବ ହବିଷ ବ୍ରତଧାରି ଓ ଭକ୍ତଙ୍କ ପ୍ରବଳ ଭିଡ଼ । ଭକ୍ତତଙ୍କ ପ୍ରବଳ ଭିଡ଼ ଓ ହଭିଷ ବ୍ରତ ଧାରିଙ୍କ ଶୃଙ୍ଖଳିତ ଦର୍ଶନକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆଜି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ମନ୍ଦିର ଭିତରକୁ ୪ ଦ୍ୱାର ପ୍ରବେଶ ଉପରେ କଟକଣା ଜାରି କରାଯାଇଛି । ଆସନ୍ତା ୧୮ ତାରିଖରୁ ମନ୍ଦିର ଭିତରକୁ କେବଳ ସିଂହଦ୍ୱାର ଓ ପଶ୍ଚିମ ଦ୍ୱାର ଦେଇ ଭକ୍ତ ମାନେ ପ୍ରବେଶ କରିବେ । ଶ୍ରଦ୍ଧାଳୁ ମାନେ ମହାପ୍ରଭୁଙ୍କ ଦର୍ଶନ ପରେ ସିଂହ ଦ୍ୱାର ବ୍ୟତୀତ ଅନ୍ୟ ୩ ଦ୍ୱାର ଦେଇ ପ୍ରସ୍ଥାନ କରିବେ ବୋଲି ଏହି ସୂଚନା (୯ ପୃଷ୍ଠାରେ)

### ଦିଲ୍ଲୀରେ ବେଆଇନ୍ ଗଛକଟା ମାମଲା

## ଏଲ୍‌ଜିଙ୍କୁ ବ୍ୟକ୍ତିଗତ ଭାବେ ସତ୍ୟପାଠ ଦାଖଲ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୧୬।୧୦ : ଦକ୍ଷିଣ ଦିଲ୍ଲୀର ସଂରକ୍ଷିତ ଜଙ୍ଗଲରୁ ୨୦୨୪ ଫେବ୍ରୁଆରୀରେ ବେଆଇନ ଭାବେ ଗଛ କଟାଯାଇଥିବା ମାମଲାରେ ଦିଲ୍ଲୀର ଏଲ୍‌ଜି ଭିକେ ସାକ୍‌ସେନାଙ୍କୁ ବ୍ୟକ୍ତିଗତ ଭାବେ ଏହି ମାମଲାରେ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି । ସୁପ୍ରିମ୍‌କୋର୍ଟ ଏଲ୍‌ଜିଙ୍କୁ କହିଛନ୍ତି ଯେ, ସେ ହେଉଛନ୍ତି ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷର ଅଧ୍ୟକ୍ଷ । ତେଣୁ ସେ ଯେଉଁ ଅଧିକାରୀମାନେ ଏଥିପାଇଁ ଦାୟୀ ତାଙ୍କ ଉପରେ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରିବା ସହ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ।

ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ ଓ ଜଷ୍ଟିସ୍ ଜେଡି ପାରିଡ୍‌ୱାଲା ଓ ମନୋଜ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ଡିଡିଏ ଉପାଧ୍ୟକ୍ଷ ଶୁଭାଶିଷ ପଣ୍ଡାଙ୍କ ବିରୋଧରେ ଅଦାଲତ (୯ ପୃଷ୍ଠାରେ)

## ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଓମାର ଅବଦୁଲ୍ଲା

ନୂଆଦିଲ୍ଲୀ, ୧୬।୧୦ : ଜାମ୍ମୁ-କାଶ୍ମୀରର ମୁଖ୍ୟମନ୍ତ୍ରୀ ଭାବେ ଓମାର ଅବଦୁଲ୍ଲା ଆଜି ଶପଥ ଗ୍ରହଣ କରିଛନ୍ତି । ଜାମ୍ମୁ-କାଶ୍ମୀରରେ ସେ ଦ୍ୱିତୀୟଥର ଲାଗି ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ପ୍ରଥମେ ୨୦୦୯ରୁ ୨୦୧୪ଯାଏ ସେ ଜାମ୍ମୁ-

### ଇଣ୍ଡିମେଣ୍ଟ ନେତା ସାମିଲ

### ମନ୍ତ୍ରିମଣ୍ଡଳରେ ଯୋଗ ଦେବନି କଂଗ୍ରେସ

କାଶ୍ମୀରର ମୁଖ୍ୟମନ୍ତ୍ରୀ ଥିଲେ । ସେହିଭଳି ଜାମ୍ମୁର ସୁରିନ୍ଦର ଚୌଧୁରୀ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ଉପରାଜ୍ୟପାଳ ମନୋଜ ଝା ଆଜି ଓମାର ଅବଦୁଲ୍ଲାଙ୍କ ସମେତ ଅନ୍ୟମାନଙ୍କୁ ଶପଥ ପାଠ କରାଇଛନ୍ତି । ଏହି ଶପଥ ଗ୍ରହଣ ଉତ୍ସବରେ ଇଣ୍ଡିଆ ମେଣ୍ଟର ନେତାମାନେ ମଧ୍ୟ ଉପସ୍ଥିତ ଥିଲେ । କଂଗ୍ରେସର ରାହୁଲ ଗାନ୍ଧି, ପ୍ରିୟଙ୍କା ଗାନ୍ଧି, ଆପ୍‌ର ସଞ୍ଜୟ ସିଂ, ସମାଜବାଦୀ



ପାର୍ଟିର ଅଖିଳେଶ ଯାଦବ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ । ଓମାର ଅବଦୁଲ୍ଲାଙ୍କ ସମେତ ୫ଜଣ ବିଧାୟକ ମଧ୍ୟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ।

ଶପଥ ନେଲା ପରେ ଓମାର ଅବଦୁଲ୍ଲାଙ୍କ ପ୍ରଥମ ନିର୍ଦ୍ଦେଶ ବେଶ୍ ଚର୍ଚ୍ଚା ପାଲଟିଛି । ସେ ନିର୍ଦ୍ଦେଶ ଦେଇଛନ୍ତି ଯେ ତାଙ୍କ ଯିବା ଆସିବା ବେଳେ ପୋଲିସ କୌଣସି ପ୍ରକାର ଗ୍ରୀନ କରିଡର (୯ ପୃଷ୍ଠାରେ)

## ଗାଡ଼ି ଭାଙ୍ଗି ଦୁଇ ପୋଲିସଙ୍କୁ ମାଡ଼, ୧୧ ଅଟକ

ସୋନପୁର, ୧୬।୧୦ (ସବ୍ୟୁ) : ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଆନନ୍ଦନଗରରେ ତାତିଲେ ଗାଁ ଲୋକେ। ୩ ଡକାୟତଙ୍କ ସମେତ ପୁଲିସକୁ ଗୋଡ଼ାଇ ଗୋଡ଼ାଇ ପିଟିଲେ। ପୁଲିସ୍ ଗାଡ଼ିକୁ ଭାଙ୍ଗିଲେ। ଗାଁ ଲୋକଙ୍କ ଆକ୍ରମଣରେ ଦୁଇ ପୁଲିସ୍ ଏଏସଆଇ ଗୁରୁତର ଆହତ ହୋଇଛନ୍ତ। ପରେ ପୁଲିସ୍ ଫୋର୍ସ ଯାଇ ଲାଠି ଚାର୍ଜ କରି ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ୩ ଚୋର ଓ ଆହତ ହୋଇଥିବା ଦୁଇ ଏଏସ୍‌ଆଇ ଏବଂ ଅନ୍ୟ ପୁଲିସ୍ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ ।



ଗାଁ ଲୋକଙ୍କ କହିବା ଅନୁସାରେ ମଙ୍ଗଳବାର ରାତି ପ୍ରାୟ ୧୨ଟା ହେବ। ୩ ଜଣ ନାବାଳକ ଏକ ବାଇକ୍ ରେ ଆସି ଆନନ୍ଦନଗର ଗାଁ ପାଖ ଦେଇ ଯାଇଥିବା ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିଲେ। ଆଉ ସେହି ରାସ୍ତାରେ ଯିବା ଆସିବା କରୁଥିବା ଲୋକଙ୍କୁ ନାନା ହଇରାଣ କରୁଥିଲେ। ରାତିର ଅନ୍ଧାରର ସୁଯୋଗ ନେଇ ସେମାନେ ପଥଚାରୀଙ୍କୁ ଭୟଭୀତ କରି ଟଙ୍କା ଓ ମୋବାଇଲ୍ ଲୁଟୁଥିବା ଅଭିଯୋଗ ହୋଇଛି।

ଗାଁ ଲୋକେ ଏ ସମ୍ପର୍କରେ ଜାଣିପାରି ୩ ନାବାଳକ ଚୋରଙ୍କୁ କାବୁ କରି ନିର୍ଘୁମ ପିଟିଥିଲେ। ପରେ ସେମାନଙ୍କୁ କ୍ଲବ ଘରେ ପୂରାଇ ତାଲା ପକାଇ ଦେଇଥିଲେ। ଏ ନେଇ ବିନିକା ଥାନାକୁ ଖବର ଦେଇଥିଲେ। ହେଲେ ରାତିରେ ପୁଲିସ୍ ଆସିଲା ନାହିଁ। ବୁଧବାର ସକାଳ ପ୍ରାୟ ୭ଟା ବେଳେ ଏଏସଆଇ ତ୍ରିନାଥ ସାହୁ, ସୁଜାତା ବୁଡେକ ଓ ରଞ୍ଜନ ନାୟକ ସଦଳବଳେ ଗାଁରେ ପହଞ୍ଚିଥିଲେ। କ୍ଲବ ଘରେ ବନ୍ଦୀଥିବା ୩ ଚୋରଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ହେଲେ ଗାଁ ଲୋକେ ବିରୋଧ କରିଥିଲେ। ଗାଁ ଲୋକଙ୍କ ସହିତ ପୁଲିସ୍ ଆଲୋଚନା କରୁଥିବା ସମୟରେ ୩ ଚୋରଙ୍କ ଭିତରୁ ଜଣଙ୍କ ମାଆ ସେଠାରେ ସମସ୍ତଙ୍କ ଆଗରେ (୯ ପୃଷ୍ଠାରେ)

## ଝିଅ ପେଟରେ ଛୁରୀ ଭୁସି ଦେଲା ବାପା

ମାଲକାନଗିରି, ୧୬।୧୦ (ସବ୍ୟୁ) : ସାବତ ମା' କଥାରେ ପଡ଼ି ନିଜର ୫ବର୍ଷର ଝିଅକୁ ଛୁରୀ ଭୁସି ବାପା ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏପରି ଘଟଣା ଘଟିଛି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଦୋରାଗୁଡ଼ା ପଞ୍ଚାୟତର ଆରଏସସି-୧୪ ଗ୍ରାମରେ। ମୃତ ଝିଅଟି ହେଲା ବ୍ଲେଶି ରାଣୀ ଭଦ୍ରା। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ବାପା ସଞ୍ଜୀବ ଭଦ୍ରା ଫେରାର ହୋଇଯାଇଛି।

ବୁଧବାର ସକାଳେ ରାଣୀ ପଡ଼ୋଶୀ ଘରେ ଖେଳୁଥିଲା। ଏହି ସମୟରେ ସଞ୍ଜୀବ ଏକ ଛୁରୀ ଆଣି ଝିଅ ପେଟରେ ଭୁସି ଦେଇଥିଲା। କୁନି ଝିଅର ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଝିଅଟିକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ଝିଅଟିକୁ ମୃତ ଘୋଷଣା କରିଥିଲେ । ମୃତ ଝିଅର (୯ ପୃଷ୍ଠାରେ)

## ରବି ଫସଲ ଲାଗି ଏମ୍‌ଏସ୍‌ପି ବୃଦ୍ଧି

ନୂଆଦିଲ୍ଲୀ, ୧୬।୧୦ : ରବି ଫସଲ ଲାଗି ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି । ଏହି ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ଆଜି ଅନୁମୋଦନ କରିଛନ୍ତି । କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ଗହମର ଏମ୍‌ଏସ୍‌ପି କ୍ୱିଣ୍ଟାଲ ପିଛା ୧୫୦ ଟଙ୍କା ବୃଦ୍ଧି ହୋଇଛି । ଏଣିକି ଚାଷୀମାନେ କ୍ୱିଣ୍ଟାଲ ପିଛା ଗହମ ୨୪୨୫ଟଙ୍କାରେ ବିକ୍ରି କରିପାରିବେ । ସେହିଭଳି ସୋରିଷର ଏମ୍‌ଏସ୍‌ପିକୁ ୩୦୦ ଟଙ୍କା ବୃଦ୍ଧି କରାଯାଇଛି କ୍ୱିଣ୍ଟାଲ ପିଛା ମୂଲ୍ୟ ୫୯୫୦ ଟଙ୍କା କରାଯାଇଛି । ସେହିଭଳି ଚଣାର ଏମ୍‌ଏସ୍‌ପି ୨୧୦ ଟଙ୍କା ବୃଦ୍ଧି ହୋଇଛି । ଏବେ କ୍ୱିଣ୍ଟାଲ ପିଛା ୫୬୫୦ ଟଙ୍କା ଚାଷୀ ପାଇବେ । ବାର୍ଲିର ଏମ୍‌ଏସ୍‌ପି ୧୩୦ଟଙ୍କା ବୃଦ୍ଧି କରାଯାଇ ଏହାର ମୂଲ୍ୟ ୧୯୮୦ ଟଙ୍କା କ୍ୱିଣ୍ଟାଲ ପିଛା କରାଯାଇଥିଲା ବେଳେ ମସୁର ଡାଲିର ଏମ୍‌ଏସ୍‌ପି ୨୭୫ ଟଙ୍କା ବୃଦ୍ଧି କରାଯାଇ ୬୭୦୦ ଟଙ୍କା କରାଯାଇଛି । ମୁଗଡାଲିରେ ଏମ୍‌ଏସ୍‌ପି କ୍ୱିଣ୍ଟାଲ ପିଛା ୫୬୫୦ଟଙ୍କା କରାଯାଇଛି । ସେହିଭଳି କୁସୁମର ଏମ୍‌ଏସ୍‌ପିକୁ ୧୪୦ ଟଙ୍କା ବୃଦ୍ଧି କରାଯାଇ ୫୯୪୦ ଟଙ୍କା କରାଯାଇଛି ।

### ଗହମ କ୍ୱିଣ୍ଟାଲ ପିଛା ଏମ୍‌ଏସ୍‌ପି ୨୨୭୫ ଟଙ୍କା

### ସୋରିଷର ଏମ୍‌ଏସ୍‌ପିରେ ୩୦୦ ଟଙ୍କା ବୃଦ୍ଧି

### ମସୁର, ମୁଗ, କୁସୁମର ଏମ୍‌ଏସ୍‌ପି ବୃଦ୍ଧି

## କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା ବଢିଲା

ନୂଆଦିଲ୍ଲୀ, ୧୬।୧୦ : କେନ୍ଦ୍ର ସରକାରଙ୍କ କର୍ମଚାରୀଙ୍କ ମହଙ୍ଗା ଭତ୍ତାକୁ ୩% ବୃଦ୍ଧି କରାଯାଇଛି । କେନ୍ଦ୍ର କ୍ୟାବିନେଟ୍ ଏହାକୁ ଅନୁମୋଦନ କରିଛନ୍ତି । ଦୀପାବଳି ପୂର୍ବରୁ ଏହା କେନ୍ଦ୍ର ସରକାରଙ୍କର କର୍ମଚାରୀଙ୍କୁ ଭେଟି ବୋଲି କୁହାଯାଉଛି । ଏହି ବୃଦ୍ଧି ସହ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୩% ହୋଇଛି । ଏହି ଅର୍ଥ ଅକ୍ଟୋବର ମାସର ଦରମା ମହଙ୍ଗା ଭତ୍ତା ସହ ମିଳିବ । ଏହାସହ ୩ ମାସର ବକେୟା ଭତ୍ତା ମଧ୍ୟ ଦିଆଯିବ । ଏହି ଘୋଷଣା ପରେ ପେନସନ ପାଉଥିବା କର୍ମଚାରୀମାନେ ମଧ୍ୟ ଉପକୃତ ହେବେ । ପ୍ରାୟ ୪୯.୧୮ଲକ୍ଷ କେନ୍ଦ୍ର ସରକାରଙ୍କ କର୍ମଚାରୀ ଓ ୬୪.୮୯ଲକ୍ଷ ପେନସନଭୋଗୀ ଉପକୃତ ହେବେ । ବର୍ଦ୍ଧିତ ଡିଏ ଫଳରେ କେନ୍ଦ୍ର ସରକାରଙ୍କ ଉପରେ ବାର୍ଷିକ ୯୪୪୮.୩୫ କୋଟି ଟଙ୍କା ଅତିରିକ୍ତ ବୋଝ ପଡିବ ।

## ୭୮ ବର୍ଷରେ ନବୀନ

ଭୁବନେଶ୍ୱର, ୧୬।୧୦ (ସବ୍ୟୁ) : ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୭୮ ବର୍ଷରେ ପଦାର୍ପଣ କରିଛନ୍ତି । ତାଙ୍କ ଜନ୍ମ ଦିନରେ ବହୁ ଦଳୀୟ ନେତା, ବିଧାୟକ ଓ ସାଧାରଣ ଲୋକ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଛନ୍ତି । ନବୀନଙ୍କ ଜନ୍ମ ଦିନ ଅବସରରେ ବିଜେଡି ପକ୍ଷରୁ ମଧ୍ୟ ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜନ କରାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନବୀନ ପଟ୍ଟନାୟକଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଛନ୍ତି । ସେ ନବୀନଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘ ନିରାମୟ ଜୀବନ କାମନା କରି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ସେହିଭଳି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନବୀନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି । ବାଚସ୍ପତି ସୁରମା ପାଢୀ ମଧ୍ୟ ବିରୋଧୀ ଦଳ ନେତା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରିଛନ୍ତି । ନବୀନଙ୍କୁ ଶୁଭେଚ୍ଛା ଜଣାଇବା ଲାଗି ଆଜି ନବୀନ ନିବାସରେ ବ୍ୟାପକ ଭିଡ ପରିଲକ୍ଷିତ ହୋଇଥିଲା । ଦଳର ନେତା ଦେବୀପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ଅରୁଣ ସାହୁ, ସୁଶାନ୍ତ ରାଉତ, ଅରବିନ୍ଦ ମହାପାତ୍ର, ପ୍ରତାପ ଦେବ, ସୌଭିକ ବିଶ୍ୱାଳ, ଲତିକା ପ୍ରଧାନଙ୍କ ସମେତ ବହୁ ବିଧାୟକ ଓ ନେତା ତାଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ । ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ଅନେକ



ଜନସାଧାରଣ ମଧ୍ୟ ତାଙ୍କୁ ସାକ୍ଷାତ କରି ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି । ଦୀର୍ଘ ୨୪ ବର୍ଷ କାଳ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ନବୀନ କାର୍ଯ୍ୟ କରିଛନ୍ତି । ପ୍ରଜାପିତା ବ୍ରହ୍ମକୁମାରୀ ଅନୁଷ୍ଠାନର ସଭ୍ୟାମାନେ ମଧ୍ୟ ନବୀନଙ୍କୁ ଭେଟି ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି । ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ସମାଜର ବିଭିନ୍ନ ବର୍ଗର ଲୋକମାନେ ମଧ୍ୟ ତାଙ୍କୁ ସାକ୍ଷାତ କରି ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି । ନବୀନଙ୍କ ଜନ୍ମଦିନ ଅବସରରେ ନବୀନ ନିବାସରେ ଲୋକ ଗହଳି ଦେଖିବାକୁ ମିଳିଥିଲା । ଯୁବ ଓ ଛାତ୍ର ସଂଗଠନ ସମେତ ବହୁ ଦଳୀୟ କର୍ମକର୍ତ୍ତାମାନେ ନବୀନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେଇଥିଲେ ।

## ସାଇବର ମାଫିଆଙ୍କ କଲ୍ ସେଣ୍ଟର ଠାବ, ୬ ଗିରଫ

ଭୁବନେଶ୍ୱର, ୧୬।୧୦ (ସବ୍ୟୁ) : ସାଇବର ମାଫିଆମାନେ ଠକେଇ କରିବା ପାଇଁ ଭୁବନେଶ୍ୱରରେ ନକଲି କଲ୍ ସେଣ୍ଟର ଚଳାଉଥିଲେ । ସାଇବର ଥାନା ପୋଲିସ କୌଣସି ସୂତ୍ରରୁ ସୂଚନା ପାଇବା ପରେ ସେଠାରେ ଚଢ଼ାଉ କରାଯାଇଥିଲା । ୬ ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୬ ଲାପ୍‌ଟପ୍, ୧୧ ମୋବାଇଲ୍ ଜବତ ହୋଇଥିବା ପୋଲିସ କହିଛି । ଗିରଫ ୬ ଜଣ ହେଲେ କୋଲକାତାର ସମୀର ମୋବିନ୍, ଏମ୍‌ଡି ଜାଭେଦ୍ ହୁସେନ୍, ଏମ୍‌ଡି ତୋସିଫ୍, ଫଇଜନ୍ ଆଲାମ୍, ସାଇବ୍ ରାଜା, ଏମ୍‌ଡି ହାଇଦର ଅଲ୍ଲୀ ।

ରାଜଧାନୀ ଉପକଣ୍ଠ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦାର କାଞ୍ଚନ ଆପାର୍ଟମେଣ୍ଟର ଏ/୨୦୫ ନଂ ଘରକୁ ସାଇବର ଅପରାଧୀ ଭଡା ନେଇ ସେଠାରେ କଲ୍ ସେଣ୍ଟର ଚଳାଉଥିଲେ । ବୁଧବାର ଭୋର୍ ସମୟରେ କମିଶନରେଟ୍ ପୋଲିସର ସ୍ୱତନ୍ତ୍ର ସାଇବର ଟିମ୍ ଡିସିପି ପିନାକ ମିଶ୍ରଙ୍କ ନେତୃତ୍ୱରେ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ କଲ୍ ସେଣ୍ଟରରେ ୬ ଜଣ ଲାପ୍‌ଟପ୍, ମୋବାଇଲ୍‌ରେ କଲ୍ କରିବା ଓ ମେସେଜ୍ ପଠାଇବା କାମ କରୁଥିବା ଦେଖିବାକୁ ମିଳିଥିଲା । ସ୍କାଏ ପେ ମାଧ୍ୟମରେ ୟୁଏସ୍‌ଏରୁ କଲ୍ ଆସୁଥିଲା । ସ୍କାଏ ପେ ମାଧ୍ୟମରେ କଲ୍ ସେଣ୍ଟର କାମକୁ ଚଳାଉଥିଲେ । ଟୋଲ୍ ଫ୍ରି ନମ୍ବର ୧୮୪୫୪୭୮୪୨୩୬କୁ ଫୋନ୍ ଆସିଲେ ତାହା ଅଟୋମେଟିକ୍ ସ୍କାଏ ପେ କଲ୍‌କୁ ଡାଇଭଟ୍ ହୋଇଯାଉଥିଲା । କେବଳ ସ୍କାଏ ପେ ନୁହେଁ ଭିଓଆଇପିକୁ ମଧ୍ୟ କନ୍‌ଭର୍ଟ ହେଉଥିଲା । କଲ୍ ସେଣ୍ଟରରୁ ଲିଙ୍କ୍ ପଠାଇ ଲୋକଙ୍କୁ ବିଭିନ୍ନ ତରିକାରେ ଠକେଇ କରୁଥିଲେ ।

କେବଳ ଓଡ଼ିଶା ନୁହେଁ ଭାରତ ଓ ବିଦେଶର ବିଭିନ୍ନ ଲୋକଙ୍କୁ ଠକେଇ କରୁଥିବା ଜଣାଯାଇଛି । ଡିସିପି ପିନାକ ମିଶ୍ରଙ୍କ କହିବାନୁଯାୟୀ ଏହା ସମ୍ପୂର୍ଣ୍ଣ ଟେକ୍‌ନିକାଲ୍ କାମ ହୋଇଥିବାରୁ ତଦନ୍ତ ଆଗକୁ ନ ବଢ଼ିଲେ ସ୍ପଷ୍ଟ ଭାବେ କିଛି କହି ହେବନାହିଁ । ଏହି ର୍‍ୟାକେଟ୍‌ର ପୂର୍ବରୁ ଠାବ ହୋଇଥିବା ସିମ୍‌ବକ୍ସ ର୍‍ୟାକେଟ୍ ସହ ସମ୍ପର୍କ ଥିବା ସନ୍ଦେହ କରାଯାଉଛି । ସାଇବର ବିଶେଷଜ୍ଞ ଓ ଅନ୍ୟାନ୍ୟ ଟେକ୍ନିକାଲ୍ ଆସିଷ୍ଟାଣ୍ଟମାନଙ୍କୁ ସାଙ୍ଗରେ ନେଇ ତଦନ୍ତ ଆଗକୁ ବଢ଼ାଇଲେ ଏମାନଙ୍କ ସହ ଜାତୀୟ କିମ୍ବା (୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



ମୋତେ ମଧ୍ୟ ଯୋଜନା କରାଯାଇ ସମସ୍ୟାରେ ପକାଯାଇଛି । କୌଣସି କାରଣ ନଥାଇ ମୋ ଉପରେ ଖରାପ ଡ୍ରାଇଭିଂର ଅଭିଯୋଗ ଲଗାଯାଇଛି ।

**ରବିନା ଟଣ୍ଡନ୍, ଅଭିନେତ୍ରୀ**



ମୋତେ ବେଳେବେଳେ ସୁଶାନ୍ତଙ୍କ ଉପସ୍ଥିତି ଅନୁଭୂତ ହୋଇଥାଏ । ହେଲେ ଲୋକମୋତେ ସବୁବେଳେ କିଛି ଭୟ ଲାଗୁଥିବା ଘଟଣା ଉପରେ ପଚାରନ୍ତି । ହେଲେ ସେଭଳି କୌଣସି ଘଟଣା କେବେ ବି ହୋଇ ନାହିଁ ।

**ଅଦା ଶର୍ମା, ଅଭିନେତ୍ରୀ**



ଗୀତକୁ ଅଧିକ ଆକର୍ଷଣୀୟ କରିବା ପାଇଁ ତାଙ୍କୁ ପେଟରେ ରୁଟି ସେକିବାକୁ କୁହା ଯାଇଥିଲା । ହେଲେ ଏହା ତାଙ୍କୁ ଅଜବ ଲାଗିଥିଲା, ତେଣୁ ସେ ମନା କରିଦେଇଥିଲେ ।

**ମଲ୍ଲିକା ଶେରାବତ, ଅଭିନେତ୍ରୀ**

## ଇତିହାସ ପୃଷ୍ଠାରୁ

୧୮୮୮– ବୈଜ୍ଞାନିକ ଥୋମାସ ଅଲଭା ଏଡିସନ୍ ଅପ୍ଟିକାଲ୍ ଫୋନୋଗ୍ରାଫ୍‌ର ପେଟେଣ୍ଟ ପାଇଁ ଆବେଦନ କଲେ ।

୧୮୯୨– ରାଜନୀତି ତଥା ସ୍ୱାଧୀନ ଭାରତର ପ୍ରଥମ ଅର୍ଥମନ୍ତ୍ରୀ ଆର୍.କେ. ଶନମୁଖମ୍ ଚେଟିଙ୍କ ଜନ୍ମ ।

୧୯୧୭– ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ବ୍ରିଟେନ ପ୍ରଥମ ଥର ପାଇଁ ଜର୍ମାନୀ ଉପରେ ଏୟାର ଷ୍ଟ୍ରାଇକ୍ କଲା ।

୧୯୨୯– ଓଡ଼ିଶାର ସୁପ୍ରସିଦ୍ଧ କଥାକାର ତଥା ସାହିତ୍ୟିକ ଚନ୍ଦ୍ରଶେଖର ରଥଙ୍କ ଜନ୍ମ ।

୧୯୩୩– ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ୍ ନାଜୀ ଜର୍ମାନୀରୁ ଆମେରିକା ଗଲେ ।

୧୯୭୯– ଶାନ୍ତି ପାଇଁ ମଦର ଟେରେସାଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଗଲା ।

୨୦୦୯– ଭାରତ ମହାସାଗରସ୍ଥିତ ମାଳଦ୍ୱୀପରେ ପାଣି ଭିତରେ ବିଶ୍ୱର ପ୍ରଥମ କ୍ୟାବିନେଟ୍ ବୈଠକ ଆୟୋଜନ କରାଯାଇ ସମସ୍ତ ରାଷ୍ଟ୍ରକୁ ଗ୍ଲୋବାଲ ୱାର୍ମିଂ ବିପଦ ସମ୍ବନ୍ଧରେ ଚେତାବନୀ ଦିଆଗଲା ।

# ୧୦ ମିନିଟ୍‌ର ବ୍ୟାୟାମ ରଖିଥାଏ ସୁସ୍ଥ



ପ୍ରତିଦିନ ବ୍ୟାୟାମ କରିବା ଏକ ଭଲ ଅଭ୍ୟାସ,ଏହା ଶରୀରକୁ ସୁସ୍ଥ ରଖିବାରେ ସହାୟତା କରିଥାଏ । ନିକଟରେ ହୋଇଥିବା ଏକ ଗବେଷଣା ଅନୁସାରେ ପ୍ରତିଦିନର ୧୦ ମିନିଟ୍‌ର ବ୍ୟାୟାମ ଦୀର୍ଘାୟୁ କରିଥାଏ । ଯେଉଁମାନଙ୍କର ବୟସ ୪୦ ବର୍ଷରୁ ଅଧିକ ସେମାନେ ପ୍ରତିଦିନ କିଛିକିଛି ବ୍ୟାୟାମ କରିବାର ଆବଶ୍ୟକତା ରହିଛି । ପ୍ରତିଦିନ ୧୦ ମିନିଟ୍‌ର ବ୍ୟାୟାମ ସେମାନଙ୍କୁ ଅଧିକ ଦିନ ଯାଏଁ ସୁସ୍ଥ ରହିବାରେ ସହାୟକ ହୋଇଥାଏ । ଏକ ରିପୋର୍ଟ ଅନୁସାରେ ପ୍ରତିଦିନ ୨୦ରୁ ୩୦ ମିନିଟ୍‌ର ଶାରିରୀକ ପରିଶ୍ରମ ଶରୀରକୁ ସୁସ୍ଥ ରଖିବାରେ ବେଶି ସହାୟକ ହୋଇଥାଏ । ଏହି ଗବେଷଣାରେ ବିଭିନ୍ନ ବୟସର ଲୋକଙ୍କୁ ସାମିଲ କରାଯାଇଥିଲା । ଦୀର୍ଘ କିଛି ଦିନର ବିଶ୍ଳେଷଣ ପରେ ବୈଜ୍ଞାନିକ ମାନେ ଏହି ଫଳାଫଳରେ ଉପନୀତ ହୋଇଥିଲେ । ସେହିଭଳି ବିଭିନ୍ନ ଅଫିସ୍‌ରେ କାର୍ଯ୍ୟ କରୁଥିବା ଲୋକଙ୍କୁ କିଛି ସମୟ କାର୍ଯ୍ୟାଳୟରେ ଠିଆ ହୋଇ କାର୍ଯ୍ୟ କରିବାକୁ ଏଥିରେ ପରାମର୍ଶ ଦିଆଯାଇଛି । ୪୦ ବର୍ଷ ପରେ ୮ଘଣ୍ଟା ବସି ରହି କାର୍ଯ୍ୟ କରିବା ଶରୀର ପାଇଁ ଉଚିତ୍ ନୁହେଁ । ସେହିଭଳି ବୟସ ହେବା ପରେ ନିଜ ଜୀବନଶୈଳୀକୁ ପରିବର୍ତ୍ତନ କରିବାର ଆବଶ୍ୟକତା ଢେର ଅଧିକ ରହିଛି ।

# ସ୍ପେସ୍ ପେନ୍

ସ୍ପେସ୍ ଷ୍ଟେସନ୍ ଓ ସ୍ପେସ୍‌ରେ ବ୍ୟବହାର ହେଉଥିବା ସାମଗ୍ରୀ ବିଷୟରେ ଜାଣିବାପାଇଁ ସମସ୍ତଙ୍କ ଭିତରେ ଆଗ୍ରହ ଦେଖିବାକୁ ମିଳିଥାଏ । ତେବେ ଏହି ସାମଗ୍ରୀରେ ସାମିଲ ରହିଛି ପେନ୍ । ଏହା ଏକ ଛୋଟିଆ ଜିନିଷଟିଏ ହେଲେ ମଧ୍ୟ ଏହାର ସ୍ପେସ୍‌ରେ ବ୍ୟବହାର ପଛରେ ରହିଛି ବଡ କାହାଣୀ । ୧୯୬୦ରେ ଯେତେବେଳେ ସ୍ପେସ୍ ମିଶନର ଆରମ୍ଭ ହୋଇଥିଲା, ସେତେବେଳେ ଜଣାପଡିଥିଲା ପୃଥିବୀରେ ବ୍ୟବହୃତ ପେନ୍ ସ୍ପେସ୍‌ରେ କାମ ଦେବନାହିଁ । ମାଧ୍ୟାକର୍ଷଣ ଶକ୍ତି ନଥିବାରୁ ଏଠାରେ ଏହି ପେନ୍‌ରେ ଲେଖିବା ସମ୍ଭବ ହୋଇନଥିଲା । ତେବେ ଏହାର ବିକଳ୍ପରେ ପେନ୍‌ସିଲ୍ ବ୍ୟବହାର କରିବାରେ ମଧ୍ୟ ରିସ୍କ ରହିଥିଲା । ଏହାର ଲିଡ୍ ସ୍ପେସ୍‌ରେ କୌଣସି ଅଘଟଣ କରିବାର ଆଶଙ୍କା ଥିଲା, ତେଣୁ ଏହାକୁ ମଧ୍ୟ ବ୍ୟବହାର କରାଯାଇନଥିଲା । ଏହାପରେ ଧୀରେଧୀରେ ସ୍ପେସ୍ ପେନ୍‌ର ଉଦ୍ଭାବନ ହୋଇଥିଲା । ହେଲେ ପ୍ରଥମରୁ ଏଥିରେ ବିଭିନ୍ନ ସମସ୍ୟା ଦେଖିବାକୁ ମିଳିଥିଲା । ପ୍ରଥମରୁ ତିଆରି ହୋଇଥିବା ମଡେଲରେ ଇଙ୍କ ଲିକ କରିବାର ସମସ୍ୟା ଦେଖିବାକୁ ମିଳିଥିଲା । ଏହାପରେ ଆପୋଲ ମିଶନ ସମୟରେ ଡ୍ୟୁରୋ ପେନ୍ କମ୍ପାନୀ ଦ୍ୱାରା ପ୍ରସ୍ତୁତ ପେନ୍‌କୁ ମହାକାଶଚାରୀମାନେ ସ୍ପେସ୍ ଷ୍ଟେସନରେ ଲେଖିବା ପାଇଁ ବ୍ୟବହାର କରିଥିଲେ । ଏହାପରେ ଆପୋଲ ୭ ମିଶନ ସମୟରେ ଫିସର ସ୍ପେସ୍ ପେନ୍‌ର ଆଦୃତ୍ତି ବଢିଥିଲା । ଏହାକୁ ମହାକାଶଚାରୀଙ୍କ ସହ ସାଧାରଣ ଲୋକ ମଧ୍ୟ ଜାଣିବା ଆରମ୍ଭ କରିଥିଲେ । ଏହାକୁ ସେହି ସମୟରେ ଅନେକ ଟିଭି ଶୋ'ରେ ମଧ୍ୟ ଦେଖିବାକୁ ମିଳିଥିଲା । ଏହାକୁ ସ୍ପେସ୍ ମ୍ୟୁଜିୟମରେ ମଧ୍ୟ ସ୍ଥାନ ଦିଆଯାଇଛି ।




# ଫୋନ୍‌ରେ ରହିଥାଆନ୍ତି ଜୀବାଣୁ



ଆଜିକାଲି ଫୋନ୍ ନହେଲେ କୌଣସି କାର୍ଯ୍ୟ ହେଇ ପାରୁନାହିଁ । ପ୍ରତ୍ୟେକ ବ୍ୟକ୍ତିଙ୍କର ବିଭିନ୍ନ ମୁହୂର୍ତ୍ତରେ ଫୋନ୍‌ର ଆବଶ୍ୟକତା ରହିଛି । ତେବେ ଏକ ରିପୋର୍ଟ ଅନୁସାରେ ଆମର ସବୁବେଳେ ପାଖେପାଖେ ରହୁଥିବା ଫୋନ ଟଏଲେଟ୍ ସିଟ୍ ଠାରୁ ବି ଅଧିକ ଅପରିଷ୍କାର ହୋଇପାରେ । ଏକ ଟଏଲେଟ୍ ବା ଶୌଚାଳୟ ସିଟ୍‌ରେ ଯେତିକି ଜୀବାଣୁ ରହିଥାଆନ୍ତି ତାହା ଠାରୁ ଅଧିକ ଆମର ଫୋନରେ ରହିଥାଆନ୍ତି ବୋଲି ଏହି ରିପୋର୍ଟରେ ଉଲ୍ଲେଖ ରହିଛି । ଫୋନ୍ ଉପରେ ଏକ ପ୍ରକାର ବ୍ୟାକ୍ଟେରିଆ ସ୍ୟୁଡୋମୋନାସ୍ ଏରୁଗିନୋସା ବାସ କରିବା ସହ ନିଜ ବଂଶ ବିସ୍ତାର କରିବାର ଆଶଙ୍କା ଥାଏ, ଯାହା ବିଭିନ୍ନ ସଂକ୍ରମଣ ପାଇଁ ଦାୟୀ ହୋଇଥାଏ । ତେଣୁ ଯଦି ଆମେ ଫୋନ୍ ବ୍ୟବହାର କରୁଛେ ହେଲେ ଏହାକୁ ସଫା କରୁନାହେଁ ତେବେ ଏହା ଆମ ସ୍ୱାସ୍ଥ୍ୟ ପ୍ରତି ବିପଦ । ତେଣୁ ଫୋନ୍‌କୁ ସବୁଦିନ କୌଣସି ସାନିଟାଇଜର୍‌ରେ ହାଲୁକା ପୋଛନ୍ତୁ ଯାହା ଦ୍ୱାରା ଏହି ବ୍ୟାକ୍ଟେରିଆ ଏଥିରେ ଜନ୍ମ ନେଇ ପାରିବ ନାହିଁ । ସେହିଭଳି ଫୋନ୍‌କୁ ଅନେକ ସମୟରେ ଲୋକମାନେ ଶୌଚାଳୟକୁ ନେବାର ଉଦାହରଣ ମଧ୍ୟ ଦେଖିବାକୁ ମିଳିଥାଏ । ହେଲେ ଏହି ଅଭ୍ୟାସ ଖୁବ ଖରାପ ହୋଇଥାଏ । ଏହାଦ୍ୱାରା ଫୋନ୍ କଭରରେ ଜୀବାଣୁ ଜନ୍ମହେବାର ଆଶଙ୍କା ବଢିଥାଏ ଏବଂ ଏହା ସହଜରେ ଆମ ଶରୀରକୁ ଯିବାର ଭୟ ମଧ୍ୟ ରହିଥାଏ । ତେଣୁ ଫୋନ୍‌କୁ ସର୍ବଦା ସଫା ରଖିବାକୁ ଚେଷ୍ଟା କରନ୍ତୁ ଏବଂ ଏହାର ବ୍ୟବହାର କମାନ୍ତୁ, ତେବେ ଏକ ସୁସ୍ଥ ଜୀବନ ବଞ୍ଚିହେବ ।

# କାର୍ ଚଳାଉଛି ମାଛ !

ସମସ୍ତେ ଜାଣନ୍ତି ମାଛ ଜଳରେ ବାସ କରିଥାଏ । ମାଛ କେବେ ରାସ୍ତାରେ କାର ଚଳାଇବ ସେକଥା କେହି କଳ୍ପନା କରିନଥିବେ । ହେଲେ ଏଭଳି ବିରଳ କଥାକୁ ସତ କରିଛନ୍ତି ଇସ୍ରାଇଲ୍‌ର ବୈଜ୍ଞାନିକ । ସେମାନେ ଏକ ସ୍ୱତନ୍ତ୍ର କାର ନିର୍ମାଣ କରିଛନ୍ତି ଯାହାକୁ ଏକ ମାଛ ଚଳାଉଛି । ତେବେ ଏହା ପଛର ଉଦ୍ଦେଶ୍ୟ ମାଛ ସର୍ବଦା ନିଜର ଲକ୍ଷ ଉପରେ ନଜର ରଖିଥାଏ, ଏବଂ



କୌଣସି ବି ବୀପରିତ ପରିସ୍ଥିତିରେ ମଧ୍ୟ ସେ ଲକ୍ଷ୍ୟଚ୍ୟୁତ ହୋଇନଥାଏ ବୋଲି ପ୍ରମାଣିତ କରିବା । ଯାହା ପ୍ରମାଣିତ ମଧ୍ୟ ହୋଇଛି । ଏହି ପରୀକ୍ଷଣରେ ସାମିଲ ହୋଇଥିବା ଗୋଲ୍ଡ ଫିସ୍ ରାସ୍ତାରେ କାର ଚଳାଇବା ସହିତ ନିଜ ଲକ୍ଷସ୍ଥଳରେ ପହଞ୍ଚିଛି । ବୈଜ୍ଞାନିକ ମାନେ ପ୍ରସ୍ତୁତ କରିଥିବା ଏହି ସ୍ୱତନ୍ତ୍ର ରୋବଟିକ୍ କାରରେ ଏକ ଟ୍ୟାଙ୍କ ରହିଛି ଯେଉଁଥିରେ ମାଛଟିକୁ ରଖାଯାଇଥିଲା । ମାଛର ମୁହଁର ଦିଗ ବୁଝିବାକୁ ଏକ କମ୍ପ୍ୟୁଟର ସଞ୍ଚାଳିତ ଡିଭାଇସ ଲଗାଇଯାଇଥିଲା । ଏହି ଡିଭାଇସ୍‌ର ଠିକ୍ ତଳେ ଗୋଟିଏ କ୍ୟାମେରା ଲଗାଯାଇଥିଲା, ଯାହା ଫଳରେ ମାଛଟିର ଗତିକୁ ଟ୍ରାକ କରିହେବ । କ୍ୟାମେରା ସାହାଯ୍ୟରେ ଡିଭାଇସକୁ ମାଛର ଗତି ସମ୍ପର୍କରେ ସୂଚନା ମିଳିଥାଏ । ଯେତେବେଳେ ସମସ୍ତ ସୂଚନା କମ୍ପ୍ୟୁଟରକୁ ମିଳିଥାଏ ସେହି ସମୟରେ ମାଛ ମୁହଁର ଦିଗ ଅନୁସାରେ କମ୍ପ୍ୟୁଟର୍‌ଟି କାରକୁ ଚଳାଇଥାଏ । ତେବେ ଏହି ପରୀକ୍ଷଣ ପାଇଁ ମାଛକୁ ମଧ୍ୟ ପ୍ରଶିକ୍ଷଣ ଦିଆଯାଇଥିଲା । ଏଥିନିମନ୍ତେ ୬ଟି ଗୋଲ୍ଡ ଫିସ୍‌ଙ୍କୁ ପ୍ରଶିକ୍ଷିତ କରାଯାଇଥିଲା । ପ୍ରଥମେ ଏକ ଛୋଟ ରୁମ୍‌ରେ ଏହି କାରଟିକୁ ଚଳାଯାଇଥିଲା । ପ୍ରଥମରୁ ମାଛଟିକୁ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ୩୦ ମିନିଟ୍ ସମୟ ଲାଗୁଥିବା ସହିତ ସେ ବାରମ୍ବାର ରାସ୍ତା ମଧ୍ୟ ଭୁଲୁଥିଲା । ହେଲେ ଧୀରେଧୀରେ ମାଛକୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଏକ ମିନିଟ୍ ସମୟ ଲାଗୁଥିବା ବେଳେ ସେ ରାସ୍ତା ମଧ୍ୟ ଭୁଲୁନି । ମାଛକୁ ଛୋଟଛୋଟ ଖାଦ୍ୟ ପଦାର୍ଥକୁ ଲକ୍ଷ୍ୟ ଭାବେ ଦିଆଯାଇଥାଏ । ସେହିଭଳି ଏହି ପରୀକ୍ଷା ମୂଷା ଓ କୁକୁରଙ୍କ ଉପରେ ମଧ୍ୟ କରାଯାଇଛି । ସେମାନେ ମଧ୍ୟ ମାଛ ଭଳି ନିଜ ଲକ୍ଷ୍ୟପଥ ହୁଡି ନଥାନ୍ତି । ଏହା ପୂର୍ବରୁ ୨୦୧୪ରେ ନେଦରଲାଣ୍ଡର ବୈଜ୍ଞାନିକମାନେ ମାଛ ପାଇଁ କାର ନିର୍ମାଣ କରିଥିଲେ ।

# ଫ୍ଲପ୍‌ରୁ କ୍ୟାରିୟର ଆରମ୍ଭ



ସାଧାରଣତଃ ଫ୍ଲପ ଫିଲ୍ମରୁ କ୍ୟାରିୟର ଆରମ୍ଭ କରିବା ବେଶ୍ କଷ୍ଟଦାୟକ ହୋଇଥାଏ । ସେହିଭଳି ଜଣେ ଅଭିନେତ୍ରୀ ହେଲେ ଶ୍ରୀୟା ପିଲଗାଁବକର, ଯାହାର ବଲିଉଡ କ୍ୟାରିୟର ଆରମ୍ଭ ହୋଇଥିଲା ଫ୍ଲପ୍ ଫିଲ୍ମ 'ଫ୍ୟାନ୍'ରୁ । ଏହା ତାଙ୍କୁ ବହୁତ ଅଧିକ କଷ୍ଟ ଦେଇଥିବା ସେ ପ୍ରକାଶ କରିଛନ୍ତି । ନିଜର ଦୁଃଖକୁ ନିକଟରେ ଏକ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି ଶ୍ରୀୟା । ଯଦି ଶାହରୁଖଙ୍କ ଫିଲ୍ମ ଫ୍ୟାନ ହିଟ୍ ହୋଇଥାଆନ୍ତା ତେବେ ତାଙ୍କ କ୍ୟାରିୟର ଭିନ୍ନ ହୋଇଥାଆନ୍ତା ବୋଲି ସେ ମତ ଦେଇଛନ୍ତି । ଲୋକମାନଙ୍କ ପ୍ରତିକ୍ରିୟା ତାଙ୍କ ପାଇଁ ବର୍ତ୍ତମାନ ଭିନ୍ନ ହୋଇଥାଆନ୍ତା । ତାଙ୍କୁ ଯେତେବେଳେ ଫ୍ୟାନ୍‌ର ସ୍କ୍ରିପ୍ଟ ମିଳିଥିଲା ସେତେବେଳେ ଏହା ତାଙ୍କୁ ଖୁବ ୟୁନିକ୍ ଲାଗିଥିଲା । ଏଥିରେ କିଛି ହଟକେ ଥିବା ତାଙ୍କୁ ହୃଦବୋଧ ହୋଇଥିଲା ତେଣୁ ସେ ଏହାକୁ ସାଇନ୍ କରିଥିଲେ । ହେଲେ ଦର୍ଶକଙ୍କୁ ଏହା ପସନ୍ଦ ଆସିଲା ନାହିଁ, ଯାହା ତାଙ୍କର ବ୍ୟାଡ୍ ଲକ୍ ଥିଲା ବୋଲି ଶ୍ରୀୟା ପ୍ରକାଶ କରିଛନ୍ତି । ଫିଲ୍ମରେ ସ୍କ୍ରିନ୍ ଟାଇମ୍ ଖୁବ କମ ଥିଲେ ବି ଶାହରୁଖଙ୍କ ସହିତ ସ୍କ୍ରିନ ସେୟାର କରିବାକୁ ସୁଯୋଗ ମିଳୁଥିବାରୁ ସେ ଏଥିପାଇଁ ଖୁବ ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି । ଫିଲ୍ମ ଫ୍ଲପ ହେଲେ ବି ସେ ଏହି ଫିଲ୍ମରେ କାମ କରି ଅନେକ କଥା ଶିଖିପାରିଥିବା ମତ ଦେଇଛନ୍ତି । ଶାହରୁଖଙ୍କ ଭଳି ମେଗା ଷ୍ଟାରଙ୍କ ସହ କାମ କରି ସେ ଅଭିନୟ ବିଷୟରେ ଅନେକ କିଛି ଶିଖିଛନ୍ତି ଯାହା ତାଙ୍କୁ ଆଗକୁ କ୍ୟାରିୟରରେ ସାହାଯ୍ୟ କରିବ ବୋଲି ଶ୍ରୀୟା ମତ ଦେଇଛନ୍ତି ।

## ହାଃ...ହାଃ...



ଦୁଇ ସାଙ୍ଗଙ୍କ କଥାବାର୍ତ୍ତା

ପ୍ରଥମ– ଆମ ରାଜ୍ୟର ମୁଖ୍ୟ ଖାଦ୍ୟ କ'ଣ କହିଲୁ ?

ଦ୍ୱିତୀୟ–ମୁଁ ଜାଣିନି ।

ପ୍ରଥମ– ମୁଖ୍ୟ ଖାଦ୍ୟ ହେଲା ମୋ ରାଣ ଖାଇ ସତ କୁହ ।

# ଆଚାରୀ ଆଳୁ ଟିକା



**ସାମଗ୍ରୀ–** ୨୦ଟି ଛୋଟ ଚୋପାଛଡା ସିଝା ଆଳୁ, ଅଢେଇ ଚାମଚ ଆଚାର, ଅଳ୍ପ ପରିମାଣ କସୁରୀ ମେଥୀ, ଏକ ଚାମଚ ସୋରିଷ ତେଲ, ଅଳ୍ପ ପରିମାଣ ବଟର, ଅଳ୍ପ ଦହି, ଦେଢ ଚାମଚ ଅଦା ରସୁଣ ପେଷ୍ଟ, ଦେଢ ଚାମଚ ବେସନ, ଲୁଣ, ଅଳ୍ପ ପରିମାଣ ଚାଟ ମସଲା, ଏକ ଚାମଚ ଲଙ୍କା ଗୁଣ୍ଡ, ଅଳ୍ପ ହଳଦୀ, ଗରମ ମସଲା ।

**ପ୍ରଣାଳୀ–** ଏକ ପାତ୍ରରେ ଦହି, ଅଦା ରସୁଣ ପେଷ୍ଟ, ଭଜା ବେସନ ସହ ସମସ୍ତ ଗୁଣ୍ଡ ମସଲା, ଆଚାର, ସୋରିଷ ତେଲ ପକାଇ ଗୋଳାନ୍ତୁ । ଏହାକୁ ଭଲ କରି ଗୋଳାନ୍ତୁ । ଏଥିରେ ସିଝା ଆଳୁକୁ ପକାଇ ଗୋଳାନ୍ତୁ । ଏହାପରେ ଏହାକୁ ୧୫ରୁ ୨୦ ମିନିଟ୍ ଅଲଗା ରଖନ୍ତୁ । ଏହାପରେ ଏହାକୁ ବେକ୍ କରନ୍ତୁ । ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଆଚାରୀ ଆଳୁ ଟିକା । ଏହାକୁ ଟମାଟୋ ସସ୍ ସହିତ ପରଷନ୍ତୁ ।

## ହର ଦୁର୍ଗା କ୍ଲବ୍ କୁମାର ଉତ୍ସବ କାର୍ଯ୍ୟକ୍ରମ

# ଉତ୍ତରାୟିଣୀ ଶୀତଳ ଭଣ୍ଡାର କୁ ବୃହତ ଶୀତଳ ଭଣ୍ଡାରରେ ପରିଣତ କରାଯିବ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ସବ୍ୟୁ): ଡେଲାଙ୍ଗ ପିପିଲି ଅଞ୍ଚଳ ହେଉଛି ଐତିହ୍ୟ ସଂପନ୍ନ ସ୍ଥଳ । ବିଶ୍ୱ ପ୍ରସିଦ୍ଧ ଚାନ୍ଦୁଆର ଉତ୍ପତ୍ତି ଏଠାରେ ହୋଇଛି । ଏଠିକାର ବୀର ନାଗା ନାଚ ଅତ୍ୟନ୍ତ ଚିତ୍ତାକର୍ଷକ ଏଠାରେ ମଧ୍ୟ ଅନେକ କାଳରୁ ଓଡ଼ିଶା ପ୍ରସିଦ୍ଧ ହରିରାଜପୁର, ବଳଙ୍ଗା ଓ ଓଡ଼ିଶାର ସବୁଠାରୁ ବଡ଼ ଗାଁ ଘୋରଡିଆର ଦୟଣାଚୋରି ମେଳଣ ଅନୁଷ୍ଠିତ ହୋଇଆସୁଅଛି । ତେଣୁ ଏପରି ଐତିହ୍ୟ ସଂପନ୍ନ ସ୍ଥଳର ଶିଳ୍ପୀ ଓ କାରୀଗର ମାନଙ୍କ ଉନ୍ନତି ପାଇଁ ପଦକ୍ଷେପ ନିଆଯିବ । ମଙ୍ଗଳବାର ସନ୍ଧ୍ୟାରେ ପିପିଲି ନିକଟସ୍ଥ ଅଲାରପୁର ଠାରେ ସ୍ଥାନୀୟ ହରଦୂର୍ଗା କ୍ଲବ୍ ପକ୍ଷରୁ ଆୟୋଜିତ କୁମାର ଉତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଥମ ଥର ପାଇଁ ଆପଣ ମାନେ ଓଡ଼ିଶାର ଶାସନ ଦାୟିତ୍ୱ ବିଜେପିକୁ ଦେଇଛନ୍ତି । ପିପିଲି ଅଞ୍ଚଳକୁ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ କେବଳ ହିଂସା ଓ ଅରାଜକତାରେ ଭରି ଦେଇଥିଲେ । ଆମ ସରକାର ଏଭଳି ମାନସିକତା ରଖିଥିବା ବ୍ୟକ୍ତିଙ୍କୁ ନିନ୍ଦା କରେ । ଏହି ମହାନ୍ ଭୂମି ଜଗନ୍ନାଥ ସଂସ୍କୃତି ସହିତ ସଂପୃକ୍ତ ହୋଇ ପୂତ ଓ ପବିତ୍ର ଅଟେ । ଏହି ଅଞ୍ଚଳର ବିକାଶ ପ୍ରତି ଆମେ ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପିପିଲି କଥା ମନକୁ ଆସିଲେ ଏକ ସୁନ୍ଦର ପ୍ରତିଛବି ଆଖି ସାମ୍ନା କୁ ଆସିଯାଏ । କେତେ ସୁନ୍ଦର ସୁନ୍ଦର ଚାନ୍ଦୁଆ ତିଆରି କରନ୍ତି ଆପଣ ମାନେ । ଆପଣଙ୍କ ହାତ ତିଆରି ଚାନ୍ଦୁଆ ଏତେ ସୁନ୍ଦର ଯେ ମହାପ୍ରଭୁ ଜଗନ୍ନାଥ ମଧ୍ୟ ସେସବୁକୁ ଭଲ ପାଆନ୍ତି । ରଥଯାତ୍ରା ବେଳେ, ତିନି ରଥକୁ ଆପଣ ମାନେ ହିଁ ସଜେଇ ଥାନ୍ତି । ଅଦ୍ଭୁତ ଆପଣଙ୍କ କଳା କୌଶଳ । ମୁଁ ଏଠାକାର ଶିଳ୍ପୀ ମାନଙ୍କୁ ପ୍ରଣାମ କରୁଛି । ଆପଣ ମାନଙ୍କୁ ବୃହତ୍ ବଜାର ଯୋଗାଇବା ସହିତ, ଆପଣଙ୍କ କଳା ନିପୁଣତାକୁ ସମ୍ମାନ ଜଣାଇବା ପାଇଁ ଆମେ ନିରନ୍ତର ଚେଷ୍ଟା କରିବୁ ବୋଲି ସେ କହିଥିଲେ । ଏଥି ସହିତ ଜିଲ୍ଲା ରେ ପର୍ଯ୍ୟଟନ ର ବିକାଶ ପାଇଁ ପିପିଲି ଟୋଲ୍ ପ୍ଲାଜା ନିକଟ ରେ ପରିବେଶ ପର୍ଯ୍ୟଟନ କ୍ଷେତ୍ର ର ବିକାଶ କରାଯିବ , ବେରୋଇ ଗାନ୍ଧୀ ସ୍ମୃତି ପୀଠ ର ବିକାଶ ହେବ,ପ୍ରସିଦ୍ଧ ବିଶ୍ୱନାଥ ମନ୍ଦିର ର ବିକାଶ ପାଇଁ ସ୍ୱତନ୍ତ୍ର ଧ୍ୟାନ ରହିଛି ଏବଂ ପିପିଲି ଚାନ୍ଦୁଆ ପ୍ରକଳ୍ପ ଓ ପରିବେଶ ପର୍ଯ୍ୟଟନ କ୍ଷେତ୍ର ର ବିକାଶ କାର୍ଯ୍ୟ ପାଇଁ ଅର୍ଥ ର ଅଭାବ ରହିବ ନାହିଁ ବୋଲି ସେ କହିଥିଲେ । ଜିଲ୍ଲାର ଚାଷୀ ମାନଙ୍କ ଅସୁବିଧା କୁ ଦୃଷ୍ଟି ରେ ରଖିଆଗମୀ ଦିନ ରେ ଉତ୍ତରାୟିଣୀ ଶୀତଳ ଭଣ୍ଡାର କୁ ଏକ ବୃହତ୍ ଶୀତଳ ଭଣ୍ଡାର ରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କୁମାର ଉତ୍ସବ ଜରିଆରେ ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ହର ଦୁର୍ଗା ୟୁଥ୍ କ୍ଲବର ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ ।

ଗାଁ ଗୁଡିକୁ ବିକଶିତ କରିବା ଆମର ଲକ୍ଷ୍ୟ ବୋଲି ମତ ଦେଇ ସେ କହିଲେ ଯେ କେବଳ ଜାତୀୟ ରାଜପଥ ନୁହେଁ, ପ୍ରତ୍ୟେକ ଗାଁକୁ ସବୁଦିନିଆ ପକ୍କା ସଡ଼କ ନିର୍ମାଣ ଆମ ପ୍ରାଥମିକତା ଓ ଏହାକୁ ଆମେ ନିଶ୍ଚିତ ପୂରଣ କରିବୁ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସେଠାରେ ଆୟୋଜିତ ପଲ୍ଲୀଶ୍ରୀ ମେଳା ର ହସ୍ତଶିଳ୍ପ ପ୍ରଦର୍ଶନୀ ପରିଦର୍ଶନ କରିବା ସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତି ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟ ରେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସତ୍ୟବାଦୀ ର ବିଧାୟକ ଓମ୍ ପ୍ରକାଶ ମିଶ୍ର ଏବଂ ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଜନତାଙ୍କ ନିକଟରେ ଅଭିଭାଷଣ ରଖିଥିଲେ । ହରଦୁର୍ଗା ୟୁଥ କ୍ଲବର ସଭାପତି ଅଶ୍ୱିନୀ କୁମାର ସାହୁ ଏବଂ ସମ୍ପାଦକ ବିବେକାନନ୍ଦ ଷଡ଼ଙ୍ଗୀ ଉପସ୍ଥିତ ଥିଲେ ।

## ନନ୍ଦନକାନନକୁ ଆସିଲା ଉଦ୍ଧାର ହାତୀଛୁଆ, ଶାଗୁଣା ଅସୁସ୍ଥ

ବାରଙ୍ଗ,(ସବ୍ୟୁ): ବୁଧବାର ବିଳମ୍ବିତ ରାତିରେ ନନ୍ଦନକାନନ ପ୍ରାଣିଉଦ୍ୟାନକୁ ରାଉରକେଲା ବନାଞ୍ଚଳରୁ ଏକ ହାତୀଛୁଆ ଉଦ୍ଧାର ହୋଇ ନନ୍ଦନକାନନରେ ଆସି ପହଁଚିଛି । ରାଉରକେଲା ସହର ନିକଟବର୍ତ୍ତୀ ବନ୍ଧମୁଣ୍ଡା ଠାରେ ରେଳ ଲାଇନ ପାର୍ ହେଉଥିବା ବେଳେ ୨୫ ଟିକିଆ ହାତୀପଲ ମଧ୍ୟରୁ ଗୋଟିଏ ହାତୀ ଛୁଆ ର ଟ୍ରେନ ଧକ୍କା ରେ ମୃତ୍ୟୁ ହୋଇଥିବା ବେଳେ ଏହି ହାତୀଛୁଆଟି ହାତୀପଲ ଠାରୁ ଅଲଗା ହୋଇଯାଇଥିଲା । ଛୁଆଟି ତା ମାପାଖକୁ ଫେରିଯିବାପାଇଁ ବନବିଭାଗ କର୍ମଚାରୀମାନେ ଉଦ୍ୟମ ଆରମ୍ଭ କରିଥିଲେ ମଧ୍ୟ ଫେରିପାରିନଥିଲା। ଛୁଆଟିର ସୁରକ୍ଷା ଦୃଷ୍ଟିରୁ ସେଠାକାର ବନକର୍ମଚାରୀମାନେ ଆଣି ନନ୍ଦନକାନନରେ ଛାଡିଛନ୍ତି। ନନ୍ଦନକାନନରେ ଛୁଆଟି ପହଁଚିବାପରେ ତାକୁ ଡାକ୍ତରଖାନାରେ ରଖାଯାଇ ପ୍ରାଥମିକ ଚିକିତ୍ସା ଆରମ୍ଭ କରାଯାଇଛି । ସେହିପରି ୮୦ ନଂ ଖୁଆଡ ରେ ରହୁଥିବା ଏକ ଭାରତୀୟ ଶାଗୁଣାଟି ଅସୁସ୍ଥ ହୋଇ ପଡ଼ିଛି । ଠିକ୍ ସେ ଖିଆ ପିଆ କରୁନଥିବା ବେଳେ ଗୋଟିଏ ଜାଗାରେ ପଡ଼ି ରହୁଥିଲା । ଖୁଆଡରେ କାମ କରୁଥିବା କର୍ମଚାରୀ ଦେଖି କର୍ତ୍ତୃପକ୍ଷଙ୍କୁ ସୂଚନା ଦେବା ପରେ ବୁଧବାର ଦିନକର୍ତ୍ତୃପକ୍ଷ ଚିକିତ୍ସା ପାଇଁ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସାଳୟର କ୍ୱାରେଣ୍ଟାଇନକୁ ଆଣିଛନ୍ତି। ସେଠାରେ ଚିକିତ୍ସକମାନେ ଚିକିତ୍ସା ଆରମ୍ଭ କରିଥିବା ଜଣାପଡିଛି।

ଅର୍ବାନ ବ୍ୟାଙ୍କ
କେନ୍ଦ୍ରାପଡ଼ା
କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଓ ଦୀପାବଳି ଅବସରରେ
ପ୍ରିୟ ଗ୍ରାହକବନ୍ଧୁ, ଜମାକାରୀ, ଅଂଶୀଦାର, ଶୁଭେଚ୍ଛୁ ଓ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭକାମନା ଓ ଅଭିନନ୍ଦନ
ଶ୍ରୀମତୀ ଭାଗ୍ୟଲକ୍ଷ୍ମୀ ପଣ୍ଡା
ମୁଖ୍ୟ କାର୍ଯ୍ୟନିର୍ବାହୀ (ଭାରପ୍ରାପ୍ତ)
ଗୁରୁପ୍ରସାଦ ମହାନ୍ତି
ସଭାପତି

## ଗଜଲକ୍ଷ୍ମୀପୂଜା ଆରମ୍ଭ

ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡ଼ା ସହରାଂଚଳ ସମେତ ସମଗ୍ର ବ୍ଲକ୍ ଅଂଚଳରେ ମା' ଧନଦାତ୍ରୀ ଗଜଲକ୍ଷ୍ମୀଙ୍କ ପୂଜା ଧୁମ୍‌ଧାମ୍‌ରେ ବୁଧବାରସନ୍ଧ୍ୟାରୁ ଆରମ୍ଭ ହୋଇଛି। ପ୍ରତ୍ୟେକ ପୂଜା ମଣ୍ଡପ ଗୁଡ଼ିକୁ ବିଭିନ୍ନଆଲୋକମାଳାରେ ସାଜସଜ୍ଜା କରାଯିବା ସହ ମା'ଗଜଲକ୍ଷ୍ମୀଙ୍କର ମୃଣ୍ମୟୀପ୍ରତିମା ପୂଜା ପାଉଛନ୍ତି। ସହରାଂଚଳର ରଥଗଡ଼ାଛକ ଓ ଶ୍ରୀ ଜଗନ୍ନାଥମନ୍ଦିର ପରିସରରେ ସ୍ଥାନୀୟ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୨୦୦୦, ୨୦୦୬,୨୦୧୨, ୨୦୨୦ ଓ ୨୦୨୩ ମାଟ୍ରିକ୍ ବ୍ୟାଚ୍‌ର ସହପାଠୀମାନଙ୍କ ଦ୍ୱାରାମା'ଙ୍କର ପୂଜା ଉତ୍ସବ ପ୍ରତିବର୍ଷ ଅନୁଷ୍ଠିତ ହୋଇଆସୁଛି। ସେହିପରି ଖଣ୍ଡପଡ଼ା ବ୍ଲକ୍ ଅଂଚଳର ମର୍ଦ୍ଦରାଜପୁର, ବୋଦସା, ବେଣାଗାଡ଼ିଆ,ଶିଖରପୁର, ବରପଲ୍ଲୀ ଓ କଣ୍ଟିଲୋ ଆଦି ଅଂଚଳରେ ମା'ଗଜଲକ୍ଷ୍ମୀଙ୍କପୂଜା ପାଳିତ ହୋଇଥିବା ବେଳେ ପ୍ରତ୍ୟେକ ପୂଜା ମଣ୍ଡପ ସ୍ଥଳରେ ଶ୍ରଦ୍ଧାଳୁମାନଙ୍କର ଭିଡ଼ ଜମୁଥିବା ଜଣାଯାଇଛି। ବିଭିନ୍ନ ପୂଜାକମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବାଜଣାପଡ଼ିଛି।

## ପାଇକ ସାହି ହର ପାର୍ବତୀ କମିଟିର ସମ୍ବର୍ଦ୍ଧନା ସଭା

ଫୁଲନଖରା,(ସବ୍ୟୁ) :ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ସଦର ଥାନା ଅନ୍ତର୍ଗତ ପାଇକସାହିରେ ହରପାର୍ବତୀ ପୂଜା କମିଟି ଆନୁକୂଲ୍ୟରେ ଏକ ସମ୍ବଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଦିଲ୍ଲୀପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସଂପାଦକ ଆଇନଜୀବୀ ନଳିନ କୁମାର ସେନାପତି ସଂଯୋଜନା କରିଥିଲେ। ସଭାରେ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସଂପାଦକ ଭିକାରି ଦାସ, ସଂଗ୍ରାମ ସମିତି ସଂଯୋଜନା ସଭାପତି ଆଇନଜୀବୀ ଉମାକାନ୍ତ ନନ୍ଦ, ମୁରବି ପୀତବାସ ମହାପାତ୍ର, ବରିଷ୍ଠ ରାଜନୀତିଜ୍ଞ ସ୍ୱାଧୀନଚେତା ମହାନ୍ତି, କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତି ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକ, ପ୍ରଦୀପ୍ତ ମହାପାତ୍ର, କର୍ପୋରେଟର ଲିପ୍ସା ନାୟକ, କଟକ ସଦର୍ ପ୍ରେସ କ୍ଲବର କାର୍ଯ୍ୟକାରି ସଭାପତି ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ, କୋଷାଧ୍ୟକ୍ଷ ଅଜୟ କୁମାର ଦାଶ, ପୂର୍ଣ୍ଣିମା ସ୍ୱାଇଁ, ମମତା ମହାନ୍ତି, ମୁରବି ବିକ୍ରମ କେଶରୀ ଶତପଥ, ପ୍ରମୋଦ କୁମାର ମହାପାତ୍ର,ବଦ୍ରିନାରାୟଣ ମହାପାତ୍ର, କୌଶିକ ଜେନା, ଗୋବିନ୍ଦ ରାଉତ, ପ୍ରମୋଦ କୁମାର ଓଝା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।। ଘନଶ୍ୟାମ ବେହେରା, ଟିକମ ବେହେରା, ନରେନ୍ଦ୍ର ବେହେରା, ବଚନ ସ୍ୱାଇଁ, ପ୍ରାଣକୃଷ୍ଣ ସ୍ୱାଇଁ, ଭାଗ୍ୟଧର ବାରିକ, ବିରଞ୍ଚି ନାରାୟଣ ବେହେରା, ବିଶ୍ୱନାଥ ବେହେରା, ତ୍ରିଲୋଚନ ବେହେରା, ଗୋଲେଖ ପ୍ରଧାନ, ସନ୍ତୋଷ କୁମାର ସେନାପତି ପ୍ରମୁଖ କମିଟି ସଦସ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରଥିଲେ।

ଶୁଭେଚ୍ଛା ବାର୍ତ୍ତା
ନୟାଗଡ ଜିଲ୍ଲା ତଥା ରଣପୁର ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ପବିତ୍ର ଗଜଲକ୍ଷ୍ମୀ ପୂଜା ଓ କୁମାରପୂର୍ଣ୍ଣିମା ଉତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ମା ମଣିନାଗ, ପ୍ରଭୁ ଲଡୁବାବା ଓ ମା ଲକ୍ଷ୍ମୀଙ୍କ କୃପାରୁ ସମସ୍ତଙ୍କ ଜୀବନ ନିରୋଗମୟ ଓ ଧନଧାନ୍ୟରେ ପୁରୀ ଉଠୁ ।
ଶ୍ରୀ ପ୍ରଫୁଲ୍ଲ କୁମାର ନାୟକ
ସମାଜସେବୀ ତଥା ନୟାଗଡ଼ ଜିଲ୍ଲା ବିଜୁ ଜନତା ଦଳ ଉପସଭାପତି

## ରାଜ୍ୟର ବିଭିନ୍ନ ଜିଲ୍ଲାରେ ସ୍ଥାପିତ ହେବ ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତି : ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁଦ୍ଧ): ରାଜ୍ୟର ବିଭିନ୍ନ ସ୍ଥାନରେ ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତି ସ୍ଥାପିତ ହେବଛବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଏବଂ ସ୍ଥାପନା ନିମନ୍ତେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ନିଷ୍ପତି ନିଆଯାଇଛି । ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଏବଂ ସ୍ଥାପନା କାର୍ଯ୍ୟନିମନ୍ତେ ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବିଭିନ୍ନ ଲୋକପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ଜିଲ୍ଲା ପ୍ରଶାସନ ଠାରୁ ହସ୍ତଗତ ହୋଇଥିବା ପ୍ରସ୍ତାବ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ ନିମନ୍ତେ ଏକ ସାରଣୀ ପ୍ରସ୍ତୁତ କରାଯାଇଥିଲା । ଏହିକ୍ରମରେ କେନ୍ଦ୍ରାପଡାରେ ଭଜନ ସମ୍ରାଟ ଭିକାରୀ ବଳ, ବଲାଙ୍ଗୀରରେ ଧରମସିଂହ ମାନ୍ଧାତା ମାଝୀ, ଭୁବନେଶ୍ୱରରେ କୁନ୍ତଳା କୁମାରୀ ସାବତ, କବିଶେଖର ଚିନ୍ତାମଣୀ ମହାନ୍ତି, ବ୍ରହ୍ମପୁରରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ଭଦ୍ରକରେ ଗୋକୁଳାନନ୍ଦ ମହାନ୍ତି, କେନ୍ଦୁଝରରେ ରତନା ନାୟକ, ସମ୍ବଲପୁରରେ ଅଟଳବିହାରୀ ବାଜପେୟୀ ଓ ବୀର ସୁରେନ୍ଦ୍ର ସାଏ, କଟକରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ, ମଧୁସୂଦନ ଦାସ, ଅଟଳ ବିହାରୀ ବାଜପେୟୀ, ବରଗଡ଼ରେ ଗଙ୍ଗାଧର ମେହେର, ବାଲେଶ୍ୱରରେ ଫକୀର ମୋହନ ସେନାପତି, ବାଘାଯତୀନ, ପୁରୀ ଡେଲାଙ୍ଗରେ ବୌଦ୍ଧଧର୍ମ ବିଶାରଦ ଦିଗନାଗ, ମାଲକାନଗିରିରେ ତାମ୍ପା ଦୋରା ଏବଂ ଭୁବନରେ ବାଜିରାଉତଙ୍କ ପ୍ରତିମୂର୍ତ୍ତି ସ୍ଥାପନା ନିମନ୍ତେ ନିଷ୍ପତି ନିଆଯାଇଛି । ସେହିପରି ଭାବେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଏବଂ ପ୍ରଥମ ଓଡ଼ିଆ ଶଙ୍କରାଚାର୍ଯ୍ୟ ଶ୍ରୀଧର ସ୍ୱାମୀଙ୍କ ପ୍ରତିମୂର୍ତ୍ତି ମଧ୍ୟ ସ୍ଥାପନା କରାଯିବାର ନିଷ୍ପତ୍ତି ନିଆ ଯାଇଛି ।

ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ, ଭାରତବର୍ଷର ସ୍ୱାଧୀନତା, ଓଡ଼ିଶା ପ୍ରଦେଶର ସ୍ୱତନ୍ତ୍ରତା, ଆମ ଭାଷା ଓ ସାହିତ୍ୟକୁ ନିଜର ଲେଖନୀ ଚାଳନା ମାଧ୍ୟମରେ ଋଦ୍ଧିମନ୍ତ କରିବା ଏବଂ ଓଡ଼ିଶାର ଐତିହ୍ୟ ଏବଂ ଓଡ଼ିଆ ସଂସ୍କୃତିର ମୂଲ୍ୟବୋଧକୁ ବଜାୟ ରଖିବା ଦିଗରେ ଆମ ବରପୁତ୍ରମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତିଛ ଆମ ସ୍ୱାଧୀନତା ଓ ସ୍ୱାଭିମାନ ପାଇଁ ବଳିଦାନ ଦେଇଥିବା ଏବଂ ଆମ ଭାଷା, ସାହିତ୍ୟ ଓ ସଂସ୍କୃତିର ରକ୍ଷକ ଭାବେ କାର୍ଯ୍ୟକରିଥିବା ବରପୁତ୍ରମାନେ ହେଲେ ଆମ୍ଭମାନଙ୍କ ପାଇଁ ଚିରନମସ୍ୟ । ସେମାନଙ୍କର କାର୍ଯ୍ୟ ଏବଂ ମୂଲ୍ୟବୋଧ ଚିରସ୍ମରଣୀୟ ଓ ଆମ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ । ତେଣୁ ପ୍ରାଥମିକତା ଭିତ୍ତିରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ ଏହାର ସ୍ଥାପନା କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସୂରଜ କରିଛନ୍ତି ।

## ୟୁଆଇଏସ କ୍ୟାନ୍ସର ଫାଉଣ୍ଡେସନ୍ ଟ୍ରଷ୍ଟର ଅଧକ୍ଷ ସମ୍ବର୍ଦ୍ଧିତ

କଟକ, (ସବ୍ୟୁ) : ୟୁଆଇଏସ କ୍ୟାନ୍ସର ଫାଉଣ୍ଡେସନ୍ ଟ୍ରଷ୍ଟ ଅଧକ୍ଷ ଇଂ.ଗୋପାଳ କୃଷ୍ଣ ଦାସଙ୍କୁ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏସସିବି ରକ୍ତ ଭଣ୍ଡାର କଟକ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ସେ ଯାଜପୁର ଜିଲ୍ଲା ରକ୍ତତୀର୍ଥ ବରୀ ମାଟିର କୃତୀ ସନ୍ତାନ । ଏକାଧାରରେ ଜଣେ ସାହିତ୍ୟିକ ଓ ବିଶିଷ୍ଟ ସମାଜସେବୀ ଭାବେ ଶିଶୁ କର୍କଟ ରୋଗୀ ମାନଙ୍କୁ ସେବା ଯୋଗାଇବ,ଖାଦ୍ୟ ସହ ଆଶ୍ରୟସ୍ଥଳ ପ୍ରଦାନ,କର୍କଟ ସଚେତନତା,କଟକ ବଡ଼ ମେଡିକାଲ, ଆଚାର୍ଯ୍ୟ ହରିହର ସହ ଟାଟା ମେମୋରିଆଲ ମମ୍ବାଇ, ଏଆଇଆଇଏମଏସ୍ ଓଡ଼ିଶା ଓ ଦିଲ୍ଲୀରେ କ୍ୟାନସର ରୋଗୀ ମାନଂକୁ ସହାୟତା ପ୍ରଦାନ କରି ଆସୁଛନ୍ତି । ସେ ୪୪ ବର୍ଷ ବୟସରେ ୬୧ ଥର ରକ୍ତଦାନ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ବିଗତ ୬ ମାସ ମଧ୍ୟରେ ଡିପାର୍ଟମେଣ୍ଟ ଅଫ୍ ଟ୍ରାନ୍ସଫ୍ୟୁଜିଅନ୍ ମେଡ଼ିସିନ୍ ଆଣ୍ଡ ବ୍ଲଡ଼ ସେଣ୍ଟର ଏସସିବିକୁ ପାଖାପାଖି ତିନିଶହ ତିରିଶ ୟୁନିଟ୍ ରକ୍ତ ସଂଗ୍ରହ କରି ଯୋଗାଇ ପାରିଛନ୍ତି । ସମାଜସେବୀ ଇଂ.ଦାସଙ୍କ ଏହି ମହା ସଫଳତା ନେଇ ବିଭିନ୍ନ ମହଲରୁ ତାଂକୁ ଶୁଭେଚ୍ଛା ଜଣାଯାଇଛି ।

"ଆମର ଦିବ୍ୟାଙ୍ଗ ଭଉଣୀ ଏବଂ ଭାଇମାନଙ୍କ ପାଇଁ ଏକ ଅନ୍ତର୍ଭୁକ୍ତ, ସୁଗମ ଏବଂ ସମାନ ଭବିଷ୍ୟତ ସୁନିଶ୍ଚିତ କରିବା ଦିଗରେ ଆମେ ନିରନ୍ତର କାର୍ଯ୍ୟ କରୁଛୁ ।"
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ
ସଶକ୍ତ ଦିବ୍ୟାଙ୍ଗଜନ ସମର୍ଥ ଭାରତ
ସାମାଜିକ ଅଧିକାରିତା ଶିବିର ଜରିଆରେ ଦିବ୍ୟାଙ୍ଗଜନ ଏବଂ ବରିଷ୍ଠ ନାଗରିକମାନଙ୍କୁ ମାଗଣା ସହାୟକ ଉପକରଣ ବିତରଣ
୨,୧୪୨ ହିତାଧିକାରୀଙ୍କୁ ମାଗଣା ସହାୟକ ଉପକରଣ ବିତରଣ
ଭାରତ ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ
ଶିବିରଗୁଡ଼ିକରେ ନୂଆ ହିତାଧିକାରୀଙ୍କ ପାଇଁ ପଞ୍ଜିକରଣ ସୁବିଧା ମଧ୍ୟ ଉପଲବ୍ଧ
ଅକ୍ଟୋବର ୧୭, ୨୦୨୪ ପୁରୀ, ଓଡ଼ିଶା
ସମୟ– ପୂର୍ବାହ୍ନ ୧୧.୦୦ରୁ ଅପରାହ୍ନ ୪.୦୦
ସବିଶେଷ ବିବରଣୀ ପାଇଁ ଲଗ୍‌ଇନ୍ କରନ୍ତୁ
www.depwd.gov.in
ଦିବ୍ୟାଙ୍ଗଜନ ଏବଂ ବରିଷ୍ଠ ନାଗରିକଙ୍କ ଜୀବନକୁ ପରିବର୍ତ୍ତନ କରିବା
ଏପର୍ଯ୍ୟନ୍ତ ୧୭ ହଜାରରୁ ଅଧିକ ଶିବିର ଆୟୋଜନ
୨୯ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଏବଂ ୬,୭୯୪ରୁ ଅଧିକ କୋଚଲିଅର ପ୍ରତିରୋପଣ ଅସ୍ତ୍ରୋପଚାର ସହାୟକ ଉପକରଣ ବିତରଣ
ପ୍ରବେଶ ମୁକ୍ତ
ସହାୟକ ଉପକରଣ ପାଇଁ ଦିବ୍ୟାଙ୍ଗଜନ ପ୍ରତ୍ୟକ୍ଷ ଭାବେ ଅର୍ଜୁନ ପୋର୍ଟାଲରେ ଆବେଦନ କରିପାରିବେ
https://adip.depwd.gov.in
CBC 38117/13/0024/2425

## ବୁଡୁର ସନ୍ଦେହଜନକ ମୃତ୍ୟୁ ମାମଲା : ୩ କୋର୍ଟ ଚାଲାଣ



ବେତନଟୀ(ସବ୍ୟୁ) : ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ଅଜାଡିହ ଛକ ନିକଟରେ ସୋମବାର ସକାଳ ୬ଘଟିକା ସମୟରେ ସନ୍ଦେହଜନକ ଭାବେ ମୃତ୍ୟୁବରଣ କରିଥିବା ସ୍ୱର୍ଗତଃ ସୁରେଶ ବେହେରାଙ୍କ ପୁଅ ଆଶୁତୋଷ ବେହେରା(ବୁଡୁ) ର ମର ଶରୀରକୁ ବୈଶିଙ୍ଗା ପୁଲିସ ବୈଶିଙ୍ଗା ଡାକ୍ତରଖାନାରେ ପହଞ୍ଚାଇଥିଲେ । ଏହି ଘଟଣାକୁ କେନ୍ଦ୍ର କରି ବୈଶିଙ୍ଗା ଥାନାର ଥାନାଧିକାରୀ ତପନ କୁମାର ପ୍ରଧାନ ତଦନ୍ତ ଚଳାଇଥିବା ବେଳେ ମୃତକ ବୁଡୁ ସହିତ ଅନ୍ୟ ତିନି ଜଣ ବନ୍ଧୁ ଯଶୋବନ୍ତ ବେହେରା , ହରଶଙ୍କର ତ୍ରୀପାଠୀ ଏବଂ ଅର୍ନିବାଣ ବାଲା ଙ୍କୁ ପଚରାଉଚରା କରିବା ପାଇଁ ବୈଶିଙ୍ଗା ଥାନାକୁ ନେଇ ଆସିଥିଲେ । ଏଭଳି ସ୍ୱର୍ଶକାତର ଘଟଣାକୁ ନେଇ ବୈଶିଙ୍ଗା ଥାନାଧିକାରୀ ତପନ କୁମାର ପ୍ରଧାନ ବେତନଟୀ ଏସଡିପିଓ ସୁଦର୍ଶନ ଦାଶ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ଙ୍କ ଦୃଷ୍ଟିକୁ ଆଣିଥିଲେ । ତାଙ୍କର ନିର୍ଦ୍ଦେଶ ମୁତାବକ ପାରିପାର୍ଶ୍ୱିକ ଅବସ୍ଥାକୁ ନେଇ ତଦନ୍ତ ବ୍ୟାପକ କରିବା ସହିତ ବିଭିନ୍ନ ସ୍ଥାନର ସିସିଟିଭି ନମୁନା, ସ୍ଥାନୀୟ ଲୋକଙ୍କର ବୟାନ ଏବଂ ଅଟକ ତିନି ଜଣଙ୍କର ଜମାନବନ୍ଦି ନିଆଯାଇଥିଲା । ବୟାନ ମୁତାବକ ୪ ସାଙ୍ଗ ବେତନଟୀ ର ବିଭିନ୍ନ ସ୍ଥାନରେ ମଦପିଇବା ପରେ ଏକ କାର ଯୋଗେ ଜଣ ବୈଶିଙ୍ଗା ପଟକୁ ଆସିଥିଲେ । ପୁନର୍ବାର ବିଳମ୍ବିତ ରାତ୍ରି ୧ଘଟିକା ସମୟରେ ଆଗ୍ରିଆ ଓଭରବ୍ରିଜ ଉପରେ ବସି ପୁଣି ମଦ ପିଇଥିଲେ । ଏହା ପରେ ପୁଣି ୪ ଜଣ କାର ଯୋଗେ ବୈଶିଙ୍ଗା ପଟକୁ ଆସୁଥିବା ବେଳେ ବାଟରେ ଅନ୍ୟ ମାନଙ୍କ ସହ ବୁଡୁର ମଧ୍ୟ ଝଗଡା ହୋଇଥିଲା । ଏହି ଝଗଡାକୁ କେନ୍ଦ୍ର କରି ବୁଡୁକୁ ଅଜାଡିହ ଛକରେ ଛାଡି ଜରକା ଛକ ଦେଇ ପୁନର୍ବାର ବେତନଟୀକୁ ଫେରିଯାଇଥିଲେ । ମାତ୍ର ପୁଲିସର ସନ୍ଦେହ ଦୃଢିଭୂତ ହେବାରୁ ଅଟକ ରଖିଥିବା ତିନି ବନ୍ଧୁଙ୍କୁ ବୈଶିଙ୍ଗା ପୁଲିସକୁ ଗିରଫ କରିଥିଲା । ବୁଧବାର ଅପରାହ୍ନରେ ଉକ୍ତ ତିନିଜଣ ବନ୍ଧୁ ଯଶୋବନ୍ତ, ଅର୍ନିବାଣ ଏବଂ ହରିଶଙ୍କର ଙ୍କୁ ବୈଶିଙ୍ଗା ଡାକ୍ତରଖାନାରେ ଡାକ୍ତରୀ ମାଇନା କରିବା ପରେ ସନ୍ଧ୍ୟା ପାଞ୍ଚ ଘଟିକା ସମୟରେ କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଏହି ଘଟଣାର ପ୍ରକୃତ ରହସ୍ୟ ଉନ୍ମୋଚନ ପାଇଁ ମୟୂରଭଞ୍ଜ ଜିଲ୍ଲା ସାଇଣ୍ଟିଫିକ ଟିମ ବୈଶିଙ୍ଗା ଥାନା ପହଞ୍ଚି ଥାନାଧିକାରୀ ତପନ କୁମାର ପ୍ରଧାନଙ୍କ ସହଯୋଗରେ ଘଟଣା ସ୍ଥଳର ବିଭିନ୍ନ ନମୁନା ସଂଗ୍ରହ କରିଥିଲା । ବୈଶିଙ୍ଗା ପୁଲିସ ମୃତ୍ୟୁର କାରଣ ଜାଣିବା ପାଇଁ ବ୍ୟାପକ ତଦନ୍ତ ଚଳାଇଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ ରହସ୍ୟ ଉନ୍ମୋଚନ ହେବ ବୋଲି ଜଣାଯାଇଛି ।

# ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ପକ୍ଷରୁ ବେଳାଭୂମିରେ ୪୫ ତମ କୁମାର ଉତ୍ସବ

ପୁରୀ, (ସବ୍ୟୁ): କୁମାର ପୂର୍ଣ୍ଣିମା ଅବସରରେ ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ପକ୍ଷରୁ ପୁରୀ ବେଳାଭୂମିରେ ୪୫ ତମ କୁମାର ଉତ୍ସବ ୨୦୨୪ ମହାସମାରୋହରେ ପାଳିତ ହୋଇଛି । ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଯୋଗ ଦେଇ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଶ୍ରୀ ଖୁଣ୍ଟିଆ ତାଙ୍କ ଅଭିଭାଷଣରେ କୁମାର ଉତ୍ସବର ଆୟୋଜକ ଦୀର୍ଘ ୪୫ ବର୍ଷ ଧରି ପୁରୀ ବେଳା ଭୂମିରେ କୁମାର ପୂର୍ଣ୍ଣିମା ତିଥି ଏଭଳି ଉତ୍ସବ ଆୟୋଜନ କରି ଆସୁଥିବାରୁ ଧନ୍ୟବାଦ୍ ଦେବା ସହ ଅନୁଷ୍ଠାନର ଉତ୍ତୋରତର ଉନ୍ନତି କାମନା କରି ଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ଆଲୋକ କୁମାର ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ସଭାପତି ରଜନୀ କୁମାର ଲେଙ୍କା କାର୍ଯକ୍ରମ ସମ୍ପର୍କରେ ତାଙ୍କ ଅଭିଭାଷଣ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସେବାୟତ ରାମ ଚନ୍ଦ୍ର ଦାସମହାପାତ୍ର, ଭଗବାନ ସୁଆର, ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ବିରେନ୍ଦ୍ର ଗୋଛିକାର, ବିଜୟ କୁମାର ଆପଟ ପ୍ରମୁଖ ମଞ୍ଚାସିନ ଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇ ଥିଲା । ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଥିବା କୃତି ପ୍ରତିଯୋଗୀ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା ।




## ହେମଗିରିରେ ସୁରଭିକୁ ବେଦାନ୍ତ ଆଲୁମିନିୟମର ସହଯୋଗ

# ୧୮୬ ବିଦ୍ୟାଳୟର ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହନ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ନିକଟରେ ଶିଶୁ ମହୋତ୍ସବ 'ସୁରଭି'କୁ ସହାୟତା ଯୋଗାଇ ଦେଇଛି, ଯାହାସ୍ଥାନୀୟ ଯୁବ ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ପାଇଁ ଏକ ରାଜ୍ୟସ୍ତରୀୟ ପ୍ଲାଟଫର୍ମ । ଗିରିସ୍ମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହେମଗିର ବ୍ଲକ ଅନ୍ତର୍ଗତ ୧୮ଗ୍ରାମ ପଞ୍ଚାୟତରେ ଥିବା ୧୮୬ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମରେ କଳା ଓ କାରିଗରୀ, ସଙ୍ଗୀତ, ନୃତ୍ୟ, ବିତର୍କ, ପ୍ରବନ୍ଧ ରଚନା, ବକ୍ତୃତା ଏବଂ ସୃଜନଶୀଳ ଲେଖା ସମେତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ଉତ୍ସବରେ ବ୍ଲକଶିକ୍ଷା ଅଧିକାରୀ (ବିଇଓ) କରୁଣାଏସ୍ ପଟେଲଙ୍କ ସମେତ ଅନ୍ୟ ବୁଦ୍ଧିଜୀବୀମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଇଓ ଶ୍ରୀ ପଟେଲ କହିଥିଲେ ଯେ ଭବିଷ୍ୟତର ନେତୃତ୍ୱ ଗଠନ ପାଇଁ ସୁରଭି ପ୍ରୋତ୍ସାହିତ କରିଥାଏ । ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବା ଏବଂ ସହଯୋଗ ଓ ନିଷ୍ଠାର ମୂଲ୍ୟ ଶିଖିବା ପାଇଁ ଏକ ନିଆରା ପ୍ଲାଟଫର୍ମ ପ୍ରଦାନ କରିଥିବାରୁ ସେ ବେଦାନ୍ତର ସହଯୋଗକୁ ଧନ୍ୟବାଦ ଜଣାଇଥିଲେ । ଅତିରିକ୍ତ ବ୍ଲକଶିକ୍ଷା ଅଧିକାରୀ (ଏବିଇଓ) କିଶୋର ଆର୍କସୁରଭିକୁ ବେଦାନ୍ତର ସମର୍ଥନକୁ ପ୍ରଶଂସା କରି କହିଛନ୍ତି, ବେଦାନ୍ତ ସମର୍ଥନରେ ସୁରଭି ଉତ୍ସବ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବା, ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପ୍ଲାଟଫର୍ମ ପାଲଟିଛି ଯେଉଁଠାରେ ସେମାନେ ବଡ଼ ସ୍ୱପ୍ନ ଦେଖିପାରିବେ ଏବଂ ଉଚ୍ଚ ଲକ୍ଷ୍ୟ ରଖିପାରିବେ ।

ବେଦାନ୍ତ ଆଲୁମିନିୟମର ଖଣି ବ୍ୟବସାୟ ଗୋଷ୍ଠିବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି, ଯେଉଁଥିରେ ଗୁଣାତ୍ମକଶିକ୍ଷା ଓ ଯୁବବର୍ଗଙ୍କ ଉନ୍ନତି ଜରିଆରେ ଗୋଷ୍ଠିର ବିକାଶ କରାଯାଉଛି । ଓଡ଼ିଶାର ଯୁବପିଢ଼ିଙ୍କ ଭବିଷ୍ୟତ ପାଇଁ ପୁଞ୍ଜି ନିବେଶ କରି ବେଦାନ୍ତ ଅଧିକ ସହଭାଗିତା, ଅଭିବୃଦ୍ଧି ଓ ବିକାଶର ମାର୍ଗ ପ୍ରଶସ୍ତ କରୁଛି । ବେଦାନ୍ତ ଆଲୁମିନିୟମ ରଣନୀତିକ ପ୍ରୋତ୍ସାହନ ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀଜୀବନ ଶୈଳୀ, ଗ୍ରାମୀଣ ଭିତ୍ତିଭୂମି ଏବଂ କ୍ରୀଡ଼ା ଓ ସଂସ୍କୃତି ମାଧ୍ୟମରେ ସମୃଦ୍ଧ ଗୋଷ୍ଠୀବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ । ଗ୍ରାମୀଣ ଓଡ଼ିଶାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା ପାଇଁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ ମାଧ୍ୟମରେ କମ୍ପାନି ପକ୍ଷରୁ ସ୍ୱାସ୍ଥ୍ୟସେବା ଆରମ୍ଭ ହୋଇଛି । ଏହି ପ୍ରୟାସ ଗୁଡିକ ଏହାର ପରିଚାଳନା ସୀମା ମଧ୍ୟରେ ଏବଂ ଏହା ବାହାରେ ଜୀବନକୁ ସକାରାତ୍ମକ ଭାବରେ ପ୍ରଭାବିତ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ସୂଚାଇ ଥାଏ । ସ୍ଥାନୀୟ କର୍ତ୍ତୃପକ୍ଷ, କଲ୍ୟାଣକାରୀ ସଂଗଠନ ଏବଂ ଗୋଷ୍ଠି ସଦସ୍ୟଙ୍କ ସହ ଘନିଷ୍ଠ ସହଯୋଗରେ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ସାମାଜିକ-ଅର୍ଥନୈତିକ ରୂପାନ୍ତରଣ ଦିଗରେ ସକ୍ରିୟ ଭାବରେ ଯୋଗଦାନ କରୁଛି । ବେଦାନ୍ତ ଲିମିଟେଡର ବ୍ୟବସାୟ ବେଦାନ୍ତ ଆଲୁମିନିୟମ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ, ଯାହା ଆର୍ଥିକ ବର୍ଷ ୨୪ରେ ଭାରତର ଆଲୁମିନିୟମର ଅଧାରୁ ଅଧିକ ଅର୍ଥାତ ୨.୩୭ ନିୟୁତ ଟନ୍ ଉତ୍ପାଦନ କରିଛି । ଏହାମୂଲ୍ୟ ଯୁକ୍ତ ଆଲୁମିନିୟମ ଉତ୍ପାଦ ଗୁଡ଼ିକରେ ଅନ୍ତର୍ଭୁକ୍ତ ଯାହା ମୁଖ୍ୟ ଶିଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ହୋଇଥାଏ ।



## ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ୨୦୨୪ରେ ଘର, କିଚେନ ଓ ଆଉଟଡୋରରେ ଉତ୍ସାହଜନକ ଅଫର

ଭୁବନେଶ୍ୱର (ସବ୍ୟୁ): ପାର୍ବଣ ଋତୁ ଆରମ୍ଭ ହେବା ସହିତ ଆମାଜନ ଗ୍ରେଟ୍ ଇଣ୍ଡିଆନ ଫେଷ୍ଟିଭାଲ ୨୦୨୪ରେ ଉପଲବ୍ଧ ହୋମ୍, କିଚେନ ଓ ଆଉଟଡୋର ପ୍ରଡକ୍ଟଗୁଡିକର ବିସ୍ତୃତ ଶୃଙ୍ଖଳା ସହ ନିଜ ବାସସ୍ଥାନକୁ ସୁନ୍ଦର କରିବା ପାଇଁ ଏହା ହେଉଛି ଉପଯୁକ୍ତ ସମୟ। ଆମାଜନରେ ଏହି ସେଲ୍ ସମୟରେ ଆଗାରୋ, ପ୍ରେଷ୍ଟିଜ୍, ସେଲୋ, କୋହଲର, ନିଲକମଲ, କ୍ୟୁବୋ, ଗୋଡରେଜ, ବଶ୍ ଭଳି ଲୋକପ୍ରିୟ ବ୍ରାଣ୍ଡଗୁଡିକ ଉପରେ ଉତ୍ସାହଜନକ ଅଫର ହାସଲ କରନ୍ତୁ। ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ସମୟରେ ଆପ୍ଲାଏନ୍ସ ବର୍ଗରେ ଆଗାରୋ ରିଜେନ୍ସି ଏୟାର ଫ୍ରାୟର ଫର୍ ମୂଲ୍ୟ ୮୨୯୯ ଟଙ୍କା ରହିଥିବା ବେଳେ ବଶ୍ ପ୍ରଫେସନାଲ ଜିଡବ୍ଲ୍ୟୁଏସ୍ ୬୦୦ ଆଙ୍ଗେଲ ଗ୍ରାଇଣ୍ଡର ୧୯୯୯ ଟଙ୍କା ଏବଂ ଇକୋଭାକ୍ସ ଡିବଟ ଏନ୍୨୦ ପ୍ରୋ ରୋବୋଟିକ ଭାକ୍ୟୁମ କ୍ଲିନର୍ ୨୭,୯୯୯ ଟଙ୍କାର ଆକର୍ଷଣୀୟ ମୂଲ୍ୟରେ ଉପଲବ୍ଧ ହେଉଛି। ସେହିପରି କିଚେନ ପ୍ରଡକ୍ଟ ମଧ୍ୟରେ ପ୍ରେଷ୍ଟିଜ ଆଇରିସ ଟଫେଣ୍ଡ ଗ୍ଲାସ୍-ଟପ ୩ ବ୍ରାସ୍ ବର୍ଣ୍ଣର ଏଲପିଜି ଗ୍ୟାସ ଷ୍ଟୋଭର ମୂଲ୍ୟ ୩୨୯୮ ଟଙ୍କା ରହିଥିବା ବେଳେ ସେଲୋ ଏମ୍ଏଫ୍ କ୍ଲିକ ଲଂଚ୍ ବକ୍ସ ସେଟ୍ର ମୂଲ୍ୟ ମାତ୍ର ୫୭୯ ଟଙ୍କା ରହିଛି।

# ପୁରୀର ୪ ଟି କେନ୍ଦ୍ରରେ ହବିଷିଆଳି ମା ମାନଙ୍କ ରହଣି ବ୍ୟବସ୍ଥା

ପୁରୀ, (ସବ୍ୟୁ): ଚଳିତ ବର୍ଷର ହବିଷ ବ୍ରତ ଅକ୍ଟୋବର ମାସ ୧୮ ତାରିଖରୁ ଆରମ୍ଭ ହୋଇ ଏକ ମାସ ପର୍ଯ୍ୟନ୍ତ ଚାଲିବଛ ଅନଲାଇନ ମାଧ୍ୟମରେ ପଞ୍ଜିକରଣ କରିଥିବ ହବିଷ୍ୟାଳୀ ମା ମାନଙ୍କୁ ୪ ଗୋଟି ରହଣି କେନ୍ଦ୍ରରେ ରଖାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି । ବୁଧବାର ପୂର୍ବାହ୍ନରେ ଟାଉନ ହଲ ଠାରେ ହବିଷ ବ୍ରତ ବା ରାଇଦାମୋଦର ବ୍ରତ କାର୍ଯ୍ୟରେ ନିୟୋଜିତ ଅଧିକାରୀ, କର୍ମଚାରୀ ଓ ସ୍ୱଚ୍ଛାସେବୀ ମାନଙ୍କୁ ନେଇ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା ଛ ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ହବିଷ୍ୟାଳୀ ମାନଙ୍କର ସେବା କୁ ନିଷ୍ଠା ଓ ଧର୍ମର କାର୍ଯ୍ୟ ବୋଲି ବିବେଚନା କରି ପ୍ରତ୍ୟେକ ଦାୟିତ୍ୱ ନିର୍ବାହ ପାଇଁ ଆହ୍ୱାନ ଦେଇଥିଲେ । ହବିଷ୍ୟାଳୀ କାର୍ଯ୍ୟରେ ଯେପରି କୌଣସି ଅବହେଳା ନ ହୁଏ ଓ ମା ମାନେ ଏକମାସ ଭଲ ଭାବରେ ହବିଷ ସାରି ନିଜ ଘରକୁ ଫେରିବେ ସେଥିପାଇଁ ସମସ୍ତେ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ସେ ଅନୁରୋଧ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ନିଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ଗୋପୀନାଥ କୁଅଁର ଯୋଗ ଦେଇ ପବିତ୍ର କାର୍ତ୍ତିକ ମାସରେ ହବିଷ୍ୟାଳୀ ମା ମାନଙ୍କର ଏକମାସର ବ୍ରତକୁ ନିଷ୍ଠାର ସହ ପାଳନ ପାଇଁ ସମସ୍ତ ସହଯୋଗ ଯୋଗାଇ ଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ । ତେଣୁ ବିଗତ ବର୍ଷ ର ଅଭିଜ୍ଞତା ଓ ଅନୁଭବ ଆଧାରରେ ଏହାକୁ ଚଳିତ ବର୍ଷ ଶୃଙ୍ଖଳିତ ଓ ସୁନ୍ଦର ଭାବେ ପରିଚାଳନା କରିବାକୁ ଅନୁରୋଧ କରିଥିଲେ । ଚଳିତ ବର୍ଷ ବୃନ୍ଦାବତୀ ନିବାସ, ଅକ୍ଷୟ ପାତ୍ର ,ବଗଲା ଧର୍ମଶାଳା ଓ ମୋଚିସାହି କଲ୍ୟାଣ ମଣ୍ଡପ ଠାରେ ହବିଷ୍ୟାଳୀ ମା ମାନଙ୍କର ରହଣି ର ବ୍ୟବସ୍ଥା ହୋଇଛି । ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଜିଲ୍ଲା ପ୍ରଶାସନ ସମସ୍ତ ସୁବିଧା ମା ମାନଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି । ଏହାକୁ ସମ୍ମିଳିତ ଭାବେ ସଫଳ କରିବାକୁ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ଅନୁରୋଧ କହିଥିଲେ । ସେମାନଙ୍କର ସୁରକ୍ଷିତ ରହଣି, ସୁରକ୍ଷା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ,ପାଲା ଇତ୍ୟାଦି ବ୍ୟବସ୍ଥା, ଚିକିତ୍ସା, ପରିମଳ,ପାନୀୟ ଜଳ, ନରେନ୍ଦ୍ର ରେ ସ୍ନାନ ବ୍ୟବସ୍ଥା, ସ୍ୱେଚ୍ଛାସେବୀ ସହଯୋଗ ଇତ୍ୟାଦି ବ୍ୟବସ୍ଥା କରାଯାଇଛି । ଏଥିପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ଙ୍କୁ ଦାୟିତ୍ୱ ଦିଆଯାଇଛି । ଏହାକୁ ସୁ ନିୟନ୍ତ୍ରିତ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀ ମାନଙ୍କୁ ଦାୟିତ୍ୱ ଦିଆଯାଇଛି । ମା ମାନଙ୍କୁ ଠାକୁର ଦର୍ଶନ ସମୟରେ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଆରକ୍ଷୀ ବିଭାଗ ଓ ସ୍ୱେଚ୍ଛାସେବୀ ମାନେ ସମନ୍ୱୟ ରଖି କାର୍ଯ୍ୟ କରିବେ । ଏହି କାର୍ଯ୍ୟ ଏକ ବ୍ୟାପକ ଓ ଏକ ମାସ ଧରି କରିବା ର ଆବଶ୍ୟକତା ଥିବାରୁ ବିଭାଗ ବିଭାଗର କର୍ମଚାରୀ ଓ ସ୍ୱେଚ୍ଛାସେବୀ ମାନଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯାଉଛି । ତେଣୁ ଏହି କାର୍ଯ୍ୟ କୁ ପାରସ୍ପରିକ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଅଧିକାରୀ ମାନେ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ,ସହଦେ ସାହୁ, ବିବେକାନନ୍ଦ ସାହୁ,ଏଡିଏମଓ ଡା ବିନୋଦ ବିହାରୀ ରଥ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ,ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ନବୀନଙ୍କ ଜନ୍ମଦିନରେ ବାରବାଟୀ କଟକ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବିଶାଳ ରକ୍ତ ଦାନ ଶିବିର



କଟକ (ସବ୍ୟୁ)ବୁଧବାର ଦିନ ସ୍ଥାନୀୟ ଟାଉନ ହଲ ଠାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଙ୍କ ୭୯ ତମ ଜନ୍ମଦିନ ଉପଲକ୍ଷେ ବାରବାଟୀ କଟକ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରକୁ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଉଦ୍ଘାଟନ କରିଥିଲେଛ ମୁଖ୍ୟ ଅତିଥି ରୂପେ ବାଙ୍କୀ ର ବିଧାୟକ ତଥା ରାଜ୍ୟ ଛାତ୍ର ବିଜେଡି ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ବିଜେଡି ନେତା ଡ଼. ସଂତୃପ୍ତ ମିଶ୍ର ଯୋଗଦେଇଥିଲେ । ଏଥିର ମୋଟ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥଲା । ଅତିଥି ମାନଙ୍କ ମଧ୍ୟରେ କଟକ ମହାନଗର ବିଜେଡି ସଭାପତି ମଧୁ ସୂଦନ ସାହୁ, ଜିଲ୍ଲା ବିଜେଡି ଉପ ସଭାପତି ଡ଼. ରଞ୍ଜନ ବିଶ୍ୱାଳ, ଜିଲ୍ଲା ସଂଖ୍ୟାଲଘୁ ସେଲ ସଭାପତି ସୟଦ ଏକ୍ରାମ ହୁସେନ, ଏମ.ଡି ସକିଲ, ଜ୍ଞାନେନ୍ଦ୍ରଗିରି ଗୌସାମୀ, ଆୟୁବ ଖାନ ମହିଳା ନେତ୍ରୀ ତନ୍ମୟା ରାଏ, ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ଙ୍କୁ ଉତ୍ସାହିତ କରିଥିଲେ ।

# ୟୁନିୟନ ବ୍ୟାଙ୍କ ପକ୍ଷରୁ ଚାରା ରୋପଣ



ଟାଙ୍ଗୀ,(ସ୍ୱପ୍ର): ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପରିସରରେ ପରିବେଶ ସୁରକ୍ଷା ଓ ବନୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗୋଷ୍ଠୀଭିତ୍ତିକ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର) କାର୍ଯ୍ୟକ୍ରମ ଅନୁଯାୟୀ ବିଭିନ୍ନ ଔଷଧୀୟ ଚାରାରୋପଣ କରାଯିବା ସହ ଏହାରେ ଉପକାରିତା ସଂପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା । ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ପ୍ରକୃତି ଓ ପରିବେଶ ସୁରକ୍ଷା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ମୁଖ୍ୟଅତିଥି ଭାବରେ ଯୋଗଦେଇ ବୃକ୍ଷରୋପଣ ର ଉପକାରିତା ସଂପର୍କରେ କହିଥିଲେ । ବ୍ୟାଙ୍କର ଏଜିଏମ୍ ( ଭିଜିଲାନ୍ସ) ପ୍ଲାବନ କୁମାର ବିଶ୍ୱାଳ, ଉପ ଆଞ୍ଚଳିକ ମୁଖ୍ୟ ଦିଲ୍ଲୀପ କୁମାର, ବରିଷ୍ଠ ପ୍ରବନ୍ଧକ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ, ଡ୍ରିମ୍ସ ଶାଖା ପ୍ରବନ୍ଧକ ସୁଭାଶିଷ ପରିଡା, ବିଶ୍ୱବିଦ୍ୟାଳୟ ବିତ୍ତ ବିଭାଗର ଅଧିକାରୀ ପ୍ରସନ୍ନ କୁମାର ସାହୁ, ମୃତ୍ୟୁଞ୍ଜୟ ପରିଡା, ନାରାୟଣ ମିଶ୍ର, ଜିତେନ୍ଦ୍ର କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ହବିଷିଆଳିଙ୍କ ଯାତାୟତ ପାଇଁ ସଫେଇ କାର୍ଯ୍ୟକ୍ରମ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବଘେଇପୁଟ ଅନନ୍ତେଶ୍ୱର ଦେବ ପୀଠକୁ କାର୍ତ୍ତିକ ମାସ ଅବସରରେ ଦୈନନ୍ଦିନ ହବିଶିଆଳ ମାନେ ପୂଜା ଅର୍ଚ୍ଚନା ପାଇଁ ଆସିବାର ଥିବାରୁ ଉକ୍ତ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ସଫେଇ କରାଯାଇଛି ।ଏହି କାର୍ଯ୍ୟକ୍ରମ ରତାମାଟିର ଯୁବଗୋଷ୍ଠୀ କରିଥିବା ଜଣାପଡିଛି। ଗ୍ରାମର ରାକେଶ କୁମାର ସାହୁ, ଦିବ୍ୟରଞ୍ଜନ ଶ୍ରୀଚନ୍ଦନ, ଜ୍ଞାନ ରଞ୍ଜନ ବିଶୋଇ, ଦିଲ୍ଲୀପ ମହାରଣା, ଆଶିଷ କୁମାର ସାହୁ, ସୁଶାନ୍ତ କୁମାର ବିଶୋଇ, ରାକେଶ କୁମାର ପ୍ରଧାନ, ଯତୀନ କୁମାର ସାମନ୍ତରାୟ, ଟିଙ୍କୁ ପାତ୍ର , ରୋହନ ବେହେରା ପ୍ରମୁଖ ଏକାଠି ହୋଇ ବୁଧବାର ଦିନ ଭକ୍ତମାନଙ୍କୁ ସୁବିଧା ଓ ଯାତାୟାତ ସୁଗମ ପାଇଁ ଏହି ରାସ୍ତାକୁ ମାଡ଼ି ଥିବା ଗଛଲତାକୁ କାଟି ସଫା କରିଛନ୍ତି। ଏଭଳି କାର୍ଯ୍ୟକୁ ଲୋକମାନେ ପ୍ରଶଂସା କରିଛନ୍ତି।

# ଝାଡଖଣ୍ଡରେ ନିର୍ବାଚନ, ଓଡିଶାକୁ ଗୁରୁତ୍ୱ

ଭୁବନେଶ୍ୱର, (ତଥ୍ୟ): ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି ଯେଉଁ ରଣନୀତି ପ୍ରସ୍ତୁତ କରିଛି ସେଥିରେ ଓଡ଼ିଶାକୁ ବିଶେଷ ଗୁରୁତ୍ୱ ଦିଆଯାଉଥିବା ଜଣାପଡିଛି। ଝାଡ଼ଖଣ୍ଡରେ ଥିବା ଓଡ଼ିଆ ଭାଷାଭାଷୀ ଓ ଅନୁସୂଚିତ ଜନଜାତିର ଭୋଟରମାନଙ୍କ ସଂଖ୍ୟା ପ୍ରାୟ ୪୦ ପ୍ରତିଶତ ହୋଇଥିବା ବେଳେ ଓଡ଼ିଶାର ନେତୃତ୍ୱ ଉପରେ କେନ୍ଦ୍ର ବିଜେପି ଭରସା ରଖିଛି । ଇତିମଧ୍ୟରେ ଓଡ଼ିଶାରେ ବିଜେପି ସରକାର ଗଢ଼ା ଯାଇଛି ଏବଂ ଆଦିବାସୀ ନେତା ମୋହନ ଚରଣ ମାଝୀଙ୍କୁ ବିଜେପି ମୁଖ୍ୟମନ୍ତ୍ରୀ କରାଇଛି। ନିକଟରେ ଶ୍ରୀ ମାଝୀ ଝାଡ଼ଖଣ୍ଡ ଗସ୍ତରେ ଯାଇ ଚାଇଁବସା ଅଞ୍ଚଳରେ କେତେକ ଦଳୀୟ ସଭା ସମିତିରେ ଯୋଗ ଦେଇଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ମଧ୍ୟ ରାଞ୍ଚି ଗସ୍ତରେ ଯାଇ ଧୂଆଁଧାର ପ୍ରଚାର କରି ଫେରିଛନ୍ତି। ବିଶେଷ କରି ଝାଡ଼ଖଣ୍ଡ ସୀମାନ୍ତରେ ଥିବା ଓଡ଼ିଶାର କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ଏଥର ବିଜେପି ବଡ଼ ସଫଳତା ହାସଲ କରିଛି। ଏହି ଜିଲ୍ଲାଗୁଡ଼ିକର ସାଂସଦ, ମନ୍ତ୍ରୀ, ବିଧାୟକ, କାର୍ଯ୍ୟକର୍ତ୍ତା ଆଦିଙ୍କ ମଧ୍ୟରୁ କେଉଁମାନଙ୍କୁ ଝାଡ଼ଖଣ୍ଡର କେଉଁ ଅଞ୍ଚଳରେ ନିର୍ବାଚନ ଦାୟିତ୍ୱରେ ରଖାଯିବ ସେଥିଘେନି ମଧ୍ୟ ଦଳର କେନ୍ଦ୍ରୀୟ ନେତୃତ୍ୱ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ଏମାନଙ୍କ ବ୍ୟତିତ ଓଡ଼ିଆ ନେତା ଭାବେ ଯେଉଁମାନଙ୍କ ପରିଚିତି ରହିଛି ଏବଂ ସିଂହଭୂମ, ଷଢ଼େଇକଳା, ଖରସୁଆଁ ଆଦି ଅଞ୍ଚଳ ସହ ଯୋଗାଯୋଗ ଅଛି ସେଭଳି ନେତାମାନଙ୍କୁ ମଧ୍ୟ ଓଡ଼ିଆ ଭୋଟରଙ୍କୁ ପ୍ରଭାବିତ କରିବା ଲାଗି ବିଜେପି ବ୍ୟବହାର କରିବ।

ଏଠାରେ ଉଲ୍ଲେଖନୀୟ ଯେ ଏହି ୩ଜିଲ୍ଲାର ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା, କଂଗ୍ରେସ, ବାମପନ୍ଥୀ ଏମିତିକି ବିଜେଡିର କିଛି ନେତା ମଧ୍ୟ ଝାଡ଼ଖଣ୍ଡ ନିର୍ବାଚନରେ ଇଣ୍ଡି ମେଣ୍ଟ ସପକ୍ଷରେ ପ୍ରଚାର କରିବା ପାଇଁ ସଜବାଜ ହୋଇ ରହିଛନ୍ତି। ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲା ସୀମାନ୍ତକୁ ଲାଗି ଝାଡ଼ଖଣ୍ଡର ଯେଉଁ ୧୮ଟି ବିଧାନସଭା ଆସନ ରହିଛି ସେ ସବୁକୁ ଅକ୍ତିଆର କରିବା ପାଇଁ ବିଜେପି ଆଗ୍ରହୀ। ପୂର୍ବରୁ ରୁଦ୍ର ପ୍ରସନ୍ନ ଷଡ଼ଙ୍ଗୀଙ୍କ ଭଳି ଝାଡ଼ଖଣ୍ଡର ଟାଣୁଆ ଓଡ଼ିଆ ନେତା ବହୁ ବର୍ଷ ଧରି ସାଂସଦ ଥିଲେ ଏବଂ ବସ୍ତୁତଃ ରୁଦ୍ର ହିଁ ଝାଡ଼ଖଣ୍ଡର ଓଡ଼ିଆ ବହୁଳ ଅଞ୍ଚଳରେ ତାଙ୍କ ପତିଆରା ଜାରି ରଖିଥିଲେ। ଡା. ଦୀନେଶ ଷଡ଼ଙ୍ଗୀଙ୍କ ଭଳି ଝାଡ଼ଖଣ୍ଡର ପୂର୍ବତନ ମନ୍ତ୍ରୀ ମଧ୍ୟ ସେଠାକାର ଓଡ଼ିଆ ସମାଜ ସହ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। ଏକଦା ଝାଡ଼ଖଣ୍ଡର ରାଜ୍ୟପାଳ ଥିବା ବିଜେପିର ପୂର୍ବତନ ମନ୍ତ୍ରୀ ଦ୍ରୌପଦୀ ମୁର୍ମୁ ଏବେ ଦେଶର ରାଷ୍ଟ୍ରପତି। ଝାଡ଼ଖଣ୍ଡର ଆଦିବାସୀ ଭୋଟରମାନଙ୍କ ସହ ରାଷ୍ଟ୍ରପତିଙ୍କ ଯେଉଁ ଆବେଗିକ ସମ୍ପର୍କ ରହିଛି ବିଜେପି ସେଥିରୁ ଫାଇଦା ଉଠାଇପାରେ। ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ରଘୁବର ଦାସ ଏବେ ଓଡ଼ିଶାର ରାଜ୍ୟପାଳ। ଝାଡ଼ଖଣ୍ଡ ନିର୍ବାଚନରେ ଏହା ଓଡ଼ିଆ ଭୋଟରଙ୍କ ଉପରେ ପ୍ରଭାବ ପକାଇବ ବୋଲି ରାଜନୈତିକ ବିଶ୍ଳେଷକମାନେ ଆଶାବ୍ୟକ୍ତ କରିଛନ୍ତି।

ଛତିଶଢ଼ ବିଧାନସଭା ନିର୍ବାଚନ ବେଳକୁ ସେଠାରେ ରାଜ୍ୟପାଳ ଥିଲେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ। ତାଙ୍କ ଉପସ୍ଥିତି ସେଠାକାର ଓଡ଼ିଆ ଭୋଟରମାନଙ୍କୁ ବିଜେପି ଆଡକୁ ଟାଣିବାରେ ସମର୍ଥ ହୋଇଥିଲା। ଏହାଛଡ଼ା ଛତିଶଗଡ଼ ସୀମାନ୍ତବର୍ତ୍ତୀ ଓଡ଼ିଶାର ବିଭିନ୍ନ ଅଞ୍ଚଳର ବହୁ ବିଜେପି ନେତା ଓ କର୍ମୀ ସେଠାକାର ବିଧାନସଭା ନିର୍ବାଚନ ବେଳେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଏଥର ମଧ୍ୟ ଝାଡ଼ଖଣ୍ଡ ନିର୍ବାଚନରେ ଓଡ଼ିଶାର ସହସ୍ରାଧିକ ନେତା ଓ କର୍ମୀଙ୍କୁ ସାମିଲ କରିବା ପାଇଁ ଯୋଜନା ହୋଇଥିବା ଜଣାପଡିଛି।

# ସୋଆରେ ବିଶ୍ୱ ଖାଦ୍ୟ ଦିବସ ଉପଲକ୍ଷେ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ) : ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍ଷ୍ଟିଟ୍ୟୁଟ ଅଫ୍ ଏଗ୍ରିକଲଚରାଲ ସାଇନ୍ସେସ ପକ୍ଷରୁ ବୁଧବାର ବିଶ୍ୱ ଖାଦ୍ୟ ଦିବସ ଉପଲକ୍ଷେ ଏକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀର ଆଲୋଚ୍ୟ ବିଷୟ ଥିଲା 'ବିଶ୍ୱ ଖାଦ୍ୟ ନିରାପତ୍ତାରେ କୃତ୍ରିମ ବୁଦ୍ଧିମତାର ଭୂମିକା'। ଏହି ଜାତୀୟ ସମ୍ମିଳନୀରେ ସିଓ୍ୱାଇଏସଡିର ମୁଖ୍ୟ ଜଗଦାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାରେ ଖାଦ୍ୟ ନିରାପତା କ୍ଷେତ୍ରରେ ଉପୁଜିଥିବା ଆହ୍ୱାନ ବିଷୟରେ ମତ ରଖିଥିଲେ। ସେ କହିଥିଲେ ଯେ ଓଡ଼ିଶାରେ ୨୯ ପ୍ରତିଶତ ୫ ବର୍ଷରୁ କମ ବୟସର ଶିଶୁ ଖାଦ୍ୟାଭାବ ଜନିତ ଦୁର୍ବଳତାର ଶିକାର ହେଉଛନ୍ତି । ଆଦିବାସୀ ଅଂଚଳରେ ଏହା ଅଧିକ ପରିଲକ୍ଷିତ ହେଉଛି। ପୁର୍ବରୁ ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଥିବା ଶ୍ରୀ ଜଗଦାନନ୍ଦ କହିଥିଲେ ଯେ ଏହାର ପ୍ରତିକାର ପାଇଁ ଜରୁରୀ ପଦକ୍ଷେପ ନେବା ଆବଶ୍ୟକ ।

ସେ କହିଥିଲେ ଯେ ଓଡ଼ିଶାରେ ମାତ୍ର ୩୦ ଭାଗ ଚାଷଜମିରେ ଜଳସେଚନ ସୁବିଧା ଥିବା ବେଳେ ବାକି ଜମି ବର୍ଷା ଉପରେ ନିର୍ଭରଶୀଳ। କୃଷି କ୍ଷେତ୍ରରେ ଏଥି ନିମନ୍ତେ ସମସ୍ୟା ଉପୁଜୁଛି। ତେଣୁ ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ସତ୍ତ୍ୱେ କୃଷି ଉତ୍ପାଦନ କିପରି ପ୍ରଭାବିତ ହେବ ନାହିଁ ସେଥି ନିମନ୍ତେ ଗବେଷଣା ଜରୁରୀ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏହି ସମ୍ମିଳନୀରେ ଅଧକ୍ଷତା କରିଥିଲେ । ସମ୍ମାନିତ ଅତିଥି ଭାବେ ଆଇସିଏଆର ପରିଚାଳିତ ସେଂଟ୍ରାଲ ହର୍ଟିକଲଚରାଲ୍ ଏକ୍ସପେରିମେଂଟ ଷ୍ଟେସନ୍ର ମୁଖ୍ୟ ତଥା ପ୍ରଧାନ ବୈଜ୍ଞାନିକ ଡ. ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ ଯୋଗ ଦେଇ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଖାଦ୍ୟ ନିରାପତା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ସୋଆ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଏହି ସମ୍ମିଳନୀ ଅନେକ ଛାତ୍ର ଗବେଷକଙ୍କୁ ପ୍ରଭାବିତ କରିବ ବୋଲି କହିଥିଲେ । ଆଏଇଏଏସ୍ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଏହି ସମ୍ମିଳନୀର ଆଭିମୁଖ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ଆବାହକ ପ୍ରଫେସର ବିବୁଧ ପରାଶର ସ୍ୱାଗତ ଭାଷଣ ଦେବା ସହ ପ୍ରଫେସର ସରୋଜ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ । ବିଶ୍ୱ ଖାଦ୍ୟ ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ସମ୍ମିଳନୀର ସ୍ମରଣିକା ମଧ୍ୟ ଉନ୍ମୋଚିତ ହୋଇଥିଲା । ଉଦ୍ଘାଟନ ଉତ୍ସବ ପରେ ସମ୍ମିଳନୀରେ ଅନୁଷ୍ଠିତ ସ୍ୱତନ୍ତ୍ର ଅଧିବେଶନରେ ପ୍ରଫେସର ସର୍ବନାରାୟଣ ମିଶ୍ର ଡ. ଦେବାଶିଷ ମହାନ୍ତି, ଡ. ଜି.ଏ.କେ. କୁମାର, ଏସ୍.କେ ମୁଶାରଫ ହୁସେନ୍ ପ୍ରମୁଖ ବକ୍ତା ଭାବ ଯୋଗ ଦେଇଥିଲେ। ପ୍ରଫେସର ପ୍ରଭାତ କୁମାର ଷଡ଼ଙ୍ଗୀ ମଂଚ ସଂଯୋଜନା କରିଥିଲେ। ଏଥିରେ ଦୁଇ ଶହରୁ ଅଧିକ ଛାତ୍ରଛାତ୍ରୀ, ଅଧାପକ, ଗବେଷକ ଓ ବୈଜ୍ଞାନିକ ଅଂଶ ଗ୍ରହଣ କରିଥିଲେ।



## ନିଖୋଜ ବୃଦ୍ଧ ଉଦ୍ଧାର

ବାରଙ୍ଗ ,(ସବ୍ୟୁ) : ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ପରିବାର ସହ ପରିଭ୍ରମଣରେ ଆସିଥିବା ଜଣେ । ପର୍ଯ୍ୟଟକ ମଙ୍ଗଳବାର ସନ୍ଧ୍ୟାରେ ରେ ନିଖୋଜ ହୋଇଥିବା ସୂଚନା ମିଳିଛି ।ଏନେଇ ନନ୍ଦନକାନନ ଥାନାରେ ପରିବାର ପକ୍ଷରୁ ଅଭିଯୋଗ ହୋଇଥିବାର ଜଣାପଡିଛି।ଅନ୍ୟପଟେ ମଙ୍ଗଳବାର ରାତିରେ ଅସହାୟ ଅବସ୍ଥାରେ ଜଣେ ବୃଦ୍ଧ ବୁଲୁଥିବା ବେଳେ ମରିଚିଆ ଗ୍ରାମରୁ ବୃଦ୍ଧଙ୍କୁ ଉଦ୍ଧାର କରି ଗ୍ରାମବାସୀ ମାନେ ପୋଲିସର ଜିମା ଦେଇଛନ୍ତି ।ବୃଦ୍ଧ ଜଣକ ପୁରୀ ଜିଲ୍ଲା କଣାସ ଥାନା ଗଡ଼ସାନପୁଟ ଅଞ୍ଚଳର ଜାଗେଶ୍ୱର ଗୁମାନସିଂହ (୭୭) ବୋଲି ଜଣାପଡିଛି।ପ୍ରକାଶ ଯେ, ମଙ୍ଗଳବାର ରାତିରେ ଜାଗେଶ୍ୱର ଅସହାୟ ଅବସ୍ଥାରେ ମରିଚିଆ ଗ୍ରାମ ନିକଟରେ ବୁଲୁଥିବା ସମୟରେ ଗ୍ରାମର କିଛି ଯୁବକ ଏହା ଦେଖି ତାଙ୍କ ବିଷୟରେ ପଚାରି ବୁଝିଥିଲେ। ଏହାପରେ ନନ୍ଦନକାନନ ଥାନାକୁ ଡ଼ାକି ବୃଦ୍ଧଙ୍କୁ ହସ୍ତାନ୍ତର କରିଥିଲେ।ପୋଲିସ ତଦନ୍ତ ବେଳେ ସୂର୍ଯ୍ୟନଗର ଅଞ୍ଚଳରେ ରହୁଥିବା ବଡ଼ଝିଅ ଓ ଜ୍ୱାଇଁ ଘରୁ ଜାଗେଶ୍ୱର ଗୁମାନସିଂହଗତ ୧୨ ତାରିଖରୁ କେଉଁଆଡେ ଚାଲି ଆସିଥିବାର କ୍ୟାପିଟାଲ ଥାନାରେ ନିଖୋଜ ଅଭିଯୋଗ ହୋଇଥିବାର ଜଣା ପଡ଼ିବା ପରେ ବୃଦ୍ଧର ପରିବାର ଲୋକଙ୍କୁ ଖବର ଦେଇଥିଲା।ପରିବାର ଲୋକ ଆସି ବୃଦ୍ଧଙ୍କୁ ଥାନାରୁ ନେଇଯାଇଥିବାର ଜଣାପଡିଛି।

# କଳାକୁଞ୍ଜ ମହୋତ୍ସବ ଓ ସମ୍ମାନ ପ୍ରଦାନ ଉତ୍ସବ



ଭୁବନେଶ୍ୱର (ସବ୍ୟୁ): ଶ୍ରୀରାଧା କଳାକୁଞ୍ଜ ଟ୍ରଷ୍ଟ ଆନୁକୂଲ୍ୟରେ କଳାକୁଞ୍ଜ ମହୋତ୍ସବ ଭୁବନେଶ୍ୱର ସ୍ଥିତ ଭଞ୍ଜକଳାମଣ୍ଡପରେ ଆୟୋଜିତ ହୋଇଯାଇଛି । ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟକୁ ଲୋକାଭିମୁଖି କରିବା ଉଦ୍ଦେଶ୍ୟରେ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଗୁରୁ ଡ. ମନୋରଞ୍ଜନ ପ୍ରଧାନ ଓ ଗୁରୁ ମୀନତି ପ୍ରଧାନଙ୍କ ପ୍ରୟାସକୁ ଅତିଥିଗଣ ପ୍ରସଂଶା କରିଥିଲେ । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ନୃତ୍ୟାଚାର୍ଯ୍ୟ ଦୁର୍ଗା ଚରଣ ରଣବୀର, ପ୍ରସିଦ୍ଧ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ ଓ ମ୍ୟାଗନମ୍ ନିର୍ଦ୍ଦେଶିକା ଡ. ରୀତାରାଣି ପାଢ଼ି ଉତ୍ସବକୁ ଶୁଭାରମ୍ଭ କରିଥିଲେ । ପ୍ରାରମ୍ଭରେ ବିଶିଷ୍ଟ ବ୍ୟକ୍ତିଙ୍କୁ ଅତିଥିମାନେ କଳାକୁଞ୍ଜ ସମ୍ମାନ ପ୍ରଦାନ କରିଥିଲେ । ଡ. ସ୍ନେହପ୍ରଭା ସାମନ୍ତରାୟଙ୍କୁ କଳାକୁଞ୍ଜ ନୃତ୍ୟଶ୍ରୀ ସମ୍ମାନ, ଡ. ସଙ୍ଗୀତା ଗୋସାଇଁଙ୍କୁ କଳାକୁଞ୍ଜ ଗାୟକଶ୍ରୀସମ୍ମାନ ଓ ଗୁରୁ ପ୍ରଫୁଲ୍ଲ କୁମାର ବଳଙ୍କୁ କଳାକୁଞ୍ଜ ବାଦ୍ୟଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା ।

କାର୍ଯ୍ୟକ୍ରମରେ ଅଷ୍ଟଲକ୍ଷ୍ମୀ ବନ୍ଦନା, ଓଡ଼ିଶୀ ମଙ୍ଗଳାଚରଣ, ସ୍ଥାୟୀ ନୃତ୍ୟ, ବସନ୍ତ ପଲ୍ଲଵୀ, ନବଦୁର୍ଗା, ପଞ୍ଚଦେବ ସ୍ତୁତି ସହ ବୃନ୍ଦ ତବଲାବାଦନ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ ଶ୍ରୀରାଧା କଳାକୁଞ୍ଜ ଟ୍ରଷ୍ଟର ଛାତ୍ରଛାତ୍ରୀ ଗଣ । ଗୁରୁ ମିନତୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରହ୍ମାକୁମାରୀ ବ୍ରହ୍ମପୁର ମୁଖ୍ୟ ସଞ୍ଚାଳିକା ମଞ୍ଜୁଙ୍କ ପରଲୋକ



ବ୍ରହ୍ମପୁର, (ସବ୍ୟୁ):ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ବ୍ରହ୍ମପୁର ମୁଖ୍ୟ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ମଞ୍ଜୁ (୮୦)ଦିଦିଜୀଙ୍କ ବୁଦବାର ସକାଳେ ପରଲୋକ ଘଟିଛି । ଗତ କିଛିଦିନ ଧରି ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେଉଥିବାରୁ ତାଙ୍କୁ ଏମ୍.କେ.ସି.ଜି. ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ହୋଇ ଥିଲେ। ସେ ଜଣେ ସୁସଂସ୍କୃତ ସମ୍ପନ୍ନା, ମିଷ୍ଟଭାଷିଣୀ, ବାଗ୍ମୀ, ଜ୍ଞାନୀ ତଥା ଅସାଧାରଣ ଧୀଶକ୍ତି ସମ୍ପନ୍ନା ଓ ରାଜଯୋଗ ସାଧନାରେ ସିଦ୍ଧହସ୍ତା ଥିଲେ । ତାଙ୍କରି ଈଶ୍ୱରୀୟ ଆଧ୍ୟାତ୍ମିକ ଜ୍ଞାନର ପରାକାଷ୍ଠା ସର୍ବଜନ ବିଦିତ ଛ ନିଜ ଓଜସ୍ୱିନୀ ଭାଷଣ ମାଧ୍ୟମରେ ଜନସାଧାରଣଙ୍କୁ ଦୀର୍ଘ ସମୟ ଧରି ସେ ମନ୍ତ୍ରମୁଗ୍ଧ କରି ରଖୁଥିଲେ । ସେ ଜଣେ ସୁଲେଖିକା ମଧ୍ୟ ଥିଲେ ଛ ସମାଜରେ ପ୍ରଚଳିତ ଭିନ୍ନ-ଭିନ୍ନ ପ୍ରଥା, ପରମ୍ପରା ଏବଂ ପର୍ବପର୍ବାଣୀ ମାନଙ୍କର ଅନ୍ତର୍ନିହିତ ଆଧ୍ୟାତ୍ମିକତାକୁ ପରିସ୍ଫୁଟ କରାଇବାରେ ତାଙ୍କ ଲେଖନୀ ସର୍ବଦା ଚଳଚଞ୍ଚଳ ଥିଲା । ବର୍ତ୍ତମାନର ଦୁଖ, ଅଶାନ୍ତି, ବ୍ୟସ୍ତବହୁଳ ଏବଂ ସମସ୍ୟା ଜର୍ଜରିତ ମାନବ ସମାଜ ପ୍ରତି ଦୟା, କରୁଣା ଭାବ ଅବର୍ଣ୍ଣନୀୟଛ ସେ ବିଭିନ୍ନ ଧାର୍ମିକ, ସାମାଜିକ ଏବଂ ଶୈକ୍ଷଣିକ ଅନୁଷ୍ଠାନ ମାନଙ୍କର ନିମନ୍ତ୍ରଣ କ୍ରମେ ସେଠାରେ ଉପସ୍ଥିତ ରହି ଆଲୋଚ୍ୟ ବିଷୟ ସମ୍ପର୍କରେ ସୁବିସ୍ତୃତ ମାର୍ଗଦର୍ଶନ କରାଉଥିଲେ । ସଂସ୍ଥାର ଅନ୍ତରାଷ୍ଟ୍ରୀୟ ମୁଖ୍ୟାଳୟ, ମାଉଣ୍ଟଆବୁରେ ମଧ ବିଭିନ୍ନ ଆଧ୍ୟାତ୍ମିକ ସଭା ଏବଂ ସମ୍ମିଳନୀରେ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରୁଥିଲେ । ତାଙ୍କରି ଅବର୍ତ୍ତମାନରେ ବ୍ରହ୍ମାକୁମାରୀ ଅନୁଷ୍ଠାନର ସମସ୍ତ ଆଞ୍ଚଳିକ, ଜିଲ୍ଲାସ୍ତରୀୟ, ପ୍ରାଦେଶିକ କାର୍ଯ୍ୟାଳୟରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଉତ୍ତର ପ୍ରଦେଶର ମିରଟ ସହରରେ ୧୯୪୫ ମସିହା ମାର୍ଚ୍ଚ ୭ ତାରିଖରେ ଜନ୍ମଗ୍ରହଣ କରିଥିବା ମଞ୍ଜୁ ଦିଦିଜୀଙ୍କର ଗୁରୁକୁଳ ପରମ୍ପରା ଅନୁସାରେ ପ୍ରାଥମିକ, ମାଧ୍ୟମିକ ଶିକ୍ଷା ଏବଂ ତତପଶ୍ଚ୍ଚା ଉଚ୍ଚଶିକ୍ଷା ସମ୍ପନ୍ନ ହୋଇଥିଲା । ସେ ୧୯୬୨ ମସିହାରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ସମ୍ପର୍କରେ ଆସି ଏହାର ଆଧ୍ୟାତ୍ମିକ ଜ୍ଞାନ ଏବଂ ରାଜଯୋଗ ସାଧନ ପ୍ରଣାଳୀରେ ଅନୁପ୍ରାଣୀତ ହୋଇ ଥିଲେ । ୧୯୬୭ ମସିହାରେ ଦିଲ୍ଲୀ ସହରର କମଳାନଗର ସେବା କେନ୍ଦ୍ରରେ ନିଜ ଜୀବନକୁ ସମର୍ପଣ କରିଥିଲେ । ତତ୍ପରେ ୧୯୬୯ ମସିହାରେ ମାଉଣ୍ଟଆବୁରେ ବିଶେଷ ସେବା ପ୍ରଦାନ କରିଥିଲେ । ଭାରତ ବର୍ଷର ଆନ୍ଧ୍ରପ୍ରଦେଶ, ହରିୟାନା, କର୍ଣ୍ଣାଟକ, ମହାରାଷ୍ଟ୍ର ଆଦି ସହରରେ ବିଭିନ୍ନ ପର୍ଯ୍ୟାୟରେ ସେ ଈଶ୍ୱରୀୟ ସେବାରେ ମଗ୍ନ ରହି ଓଡ଼ିଶାର କଟକ ପରେ ୧୯୮୬ ମସିହାରୁ ବ୍ରହ୍ମପୁର ଶାନ୍ତିକୁଣ୍ଡରେ ଅବିରତ ଈଶ୍ୱରୀୟ ସେବା ପ୍ରଦାନ କରିଥିଲେ ।

ଏପରି ମହାନୁଭବ ସମ୍ପନ୍ନାଙ୍କର ୧୭ ତାରିଖ ଗୁରୁବାର ପର୍ଯ୍ୟନ୍ତ ଅଖଣ୍ଡ ଯୋଗଭଟ୍ଟୀ ରଖାଯାଇଛି । ଉକ୍ତ ଦିନ ପୂର୍ବାହ୍ନ ୧୦ ଘଣ୍ଟ ସମୟରେ ଶାନ୍ତିକୁଣ୍ଡରୁ ଏକ ବାଇକ ଶୋଭାଯାତ୍ରା ମାଧ୍ୟମରେ ରାମଚନ୍ଦ୍ରପୁରସ୍ଥ ପ୍ରଭୁ ଉପହାର ରିଟ୍ରିଟ ସେଣ୍ଟର ନିଆଯିବ ଯେଉଁଠାରେ ମଧ୍ୟାହ୍ନ ୧୨ ଘଟିକା ସମୟରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହେବ । ଏହି କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ତାଙ୍କର ଲୌକିକ ପରିବାରବର୍ଗ, ସେବାକେନ୍ଦ୍ର ମାନଙ୍କର ସଂଚାଳିକା ତଥା ସହରର ବୁଦ୍ଧିଜୀବୀଗଣ ଏବଂ ବ୍ରହ୍ମାକୁମାର, ବ୍ରହ୍ମାକୁମାରୀମାନଙ୍କ ସୁଅ ଛୁଟିବାରେ ଲାଗିଛି ।

# ଛତ୍ରପୁରରେ ମା' ଗଜଲକ୍ଷ୍ମୀଙ୍କ ପୂଜା

ଛତ୍ରପୁର, (ସବ୍ୟୁ) : ବୁଧବାର ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁର ସହର।ଲୋଏର ବସଷ୍ଟାଣ୍ଡ ରେ ଥିବା ଲକ୍ଷ୍ମୀ ବଜାର ମାର୍କେଟ କମ୍ପ୍ଲେକ୍ସ ଠାରେ ମା ଗଜଲକ୍ଷ୍ମୀ ଙ୍କ ପୂଜା ବେଶ ଧୁମଧାମରେ ପାଳନ କରାଯାଇଛି । ସୁନ୍ଦର ତୋରଣ ସହିତ ଆଲୋକ ମାଳା ରେ ପୂଜା ମଣ୍ଡପ ଗୁଡିକୁ ସୁସଜ୍ଜିତ କରାଯାଇଛି ।।ମାଙ୍କ ଏହି ପୂଜା ୭ ଦିନ ଧରି ଚାଲିବାକୁ ଥିବା ବେଳେ ଅକ୍ଟୋବର ୨୨ ତାରିଖରେ ଏହି ପୂଜା ଉଦଯାପିତ ହେବ। ସକାଳୁ କର୍ମକାଣ୍ଡ ବିଶେଷଜ୍ଞ ପଣ୍ଡିତ ଡ଼.ସରୋଜ କୁମାର ଶତପଥିଙ୍କ ପୌରହିତ୍ୟରେ ସୂର୍ଯ୍ୟପୂଜା, ହୋମ ଅନୁଷ୍ଠିତ ହୋଇଥିଲା। ୯ ପଣ୍ଡିତ ନୃସିଂହ ପଣ୍ଡା ଓ ରାହୁଲ କୁମାର ଦାଶ କାର୍ଯ୍ୟ ତୁଲାଇଥିଲେ । ମାଙ୍କ ଆଳତି ଦର୍ଶନ କରିବା ପାଇଁ ଛତ୍ରପୁର ଏବଂ ଆଖ ପାଖ ଅଂଚଳର ବହୁ ଶ୍ରଦ୍ଧାଳୁ ପୂଜା ମଣ୍ଡପରେ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା। ବୁଧବାର ତଥା ପ୍ରଥମ ଦିନରେ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ମାନେ ମଣ୍ଡପକୁ ଆସି ମା ଗଜଲକ୍ଷ୍ମୀ ଙ୍କୁ ଦର୍ଶନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ କୁ ପୂଜା କମିଟି ର ସଭାପତି ବସନ୍ତ କୁମାର ମହାରଣା, ଉପ ସଭାପତି



ମନୋଜ କୁମାର ସାହୁ, ସମ୍ପାଦକ ପ୍ରଦୀପ କୁମାର ସାହୁ, କୋଷାଧ୍ୟକ୍ଷ ଅତୁଲ କୁମାର ଦାଶ, ଏସ. ପ୍ରବୀଣ କୁମାର, କେ. କମଲାଙ୍କର, ଆରତ ବିଶ୍ୱାଳ, ଲିପୁନ ବିଶ୍ୱାଳ, କେଞ୍ଚୁ ପୁରୋହିତ, ସୁରେନ୍ଦ୍ର ବେହେରା, ବାବୁ ବେହେରା, ସରୋଜ ପାଢ଼ୀ, ଅଖିଳ ପାଣିଗ୍ରାହୀ, ରବିନାରାୟଣ ବେହେରା, ଭି. ରମେଶ,ପ୍ରଶାନ୍ତ କୁମାର ମହାରଣା,ସରୋଜ କୁମାର ସାମଲ, ଅଶୋକ କୁମାର ବେହେରା, କେ ଶ୍ରୀନିବାସ ଦୋରା, ଗୌରହରି ସାମଲ, ଗୌରୀଶଙ୍କର ରଥ,ସନ୍ତୋଷ ସାହୁ ଙ୍କ ସମେତ ବହୁ ପୂଜା କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା

ବୁଗୁଡ଼ା,(ସବ୍ୟୁ): ବୁଗୁଡ଼ା ଅଞ୍ଚଳର ବିଭିନ୍ନସ୍ଥାନରେ କୁମାର ପୂର୍ଣ୍ଣମୀ ଅବସରରେ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବୁଗୁଡାସହରର ବଡଦାଣ୍ଡ , ହାଇସ୍କୁଲ ଛକ ଓ ବ୍ଲକ କଲୋନୀସମେତ ଜଗତ ପାଟଣା, ଗୋଲାମୁଣ୍ଡୁଳା , ମାଣିତରା, ଆଦିପୁର, ଖୋଳଖାଳି, ବି.କରଡ଼ାବାଡ଼ି, ଚଢିଆପଲ୍ଲୀ, ଗୋଲିଆ, ଚିରିକିପଡା ଆଦି ବିଭିନ୍ନ ଗ୍ରାମରେ ଗଜଲକ୍ଷ୍ମୀଙ୍କ ପୂଜା ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛ। ପୁରୋହିତମାନଙ୍କ ଦ୍ୱାରା ବିଭିନ୍ନ ପୂଜାମଣ୍ଡପରେ ବିରାଜିତ ଗଜଲକ୍ଷ୍ମୀଙ୍କର ହୋମ ଯଜ୍ଞ ସହ ପୂଜା ମନ୍ତ୍ର ପାଠ ଆଦି କାର୍ଯ୍ୟକ୍ରମ ହୋଇଥିଲା । ସ୍ଥାନୀୟ ବ୍ଲକ୍ କଲୋନୀ ପୂଜା ମଣ୍ଡପରେ ଦେବୀ ଗଜଲକ୍ଷ୍ମୀଙ୍କ ପୂଜା କାର୍ଯ୍ୟ ପୁରୋହିତ ଚିତ୍ତ ରଞ୍ଜନ ଦାଶ ଓ ଶକ୍ତି ପ୍ରସାଦ ହୋତା ଦ୍ୱାରା ସମ୍ପାଦିତ ହୋଇଥିଲା ବେଳେ କର୍ତ୍ତା ଭାବେ ନିଳାଞ୍ଚଳ ପଣ୍ଡା ଦାୟିତ୍ୱ ର୍ନିବାହ କରିଥିଲେ । ସେହିପରି ହାଇସ୍କୁଲ ଛକ ପୂଜା ମଣ୍ଡପରେ ମା ଗଜଲକ୍ଷ୍ମୀଙ୍କ ପୂଜାକାର୍ଯ୍ୟରେ ପୁରୋହିତ ଭାବେ ଦିଲ୍ଲୀପ କୁମାର ଦାଶ ଏବଂ କର୍ତ୍ତା ଭାବେ ମନୋଜ ସାହୁ ଯୋଗ ଦେଇଥିଲେ । ଦେବୀ ଗଜଲକ୍ଷ୍ମୀଙ୍କ ଦର୍ଶନାର୍ଥେ ବିଭିନ୍ନ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

# ୧ରୁ ଖୋଲିବ କୁଲଡ଼ିହା ଅଭୟାରଣ୍ୟ

ନୀଳଗିରି,(ସବ୍ୟୁ) : ଆସନ୍ତା ନଭେମ୍ବର ମାସ ୧ତାରିଖ ଶୁକ୍ରବାର ଦିନ ଖୋଲିବାକୁ ଯାଉଛି କୁଲଡ଼ିହା ହାତୀ ଅଭୟାରଣ୍ୟ । ଏହି ପରିପ୍ରେକ୍ଷୀରେ ବନ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି । ଏଥର ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିବ ନନ୍ଦନକାନନରୁ ଆସିଥିବା ୨୭ଟି ନବାଗତ ହରିଣ ମିଳିଥିବା ସୂଚନାରୁ ଜଣାପଡ଼ିଛି ଯେ ପ୍ରଥମ ପର୍ଯ୍ୟାୟରେ ଅଗଷ୍ଟ ୧୨ ତାରିଖ ଦିନ ନନ୍ଦନକାନନରୁ ୧୨ଗୋଟି ହରିଣ ଅଣାଯାଇ କୁଲଡ଼ିହା ଅଭୟାରଣ୍ୟରେ ଛଡ଼ାଯାଇଥିଲା । ଏବେ ଗତ ୧୧ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ୧୫ଗୋଟି ହରିଣ ଅଣାଯାଇ ଏକ ସୁରକ୍ଷା ବଳୟରେ ବେରିକେଟ କରାଯାଇ ରଖାଯାଇଛି । ପରିବେଶ ସହିତ ଖାପଖାଇବା ପର୍ଯ୍ୟନ୍ତ ଏଭଳି ଭାବେ ହରିଣମାନଙ୍କୁ ସୁରକ୍ଷା ବଳୟରେ ବେରିକେଟ ମଧରେ ରଖାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସମସ୍ତ ହରିଣଙ୍କୁ କାର୍ଗୋକେଜ ଗାଡ଼ି ଦ୍ୱାରା ଅଣାଯାଇଥିବା ବେଳେ ସମୁଦାୟ ୨ଶହ ଗୋଟି ହରିଣ ଅଣାଯିବାର କାର୍ଯ୍ୟକ୍ରମ ରହିଛି । ବର୍ଷାଦିନ ପାଇଁ ପର୍ଯ୍ୟଟକମାନଙ୍କ ସୁରକ୍ଷା ଦୃଷ୍ଟିରୁ ଗତ ଜୁନ୍ ୧୫ ତାରିଖରୁ କୁଲଡ଼ିହା ଅଭୟାରଣ୍ୟ ବନ୍ଦ ରହିଥିବା ବେଳେ ଶୀତରତୁ ଆଗମନରେ ସୌନ୍ଦର୍ଯ୍ୟମୟୀ କୁଲଡ଼ିହା ଅଭୟାରଣ୍ୟକୁ ଆସନ୍ତା ନଭେମ୍ବର ୧ତାରିଖରୁ ଜୁନମାସ ୧୫ ପର୍ଯ୍ୟନ୍ତ ଖୋଲାଯିବ । ପ୍ରକୃତି ପ୍ରେମୀ ଓ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ବନବିଭାଗ ପକ୍ଷରୁ ଗୋହିରାଭୋଳ ଠାରେ ରାତ୍ରୀ ରହଣୀ ନିମନ୍ତେ ରିସିଆ ପ୍ରକୃତି ନିବାସରେ ୯ଗୋଟି ତମ୍ବୁଘର, ପିଇବା ପାଣି, ଶୌଚାଳୟ ଏବଂ ଆଲୋକର ବ୍ୟବସ୍ଥା ସହ ରୁଚିକର ଖାଦ୍ୟ ବ୍ୟବସ୍ଥା କରାଯାଇଛି । ନେଚର୍ସ କ୍ୟାମ୍ପ ପାଖରେ ପର୍ଯ୍ୟଟକଙ୍କ ପାଇଁ ରିସିଆ ବଣପାହାଡ଼ ଘେରା ୨୭୨.୭୫ବର୍ଗ କି.ମି. ପରିବ୍ୟାପ୍ତ କୁଲଡ଼ିହା ଅଭୟାରଣ୍ୟର ଅପରୂପ ସୌନ୍ଦର୍ଯ୍ୟ ସହ ପର୍ଯ୍ୟଟକମାନେ ବୁଲିବା ସମୟରେ ୪ଟି କୃତ୍ରିମ ସଲ୍ଟପିଟ, ୫ଟି ୱାର୍କ ଟାୱାର ଜରିଆରେ ଅତିନିକଟରୁ ପଶୁପକ୍ଷୀମାନଙ୍କୁ ଦେଖିବାର ବ୍ୟବସ୍ଥା କରାଯାଇଛି ।

# ଆଦିବାସୀ ନାବାଳିକା ଦୁଷ୍କର୍ମର ଶିକାର

ମୋରଡା ,(ସବ୍ୟୁ) : ମୟୁରଭଞ୍ଜ ଜିଲ୍ଲା ମୋରଡା ଥାନା ଅଂଚଳର ଜଣେ ନାବାଳିକାକୁ ମଙ୍ଗଳବାର ଦିନ ସ୍ଥାନୀୟ ଲୋକେ ମୁର୍ମୁଷ ଅବସ୍ଥାରେ ଉଦ୍ଧାର କରି କିସାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ହାମ୍ବିରା ମୁର୍ମୁ ଏବାବଦରେ ମୋରଡା ପୁଲିସକୁ ସୂଚନା ଦେଇଥିଲେ । ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚି ତଦନ୍ତ ଆରମ୍ଭ କରିଥିବା ଲେ ଜଣକୁ ଅଟକ ରଖି ପଚରା ଉଚରା କରୁଥିବାର ଜଣାପଡିଛି ।ତେବେ ବିଶେଷ ସୂତ୍ରରୁ ଏହା ଏକ ଦୁଷ୍କର୍ମ ହୋଇଥିବା ପ୍ରକାଶ ପାଇଥିବା ବେଳେ ଘଟଣାକୁ ନେଇ ମୋରଡା ପୁଲିସ ମୁହଁ ଖୋଲୁ ନଥିବା ଦେଖାଯାଇଛି । ନାବାଳିକାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଂକଟାପନ୍ନ ଥିବାରୁ ବାରିପଦା ଜିଲ୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ସେଠାରେ ସ୍ୱାସ୍ଥ୍ୟ ଅବସ୍ଥା ପୁଣି ଗୁରୁତ୍ତର ହେବାରୁ ଉକ୍ତ ନାବାଳିକାକୁ କଟକ ଏସସିବି ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି । ମୋରଡା ଥାନା ଅଧିକାରୀ ସତ୍ୟନାରାୟଣ ବଳଙ୍କୁ ପଚାରିବାରୁ ମୋରଡା ଥାନାରେ ଏନେଇ ୨୮୮/୨୪ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଲେ ଅନ୍ୟ କୌଣସି ତଥ୍ୟ ପ୍ରକାଶ କରି ନଥିଲେ।

# ରାବଣ ପୋଡ଼ି ଅବସରରେ ରକ୍ତଦାନ ଶିବିର

ଭୋଗରାଇ,(ସବ୍ୟୁ):ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ଅନୁଷ୍ଠିତ ହୋଇଥିବା ଶାରଦୀୟ ଦୁର୍ଗାପୂଜାର ଉଦ୍ଯାପନୀ ଉତ୍ସବପରେ ମା ଦୁର୍ଗାଙ୍କର ପ୍ରତିମୂର୍ତ୍ତିଗୁଡ଼ିକ ବିଭିନ୍ନ ନଦୀରେ ବିସର୍ଜନ କରାଯାଇଛି । ଶାରଦୀୟ ଦୁର୍ଗାପୂଜା ଅବସରରେ ଦେହୁର୍ଦ୍ଦାସ୍ଥିତ ରାୟମହାଶୟ ଗଡ଼ର ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ବୈଜ୍ଞାନିକ ତଥା ଡିଆର୍ଡିଓର ସହକାରୀ ନିର୍ଦ୍ଦେଶକ ଡକ୍ଟର ଅରୁଣ ରାୟ ଏହି ଶିବିରକୁ ଉଦ୍ଘାଟନ କରିଥିଲେ । ଆୟୋଜିତ ଶିବିରରେ ଅତିଥିଭାବେ ଏକ୍ସିସ ବ୍ୟାଙ୍କ ଆଞ୍ଚଳିକ ମୁଖ୍ୟ ସମଦୀପ ଚନ୍ଦ୍ର, ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ,ପୁରୀ ସରକାରୀ ମେଡ଼ିକାଲର ଡାକ୍ତର ପୁରଞ୍ଜନ ଦେବ, ପୂଜାକମିଟି ସଭାପତି ଅନୁପ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ ମୋଟ ୩୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । କମିଟିର ସମ୍ପାଦକ ନିତାୟୀ ଚରଣ ଆଚାର୍ଯ୍ୟ, କୋଷାଧକ୍ଷ ମନୋଜ ରାୟ, ତପନ ଆଚାର୍ଯ୍ୟ, ପ୍ରଦୀପ କୁମାର ଦାସ, ଶକ୍ତିପଦ ଦାସ, ହରେନ୍ଦ୍ର ମଣ୍ଡଳ, ଜ୍ୟୋତିପ୍ରକାଶ ଆଚାର୍ଯ୍ୟ, ନବକୁମାର କର, ସୁବ୍ରତ ଦେ, ସ୍ୱଧାପ୍ରିୟା ଦାସ, ତରୁଣ ରାୟ, ଗୌରହରି ଘୋଷ, ମାନସ କୁମାର ଗାଙ୍ଗୁଲି, ଚିରଞ୍ଜିବୀ ବାଲାଜୀ ଦେ, ଶୈଳଜା ନନ୍ଦନ ଚାଟାର୍ଜୀ, ପ୍ରଣବ ମିଶ୍ର, ପଙ୍କଜ ମିଶ୍ର, ଅନନ୍ତ ଗାଙ୍ଗୁଲି, କୁଶ କର, ରାଜେନ୍ଦ୍ର କର,ଶିବ ପ୍ରସାଦ ଦାସ ପ୍ରମୁଖଙ୍କ ସମେତ ଗଣପତି କ୍ଲବ,କାଳିମାତା ଯୁବକ ସଂଘର ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ପାଣିରେ ବୁଡି ନାବାଳକ ମୃତ

ବେତନଟୀ,(ସବ୍ୟୁ): ବେତନଟୀ ବ୍ଲକ ମେରଦା ପଞ୍ଚାୟତ ଅଧୀନ ପିଙ୍ଗ୍ଲାବଣିଆ ଗ୍ରାମର ବାପି ହାଁସଦା ଙ୍କ ନାବାଳକ ପୁଅ ସାଗେନ ହାଁସଦା (୪) ବୁଧବାର ପୂର୍ବାହ୍ନରେ ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଜଣାଯାଇଛି । ମିଳିଥିବା ନାବାଳାକ ସାଗେନ ନିଜ ଘର ଜଳାଶୟକୁ ଯାଇଥିବା ବେଳେ ଗୋଡ ଖସିପଡିବା ଯୋଗୁଁ ପାଣିରେ ବୁଡି ଯାଇଥିଲେ । ପରିବାରବର୍ଗ ବହୁ ଖୋଜାଖୋଜି କରିବା ପରେ ପାଣିରେ ଭାସୁଥିବାର ଦେଖି ତୁରନ୍ତ ତାଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାକୁ ନେଇଯାଇଥିଲେ । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିବା ସହ ବୈଶିଙ୍ଗା ପୁଲିସକୁ ଖବର ଦେଇଥିଲେ । ବୈଶିଙ୍ଗା ଥାନାର ଥାନାଧିକାରୀ ତପନ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ଭାବଗ୍ରାହୀ ମହାନ୍ତ ବେତନଟୀ ଡାକ୍ତରଖାନା ପହଞ୍ଚି ମୃତ ଶରୀର ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲକୁ ପଠାଇଥିଲେ । ଏନେଇ ୪୯/୨୪ ର ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଜଣାଯାଇଛି ।

# ନବୀନଙ୍କ ଜନ୍ମଦିନରେ ଭଦ୍ରକ ବିଜେଡ଼ିର ରକ୍ତଦାନ ଶିବିର

ଭଦ୍ରକ,(ସବ୍ୟୁ):ବୁଧବାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ୭୯ ତମ ଜନ୍ମଦିନ ଅବସରରେ ଭଦ୍ରକ ବିଜୁ ଜନତା ଦଳ (ବିଜେଡ଼ି)ତରଫରୁ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହେବା ଶହ ଏକ ସାଧାରଣ ସଭା ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ,ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ,ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ,ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ,ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ,ଭଦ୍ରକ ପୌରାଧାକ୍ଷା ଗୁଲମାକ୍ସୀ ହବିବ,ଭଦ୍ରକ ଜିଲ୍ଲା ମହିଳା ସଭାନେତ୍ରୀ ବିଦ୍ୟୁତଲତା ନାୟକ,ଭଦ୍ରକ ବ୍ଲକ ମହିଳା ସଭାନେତ୍ରୀ ଦେବିଦତ୍ତା ମହାନ୍ତିଙ୍କ ସମେତ ଅନେକ ବରିଷ୍ଟ,ଯୁବ ମହିଳା ଛାତ୍ର ନେତା କର୍ମୀ ଉପସ୍ଥିତ ଥିଲେ। ରକ୍ତ ପାଇଁ କାହାରି ଜୀବନ ନଯାଉ ସେ ପାଇଁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ କରିଥିଲେ ନବୀନ ପଟ୍ଟନାୟକ,ଆଜି ତାଙ୍କ ଜନ୍ମଦିନରେ ଏହି ମହାନ କାର୍ଯ୍ୟ କରାଯାଉଥିବାରୁ ଖୁସି ପ୍ରକଟ କରିଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ। ସେହିପରି ନବୀନ ପଟ୍ଟନାୟକ ଆଜିବି ଲୋକଙ୍କ ହୃଦୟରେ ଅଛନ୍ତି ତାଙ୍କର ଏହି ଜନ୍ମଦିନରେ ରକ୍ତଦାନ କରି ମହାନ କାର୍ଯ୍ୟ ହୋଇଥିବାରୁ ଖୁସି ପ୍ରକଟ କରିବା ଶହ ନବୀନ ପଟ୍ଟନାୟକଙ୍କ ଦୀର୍ଘାୟୁ କାମନା କରିଛନ୍ତି ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ। ଏହି ରକ୍ତଦାନ ଶିବିରରେ ମୋଟ ୧୨୦ ୟୁନିଟ ରକ୍ତ ଗ୍ରହଣ କରାଯିବାର ସୂଚନା ମିଳିଛି। ପରେ ଦଳ ତରଫରୁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହେବାର ସୂଚନା ମିଳିଛି।

# ବ୍ରହ୍ମପୁର ବିଜେଡ଼ି ପାଳିଲା ନବୀନ ପଟ୍ଟନାୟକଙ୍କ ଜନ୍ମ ଦିବସ

ବ୍ରହ୍ମପୁର,(ସବ୍ୟୁ): ବୁଧବାର ବ୍ରହ୍ମପୁର ବିଜୁ ଜନତା ଦଳ(ବିଜେଡ଼ି) ପକ୍ଷରୁ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ୭୯ ତମ ଜନ୍ମଦିନ ପାଳନ କରିଛି। ଏହି ଅବସରରେ ନବୀନ ବାବୁଙ୍କ ଦୀର୍ଘାୟୁ କାମନା କରି ମା ବୁଢୀ ଠାକୁରାଣୀ ମନ୍ଦିରରେ ସମୂହ ଦୀପଦାନ ସକାଳ ୮ଟାରେ ଅନୁଷ୍ଠିତ ହୋଇଥିଲା ବେଳେ ୯ଟାରେ ଡାଇମେଣ୍ଡ ଜୁବୁଲି ଟାଉନ୍ ହଲରେ ଏକ ରକ୍ତଦାନ ଶିବିର ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ପରେ ପରେ କେକ୍ କାଟି ଶୁଭେଚ୍ଛା ଜଣାଇଥିଲେ ଓ ମିଷ୍ଟାନ୍ନ ବଣ୍ଟନ ହୋଇଥିଲା ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡ଼ି ସଭାପତି ଡ଼ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ ଡେପୁଟି ମେୟର ଇ ବିବେକ ରେଡ୍ଡୀ, ପୂର୍ବତନ ବିଡ଼ିଏ ଅଧକ୍ଷ ସୁବାଷ ଚନ୍ଦ୍ର ମହାରଣା, ମମତା ବିଷୋୟୀ, ବିଜୟ ଚନ୍ଦ୍ର ସାମଲ, ସୋନାଲି ଗନ୍ତାୟତ, ଭଗବାନ ଗନ୍ତାୟତ, ଜଗନ୍ନାଥ ସାବତ, ଅନୀଲ କୁମାର ସାହୁ, ଅଜିତ ପଣ୍ଡା,କୈଳାସ ରଣା ଅଜୁ ମହାରଣା, ଭିଷ୍ମାଚାର୍ଯ୍ୟ ଚୌଧୁରୀ, ପ୍ରମୋଦ ମହାରଣା, ସୁନ୍ୟଚନ୍ଦ୍ର ଦାସ, ମଦନମୋହନ ଦଳେଇ, କେ ଏଙ୍କାଟି ରେଡ୍ଡୀ, ଦୂର୍ଗା ପ୍ରସାଦ ପଣ୍ଡା, ନିରଞ୍ଜନ ଜେନା, ସୁରେନ୍ଦ୍ର ପଟ୍ଟନାୟକ, ଚନ୍ଦ୍ର ମୋହନ ସାହୁ, ରାକେଶ କୁମାର ସାହୁ, ଉମା ମିଶ୍ର ଯୋତ୍ସ୍ନା ପାଢ଼ୀ, ପି ଭିମୁଡୁ, ପି ଜାନକୀ ବିଜେଡ଼ିର ସମସ୍ତ କର୍ପୋରେଟର ଗଣ, ସମସ୍ତ ନେତୃବୃନ୍ଦ, ଯୁବ ମହିଳା ଛାତ୍ରଛାତ୍ରୀ,ଓ ବିଜୁ ପରିବାରର ବହୁ ସଦସ୍ୟ ସଦସ୍ୟା ଯୋଗଦେଇଥିଲେ

## ବାରହା ନଷ୍ଟ କରୁଛନ୍ତ ଶହଶହ ଏକର ଧାନ ଫସଲ

# ଟେଙ୍ଗ ଶୋଇଛି ବନବିଭାଗ, ରାତିତମାମ କ୍ଷେତ ଜଗୁଛି ଚାଷୀ

ଭଂଜନଗର ,(ସବ୍ୟୁ) : ଚାଷୀଙ୍କ ନିଦ ହଜେଇ ଦେଲେଣି, ବଣୁଆ ବାରହା । କ୍ଷେତରେ ପଶି ନଷ୍ଟ କରୁଛନ୍ତି, ଶହଶହ ଏକର ଧାନ ଫସଲ । ତଥାପି ବର୍ଷତମାମ୍ ପରିଶ୍ରମର ଫଳକୁ, ବାରହା ଉପଦ୍ରବରୁ ରକ୍ଷା କରିବା ପାଇଁ, ଚାଷୀଙ୍କ ପ୍ରାଣମୂର୍ଚ୍ଛା ଉଦ୍ୟମ । ରାତିସାରା ଜମିରେ ଜଗି ରହୁଛନ୍ତି ଚାଷୀ । ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ ଇଙ୍ଗିନାଠି ଓ ନେଟେଙ୍ଗା ପଞ୍ଚାୟତ ମାନଙ୍କରେ ଦେଖିବାକୁ ମିଳିଛିଏଭଳି ସମସ୍ୟା । ଗତବର୍ଷ ମାନଙ୍କ ଅପେକ୍ଷା ଚଳିତ ବର୍ଷ ବଣୁଆ ବାରହାଙ୍କ ଉପଦ୍ରବ ବହୁତ ବଢ଼ିଛି । ସନ୍ଧ୍ୟା ହେଲେ ଧାନ କ୍ଷେତରେ ପଶୁଛନ୍ତି ଦଳ ବଣୁଆ ବାରହା । ଭୋର ସମୟ ପର୍ଯ୍ୟନ୍ତ କ୍ଷେତରେ ଧାନ ଫସଲ ନଷ୍ଟ କରୁଛନ୍ତି । ସେମାନଙ୍କୁ ଘଉଡ଼ାଇବା ପାଇଁ ସ୍ଥାନୀୟ ଚାଷୀମାନେ ଏକାଠି ହୋଇ, ରାତି ତମାମ ଜଗିବାକୁ ପଡୁଛି । ।ପ୍ରତିକୁଳ ପାଣି-ପାଗ ଏବଂ ଠିକଣା ସମୟରେ ବର୍ଷାର ଅଭାବ ସତ୍ତ୍ୱେ, ନିଜ କ୍ଷେତର ଧାନଫସଲ ଉଠିଆ କରିଥିଲେ ଚାଷୀ ।ଏବେ ଧାନ ଗଛରେ, ଫଳ ଧରିବା ସମୟ ।ଚାଷୀମାନେ ଆଶା ରଖିଥିଲେ, ଭଲ ଫସଲ ଅମଳ କରିବେ । ହେଲେ ଏଭଳି ପରିସ୍ଥିତିରେ, ଦାଉ ସାଧୁଛନ୍ତି ବନ୍ୟଜନ୍ତୁ ।ପ୍ରତିଦିନ ସଞ୍ଜ ନଇଁଲେ, ପଲପଲ ବଣୁଆ ବାରହା ଆସି, ଧାନ କ୍ଷେତରେ ପଶୁଛନ୍ତି । ନଷ୍ଟ କରୁଛନ୍ତି ଶହଶହ ଏକର ଫସଲ ।ଚାଷୀଙ୍କ ଅଭିଯୋଗ, ଏସଂକ୍ରାନ୍ତରେ ବନବିଭାଗକୁ ଖବର ଦେଉଛନ୍ତି। ହେଲେ ପ୍ରତିକାର, କିଛି ନାହିଁ ।କ୍ଷେତରେ ବୁଲିବା ସମୟରେ, ବେଳେବେଳେ ବାରହା-ପଲ ସହ ମୁହାଁମୁହିଁ ହେବାକୁ ପଡୁଛି । ନିଜ ଜୀବନପ୍ରତି, ବିପଦ ରହୁଛି । । ବନବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ପଦକ୍ଷେପ ନେବାକୁ ବୁଲୁ ଲେଙ୍କା, ସନ୍ତୋଷ କୁମାର ଖଣ୍ଟୁଆଳ, ବିପ୍ରଚରଣ ସେଠୀ, ହରିବନ୍ଧୁ ନାୟକ ଏବଂ ସତ୍ୟଭାମା ନାୟକ ପ୍ରମୁଖ ଚାଷୀ ମାନେ ଦାବି କରିଛନ୍ତି । ତେବେ ବନ ବିଭାଗ ଏ ସଂକ୍ରାନ୍ତରେ କିଛି ମୁହଁ ଖୋଲୁଥିବା ବେଳେ, ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି କହିଛନ୍ତି, ଭଂଜନଗର ଉପଜିଲ୍ଲାପାଳ ଅନିଲ୍ କୁମାର ସେଠୀ । ସବୁଠୁ ବଡ଼କଥା ହେଉଛି, ଶହଶହ ଏକର ଧାନ ଫସଲ ନଷ୍ଟ କରୁଥିଲେ ମଧ ବନ୍ୟଜନ୍ତୁଙ୍କୁ ଘଉଡାଇବା ବ୍ୟତୀତ ସେମାନଙ୍କର କୌଣସି କ୍ଷତି କରୁନାହାନ୍ତି ସ୍ଥାନୀୟ ଲୋକେ ।ଏଭଳି ପରିସ୍ଥିତିରେ, ଚାଷ ପ୍ରତି ଚାଷୀଙ୍କର ବିତୃଷ୍ଣା ମନୋଭାବ ସୃଷ୍ଟି ହେବା ଆରମ୍ଭ ହୋଇଛି । ଏଣୁ ଏହାକୁ ଦୃଷ୍ଟିରେରଖି ଧାନଫସଲ ଏବଂ ଚାଷୀ ତଥା ଅଞ୍ଚଳବାସୀ ସୁରକ୍ଷା ଦୃଷ୍ଟିରୁ, ବନବିଭାଗ ଏବେ ଗୁରୁତ୍ୱ ଦେବା ସହ, କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବା ଜରୁରୀ ହୋଇଛି ।

## ବ୍ୟକ୍ତିତ୍ୱ ବିକାଶ ଶିବିର ଜାଗୃତି ଉଦ୍ଯାପିତ

# କାଜଲ ମହାନ୍ତି ଓ ଅବିନାଶ ବେହେରା ଶ୍ରେଷ୍ଠ ଶିବିରାର୍ଥୀ




ବାରିପଦା, (ସବ୍ୟୁ) : କୌଣସି ପିଲାକୁ ସଂସ୍କାରିତ ଓ ଶୃଙ୍ଖଳିତ କରାଇବାରେ ପରିବାରର ଯେତିକି କର୍ତ୍ତବ୍ୟ ଅଛି ସେତିକି ଏ ସମାଜର ମଧ ଧୀରେ ଧୀରେ ପିଲାମାନେ ଆମ ସଂସ୍କୃତି ଓ ସଂସ୍କାର ଠାରୁ ଦୂରେଇ ଯାଉଛନ୍ତି । ଯାହାକି ଚିନ୍ତାର ବିଷୟ ବୋଲି ଆଜି ଚିନ୍ମୟ ମିଶନ ଦ୍ୱାରା ଆୟୋଜିତ ବ୍ୟକ୍ତିତ୍ୱ ବିକାଶ ଶିବିର - ଜାଗୃତିର ଉଦଯାପିତ ଉତ୍ସବରେ ଚିନ୍ମୟ ମିଶନ ବାରିପଦାର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ କହିଥିଲେ । ତିନି ଧରି ଚାଲିଥିବା ସ୍କୁଲ ପିଲାଙ୍କ ଏହି ଶିବିରରେ ମହାରାଣୀ ପ୍ରେମ କୁମାରୀ ସରକାରୀ ଉଚ୍ଚ ବିଦ୍ୟାଳୟର କାଜଲ ମହାନ୍ତି ଓ ଭଂଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଅବିନାଶ ବେହେରା ସର୍ବଶ୍ରେଷ୍ଠ ଶିବିରାର୍ଥୀ ଓ ଦେବାଂଶୁ ମାଇତିଙ୍କୁ ସର୍ବଶ୍ରେଷ୍ଠ ସେବକ ରୂପେ ପୁରସ୍କୃତ କରାଯାଇଥିଲା । ସଚ୍ଚିଦାନନ୍ଦ ଗୁରୁକୁଳ ଓ ଶ୍ରୀ ଅଭିରାମ ପରମହଂସ ବେଦ ବେଦାନ୍ତ ସ୍କୁଲକୁ ଶ୍ରେଷ୍ଠ ଅନୁଷ୍ଠାନ ରୂପେ ସମ୍ମାନିତ କରାଯାଇଥିଲା । ସଭାପତି ବିଜୟ ଲେଙ୍କାଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ଚିନ୍ମୟ ମିଶନ ବାଲେଶ୍ୱରର ଆଚାର୍ଯ୍ୟ ବହ୍ମଚାରୀ ଅଗସ୍ତ୍ୟ ଚୈତନ୍ୟ, ଯୋଗଗୁରୁ ରାକେଶ ମହାନ୍ତ, ସମାଜସେବୀ ନିରୋଜ ପୁଥାଳ, ଚିନ୍ମୟ ମିଶନ ରାଉରକେଲାର ଆଚାର୍ଯ୍ୟ ବ୍ରହ୍ମଚାରୀ ପ୍ରତିଭା ଚୈତନ୍ୟ, ଶିକ୍ଷବିତ ହୃଦାନନ୍ଦ ଆଚାର୍ଯ୍ୟ ଅତିଥିରୂପେ ଯୋଗ ଦେଇଥିଲେ । ଅବସରପ୍ରାପ୍ତ ନର୍ସିଙ୍ଗ ନିର୍ଦ୍ଦେଶକ ଡାଃ ପ୍ରାଣକୃଷ୍ଣ ବେହେରା, ପୂର୍ବତନ ଆୟକର ଅଧିକାରୀ ତପନ ପଟ୍ଟନାୟକ, ଓ.ଆର.ଡି ସଂସ୍ଥାର ଅଧକ୍ଷ ସାଇ ପ୍ରକାଶ ମହାନ୍ତି, ମୟୂରଭଞ୍ଜ କ୍ରୀଡା ଆସୋସିଏସନର ସମ୍ପାଦକ ବିଜୟ ଦାସ, ପ୍ରଦୀପ ମହାନ୍ତି, କ୍ରିଷ୍ଣା ଘୋଷ, ଇନ୍ଦିରା ଜେନା, ସ୍ୱର୍ଣ୍ଣଲତା ସାହୁ, ଶକୁନ୍ତଳା ପାଲ, ସ୍ନେହଲତା ବେରା, ସତ୍ୟଜିତ ପାଲ ବିଜେତାଙ୍କୁ ପୁରସ୍କୃତ କରିଥିଲେ । ସମ୍ପାଦକ ଅଜିତ ବେହେରା ଶିବିର ପରିଚାଳନା କରିଥିବାବେଳେ ବରିଷ୍ଠ ଆଇନଜୀବି ସତ୍ୟବ୍ରତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଚିନ୍ମୟ ମିଶନ ପରିବାରର ଦିବଂଗତ ସଦସ୍ୟ ପ୍ରୋମଦିନି ପଟ୍ଟନାୟକ, କୃପାସିନ୍ଧୁ ସିଂ, ଦାମନ ନାୟକ, ସାରଦାପ୍ରସନ୍ନ ମହାନ୍ତି, ଗୋବିନ୍ଦ ଜେନାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଶିବିରର ଅନ୍ତିମ ଦିବସରେ ଶିବ୍ରାର୍ଥୀଙ୍କ ମାଆ ମାନଙ୍କୁ ନେଇ ଏକ ମାତୃପୂଜା ଆୟୋଜନ କରାଯାଇଥିଲା । ବିବେକାନନ୍ଦ ଦାସ, ଲକ୍ଷ୍ମୀ ପାଣି, ସୁରତିବଳା ଦାସ, ବିଷ୍ଣୁପଦ ବେରା, ସବ୍ୟସାଚୀ ପଲେଇ, ସ୍ୱାଗତିକା ସାହୁ, ସର୍ବେଶ୍ୱର ବେହେରା, ହିମାଂଶୁ ପାଣି, ପଲକ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ଶିବାଙ୍ଗି ଖଣ୍ଡେଲୱାଲ ଓ ଅନ୍ୟଶା ଗିରି ନୃତ୍ୟ ପ୍ରଦର୍ଶନ କରିଥିଲେ ।

# ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ମୟୂରଭଞ୍ଜ ଜିଲ୍ଲା ବିଜେଡ଼ିର ରକ୍ତଦାନ ଶିବିର

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବିଜୁ ଜନତା ଦଳ (ବିଜେଡ଼ି)ତରଫରୁ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିନ ଅବସରରେ ବାରିପଦାସ୍ଥିତ ଷ୍ଟାଡିଅମ ସଭଗୃହରେ ରକ୍ତଦାନ ଶିବିରର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଆୟୋଜନ ଓଡିଶା ପୂର୍ବତନ ବାଚସ୍ପତି ସାନନ୍ଦ ମାର୍ଣ୍ଡିଙ୍କ ସଭାପତିତ୍ୱ ଏବଂ କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତିଙ୍କ ପରିଚାଳନାରେ ପରିଚାଳିତ ହୋଇଯାଇଛି । ନବୀନ ପଟ୍ଟନାୟକଙ୍କ ଦୀର୍ଘାୟୁ କାମନା କରି ମହିଳା ବିଜେଡି ତରଫରୁ ବିଭିନ୍ନ ମନ୍ଦିରରେ ଦୀପଦାନ ଓ ପୂଜାର୍ଚ୍ଚନା କରିବାସହିତ ଯୁବସଭାପତି ଅରୁଣ ବରାଡ଼ ଓ ଛାତ୍ରସଭାପତି ସୁନୀଲ ନାୟକଙ୍କ ନେତୃତ୍ୱରେ ଯୁବଛାତ୍ରଙ୍କୁ ନେଇ ଅସହାୟ ମାନଙ୍କୁ ଫଳବିସ୍କୁଟ ଇତ୍ୟାଦି ବଣ୍ଟନ କାର୍ଯ୍ୟକ୍ରମ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ବିଜେଡିର ବରିଷ୍ଠ ନେତାନେତ୍ରୀଗଣ ମାନେ ଯଥାକ୍ରମେ ସର୍ବଶ୍ରୀ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲାପରିଷଦ ଅଧକ୍ଷା ଭାରତୀ ହାଁସଦାଃ, ଶ୍ରୀନାଥ ସୋରେନ, ରାଜକିଶୋର ଦାସ, ପ୍ରୀତିନାନ୍ଦା କାନୁନଗୋ, ଗଣେଶ୍ୱର ପାତ୍ର, ଦୀପ୍ତିଲତା ମିଶ୍ର, ସୁବ୍ରମଣ୍ୟମ ମହାନ୍ତି, କମଳା ତିରିଆ, ସୁକୁମାର ରଞ୍ଜନ ପ୍ରଧାନ, ଅମର ସେଠି, ପ୍ରଭାତ ନାୟକ, ଶ୍ରାବଣୀ ଦାସ, ଜୋନ ମହାନ୍ତି, ସବିତା ବେହେରା, ଅନନ୍ତ ଦାସ, ଅନନ୍ତ ଜେନା, ଜୀତ ପଟ୍ଟନାୟକ, ଦେବାଶିଷ ପାତ୍ର, ଡିମତ ମୁର୍ମୁ, ଅନୁରାଧା ମହାନ୍ତି, ନିରୋଜ ସାହୁ, ସରୋଜ ମହାପାତ୍ର, ଆଜାଦ ଗୋପ, ସରୋଜ ବୋଷ, ଲିଟନ ମହାପାତ୍ର, କୃଷ୍ଣ ଦାସ, ଶୈଳେନ୍ଦ୍ର ପାତ୍ର, ଦେବାଶିଷ ଦାସ, ସୁଧୀର ବାରିକ, ଧାନୀ ମୁର୍ମୁ, ଲଲାଟେନ୍ଦୁ ବେହେରା, ଆଶିଷ ଦାସ ଓ ପପୁ ଏମ.ଏସ ପ୍ରମୁଖ ସକ୍ରିୟ ସହଯୋଗ କରିବା ସହିତ ରକ୍ତଦାନ କରିଥିଲେ ।



# ଫେରାର ଦୁଇ ଶିକାରୀ ଗିରଫ : ବନ୍ଧୁକ, ଗୁଳି, ବାରୁଦ ଜବତ



ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଚାରମାଳ ଜଙ୍ଗଲରୁ ଜନ୍ତୁ ଶିକାର ଅଭିଯୋଗରେ ବନ ବିଭାଗ ଫେରାର ଥିବା ୨ ଶିକାରୀ ସହ ଗୋଟିଏ ବନ୍ଧୁକ , ଗୁଳି , ବାରୁଦ ଜବତ କରିଛି । ବନବିଭାଗ ସୂତ୍ରରୁ ପ୍ରକାଶ ଯେ, ରେଢ଼ାଖୋଲ ବନଖଣ୍ଡ ଚାରମାଳ ରେଞ୍ଜ ଅଧୀନସ୍ଥ ଜଙ୍ଗଲରୁ ଗତ ଅଗଷ୍ଟ ମାସରେ ହରିଣ ଶିକାର ହୋଇଥିଲା । ବିଭାଗ ଖବର ପାଇ ଚାରମାଳ ଥାନା ବଡହିଦୋଳ ଗ୍ରାମର କୃଷ୍ଣ ଭୋଇଙ୍କ ଘରୁ ୨୩/୮/୨୪ ରେ ଚଢ଼ଉ କରି ୨ ଟି ହରିଣ ମୁଣ୍ଡ , ୨ଟି ହରିଣ ଚମଡ଼ା, ୮ ଟି ହରିଣ ଖୁରା , ଗୋଟିଏ ଦେଶୀ ବନ୍ଧୁକ , ଗୁଳି ,ଲାଇଟ୍ ଓ ଛୁରୀ ଜବତ କରିଥିଲା । ଏଥିରେ ସାମିଲ ଥିବା ଶିକାରୀ କୃଷ୍ଣ ଭୋଇ ଫେରାର ଥିବାରୁ ବନବିଭାଗ ଗିରଫ କରିବାରେ ବିଫଳ ହୋଇଥିଲା । ବନବିଭାଗ ସେହି ଦିନ ଠାରୁ ଶିକାରୀଙ୍କୁ ଧରିବାକୁ ଜାଲ ବିଛାଇ ଥିଲା । ମଙ୍ଗଳବାର (ତା-୧୫/୧୦/୨୪)ସକାଳ ୮ ଟା ସମୟରେ ଶିକାରୀ ଦୁଇ ଜଣ ଜନ୍ତୁ ଶିକାର କରିବାକୁ ଯାଉଥିବା ବନବିଭାଗ କୌଣସି ସୂତ୍ରରୁ ଖବର ପାଇ ସ୍କ୍ୱାଡ଼ ସଂଗଠିତ ଜଙ୍ଗଲକୁ ଯାଇ ଚଢ଼ଉ କରିଥିଲେ । ଜଙ୍ଗଲରୁ ଚାରମାଳ ଥାନା ବଡ ହିଦୋଳ ଗ୍ରାମର ଶିକାରୀ କୃଷ୍ଣ ଭୋଇ ଏବଂ ଦାଗୁଣୀ ଗ୍ରାମର ସୁରେଶ ମୁଣ୍ଡାଙ୍କୁ ଗିରଫ ସହ ଗୋଟିଏ ଦେଶି ବନ୍ଧୁକ, ଗୁଳି ଓ ବାରୁଦ ଜବତ କରିବାରେ ସଫଳ ହୋଇଥିଲା । ବନ ବିଭାଗ ସେମାନଙ୍କୁ ପଚରାଉଚରା କରିବା ବେଳେ ହରିଣ ଶିକାର କରିଥିବା ସ୍ୱୀକାର କରିଥିଲେ । ଏସଡିଏଫ ମେହେରବାନ୍ ଅଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜ ଅଧିକାରୀ ଦର୍ଶନିଆ ଭୋଇ, ଫରେଷ୍ଟର ବିଜୟ କୁମାର ବିଶ୍ୱାଳ, ଫରେଷ୍ଟ ଗାର୍ଡ ଅଜିତ୍ କୁମାର ସାହୁ ଏବଂ ବନବିଭାଗର ଅନ୍ୟ କର୍ମଚାରୀ ମାନେ ସାମିଲ ଥିଲେ । ବନବିଭାଗ ସେମାନଙ୍କ ନାମରେ ମାମଲା ରୁଜୁ କରିବା ସହ କୋର୍ଟଚାଲାଣ କରିଛି ।

## ପୁଆ ପ୍ୟାକ୍ସରେ ମହାଘୋଟାଲା

# ମୃତ ଚାଷୀଙ୍କ ନାମରେ ଜାଲ ଦସ୍ତଖତ କରି ଋଣ ଉଠାଣ

ତରଭା,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅନ୍ତର୍ଗତ ପୁଆ ପ୍ରାଥମିକ କୃଷି ସମବାୟ ସମିତିରେ ମୃତ ଚାଷୀଙ୍କ ନାମରେ ଋଣ ଉଠାଣକୁ ନେଇ ଚାଷୀ ମାନେ ସୁବର୍ଣ୍ଣପୁର ଜିଲ୍ଲାପାଳ ଓ ଡିଆରସିଏସ ଙ୍କ ଠାରେ ଅଭିଯୋଗ କରିଛନ୍ତି । ଖବର ପାଇ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ପୁଆ ଗ୍ରାମରେ ପହଞ୍ଚି ଚାଷୀଙ୍କ ଅଭିଯୋଗ ଶୁଣିଥିଲେ। ଅଭିଯୋଗକାରୀ ଅଭିଯୋଗ କରିଛନ୍ତି ଯେ, ସମବାୟ ସମିତି ସଭାପତିଙ୍କ ଇଙ୍ଗିତରେ ପ୍ୟାକ୍ସ ସଂପାଦକ ଏବଂ କର୍ମଚାରୀମାନେ ଚାଷୀଙ୍କୁ ଶୋଷଣ ହଇରାଣ କରିବା ସହିତ ଚାଷିଙ୍କ ଅଜାଣତରେ ଋଣକରି ଚାଷିଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇନେଇ ଲକ୍ଷାଧିକ ଟଙ୍କା ଆତ୍ମସାତ କରିଛନ୍ତି । ବେଦାକ ସେବିକି ରୁହେଁ ଗତ ୮/୧/୨୩ ରେ ତରଭା ଗ୍ରାମର ମୃତ ଚାଷୀ ଗରିବ ସାହୁ ଓ ଦିବ୍ୟାଙ୍ଗ ରାଜୁ ପ୍ରଧାନଙ୍କ ନାଁରେ ବି ଲକ୍ଷାଧିକ ଟଙ୍କା ଋଣ କରି ଟଙ୍କା ହଡପ । ଏହିପରି ପୁଆ ପ୍ୟାକ୍ସ ଅଧିନରେ ଥିବା ଆହୁରି ଶତାଧିକ ଚାଷୀଙ୍କ ଅଜାଣତରେ ତାଙ୍କ ଆକାଉଣ୍ଟରୁ ଋଣ ଟଙ୍କା ହେରଫେର ହୋଇଥିବା ମଧ୍ୟ ଅଭିଯୋଗ ହେଉଛି । ଋଣ ନକରି ଋଣୀ ହୋଇଥିବା ଚାଷୀ ଚିନ୍ତାରେ ରହି ବିଭିନ୍ନ ଅଧିକାରୀ ଓ ରାଜ ନେତାଙ୍କ ଦ୍ୱାରସ୍ଥ ହେଉଛନ୍ତି । ପୁଆ ପେକ୍ସରେ ୫୦୭ ଜଣ ଚାଷୀଙ୍କ ନାମରେ ଏଭଳି ଚାଷୀ ଋଣ କରିଥିବା କହୁଥିବା ବେଳେ ବର୍ତ୍ତମାନ ୧୦୦ଜଣ ଚାଷୀଙ୍କ ନାମ ପଦାକୁ ଆସିଥିବା ଚାଷୀ ହେମନ୍ତ



ମାଝୀ ଓ ପ୍ରଶାନ୍ତ ବେଜ ପ୍ରମୁଖ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ଠାରେ ଅଭିଯୋଗ କରିଥିଲେ । ପୁଆ ପେକ୍ସରେ ହୋଇଥିବା ଦୁର୍ନୀତି ନେଇ କେତେ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ହେବ ସେ ନେଇ ପଚାରିବାରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ଏବଂ ଖୁବ୍ ଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସାହୁ ପ୍ରକାଶ କରିଥିଲେ । ପୁଆ ପେକ୍ସ ସମ୍ମୁଖରେ ଚାଷୀଙ୍କ ଆଲୋଚନା ସମୟରେ କୃଷକ ମୋର୍ଚ୍ଚା ଉପସଭାପତି ପୁଲିନ ପ୍ରଧାନ ,ବିଜେପି ଜିଲ୍ଲା ସଭାପତି ପ୍ରମୋଦ ମହାପାତ୍ର, ରାଜ କିଶୋର ମେହେର, ଭବାନୀ ଶଙ୍କର ପଣ୍ଡା, ମଣ୍ଡଳ ସଭାପତି ସନାତନ କର୍ମୀ ପ୍ରମୁଖ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ ।

# ସମ୍ବଲପୁର ପୁରପଲ୍ଲୀରେ ଗଜଲକ୍ଷ୍ମୀଙ୍କ ପୂଜା

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାର ପୁରପଲ୍ଲୀରେ ବୁଧବାର ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଯାଇଛି। ବିଭିନ୍ନ ମଣ୍ଡପରେ କଳସ ସ୍ଥାପନ ପରେ ପାରମ୍ପରିକ ରୀତିନୀତି ଓ ଭକ୍ତିଭାବନା ସହ ପୂଜା ଆରମ୍ଭ ହୋଇଥିଲା। ଏଥିପାଇଁ ସାର୍ବଜନୀନ ପୂଜା ମଣ୍ଡପଗୁଡ଼ିକୁ ଆକର୍ଷଣୀୟ ଶୈଳୀରେ ସଜ୍ଜିତ କରାଯାଇଛି । ସେହିପରି ପରିପାର୍ଶ୍ୱରେ ରଙ୍ଗୀନ ଆଲୋକମାଳା ଶୋଭା ପାଉଛି। ଗଜଲକ୍ଷ୍ମୀଙ୍କ ଦର୍ଶନ ପାଇଁ ମଣ୍ଡପ ଗୁଡିକରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହେଉଛି । ଏହି ଅବସରରେ ବିଭିନ୍ନ ସ୍ଥାନରେ ସାନ୍ଧ୍ୟକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସମ୍ବଲପୁର ସହରର ମୁଦିପଡ଼ା, ଫାଟକ, ସହଯୋଗ ନଗର, ଭାଲୁପାଲି, ଗୋପାଳପାଲି, ସାକ୍ଷୀଗୋପୀନାଥ ପଡ଼ା, କାଳୀବାଡ଼ିରେ ଲକ୍ଷ୍ମୀଙ୍କ ପୂଜା ଆରାଧନା କରାଯାଇଛି। ସେହିପରି ହୀରାକୁଦର ମାର୍କେଟ ଛକ, ଦୁର୍ଗା ମନ୍ଦିର ଛକ, ଖାଦ୍ୟ ନିଗମ ଓ ବୁଢାକଣ୍ଟା, ବୁର୍ଲାର ଭକ୍ତି ମଣ୍ଡପ, ଗୌଡ଼ପାଲି, ରେଢ଼ାଖୋଲର କଇଥସାହି, ଯଦୁମଣିପାଟଣା, ରଥସାହି, ଖନ୍ଦାଡ଼ିପା, ନୂଆଁସାହି, ହୁରୁମଟିକ୍ରା, ଦେହେରୀସାହି ଓ ଡଙ୍ଗଟା ଆଦି ସ୍ଥାନରେ ଗଜଲକ୍ଷ୍ମୀଙ୍କ ପୂଜା କରାଯାଉଛି । ଏଥିସହ ନାକଟିଦେଉଳ, କଦଳୀଗଡ଼, ବାରବାଙ୍କ, ଗୋଧିଡ଼ିପ ପ୍ରଭୃତି ଗ୍ରାମରେ ମଧ୍ୟ ପୂଜାମଣ୍ଡପରେ ଦେବୀ ଗଜଲକ୍ଷ୍ମୀ ପୂଜା ପାଉଛନ୍ତି। ବିଶେଷ ଭାବେ ରେଢ଼ାଖୋଲ ସହର ଗଜଲକ୍ଷ୍ମୀ ପୂଜା ପାଇଁ ଉତ୍ସବମୁଖର ହୋଇଉଠିଛି। ଏକ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ରେଢ଼ାଖୋଲରେ ଏହି ଉତ୍ସବ ବହୁ ଧୂମଧାମରେ ହୋଇଥାଏ । ତେଣୁ ଦୂରଦୂରାନ୍ତରେ ଥିବା ଆତ୍ମୀୟଙ୍କ ଆଗମନ ଦେଖାଯାଇଛି ।

# କମେଣ୍ଟ ମରାକୁ ନେଇ ଛୁରାମାଡ, ଦୁଇ ଗୁରୁତର

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଶାସନ ଥାନା ଅନ୍ତର୍ଗତ ତାଲବ ଯାତ୍ରାରେ କମେଣ୍ଟମରାକୁ ନେଇ ଛୁରାମାଡ ଘଟଣା ଘଟିଛି । ଏଥିରେ ୨ଜଣ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ ବୁର୍ଲା ଭିମସାରରେ ଭର୍ତ୍ତି କରାଯାଇଛି ।ଆହତ ମାନେ ରେଙ୍ଗାଲି ଅଞ୍ଚଳର ମନିଶ ସାହୁ ଓ ଆଶିଷ ରାଠୋର ବୋଲି ଜଣାପଡିଛି । ଏହି ଅଭିଯୋଗରେ ସଂପୃକ୍ତ ଥିବା ୨ଜଣ ଅଭିଯୁକ୍ତଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି ।

# ଭୈରବି ମହୋତ୍ସବର ଶୁଭ ଖୁମ୍ବ ସ୍ଥାପନ



ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ୍ଲାର କଳା ସଂସ୍କୃତି ପରମ୍ପରା ଭକ୍ତି ଏବଂ ଭାବନାର ଅପୂର୍ବ ସମାହାର ହେଉଛି ଭୈରବୀ ମହୋତ୍ସବ । ବୌଦ୍ଧ ଜିଲ୍ଲାର ଇଷ୍ଟ ଦେବୀ ମା ଭୈରବୀଙ୍କ ନାମରେ ନାମିତ ଭୈରବୀ ମହୋତ୍ସବ । ଚଳିତ ବର୍ଷ ନଭେମ୍ବର ମାସ ୨୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଚତୁର୍ଥ ଭୈରବୀ ମହୋତ୍ସବ । ମହୋତ୍ସବ ପାଇଁ ବୁଧବାର ବୌଦ୍ଧ ବିଧାୟକ ତଥା ଶାସକ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ ଶୁଭଖୁଣ୍ଟି ସ୍ଥାପନ କରିଥିଲେ । ଚଳିତ ବର୍ଷ ମହୋତ୍ସବ ନଭେମ୍ବର ୨୯ ତାରିଖରୁ ଡିସେମ୍ବର ୪ତାରିଖ ପର୍ଯ୍ୟନ୍ତ ୬ଦିନ ବ୍ୟାପି ହେବ। ମହୋତ୍ସବରେ ପ୍ରତିଦିନ ଜିଲ୍ଲା ଓ ରାଜ୍ୟ ତଥା ରାଜ୍ୟ ବାହାରର କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ସହ ପଲ୍ଲିଶ୍ରୀ ମେଳା ଓ ବାଣିଜ୍ୟ ମେଳା ହେବ । ବିଭିନ୍ନ ସାମଗ୍ରୀ କିଣି ପାରିବେ ଦର୍ଶକ । ଅନ୍ୟପଟେ ଭୈରବୀ ମହୋତ୍ସବ ବିଗତ ୩ବର୍ଷ ମଧ୍ୟରେ ବ୍ଲକସ୍ତରୀୟ ମହୋତ୍ସବରୁ ଜିଲ୍ଲାସ୍ତରୀୟ ମହୋତ୍ସବରେ ପରିଣତ ହୋଇଛି । ତେଣୁ ଆଗାମୀ ଦିନରେ ଏହି ମହୋତ୍ସବ ରାଜ୍ୟସ୍ତରୀୟ ମହୋତ୍ସବରେ ପରିଣତ ହେବ ବୋଲି ବୌଦ୍ଧ ବିଧାୟକ ଶ୍ରୀ ପ୍ରଧାନ କହିଛନ୍ତି । କାର୍ଯ୍ୟକ୍ରମରେ ଭୈରବୀ ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ଅଗ୍ରୱାଲଙ୍କ ସମେତ ସମସ୍ତ କମିଟି ସଦସ୍ୟ ଉପସ୍ଥିତ ଥିଲେ ।

# ନଦୀରୁ ନିଖୋଜ ଶିଶୁର ଶବ ଉଦ୍ଧାର

କନ୍ଧମାଳ,(ସବ୍ୟୁ): ୭ ବର୍ଷର ନିଖୋଜ ଶିଶୁ ନଦୀ ଗର୍ଭରୁ ଉଦ୍ଧାର ହେଲା ମୃତଦେହ । ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ାର ଅଭିରାମ ଭୋଇଙ୍କ ଦ୍ୱିତୀୟ ପୁତ୍ର ସ୍ବରାଜ ଭୋଇ ସବୁଦିନ ଭଳି ଗ୍ରାମ ନିକଟସ୍ଥ ତେଲ ନଦୀକୁ ଗାଧୋଇବାକୁ ଯାଇ ଆଉ ଫେରିନ ଥିଲା। ପୁଅ ଗାଧୋଇ ଯାଇଥିବା ମଧ ବାପା ମାଆ ଜାଣି ନଥିଲେ। ସେମାନେ ସକାଳୁ ଚାଷ ଜମିକୁ ଯାଇଥିଲେ। ସଂଧ୍ୟାରେ ଘରକୁ ଆସି ସ୍ବରାଜକୁ ନ ଦେଖି ଖୋଜାଖୋଜି କରିଥିଲେ। ତାପରେ ସନ୍ଦେହ ହେବାରୁ ନଦୀ ଘାଟକୁ ଯାଇଥିଲେ। ସେଠାରେ ସେମାନେ ସ୍ବରାଜର ଚପଲ ଓ ସାର୍ଟ ଥୁଆ ହୋଇଥିବା ଦେଖି ପାଣିରେ ଭାସିଯାଇଥିବା ଅନୁମାନ କରିଥିଲେ । ତୁରନ୍ତ ଘଣ୍ଟାପଡ଼ା ଥାନାରେ ନିଖୋଜ ନେଇ ଏକ ଏତଲା ଦାୟର କରିଥିଲେ । ପୁଲିସ ଘଟଣାକୁ ଅନୁଧାନ କରିବାପରେ କନ୍ଧମାଳ ଦମକଳ ବିଭାଗକୁ ଖବର ଦେଇଥିଲେ। ଦମକଳ ବାହିନୀ ନଦୀର ଗର୍ଭରେ ଖୋଜାଖୋଜି କରିଥିଲେ । ପାଣି କମ ଥିବାରୁ ମୃତଦେହ ଭାସି ନଯାଇ ପାଖରେ ପାଣି ଭିତରେ ପଡି ରହିଥିଲା । ସେଠାରୁ ଶିଶୁର ମୃତଦେହ ଠାବ କରି ଘଣ୍ଟାପଡ଼ା ପୁଲିସକୁ ହସ୍ତାନ୍ତର କରିଥିଲା। ଏନେଇ ପୁଲିସ ଏକ ମାମଲା ରଜୁ ସହ ଟିକିନିଖି ତଦନ୍ତ କରି ଶିଶୁ ଟିର ଶବକୁ ବ୍ୟବଛେଦ କଲାପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଶବ ବ୍ୟବଛେଦ ରିପୋର୍ଟ ଆସିବାପରେ ପ୍ରକୃତ କାରଣ ଜଣାପଡିବ ବୋଲି ଘଣ୍ଟାପଡ଼ା ଥାନାଧିକାରୀ ନରସିଂହ ମହାପାତ୍ର ଓ କନ୍ଧମାଳ ଥାନାଧିକାରୀ ଭାବାନନ୍ଦ ପ୍ରଧାନ ପ୍ରକାଶ କରିଛନ୍ତି।

# ସ୍ତ୍ରୀର ବେକ କାଟିଦେଇ ଥାନାରେ ଆତ୍ମସମର୍ପଣ କଲା ସ୍ୱାମୀ

ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲା କାଲିମେଲା ଅଞ୍ଚଳରେ ସ୍ତ୍ରୀର ବେକ କାଟିଦେଲା ଅଭିଯୁକ୍ତ ସ୍ୱାମୀ ବିଭାସ ମିର୍ଦ୍ଧା। ଗୁରୁତର ସ୍ତ୍ରୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତର ମହିଳା ହେଲେ ମୋନିକା ମିର୍ଦ୍ଧା। ମାଲକାନଗିରି ଜିଲ୍ଲା କାଲିମେଲା ଥାନା ଅନ୍ତର୍ଗତ ଏମପିଭି ୨୩ ଗ୍ରାମରେ ପାରିବାରିକ କଥାକୁ ନେଇ ବିବାଦ ଦେଖାଦେଇଥିଲା। ବୁଧବାର ପୂର୍ବାହ୍ଣରେ ସ୍ୱାମୀ-ସ୍ତ୍ରୀ ଙ୍କ ମଧ୍ୟରେ ବିବାଦ ହୋଇଥିଲା। ମହିଳା ଜଣଙ୍କ କିଛି ଦିନ ହେଲା ନିଜ ବାପା ଘର ଏମପିଭି ୨୩ ଗ୍ରାମରେ ରହି ଆସୁଥିଲେ। ତେବେ ସକାଳ ପ୍ରାୟ ୧୦ଟା ସମୟରେ ମହିଳା ଜଣଙ୍କ ଘରେ ରହିଥିବା ବେଳେ ସ୍ୱାମୀ ଅଚାନକ ଆସି ସ୍ତ୍ରୀର ବେକକୁ ଏକ ବ୍ଲେଡରେ କାଟି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଘର ଲୋକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗୁରୁତର ମୋନିକାଙ୍କୁ ପ୍ରଥମେ କାଲିମେଲା ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ମାଲକାନଗିରି ମେଡିକାଲକୁ ସ୍ଥାନାନ୍ତର କରା ଯାଇଥିବାର ଜଣାପଡିଛି। ଅନ୍ୟପଟେ ସ୍ୱାମୀ ବିଭାସ ମିର୍ଦ୍ଧା କାଲିମେଲା ଥାନାରେ ଆତ୍ମସମର୍ପଣ କରିଛି ବୋଲି ପୁଲିସ ସୂତରୁ ସୂଚନା ମିଳିଛି।

# ଲୁଟେରା ଗିରଫ

ସମ୍ବଲପୁର,(ସବ୍ୟୁ): ବୁର୍ଲା ଥାନା ଅନ୍ତର୍ଗତ ନେତାଜୀ ଛକରେ ପିସ୍ତଲ ଦେଖାଇ ଟଙ୍କା ଲୁଟ ଘଟଣାରେ ପୋଲିସ ୧ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ଠାରୁ ଏକ ଦେଶୀ ପିସ୍ତଲ ସହ ଲୁଟ ୧ହଜାର୨୦୦ଟଙ୍କା ଜବତ ହୋଇଛି । ଏନେଇ ବୁର୍ଲା ଥାନାରେ /୨୪ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ବୁର୍ଲା ସହର ଜନଗହଳିପୂର୍ଣ୍ଣ ନେତାଜୀ ଛକରେ ପିଙ୍କୁ ବନଛୋରକୁ ମହତାବ ନଗର ଅଞ୍ଚଳର ତନ୍ମୟ ବନଛୋର(୨୬) ଏକ ପିସ୍ତଲ ଦେଖାଇ ଟଙ୍କା ଲୁଟ କରିଥିଲେ । ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି ।

# ବାଇକ ଚାଳକଙ୍କ ଉପରେ ଚଢ଼ିଗଲା ବସ୍

ଖପ୍ରାଖୋଲ,(ସବ୍ୟୁ): ବାଇକ ଆରୋହୀଙ୍କ ଉପରେ ଏକ ଘରୋଇ ବସ ଚଢ଼ିଯିବା ଫଳରେ ଘଟଣା ସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ବୁଧବାର ଅପରାହ୍ଣରେ ଏପରି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ବଲାଙ୍ଗିର ଜିଲ୍ଲା ପାଟଣାଗଡ଼-ବେଲପଡା ରାସ୍ତାରେ ଘଟିଛି। ଏହି ଘରୋଇ ବସ୍ ନିର୍ଦ୍ଧାରିତ ସମୟରେ ବେଲପଡାରୁ ବାହାରି ପାଟଣାଗଡ଼ ଅଭିମୁଖେ ଯାଉଥିଲା । ତେବେ ପାଟଣାଗଡ଼-ବେଲପଡା ରାସ୍ତାର ପୋଡ଼ଛାପର ଛକରେ ଏକ ବାଇକ୍ କୁ ଧକ୍କା ଦେଇଥିଲା ବସ୍। ଘଟଣା ସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ମୃତ ବାଇକ୍ ଆରୋହୀ ହେଉଛନ୍ତି ପୋଡ଼ଛାପର ଗାଁର ନିବେଶ ଧରୁଆ। ଦୁର୍ଘଟଣା ପରେ ଡ୍ରାଇଭର ବସ୍ ଛାଡ଼ି ଚମ୍ପଟ ମାରିଥିଲା। କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ବେଲପଡା ଓ ପାଟଣାଗଡ଼ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ବୁଝାସୁଝା ପରେ ଉତ୍ତେଜନା ପ୍ରସମିତ ହୋଇଥିଲା। ପୁଲିସ୍ ବସ୍ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ଡ଼.ଯାଜ୍ଞସେନି ପ୍ରଧାନୀଙ୍କ ପୁସ୍ତକ ‘ଭତରା ଜନଜାତିର ସଂସ୍କୃତି’ ଲୋକାର୍ପିତ



କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ଠାରେ ସାହିତ୍ୟିକା, ଗବେଷିକା, ଆକାଶବାଣୀ ଭବାନୀପାଟଣାର ଉଦଘୋଷିକା ଡ଼.ଯାଜ୍ଞସେନି ପ୍ରଧାନୀଙ୍କ ଲେଖନୀ ମୁନରୁ ୮ ତମ ପୁସ୍ତକ ‘ଭତରା ଜନଜାତିର ସଂସ୍କୃତି’ ପୁସ୍ତକ ଲୋକାର୍ପଣ ଉତ୍ସବ ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସହ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ସ୍ୱାଗତ ଅଭିଭାଷଣ ମକରଧ୍ୱଜ ରାଉତ ରଖିଥିବା ବେଳେ ଲୋକାର୍ପଣ ଉତ୍ସବରେ ବରିଷ୍ଠ ଶିକ୍ଷାବିତ୍ ମିନିକେତନ ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ସାହିତ୍ୟ ଜଗତର ଜଣେ ସୁଲେଖକ, ସାହିତ୍ୟିକ, ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପ୍ରଫେସର ଡ଼. ଗୋପୀନାଥ ବାଗ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ ତଥା ଭତରା ସମାଜର ଗବେଷକ ବନମାଳୀ ମାଝୀ, ସମ୍ମାନିତ ଅତିଥି ଭାବେ ଯୁବ ଲେଖକ ଋତୁରାଜ ମାଝୀ, ଭତରା ଜନଜାତି ସଂସ୍କୃତିର ଲେଖିକା ଡ଼. ଯାଜ୍ଞସେନି ପ୍ରଧାନୀ, ଓଡ଼ିଆ ଅଧ୍ୟାପକ ଅଶ୍ୱିନୀ କୁମାର ପଟ୍ଟନାୟକ ମଞ୍ଚରେ ଉପସ୍ଥିତ ରହି ଭତରା ଜନଜାତିର ପରମ୍ପରା, ଚାଲି ଚଳଣି, ଭତରା ଜନଜାତିରେ ଦେବାଦେବୀଙ୍କ ଧର୍ମ ବିଶ୍ୱାସ, ପର୍ବ ପର୍ବାଣୀ, ଭାଷା ତଥା ଭତରା ଜନଜାତିର ପୂର୍ବ କାଳରେ ଓ ବର୍ତ୍ତମାନ କାଳରେ ରହିଥିବା ସାମାଜିକ ସ୍ଥିତି ଉପରେ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଡକ୍ଟର ପ୍ରଧାନୀଙ୍କ ପୂର୍ବରୁ କବିତା ସଙ୍କଳନ ଶବ୍ଦଚର, ମଲାଭୋକ, କଳାହାଣ୍ଡିର ଲୋକଗୀତ ବୋରିଆ, କଳାହାଣ୍ଡିର ଢଗଢ଼ ମାଳି, କଳାହାଣ୍ଡିର ଲୋକ କ୍ରୀଡା, କଳାହାଣ୍ଡିର ପୁରାତନ ରନ୍ଧାବଢ଼ା ପୁସ୍ତକ ପ୍ରକାଶିତ ହୋଇ ଜନାଦୃତ ହୋଇଛି । କାର୍ଯ୍ୟକ୍ରମରେ ଭତରା ସମାଜର କର୍ମକର୍ତ୍ତା ନୀଳକଣ୍ଠ ମାଝୀ, ଗୋପୀଚନ ନାଏକ, ଗରୁଡ଼ଧ୍ୱଜ ମାଝୀ, କ୍ଷୀରୋଦ ମାଝୀ, ଲକ୍ଷ୍ମୀକାନ୍ତ ପୁଝାରି, ସୁଧୀର ପାତ୍ର, ସୁଧୀର ଧଙ୍ଗଡା ମାଝୀ, ଧର୍ମାନନ୍ଦ ନେଗି ସମେତ ପୂର୍ବତନ ବ୍ଲକ ଅଧ୍ୟକ୍ଷା ତପସ୍ୱିନୀ ପ୍ରଧାନୀ, ଶ୍ରୀନିବାସ ପ୍ରଧାନୀ, କେଶବ ଚନ୍ଦ୍ର ନାଏକ, ଶିକ୍ଷକ ଭାଗ୍ୟବାନ ବାଗ, ଦେବାନନ୍ଦ ରାଉତ ଅନେକ ସାହିତ୍ୟ, ଜନଜାତି ଗବେଷଣା ଉପରେ ରୁଚି ରଖୁଥିବା ଜନ ସାଧାରଣ ଉପସ୍ଥିତ ଥିଲେ। ଏହି ପୁସ୍ତକ ଲୋକାର୍ପଣ ଉତ୍ସବ କାର୍ଯ୍ୟକ୍ରମକୁ ଅଧ୍ୟାପକ ତଥା ସ୍ତମ୍ଭକାର ମୋହନ ଚରଣ ବିଶି ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଜୟ ରାଉତ, ଭାବଗ୍ରାହୀ ପ୍ରଧାନୀ, ଶାରଳା ପ୍ରସାଦ ପ୍ରଧାନୀ, ଶିଶିର ପ୍ରଧାନୀ, ପଲ୍ଲବୀ ରାଉତ, ସଚିନ କୁମାର ରାଉତ ସହଯୋଗ କରିଥିଲେ। ଅଧ୍ୟାପକ ଐରି ନାସନ ଚିନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜରାଜେଶ୍ୱରୀ ବେଶରେ ମାଁ ସମଲେଶ୍ୱରୀ



ସମ୍ବଲପୁର,(ସବ୍ୟୁ): ପଶ୍ଚିମ ଓଡିଶାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ବୁଧବାର ଭକ୍ତମାନଙ୍କୁ ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଇଛନ୍ତି। ମାତ୍ର କୁମାରପୂର୍ଣ୍ଣିମା ଦିନ ମାଁ ସମଲେଶ୍ୱରୀ ଏହି ବେଶ ଧାରଣ କରିଥାନ୍ତି । ତେଣୁ ଏହାକୁ ମହାରାଣୀ ବେଶ କୁହାଯାଏ । ଏହି ମନୋହର ରୂପ ଦର୍ଶନ ପାଇଁ ଭକ୍ତଙ୍କ ସମାଗମ ହୋଇଥିଲା । ମନ୍ଦିରର ଭଣ୍ଡାର ଘରୁ ପୂଜକ ମାନେ ସୁନା, ରୁପା ଓ ବିଭିନ୍ନ ଆଭୂଷଣ ଆଣି ମାଁ ସମଲେଶ୍ୱରୀଙ୍କୁ ସଜ୍ଜିତ କରିଥିଲେ । ମଧ୍ୟାହ୍ନ ସାଢେ ୧ଟାରୁ ଅପରାହ୍ନ ୨ଟା ମଧ୍ୟରେ ମାଁଙ୍କୁ ଏହି ବେଶରେ ସୁସଜ୍ଜିତ କରାଯାଇଥିଲା । ଏହାପରେ ସ୍ୱତନ୍ତ୍ର ଆଳତୀ କରାଯାଇ ପାରମ୍ପରିକ ରୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ଭକ୍ତମାନେ ଶୃଙ୍ଖଳିତ ଭାବେ ଧାଡିରେ ଦର୍ଶନ କରିଥିଲେ । ମନ୍ଦିର ପୂଜକ ମାନେ ଅଗ୍ନିକୁ ସାକ୍ଷୀ ରଖି ୭ଟି ଦୀପ ଧରି ମନ୍ଦିର ଚର୍ତୁପାଶ୍ୱରେ ପରିଭ୍ରମଣ କରିଥିଲେ। ଏହାପରେ ମନ୍ଦିର ଚୂଡ଼ାରେ ନୂତନ ଧ୍ୱଜାରୋହଣ କରାଯାଇଥିଲା । ମନ୍ଦିର ଦଧିନଉତିରେ ମହାଆଳତୀ କରାଯିବା ପରେ ନୂଆ ଧ୍ୱଜା ଲଗାଯାଇଥିଲା। ସ୍ୱାଇଁ ପରିବାର ରାତି ୮ଟାରେ ଏହି ଧ୍ୱଜାରୋହଣ କରିଥିଲେ । ପରେ ପୂଜକ ପରିବାରର ସଦସ୍ୟମାନେ ପାରମ୍ପରିକ ବାଦ୍ୟଯନ୍ତ୍ରରେ ଆଖଡ଼ା ପ୍ରଦର୍ଶନ କରିଥିଲେ।

ସେହିପରି ସହରର ପାଟଣେଶ୍ୱରୀଙ୍କ ସମେତ ଅନ୍ୟ ଦେବୀମନ୍ଦିର ଚୂଡ଼ାରେ ମଧ୍ୟ ନୂଆ ଧ୍ୱଜା ଆରୋହଣ କରାଯାଇଛି। ଏହାକୁ ଦେଖିବାକୁ ଅପରାହ୍ନରେ ଭକ୍ତଙ୍କର ଲମ୍ବାଧାଡ଼ି ଓ ଭିଡ଼ ମନ୍ଦିର ପରିସରରେ ଦେଖିବାକୁ ମିଳିଥିଲା। ଦଶହରା ପୂର୍ଣ୍ଣିମା ଉପଲକ୍ଷେ ଜିଲ୍ଲାର ପୁରପଲ୍ଲୀରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଛି। ବିଶେଷ କରି ଦେବୀମନ୍ଦିର ଗୁଡିକରେ ଜଗତ୍‌ଜନନୀଙ୍କ ସ୍ୱତନ୍ତ୍ର ଶୃଙ୍ଗାର କରାଯିବା ସହିତ ପୂଜାର୍ଚ୍ଚନା କରାଯାଇଛି। ସୂଚନାଯୋଗ୍ୟ, ହର୍ଷଗ୍ରୀବ ଓ ଭଣ୍ଡାସୁର ଭଳି ଅସୁରଙ୍କ ନିପାତ କରିବା ପାଇଁ ମାଁ ଏହି ବେଶ ଧାରଣ କରିଥିଲେ । ଅନ୍ୟ ଦେବତା ମାନେ ମାଁଙ୍କୁ ବିଭିନ୍ନ ଅସ୍ତ୍ରଶସ୍ତ୍ର ପ୍ରଦାନ କରିଥିଲେ । ପ୍ରାୟ ୪୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟରୁ ମନ୍ଦିରରେ ଦେବୀ ସମଲେଶ୍ୱରୀ ଏହି ଦିନ ରାଜରାଜେଶ୍ୱରୀ ବେଶରେ ପୂଜା ପାଇ ଆସୁଛନ୍ତି। ମାଁଙ୍କ ଏହି ବେଶ ଦର୍ଶନ କଲେ କୋଟି ପୁଣ୍ୟ ମିଳିଥାଏ ବୋଲି ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିଶ୍ୱାସ ରହିଛି । ସେହିଭଳି ସହରର ପାଟଣେଶ୍ୱରୀ, ବାଟମଙ୍ଗଳା, ଦୁର୍ଗାପାଲିର ବନଦୁର୍ଗା, ମୁଦିପଡ଼ାର ଭୁବନେଶ୍ୱରୀ ପ୍ରଭୃତି ମନ୍ଦିରରେ ପୂର୍ଣ୍ଣିମା ପାଇଁ ସ୍ୱତନ୍ତ୍ର ପୂଜାର ଆୟୋଜନ କରାଯାଇଥିଲା। ଏଥିସହ ଅଞ୍ଚଳର ଗ୍ରାମଦେବୀ ପୀଠ ଗୁଡିକରେ ମଧ୍ୟ ସ୍ୱତନ୍ତ୍ର ପୂଜାର ଆୟୋଜନ କରାଯାଇଛି।

# ପୁତ୍ରହନ୍ତା ପିତା ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଠେଲକୋଲୋଇ ଥାନା ଅନ୍ତର୍ଗତ ଡେର୍ବା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ବାପା ନିଜର ପୁଅକୁ କାଠ ଫାଳିଆରେ ପିଟିପିଟି ହତ୍ୟା କରିଛି । ଏନେଇ ୨୯୭/୨୪ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ପୁତ୍ରହନ୍ତା ପିତାକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, ପଡୋଶୀ ଘର ଛେଳିକୁ ପୁଅ ନିତ୍ୟା କିଷାନ(୨୭) ଗତ ୧୩ତାରିଖରେ ମାରି ଦେଇଥିଲା । ଏନେଇ ନିତ୍ୟାଙ୍କ ବାପା ଉଦ୍ଧବ କିଷାନଙ୍କୁ ପଡୋଶୀ ଘର ଲୋକେ ଅଭିଯୋଗ କରିଥିଲେ । ଯାହାକୁ ନେଇ ଉଦ୍ଧବ ନିଜ ପୁଅ ଉପରେ ରାଗି ଯାଇଥିଲେ । ରାତିରେ ନିଶାସକ୍ତ ହୋଇ ପଡୋଶୀ ଘର ଛେଳି କାହିଁ ମାରିଲୁ କହି ପୁଅ ନିତ୍ୟାକୁ ଏକ କାଠ ଫାଳିଆରେ ପିଟିପିଟି ହତ୍ୟା କରିଥିଲେ । ମୃତକ ଶରୀରରେ ୨୦ରୁ ଅଧିକ କ୍ଷତ ଥିବାବେଳେ ବାପାର ମାଡରେ ପୁଅର ମୃତ୍ୟୁ ନେଇ ପୋଲିସ ଅଧିକ ତଦନ୍ତ କରୁଛି ।

# ଗୋର୍ଖା ସମାଜ ପକ୍ଷରୁ ଦଶାଇ ଉତ୍ସବ ଉଦ୍‌ଯାପିତ



ଝାରସୁଗୁଡ଼ା,(ସବ୍ୟୁ): ସ୍ଥାନୀୟ ମା ସରସ୍ୱତୀ ନିଶୁଳ୍କ ମହିଳା ବୈଷୟିକ ଶିକ୍ଷାକେନ୍ଦ୍ରରେ ମା ସରସ୍ୱତୀ ମହିଳା ସଙ୍ଗଠନ ଓ ଗୋର୍ଖା ସମାଜ ମିଳିତ ଭାବେ ଆୟୋଜିତ ହୋଇଯାଇଛି । ଦଶାଇ ପୂର୍ଣ୍ଣିମା ଟୀକା ପର୍ବରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଟିକା ଲଗେଇ ଆଶୀର୍ବାଦ ଦେଉଛନ୍ତି ବୟସ୍କ ମୁରବି ମାନେ । ପରିବାର ଜାତି ସମାଜକୁ ଏକ ସୂତ୍ରରେ ବାନ୍ଧି ରଖିବାର ପ୍ରୟାସ ହେଉଛି ପର୍ବ ପର୍ବାଣୀ । ନେପାଲି ହେଉଛନ୍ତି ଶକ୍ତି ଉପାସକ । ତେଣୁ ଦଶହରା ହେଉଛି ତାଙ୍କ ବଡ଼ ପର୍ବ । ଯିଏ ଯେଉଁଠି ଥାଉ ଦଶାଇ ଆସିଲେ ସମସ୍ତେ ଛୁଟି ଆସନ୍ତି ଘରକୁ । ଦୁର୍ଗା ପୂଜାର ପ୍ରଥମ ଦିନରୁ ତିଆରି ହୁଏ ସ୍ୱତନ୍ତ୍ର ଟିକା ଯାହା ଅରୁଆ ଚାଉଳ ଦହି ସିନ୍ଦୁରରେ ତିଆରି ହୋଇ ପ୍ରଥମେ ମାଁଙ୍କୁ ଲଗେଇଲା ପରେ ଘରର ମୁରବି ମାନେ ଛୋଟ ମାନଙ୍କୁ ଟିକା ଲଗେଇ ଆଶୀର୍ବାଦ ସହ ଦକ୍ଷିଣା ଦିଅନ୍ତି ଓ ସମସ୍ତ ପରିବାର ଏକାଠି ଖାଆନ୍ତି । ହେଲେ ଯେଉଁମାନେ ସୁରକ୍ଷା ବାହିନୀରେ ଚାକିରୀ କରନ୍ତି ଛୁଟି ନ ଥିବାରୁ ଦଶହରା ପୂର୍ଣ୍ଣମୀ ପରେ ଅଞ୍ଚଳର ବୟସ୍କଙ୍କ ହାତରୁ ଟୀକା ଲଗେଇ ଆଶୀର୍ବାଦ ନିଅନ୍ତି । ଉତ୍ସବରେ ବୟସ୍କ ଅଭିଭାବକ ରୁରେ ଗୌରୀ, ପଦ ଷଡଙ୍ଗୀ ଓ ମଧୁମାତା ଥାପା ସମସ୍ତଙ୍କୁ ଟୀକା ଲଗେଇ ଆଶୀର୍ବାଦ ଦେଇଥିବା ବେଳେ ସ୍ୱତନ୍ତ ଅତିଥି ରୂପେ ଡାକ୍ତର ପ୍ରକାଶ ରଣା ପଣ୍ଡିତ କ୍ଷୀରୋଦ ମହାପାତ୍ର ଯୋଗ ଦେଇଥିବା ବେଳେ ଗୋର୍ଖା ସମାଜର ସଭାପତି ଗଣେଶ ସୁନାର, ଇନ୍ଦ୍ର ନାରାୟଣ ରାଣା ମା ସରସ୍ବତୀ ମହିଳା ସଙ୍ଗଠନର ସଭାନେତ୍ରୀ ଗୀତା ରଣା, ପୂର୍ଣ୍ଣକଳା ରାଇ, ଦୁର୍ଗା ଗୁରୁଙ୍ଗ, କୃଷ୍ଣ ମାୟା ଗୁରୁଙ୍ଗ ଉପସ୍ଥିତ ଥିବା ବେଳେ ଲକ୍ଷ୍ମୀ ଥାପା ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟ ଜୁନିୟର ‘୧୯ ବର୍ଷରୁ କମ୍’ ବ୍ୟାଡମିଣ୍ଟନ ଚାମ୍ପିୟାନସିପ୍ ଉଦ୍‌ଯାପିତ




ବଲାଙ୍ଗିର,(ସବ୍ୟୁ): ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ ପକ୍ଷରୁ ଆୟୋଜିତ ରାଜ୍ୟ ଜୁନିୟର ବ୍ୟାଡମିଣ୍ଟନ ଚମ୍ପିୟାନସିପ୍ ଭୁବନେଶ୍ୱରର ପୋଖରୀପୁଟ ଠାରେ ଥିବା ବହୁମୁଖି ଇନଡ଼ୋର ଷ୍ଟାଡିୟମରେ ଉଦଯାପିତ ହୋଇଯାଇଛି । ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ୧୪ ତାରିଖ ଅପରାହ୍ନରେ ସମାପନ ହୋଇଛି । ପ୍ରତିଯୋଗିତାରେ ସର୍ବମୋଟ ୧୦୩ ଜଣ ଖେଳାଳି ଭାଗ ନେଇଥିଲେ । ପ୍ରତିଯୋଗିତା ଜୁନିୟର ବାଳକ ବିଭାଗରେ ବଲାଙ୍ଗିର ର ଦିବ୍ୟମ କେଜ୍ରିୱାଲ ସିଙ୍ଗିଲ୍ସ ରେ ବାଲେଶ୍ୱରର ଜ୍ୟୋତିସୂର୍ଯ୍ୟ ପାରାମାଣିଙ୍କୁ ୨୧-୧୮, ୨୧-୮ ଏବଂ ଡବଲ୍ସ ବିଭାଗରେ ଭୁବନେଶ୍ୱରର ବାପୁନ ରାଉତଙ୍କୁ ସାଥି କରି ଢେଙ୍କାନାଳ ଓ ମୟୁରଭଞ୍ଜ ଯୋଡି ଶୁଭ୍ରକେତନ ଓ ଶ୍ରୀୟାଂଶ ଜେନାଙ୍କୁ ୨୨-୨୪, ୨୧-୧୩ ଓ ୨୧-୧୪ ରେ ପରାଜିତ କରି ଚମ୍ପିୟାନ ହେବା ସହ ଦ୍ୱିମୁକୁଟ ଲାଭ କରିଛନ୍ତି । ବାଳିକାରେ ସୁନ୍ଦରଗଡର ଗୀତାଶ୍ରୀ ଦେ ଖୋର୍ଦ୍ଧାର ଆଦ୍ୟା ପାଢ଼ିଙ୍କୁ ୨୧-୭, ୨୧-୧୩ ରେ ପରାଜିତ କରି ଚମ୍ପିୟାନ ଆଖ୍ୟା ଲାଭ କରିଛନ୍ତି । ବାଳିକା ବିଭାଗରେ ଆଦ୍ୟା ପାଢ଼ୀ ଓ ସ୍ୱିଟିପ୍ରୀୟା ପ୍ରଧାନ ଫାଇନାଲ ଖେଳରେ ଅସ୍ମିକା ମିଶ୍ର ଓ ସିରିନ ସାଦିକଙ୍କ ଯୋଡିକୁ ପରାଜିତ କରି ଚମ୍ପିୟାନ ହୋଇଛନ୍ତି । ସେହିପରି ମିଶ୍ରିତ ଯୁଗଳରେ ଶୁଭ୍ରକେତନ ଓ ସ୍ୱିଟିପ୍ରୀୟା ପ୍ରଧାନଙ୍କ (ଢେଙ୍କାନାଳ, ରାଏଗଡା) ଯୋଡି ମୟୁରଭଞ୍ଜ ଓ ଖୋର୍ଦ୍ଧା ଯୋଡି ସାଇକେଶବ ମୋଦି ଏବଂ ସିରିନ ସାଦିକଙ୍କୁ ୨୧-୧୧, ୨୧-୧୬ ରେ ପରାଜିତ କରି ଚମ୍ପିୟାନ ହୋଇଛନ୍ତି । ଫାଇନାଲ ଖେଳରେ ମୁଖ୍ୟ ଅତିଥି ଭାବେ ବିଜେପି ମୁଖପାତ୍ର ଯତିନ ମହାନ୍ତି, ସମ୍ମାନିତ ଅତିଥି ଭାବେ କ୍ରୀଡା ବିଭାଗର ଯୁଗ୍ମ ସଚିବ ସୈଳେନ୍ଦ୍ର କୁମାର ଜେନା, ସ୍ୱରୁପ ନନ୍ଦନ ବେହେରା, ରାମଗୋବିନ୍ଦ ପରିଡା ଏବଂ ଧିରଜ ପଟ୍ଟନାୟକ ଯୋଗ ଦେଇ କୃତି କ୍ରୀଡାବିତମାନଙ୍କୁ ପୁରସ୍କାର ରାଶି ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ରାଜ୍ୟ ସଂପାଦକ ନିଳିନ କୁମାର ପ୍ରତ୍ୟକ୍ଷ ତତ୍ୱବଧାନରେ ହେଉଥିବା ଏହି ପ୍ରତିଯୋଗିତା ସାଂଗଠନିକ ସଂପାଦକ ପ୍ରଦୀପ କୁମାର ପଟ୍ଟନାୟକ, ଟୁର୍ଣ୍ଣାମେଣ୍ଟ ସଂଯୋଜକ ଅଜିତ ମହାନ୍ତି,ଅବଦୁଲ ହାକିମ୍, ସୌଭାଗ୍ୟ ଜଗଦେବ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ପ୍ରମୁଖ ଭୂମିକା ତୁଲାଇଥିଲେ ।

## ପରବ-୨୦୨୪ ନେଇ ପ୍ରସ୍ତୁତି ବୈଠକ

# ଦୁଧାରୀ ମାଉଲିମା ମନ୍ଦିରରୁ ଶୁଭାରମ୍ଭ

କୋରାପୁଟ,(ସବ୍ୟୁ): ଆଦିବାସୀ ସଂସ୍କୃତି ଓ ପରମ୍ପରାକୁ ନେଇ ଆୟୋଜନ ହେଉଥିବା କୋରାପୁଟ ଜିଲ୍ଲାର ଲୋକ ମହୋତ୍ସବ ପରବ ୨୦୨୪ ମହାଆଡମ୍ବର ସହକାରେ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ ଜିଲ୍ଲାପାଳ ତଥା ପରବ କମିଟି ଅଧ୍ୟକ୍ଷ ଭି କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଅକ୍ଟୋବର ୨୭ ତାରିଖରେ ସେମିଲିଗୁଡା ବ୍ଲକ ଅନ୍ତର୍ଗତ ଦୁଧାରୀ ମାଉଲିମା ମନ୍ଦିରରୁ ଶୁଭାରମ୍ଭ କରାଯିବାକୁ ନିଷ୍ପତି ନିଆଯାଇଛି । ମୁଖ୍ୟ ସମାରୋହ ଡ଼ିସେମ୍ବର ମାସ ୧୪ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ କୋରାପୁଟ ପୌର ପରିଷଦ ଅନ୍ତର୍ଗତ ରଙ୍ଗବାଲିକୁମ୍ଭା ନିକଟ ନୂତନ ପରବ ପଡ଼ିଆରେ ଆୟୋଜନ କରାଯିବ। କୋରାପୁଟ ଏସପି ରୋହିତ ବର୍ମା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା,ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ , କୋଟପାଡ ବିଧାୟକ ରୂପୁ ଭତ୍ରା,ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, କୋରାପୁଟ ସାଂସଦଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟଙ୍କ ସହ ଉପସ୍ଥିତ ସମସ୍ତ ସଭ୍ୟ ଓ ସଭ୍ୟା ମାନେ ପ୍ରସ୍ତାବକୁ ସମର୍ଥନ କରିଥିଲେ। ଚଳିତ ଥର ଗ୍ରାମ ପଂଚାୟତ ସ୍ତରରେ ମଧ୍ଯ ପରବ ଆୟୋଜନ କରିବାକୁ ନିଷ୍ପତି ହୋଇଛି । ପରବ ମୁଖ୍ୟ ଉତ୍ସବରେ ଉଦଘୋଷକ ମାନେ କୋରାପୁଟିଆ ଦେଶିଆ ଭାଷା ବ୍ୟବହାର କରିବାକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ପ୍ରସ୍ତାବ ଦେଇଥିଲେ । ସେହିପରି ମୁଖ୍ୟ ଉତ୍ସବରେ ବାହାର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ କୋରାପୁଟିଆ ଦେଶିଆ ନାଟକ ପରିବେଷଣ କରିବା ପାଇଁ ବିଧାୟକ ପ୍ରସ୍ତାବ ଦେଇଥିଲେ ।

ଏହାଦ୍ୱାରା କୋରାପୁଟର ଦେଶିଆ ନାଟକର ପ୍ରଚାର ଓ ପ୍ରସାର ହୋଇପାରିବ ବୋଲି ସେ କହିଛନ୍ତି। ପ୍ରସ୍ତୁତି ବୈଠକରେ ଜୟପୁର ଉପ ଜିଲ୍ଲାପାଳ ସୁଶ୍ରୀ ଆକଭରାମ ଶସ୍ୟା ରେଡ୍ଡୀ, ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ , କୋରାପୁଟ ଉପ-ଜିଲ୍ଲାପାଳ ବେଣୁଧର ଶବର, କୋରାପୁଟ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ତପନ କୁମାର ନାୟକ,କୋରାପୁଟ ତହସିଲଦାର ସୟଦ ସବୀର ସାହା, କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଦୃତିକୃଷ୍ଣ ପାତ୍ର, କୋରାପୁଟ ବିଡିଓ ଦେବାଶିଷ ଗୌଡ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସତ୍ୟ ନାରାୟଣ ଖୁରା, ଗ୍ରାମ୍ୟ ନିର୍ମାଣ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଭାକର ବେହେରା, ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ସୋମ୍ୟର୍ଜିନି ସେଠୀ, ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ଭଗବାନ ପ୍ରଧାନ, କୋରାପୁଟ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସ୍ୱରାଜ୍ୟ ସୀସା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ରାବଣ ଦରବାରର ଅନ୍ତ ହେଲା ରାବଣରାଜ



କନ୍ଧମାଳ,(ସବ୍ୟୁ): କନ୍ଧମାଳ ବ୍ଲକ ବସଷ୍ଟାଣ୍ଡ ଦୁର୍ଗାପୂଜା ତାର ୫୦ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଥିବା ଅବସରରେ ଆୟୋଜିତ ରାବଣ ଦରବାରର ଚତୁର୍ଥ ତଥା ଶେଷ ସଂଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ଦ୍ୱାରା ମହାପ୍ରତାପୀ ରାବଣଙ୍କ ନିଧନ ନାଟକକୁ ଶହ ଶହ ଦର୍ଶକ ମନଭରି ଉପଭୋଗ କରିଥିଲେ ।

ଅନ୍ତିମ ସନ୍ଧ୍ୟାରେ ରାବଣଙ୍କ ରାଜଦାରବାରରେ ରାଜକୀୟ ମୁଖ୍ୟ ଅତିଥିଭାବେ ରାଜ୍ୟ ବିଧାନସଭା ମୁଖ୍ୟସଚେତକ ତଥା ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଯୋଗଦେଇ ଥିଲେ । ଅତିଥିଭାବେ ଦୈନିକ ଖବରକାଗଜ ହୀରାଞ୍ଚଳର ସମ୍ପାଦକ ଯୁଗଳ କିଶୋର ସାମଲ, ଜିଲ୍ଲାପରିଷଦ ସଭ୍ୟା ସୁମିତ୍ରା ସାହୁ, ବରିଷ୍ଠ ଉପଦେଷ୍ଟା ଦିବ୍ୟଶଙ୍କର ରାଉତ,କନ୍ଧମାଳ ବ୍ଲକ ସରପଞ୍ଚ ସଂଘ ସଭାପତି ସାରଦୁଳ ନାଗ, ସମାଜସେବୀ ଶିତିକଣ୍ଠ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଅଧ୍ୟାପକ ବସନ୍ତ କୁମାର ଖଟୁଆ ଅତିଥିପରିଚୟ ଓ ରାଜଦରବାର ପରିଚାଳନା କରିଥିଲେ । ଏହି ଅବସରରେ ଦୁର୍ଗାପୂଜା ଆୟୋଜନ ସହ ଜଡିତ ଥିବା ସମସ୍ତ କର୍ମକର୍ତ୍ତାଙ୍କୁ ଉପଢୌକନ ଓ ମାନପତ୍ର ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ବଲାଙ୍ଗିର ସାଲେପାଲିର ପ୍ରସିଦ୍ଧ କଳାକାର ରବୀନ୍ଦ୍ର କୁମାର ସାହୁଙ୍କ ରାବଣ ଭୂମିକାକୁ ଦର୍ଶକ ବହୁ ପ୍ରଶଂସା କରିଥିଲେ। ରାବଣଙ୍କ ଦ୍ୱାରା ସେତୁବନ୍ଧ ପ୍ରତିଷ୍ଠା,ଶୁମ୍ଭ ନିଶୁମ୍ଭ, କୁମ୍ଭକର୍ଣ୍ଣ, ପୁତ୍ର ଇନ୍ଦ୍ରଜିତ ସମେତ ରାବଣ ବଦ୍ଧ ନାଟକ ମଞ୍ଚସ୍ଥ ହୋଇଥିଲା । ଢୋଲ ମହୁରୀ କଳା ପରିଷଦ ବଲାଙ୍ଗିର ସମେତ ଅନ୍ୟ କଳାକାରମାନଙ୍କ ନୃତ୍ୟ ସଂଗୀତରେ ସମଗ୍ର ହାଇସ୍କୁଲ ପଡିଆ ଉତ୍ସବମୁଖର ଓ ଚଳଚଞ୍ଚଳ ହୋଇଥିଲା । ରାବଣ ଦରବାର ସହ ମିନାବଜାର ବୁଲି ମଜାଉଠାଇଥିଲେ ଅଞ୍ଚଳବାସୀ । ଉତ୍ସବକୁ ଶୃଙ୍ଖଳିତ କରିବା ପାଇଁ କମିଟି କର୍ମକର୍ତ୍ତା ଓ ପୋଲିସ ସଜାଗ ରହିଥିଲେ ।

## ମସିଣାଗୋରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପୂର୍ବ ଛାତ୍ରଛାତ୍ରୀ ଆଚାର୍ଯ୍ୟ ଏକତ୍ରୀକରଣ




ଘଣ୍ଟାପଡା,(ସବ୍ୟୁ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକର ଖୁଣ୍ଟିଗୋରା ପଞ୍ଚାୟତର ମସିଣାଗୋରା ସ୍ଥିତ ସରସ୍ବତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସଭାପତି ଦିଗାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ପୂର୍ବ ଛାତ୍ର ଛାତ୍ରୀ ଓ ଆଚାର୍ଯ୍ୟ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷା ବିକାଶ ସମିତି ଓଡିଶାର ବୌଦ୍ଧ ଜିଲ୍ଲା ପ୍ରମୁଖ କାର୍ତ୍ତିକେଶ୍ବର ବେହେରା ଦୀପ ପ୍ରଜ୍ଜ୍ୱଳନ କରି ଉଦ୍ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ କନ୍ଧମାଳ ସଙ୍କୁଳ ପ୍ରମୁଖ ତଥା ଅବସରପ୍ରାପ୍ତ ଅଧ୍ୟାପକ ସନ୍ତୋଷ କୁମାର ବିଶି ଉପସ୍ଥିତ ରହି ସ୍ୱାବଲମ୍ବୀ ଭାରତ ଗଠନ ରେ ପୂର୍ବଛାତ୍ରଛାତ୍ରୀଙ୍କ ଭୂମିକା ବିଷୟରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

ସମ୍ମାନିତ ଅତିଥିଭାବେ କନ୍ଧମାଳ ସଙ୍କୁଳ ସଂଯୋଜକ ଭଗବାନ ମନହିରା , ବିଦ୍ୟୁତ୍ ପରିଷଦ ସଭାପତି ଦୁର୍ଗାଚରଣ ଚାଉଳିଆ , ବିଦ୍ୟୁତ ପରିଷଦ ସମ୍ପାଦକ ଛବିଚନ୍ଦ୍ର ଗୁରୁ , ସଦସ୍ୟା ଲକି ସାହୁ ଉପସ୍ଥିତ ଥିଲେ । ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ସାହୁ ଅତିଥି ପରିଚୟ କରିଥିବା ବେଳେ ବୌଦ୍ଧିକ ପ୍ରମୁଖ ସନ୍ଧ୍ୟାରାଣୀ ମନହିରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୂର୍ବଛାତ୍ର ପରିଷଦ ଗଠନ କରାଯାଇଥିଲା ଓ ଶିଶୁ ଭଉଣୀ ମାନେ ନୃତ୍ୟ ପରିବେଷଣ କରିଥିଲେ । ୭୦ ଜଣ ପୂର୍ବ ଛାତ୍ରଛାତ୍ରୀ ଭାଇ ଭଉଣୀ ୩ ଜଣ ପୂର୍ବ ଆଚାର୍ଯ୍ୟ ଉପସ୍ଥିତ ଥିଲେ ।

କୋଷାଧ୍ୟକ୍ଷ ମନ୍ଦରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମେ ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିଚୟ ପ୍ରଦାନ ସହ ଅନୁଷ୍ଠାନ ପ୍ରତି ନିଜର କର୍ତ୍ତବ୍ୟ ଏବଂ ଉନ୍ନତି ପାଇଁ ଆଲୋଚନା ହୋଇଥିଲା। ଆଚାର୍ଯ୍ୟ ଶ୍ରୀକାନ୍ତ କୁଦେଇ , ରୋଶନ ସାହୁ , ନେପାଳ ପ୍ରଧାନ , ରାଜକୁମାର ରଣା ଆଚାର୍ଯ୍ୟା ,ଝରଣା ପ୍ରଧାନ , ମମିତା ରଣା , ବେଦମତି କୁଦେଇ ,ସୁରୁସୂତା ଭୋଇ ସ୍ୱାଗତିକା ନାଗ ସହଯୋଗ କରିଥିଲେ। ପରିଚାଳନା ସମିତି କାର୍ଯ୍ୟକର୍ତ୍ତାଙ୍କ ସହ କେତେକ ଅଭିଭାବକ ଉପସ୍ଥିତ ରହି ଉତ୍ସାହିତ କରିଥିଲେ।

## କନ୍ଧାବାଞ୍ଜିରେ ୧୮ ଦାଦନ ଶ୍ରମିକ ଉଦ୍ଧାର

କନ୍ଧାବାଞ୍ଜି,(ସବ୍ୟୁ): ପଡୋଶୀ ଆନ୍ଧ୍ରପ୍ରଦେଶର ଇଟାଭାଟିରେ କାମ କରିବା ପାଇଁ ବଲାଙ୍ଗିର ଜିଲ୍ଲା କନ୍ଧାବାଞ୍ଜି ଅଞ୍ଚଳରୁ ଚାଲାଣ ବେଳେ ୧୮ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। କନ୍ଧାବାଞ୍ଜି ପୁଲିସ ମଙ୍ଗଳବାର ସନ୍ଧ୍ୟା ପାଟ୍ରୋଲିଂ ବେଳେ ୪ ଜଣ ପୁରୁଷ ଓ ୭ ଜଣ ମହିଳାଙ୍କ ସମେତ ଶିଶୁମାନଙ୍କୁ ଉଦ୍ଧାର କରିଛି। କନ୍ଧାବାଞ୍ଜି ପୁଲିସ ବେଆଇନ ଭାବରେ ବାହାର ରାଜ୍ୟକୁ ଚାଲାଣ କରାଯାଉଥିବା ଦାଦନ ଶ୍ରମିକମାନଙ୍କୁ ପାଟ୍ରୋଲିଙ୍ଗ ସମୟରେ ଡ଼ଙ୍ଗାମରା ଗାଁ ଛକ ନିକଟରେ ଏକ ଟାଟା ଏସିଇ ଗାଡ଼ିରୁ ଉଦ୍ଧାର କରିଛି। ଆନ୍ଧ୍ର ପ୍ରଦେଶର ଏକ ଇଟାଭାଟିକୁ ଯାଉଥିବା ଜଣାପଡ଼ିଛି । ଏହା ସହ ଦାଦନ ସର୍ଦ୍ଦାର ପ୍ରଦୀପ ବେହେରା ସମେତ ଗାଡି ସହ ଗାଡି ଡ୍ରାଇଭରକୁ ମଧ୍ୟ ଅଟକ ରଖି ଅଧିକ ତଦନ୍ତ କରୁଛି। ଦାଦନ ଶ୍ରମିକମାନେ କନ୍ଧାବାଞ୍ଜି ଥାନା ସର୍ଦ୍ଦାପୁର ଗାଁର ବୋଲି ଜଣାପଡିଛି। ଉଦ୍ଧାର ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ୪ ଜଣ ପୁରୁଷ ଓ ୭ଜଣ ମହିଳା ଅଛନ୍ତି। କାଗଜପତ୍ର ଯାଞ୍ଚ କରି ନିଜନିଜ ଘରକୁ ପଠାଇବାକୁ ବ୍ୟବସ୍ଥା କରିଥିଲା ପୋଲିସ ।

## କନ୍ଧମାଳ ଶିଶୁ ମନ୍ଦିରରେ ଗୀତା ଆବୃତ୍ତି ପ୍ରତିଯୋଗିତା

କନ୍ଧମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ସଦରସ୍ଥିତ କନ୍ଧମାଳ ସରସ୍ବତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ପ୍ରଜ୍ଞାନ ମିଶନ ବୌଦ୍ଧ ପକ୍ଷରୁ ଆୟୋଜିତ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ କନ୍ଧମାଳ ବ୍ଲକ ଅଧିନ ଅଧିକାଂଶ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟର ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଗୀତାର ଚତୁର୍ଥ ଅଧ୍ୟାୟ ଗାନ କରିଥିଲେ। କାର୍ଯ୍ୟକ୍ରମକୁ ପଣ୍ଡିତ ନିରଂଜନ ସାହୁ ସଂଯୋଜନା କରିଥିଲେ । ପରେ ସ୍ଥାନୀୟ ପ୍ରଧାନ ଗୁରୁଜୀ ଭଗବାନ ମନହିରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାକାର୍ଯ୍ୟରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ହାଇସ୍କୁଲର ସହକାରୀ ଶିକ୍ଷୟିତ୍ରୀ ହୈମବନ୍ତି ବାଘ ଯୋଗଦେଇଥିଲେ । ପ୍ରତିଯୋଗିତାରେ ବିଚାରକ ଭାବରେ ଶିବଦତ୍ତ ପଟ୍ଟନାୟକ , ଗୋବିନ୍ଦ ସାହୁ , ଖୁସିରାମମ ବଗର୍ତ୍ତି, ସନ୍ତମା ବୁଡେକ୍ , ସମୀର କୁମାର ସାହୁ ଉପସ୍ଥିତ ଥିଲେ। ଅନ୍ୟ ଗୁରୁଜୀବୃନ୍ଦ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଗୀତା ପ୍ରସାଦ ପୁସ୍ତିକା ଏବଂ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ସହିତ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ପ୍ରଜ୍ଞାନ ମିଶନର ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରାଣବନ୍ଧୁ ମହାପାତ୍ର, ସୌମିତ୍ରି ପଲିଆ ପ୍ରମୁଖ ସହଯୋଗ କରିଥିଲେ। ଶିଶୁ ମନ୍ଦିରର ଭେକୁ ପଧାନ ଓ ଅନ୍ୟାନ୍ୟ ଗୁରୁଜୀ ଗୁରୁମା ଗଣ ଉପସ୍ଥିତ ରହି ସହାୟତା କରିଥିଲେ। ପ୍ରଧାନ ଗୁରୁଜୀ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ ଦେଇଥିଲେ।

## ବିକ୍ରି ହେଉଛି ନିମ୍ନମାନର ବସାଦହି !

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ସହରରେ ବମ୍ବେ ଛକ ନିକଟରେ ଥିବା ସାହୁ ଜେନରାଲ ଷ୍ଟୋର ଦୋକାନରୁ ମଙ୍ଗବାର କକସ୍‌କଲୋନୀ ବାସିନ୍ଦା ଜିବନ ମହାନ୍ତି ଓମଫେଡର ୫୦୦ଗ୍ରାମର ବସାଦହି କିଣି ଘରକୁ ନେଇଥିଲେ। ୧୦ ମିନିଟ ପରେ ଭାତ ଖାଇବାକୁ ବସି ଭାତରେ ଦହି ଗୋଳାଇ ଦେବା ପରେ ଦହି ସଂପୂର୍ଣ ପତଳା ହୋଇ ଯାଇ ଥିଲା । ସେଥିରୁ ଗନ୍ଧ ବାହାରୁ ଥିଲା । ସେ ମଧ୍ୟ ଭାତ ଖାଇ ପାରିଲେ ନାହିଁ। ଏହି ବିଷୟରେ ଦହି ପ୍ୟାକେଟ ନେଇ ସାହୁ ଦୋକାନୀ କୁ ଅଭିଯୋଗ କରିବାରୁ ସେ କହିଲେ ସାର ପ୍ୟାକେଟରେ ଲେଖା ଯାଇଛି ୧୨-୧୦-୨୪ । ମାତ୍ର ୫ ଦିନ ମଧ୍ୟରେ ଖରାପ ହେଲେ ମୁଁ କଣ କରିବି ? ଓମଫେଡକୁ ଆପଣ ଅଭିଯୋଗ କରନ୍ତୁ । ପ୍ୟାକେଟରେ ଲେଖା ଯାଉଛି ସଂପୂର୍ଣ ସ୍ୱାସ୍ଥ୍ୟ ଉପଯୋଗୀ ଓ ବିଶ୍ୱାସ ଯୋଗ୍ୟ । ଏହି ବିଷୟରେ ଅଭିଯୋଗ କରିବାକୁ ହେଲ୍ପ ଲାଇନ ୦୬୭୪୨୫୪୭୧୧୯ ଫୋନ କରିବାରୁ କେହି ଫୋନ ଉଠାଇ ନଥିଲେ। ରାଜ୍ୟ ସରକାରଙ୍କ ଅଧିନରେ ଥିବା ଓମଫେଡର ସଂସ୍ଥାର ଏଭଳି ସ୍ଥିତି ପାଇଁ ଓମଫେଡ ଉପରୁ ଗ୍ରାହକ ମାନଙ୍କର ବିଶ୍ୱାସ ତୃଟି ଯାଉଛି ଓ ସଂସ୍ଥା କ୍ଷତି କରୁଛି। ଶ୍ରୀ ମହାନ୍ତି ଉପଭୋକ୍ତା କୋର୍ଟରେ କେଶ କରିବେ ବୋଲି ପ୍ରକାଶ କରିଛନ୍ତି।

## ବଲାଙ୍ଗିର ଜିଲ୍ଲା ଗ୍ରାମପଞ୍ଚାୟତ ରାତ୍ର ଜଗୁଆଳି, ମେହେନ୍ତର ସଂଘ ଗଠିତ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଗ୍ରାମ ପଞ୍ଚାୟତରେ କାର୍ଯ୍ୟରତ ରାତ୍ର ଜଗୁଆଳି/ମେହେନ୍ତର ସଂଘର ଜିଲ୍ଲା ସ୍ତରୀୟ ବୈଠକ ସ୍ଥାନୀୟ ଗୋୟଲ ଧର୍ମଶାଳାରେ ଗେଥଲ କବାଟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଏଆଇଟିୟୁସି ର ସହଯୋଗ ରେ ସଂଘର ନୂତନ ଭାବରେ ନାମକରଣ କରାଯାଇ ନିଖିଳ ଓଡିଶା ଗ୍ରାମ ପଂଚାୟତ ଶ୍ରମିକ ସଂଘ ନାମରେ ନାମିତ କରାଗଲା । ନଭେମ୍ବର ମାସରେ ଭୁବନେଶ୍ୱର ଠାରେ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହେବ । ତା ପୂର୍ବରୁ ଜିଲ୍ଲା ଓ ବ୍ଲକ ସ୍ତରୀୟ କମିଟି ଗଠନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଦିର୍ଘ ବର୍ଷ ଧରି ରାତ୍ର ଜଗୁଆଳି ଓ ମେହେନ୍ତରମାନେ ଗ୍ରାମ ପଂଚାୟତରେ କାମ କରୁଥିଲେ ମଧ୍ୟ ସର୍ବନିମ୍ନ ମଜୁରି ପାଉ ନଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା ।

ରାତ୍ର ଜଗୁଆଳି ଓ ମେହେନ୍ତରମାନଙ୍କୁ ସାମାଜିକ ସୁରକ୍ଷା ତଥା ସର୍ବ ନିମ୍ନ ମଜୁରି ଦେବାକୁ ସରକାରଙ୍କୁ ଅନୁରୋଧ କରାଯାଇଥିଲା । ବୈଠକରେ ସର୍ବ ସମ୍ମତିକ୍ରମେ ସଭାପତି ଭାବେ ବିଦୁର କୁମ୍ଭାର, ଉପ-ସଭାପତି ଖଗେଶ୍ବର ଚନ୍ଦନ, ସଂପାଦକ ଶ୍ୟାମ ପୁଟେଲ, ସହ-ସଂପାଦକ ସନ୍ୟାସି କୁଦେଇ, କୋଷାଧ୍ୟକ୍ଷ କ୍ଷେତ୍ର ଚନ୍ଦନ ମନୋନୀତ ହୋଇଥିଲଲେ । ଅନ୍ୟମାନଙ୍କ ମଧ୍ୟରେ ୧୧ ଜଣ କାର୍ଯ୍ୟକାରିଣି ସଦସ୍ୟ ଭାବରେ ତ୍ରିନାଥ ପାତ୍ର, ମାଧ ପଧାନ,ସୁଦାମ ମହାକୁର, ମହେନ୍ଦ୍ର ବଗର୍ତ୍ତି, ଗିରି ମନହିରା, ଉପେନ୍ଦ୍ର ନାଗ, ପ୍ରଫୁଲ୍ଲ କୁମ୍ଭାର, କରୁଣା ସୁନା, ଉଦ୍ଧବ କୁମ୍ଭାର, ପୁନମସିଂ ମହତ, ଲାଲ ହାତି ମନୋନିତ ହୋଇଥିଲେ । ଏଥିରେ ବରଗଡ ଜିଲ୍ଲାରୁ ଗଜାନନ ନାଗ, ସୋନପୁର ଜିଲ୍ଲା ରୁ ସୁରେନ୍ଦ୍ର ଗୁରୁ ଓ କଳାହାଣ୍ଡି ଜିଲ୍ଲାରୁ ଲଳିତ ପାରି ଯୋଗ ଦେଇଥିଲେ । ଶେଷରେ ବରୁଣ ସୁନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଘଣ୍ଟବାହାଲରେ ମାଁ ଗଜଲକ୍ଷ୍ମୀଙ୍କ ପୂଜାରମ୍ଭ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମା ଷ୍ଟେସନପଡ଼ା ଓ ବଜାରପଡ଼ା ତଥା ଘଣ୍ଟବାହାଲ ଗ୍ରାମ ଗଣ୍ଡାପଡ଼ା ପକ୍ଷରୁ ବୁଧବାର ମାଁ ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଯାଇଛି । ସ୍ଥାନୀୟ ପୋଖରୀରୁ ମହିଳାଙ୍କ ଦ୍ୱାରା ଜଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପ ଗୁଡ଼ିକରେ ସ୍ଥାପନ କରାଯାଇଥିଲା । ଏହାପରେ ମାଁ ଗଜଲକ୍ଷ୍ମୀଙ୍କ ବିଧି ବିଧାନରେ ପୂଜାରମ୍ଭ ଓ ପରେ ପୁରାଣ ପଠନ କରାଯାଇଥିଲା । କନ୍ଧାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ,ସଦର ସରପଞ୍ଚ ତଥା ବ୍ଲକ ସରପଞ୍ଚ ସଂଘ ସଭାପତି ବିଶ୍ୱବିହାରୀ ଯୋଶୀ ଓ ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା ବିଭିନ୍ନ ପୂଜାମଣ୍ଡପଗୁଡ଼ିକ ବୁଲି ମାଁଙ୍କ ଆଶିଷ ଲାଭ କରିଥିଲେ । ମୁରିବାହାଲ ଷ୍ଟେସନପଡ଼ା ପ୍ରହରୀମଣ୍ଡପରେ ଷ୍ଟେସନପଡ଼ା ଓ ବଜାରପଡ଼ା ପକ୍ଷରୁ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜାରେ କର୍ତ୍ତା ରୂପେ ଶିକ୍ଷକ ତରୁଣ ପୋଡ଼ ଓ ତାଙ୍କ ଧର୍ମପତ୍ନୀ ତପସ୍ୱିନୀ ପୋଡ଼,ପୂଜକ ରୂପେ ପ୍ରଣବ ପ୍ରକାଶ ଦାଶ ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜକ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି କରନ ଜାଲ,ସାଧାରଣ ସମ୍ପାଦକ ସୁଧାଂଶୁ ପୋଡ଼ ଯାଦବ,ସମ୍ପାଦକ ରିତିକ ସାହୁ,ଉପସଭାପତି ଜନକ ଦାସ,ଉଦିତ କଟା,କୋଷାଧ୍ୟକ୍ଷ ଲିକୁନ ସାହୁ,ବାବୁଲି ରାଉତ,କାର୍ଯ୍ୟକାରୀ ସଭାପତି ଦିବ୍ୟସୁନ୍ଦର ସାହୁ,ପଦ୍ମଲୋଚନ ସାହୁ, ପ୍ରଦ୍ୟୁମ୍ନ ପୋଡ ପ୍ରମୁଖଙ୍କ ସହ ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି । ସେହିପରି ଘଣ୍ଟବାହାଲ ଗଜଲକ୍ଷ୍ମୀ ପୂଜା ପାଇଁ କର୍ତ୍ତା ରୂପେ ରତ୍ନାକର ଛୁରା ଓ ତାଙ୍କ ଧର୍ମପତ୍ନୀ ସାଏବନି ଛୁରା ତଥା ପୂଜକ ରୂପେ ବ୍ରଜବନ୍ଧୁ ଦାସ ଦାୟିତ୍ୱ ନିର୍ବାହ କରୁଛନ୍ତି। ଆୟୋଜକ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ବରୁଣ ଛୁରା,ସମ୍ପାଦକ ଶାନ୍ତନୁ ଛୁରା,କୋଷାଧ୍ୟକ୍ଷ ଲଳିତ ବାଗ ଓ କାର୍ଯ୍ୟକାରୀ ସଭାପତି କୁଶ ବାଗଙ୍କ ସହ କମିଟିର ସମସ୍ତ କର୍ମକର୍ତ୍ତା ଓ ଗଣ୍ଡାପଡ଼ାବାସୀ ଏହି ପୂଜାରେ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି। ସନ୍ଧ୍ୟାରେ ପୂଜାମଣ୍ଡପଗୁଡିକରେ ସଙ୍କୀର୍ତ୍ତନ୍ୟ ଭଜନ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେଉଥିବା ଆୟୋଜକ ଗଜଲକ୍ଷ୍ମୀ ପୂଜା କମିଟିଗୁଡିକ ପକ୍ଷରୁ ଜଣାପଡିଛି।

## ନିଆରା ଢଙ୍ଗରେ ନବରାତ୍ର ଓ ଶାରଦୀୟ ପୂଜା ପାଳିତ



ବୋରିଗୁମ୍ମା, (ସବ୍ୟୁ): ବୋରିଗୁମ୍ମା ଭେଙ୍କଟ ନଗର ବାସିନ୍ଦା ବରିଷ୍ଠ ଆଇନଜୀବୀ ଲାଲୁ ଷଡ଼ଙ୍ଗୀ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ନିଜ ବାସଭବନରେ ନିଆରା ଢଙ୍ଗରେ ନବରାତ୍ର ଓ ଶାରଦୀୟ ପୂଜା ପାଳନ କରିଥିଲେ। ମୋଟ ୧୭ ଗୋଟି ପରିବାର ସାମୁହିକ ଭାବେ ନବରାତ୍ର ଓ ଶାରଦୀୟ ପୂଜା କରିଥିବା ବେଳେ ଶେଷ ଦିନରେ ୬ ଜଣ ସମାଜସେବୀଙ୍କୁ ସମ୍ମାନିତ କରିଥିଲେ। ନବରାତ୍ର ପ୍ରଥମ ଦିବସରୁ ଅଭିଷେକ, କଳସ ସ୍ଥାପନ, ସଂକଳ୍ପ, ଅଖଣ୍ଡ ଦୀପ ପ୍ରଜ୍ୱଳନ, ଗାୟତ୍ରୀ ମହାମନ୍ତ୍ର ଜପ,ସାଇ ସତଚରିତ ପାରାୟଣ ଆରମ୍ଭ ହୋଇଥିଲା।

ଗତ ୧୧ ତାରିଖରେ ଯଜ୍ଞାରମ୍ଭ ଓ ପୂର୍ଣ୍ଣାହୁତି କରାଯାଇ ନାମ ସଂକୀର୍ତ୍ତନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସାଇ ଆତ୍ମା ଦର୍ଶନ ଚାରିଟେବଲ ଓ ରାମୋଜି ସିନ୍ଧେ ସାଇ ପରିବାରର ପ୍ରତିଷ୍ଠାତା ସାଇସେବକ ରଞ୍ଜନ ପାତ୍ର ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ୬ ଜଣ ସମାଜସେବୀ ଶିଶୁ ସେବିକା ଆମ୍ବାଜି ଦାସ,ଶବ ବାହକ ସୋମନାଥ ଦିଶାରୀ, ସୀମାଞ୍ଚଳ ସାହୁ,ଶବ ବାହକ ଗାଡିର ଡ୍ରାଇଭର ମନୋଜ କୁମାର ସାହୁ, ସତ୍ୟେନ୍ଦ୍ର କୂଳଦୀପ ଅବୈତନିକ ମନ୍ଦିର ସଫେଇ ବ୍ୟକ୍ତି ତିଳ ଗଣ୍ଡାଙ୍କୁ ସମ୍ମାନିତ କରିଥିଲେ । ଶ୍ରୀ ପାତ୍ର ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ୬ ଟି କୁଷ୍ଠାଶ୍ରମର ପ୍ରତିଷ୍ଠା କରିବା ସହ ଏକ ହଜାରରୁ ଉର୍ଦ୍ଧ୍ୱ କୁଷ୍ଠ ରୋଗାକ୍ରାନ୍ତ ପରିବାରର ସଂରକ୍ଷଣ କର୍ତ୍ତା ଅଟନ୍ତି। ଶେଷ ଦିନରେ ମୋଟ ୬ ଗୋଟି ନାମ ସଂକୀର୍ତ୍ତନ ଦଳଯୋଗ ଦେଇଥିବା ବେଳେ ବୋରିଗୁମ୍ମା ଅଞ୍ଚଳର ପ୍ରାୟ ୧୫ଶହରୁ ଉର୍ଦ୍ଧ ସାଇ ଭକ୍ତ ପ୍ରସାଦ ସେବନ କରିଥିଲେ। ଚଳିତ ନବରାତ୍ର ଓ ଶାରଦୀୟ ପୂଜାକୁ ବୋରିଗୁମ୍ମା ଭେଙ୍କଟ ନଗର ସାଇ ଗାୟତ୍ରୀ ପରିବାର ପରିଚାଳନା କରିଥିଲେ।

## ମଝିପଡ଼ା ସାର୍ବଜନୀନ କାଳୀପୂଜା ପାଇଁ ପ୍ରସ୍ତୁତି ବୈଠକ

ସୋନପୁର,(ସବ୍ୟୁ): ସୋନପୁର ମଝିପଡ଼ାର ୫୬ତମ ସାର୍ବଜନୀନ ମହା କାଳୀପୂଜା ପାଇଁ ରାମଧୁନ କ୍ଲବ ସମ୍ପାଦକ ପିୟୁଷ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ମଝିପଡ଼ା ମାଉସୀ ମାଁ ମଣ୍ଡପ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପ୍ରଥମେ କ୍ଲବର ପ୍ରତିଷ୍ଠାତା ବଳରାମ ପଣ୍ଡାଙ୍କ ବିୟୋଗକୁ ସମ୍ମାନ ଜଣାଇ ସମସ୍ତେ ନିରବ ପ୍ରାର୍ଥନା କରି ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବୈଠକରେ ଗତ ବର୍ଷ କାଳୀ ପୂଜାର ଆୟ ବ୍ୟୟ ଉପରେ ଆଲୋଚନା କରାଯାଇଥିଲା । ଚଳିତ ବର୍ଷର ନୂତନ କର୍ମକର୍ତା ରୂପେ ପୁରେନ୍ଦ୍ର ନାଏକ ସଭାପତି, ବୁବୁନ ନାଏକ ଉପସଭାପତି,ସୁରଜ ସାହୁ ସମ୍ପାଦକ, ଚନ୍ଦନ ସାହୁ ସହ- ସମ୍ପାଦକ ଏବଂ ରାଜୀବ କୁମାର ସାହୁଙ୍କୁ କୋଷାଧ୍ୟକ୍ଷ ଭାବରେ କାର୍ଯ୍ୟ ତୁଲାଇବା ପାଇଁ ପୂଜା କମିଟି ରେ ନିଷ୍ପତ୍ତି ନେଇ ଦାୟିତ୍ୱ ପ୍ରଦାନ କରାଗଲା । ଚଳିତ ବର୍ଷେ କାଳୀପୂଜାକୁ ଆହୁରି କିପରି ଆକର୍ଷଣୀୟ କରାଯିବ ସେ ବିଷୟରେ ସମସ୍ତେ ନିଜ ନିଜ ମତାମତ ପ୍ରଦାନ କରିଥିଲେ । ଏହି ବର୍ଷ କିପରି ମାଁଙ୍କୁ ରୁପା ଅଳଙ୍କାରରେ ସଜ୍ଜିତ କରାଯିବ ସେ ଉପରେ ନିଷ୍ପତ୍ତି ନିଆଗଲା । ତୋରଣ, ଆଲୋକ ସଜ୍ଜା, ସାମୁହିକ ପ୍ରସାଦ ସେବନ, ସନ୍ଧ୍ୟା ଆଳତି ଓ ପ୍ରସାଦ ବଣ୍ଟନ, ପ୍ରତ୍ୟହ ଅନୁଷ୍ଠିତ ହେବାକୁ ଥିବା ଭଜନ, ମେଲୋଡି ସହିତ ଭସାଣି କାର୍ଯ୍ୟକ୍ରମ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ହୋଇଥିଲା । ଚଳିତ ବର୍ଷ ପୂଜାର ବଜେଟ ପ୍ରାୟତଃ ୧୫ ଲକ୍ଷ ଟଙ୍କା ରଖାଯାଇଛି । ସଭାରେ ପୂଜା କମିଟିର ଉପଦେଷ୍ଟା କଇରୁ ସ୍ୱାଇଁ, ମନ ବୋଧ ଭୋଇ, ଭାକୋଡୋ ସ୍ୱାଇଁ, ରାମଜୀ ନେଗି, ଲଡୁ କିଶୋର ମଲ୍ଲିକ, ମାନସ ସେଠି, ଜଗତ ବନ୍ଧୁ ତ୍ରିପାଠୀ, ବାବୁଲୁ ହୋତା, ଶେଷ ଦେବ ମେହେର ପ୍ରମୁଖ ସମସ୍ତ ଉପଦେଷ୍ଟା ଓ ଶତାଧିକ ସଭ୍ୟ ଉପସ୍ଥିତ ଥିବା ବେଳେ ସଭା କାର୍ଯ୍ୟକୁ ବିକାଶ ପଣ୍ଡା ପରିଚାଳନା କରିଥିଲେ ।

## ଶ୍ରୀ ସତ୍ୟସାଇ ସ୍କୁଲ ଓ ସମିତି ପକ୍ଷରୁ ପାନୀୟ ଜଳ ସେବା

ଭବାନୀପାଟଣା,(ସବ୍ୟୁ): ଭବାନୀପାଟଣାସ୍ଥିତ ଶ୍ରୀ ସତ୍ୟସାଇ ବିଦ୍ୟାଳୟ ଓ ଶ୍ରୀ ସତ୍ୟସାଇ ସଂଗଠନର ମିଳିତ ଉଦ୍ୟମରେ ମାଁ ମାଣିକେଶ୍ୱରୀଙ୍କ ଛତର ଯାତ୍ରାରେ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଶୁଦ୍ଧ ପାନୀୟ ଜଳ ସେବା ପ୍ରଦାନ କରାଯାଇଛି। ଅତ୍ୟଧିକ ତାତିକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ସମିତିର ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍ୱେଚ୍ଛାସେବୀ ପାନୀୟ ଜଳ ବଣ୍ଟନ କରି ଶ୍ରଦ୍ଧାଳୁମାନଙ୍କ ସୁନ୍ଦର ଦର୍ଶନ ପାଇଁ ସୁ-ବ୍ୟବସ୍ଥା କରିଥିଲେ। କାର୍ଯ୍ୟକ୍ରମକୁ ସ୍କୁଲ ମେନେଜର ସୁବ୍ରତ ଖାଡାଙ୍ଗା, ଦିଲ୍ଲୀ କନ୍ଭେନର ତୁଳସୀରାମ ସାହୁ, ଜିତେନ୍ଦ୍ର ପଟ୍ଟନାୟକ, ଗତିରାମ ସାହୁ, ବିଭୂତି ଭୂଷଣ ସାହୁ, ଦାଶରଥି ନନ୍ଦ, ପାଣ୍ଡୁ ଚରଣ ମହାପାତ୍ର, ସୁନୀତା ପାଢୀ ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ମାନେ ସେବା ପ୍ରଦାନ କରିଥିଲେ ।

## ସଦାଇପାଲି ଗଜଲକ୍ଷ୍ମୀ ପୂଜାର କଳସ ଯାତ୍ରା



ବଲାଙ୍ଗିର, (ସବ୍ୟୁ): ବଲାଙ୍ଗିର ଜିଲ୍ଲା ସଦର ବ୍ଲକ ଅଧିନ ସଦାଇପାଲିରେ ୨୮ ତମ ଗଜଲକ୍ଷ୍ମୀ ପୂଜା ଲଗ୍ନ ଅନୁସାରେ ବୁଧବାର ସଂଧ୍ୟା ୬ ଟା ୩୦ ମିନିଟ ସମୟରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଂଗଠକ ପ୍ରଦୀପ୍ତ କୁମାର ମିଶ୍ର (ବଦ୍ରି) ସଂଯୋଜନାରେ ମୁଖ୍ୟ କର୍ତ୍ତା ଭାବରେ ପଞ୍ଚାନନ ମିଶ୍ର ସହଧର୍ମିଣୀ ସବିତା ମିଶ୍ର, ଆୟୋଜକ ଫକୀର ମୋହନ ଥାଟି, ଗୁଲାପି ଥାଟି, ହରେକୃଷ୍ଣ ସାହୁ, ନିତୁରାଣୀ ସାହୁ,ଗୋରୀ ଶଙ୍କର ନାଏକ, ରଞ୍ଜୁ ନାଏକ ସହ କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇ ଥିବା ବେଳେ ପୂଜକ ଭାବରେ କିଶୋର ମିଶ୍ର ଓ ଲକ୍ଷ୍ମୀ କାନ୍ତ ଚାନ୍ଦ ଦାୟିତ୍ୱ ତୁଲାଉଛନ୍ତି ।

ପବିତ୍ର କଳସ ଯାତ୍ରାରେ ଗ୍ରାମର ଶତାଧିକ ମହିଳା ଯୁବକଙ୍କ ସମେତ ଗ୍ରାମବାସୀ ସାମିଲ ଥିଲେ । ଗୁରୁବାର ସକାଳ ୭ ଟାରେ ପୂଜା ଆରମ୍ଭ ହେବ । ସଂଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ତଳି ଉଡାର ଗାଁର ରାମଲୀଲା ସୀତା ଚୋରି ନାଟକ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଜୟପାଟଣା ଦୁର୍ଗାପୂଜା ସମ୍ପନ୍ନ

ଜୟପାଟଣା,(ସବ୍ୟୁ): ୬୩ ତମ ସାର୍ବଜନୀନ ଦୁର୍ଗାପୂଜା ଜୟପାଟଣା ସହରରେ ରେକର୍ଡ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ ମଧ୍ୟରେ ସମାପନ ହୋଇଯାଇଛି। ପରିଚାଳନା କମିଟିର ସଭାପତି ସୈଦାମିନି ଦ୍ୱିବେଦୀ, ସଂପାଦକ ଅଭିଳାଷ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ସହ କମିଟି ସଦସ୍ୟମାନେ ସପ୍ତାହ ବ୍ୟାପୀ ପୂଜାର୍ଚ୍ଚନା,ନାଟ, ରେକର୍ଡ ଡ଼ାନ୍ସ, ଘୁମୁରା,ଭଜନ ସଂଧ୍ୟା ଭଳି ବିଭିନ୍ନ କାର୍ଯ୍ୟକ୍ରମ ସଂପାଦନ କରାଯାଇଥିଲା। ମିହିର ବେହେରା ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସେହିପରି ସାର୍ବଜନୀନ ଦୁର୍ଗାପୂଜା କମିଟି ଗାନ୍ଧୀ ଗ୍ରାମ ପଡା,ଜୟପାଟଣା ତରଫରୁ ୨୬ ତମ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଗଙ୍ଗାଧର ମାଝୀ,ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତଙ୍କ ସକ୍ରିୟ ସହଯୋଗ ସହ ପୂଜା କର୍ତ୍ତା ରୂପେ ଦିବାକର ପଟ୍ଟନାୟକ ସପତ୍ନିକ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ୩ ଦିନ ବ୍ୟାପୀ ଦୁର୍ଗା ପୂଜା ମହୋତ୍ସବ ଅବସରରେ ମହା ଅଷ୍ଟମୀ ଠାରୁ ବିଜୟା ଦଶମୀ ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ଗାନ୍ଧି ଗ୍ରାମ ପଡ଼ା ରାବଣ ପୋଡ଼ି କାର୍ଯକ୍ରମରେ ୨୦ ହଜାର ଲୋକଙ୍କ ସମାଗମ ହୋଇଥିଲା। ଉଭୟ ପୂଜାର ଭସାଣି ଯାତ୍ରାରେ ପାରମ୍ପରିକ ବାଦ୍ୟ ସହିତ ଶୋଭାଯାତ୍ରାରେ ଶହ ଶହ ସଂଖ୍ୟାରେ ଭକ୍ତ ସାମିଲ୍ ହୋଇଥିଲେ।

## ଜିଲ୍ଲାସ୍ତରୀୟ ସ୍ୱଚ୍ଛତାରୁ ଦିବ୍ୟତ୍ୱ କାର୍ଯ୍ୟକ୍ରମ

ଭବାନୀପାଟଣା,(ସବ୍ୟୁ): ଭବାନୀପାଟଣାସ୍ଥିତ ଶ୍ରୀ ଶ୍ରୀ ସତ୍ୟସାଇ ସମିତି ଦ୍ୱାରା ସ୍ୱଚ୍ଛତାରୁ ଦିବ୍ୟତ୍ୱ କାର୍ଯ୍ୟକ୍ରମରେ ରାମସ୍ୱାମୀ ମନ୍ଦିର ପରିସରରେ ସ୍ୱଚ୍ଛତା ସେବା କରାଯାଇଥିଲା। ଏହି ସ୍ବଚ୍ଛତାରୁ ଦିବ୍ୟତ୍ୱ ସେବା ପବିତ୍ର ଗାନ୍ଧୀ ଜୟନ୍ତୀ ଠାରୁ ଆରମ୍ଭ ହୋଇ ଶ୍ରୀ ଶ୍ରୀ ସତ୍ୟସାଇ ଅବତାର ଉଦ୍ଘୋଷଣା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସ୍ବଚ୍ଛତା ଅଭିଯାନ କରାଯାଉଛି। ଏହି ଜିଲ୍ଲାସ୍ତରୀୟ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଶ୍ରୀ ସାଇ ସେବା ସମିତିର ଜିଲ୍ଲା ସଭାପତି ବେଣୁଧର କୁମାର, ସୁବ୍ରତ ଖାଡଙ୍ଗା, ପ୍ରତାପ ଚନ୍ଦ୍ର ଦାଶ, ସମିତି କନ୍ଭେନର ତୁଳସୀରାମ ସାହୁ, ଧର୍ମଗଡ ସମିତି କନ୍ଭେନର ତୁଳାରାମ ସାହୁ, ହିଞ୍ଜିଳିବାହିଲି ସମିତିର ସେବାଦଳ, ରାମପୁର ସମିତି କନ୍ଭେନର ନନ୍ଦ କିଶୋର ସାହୁ, ମସିଗାଁ ଭଜନ ମଣ୍ଡଳୀ, ଗଣନାଥପୁର ଭଜନମଣ୍ଡଳୀ ସେବାଦଳ ଓ ଭବାନୀପାଟଣା ସମିତିର ସେବା ଦଳ ଦ୍ୱାରା ସ୍ବଚ୍ଛତା ସେବା ସଂପାଦିତ ହୋଇଥିଲା।

## ଭୁର୍ଷାଗୁଡାରେ ମା ଠାକୁରାଣୀଙ୍କ ବାର୍ଷିକ ଦଶରା



କୋକସରା, (ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ମହିମା ପଞ୍ଚାୟତ ଭୁର୍ଷାଗୁଡା ଠାରେ ମା' ଠାକୁରାଣୀ ଦଶରା ପୂଜାର୍ଚ୍ଚନା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ସକାଳେ ଠାକୁରାଣୀଙ୍କ ମନ୍ଦିରରେ ଗ୍ରାମ୍ୟ ପୂଜକ ରୀତିନୀତି ଅନୁସାରେ ପୂଜାବିଧି ସମ୍ପାଦନ କରିବା ପରେ ଅଞ୍ଚଳର ଶ୍ରଦ୍ଧାଳୁ ମାନେ ଭୋଗ ରାଗ ଦେଇ ଦେବୀଙ୍କ ନିକଟରେ ନିଜ ପରିବାରର ମଙ୍ଗଳକାମନା କରିଥିଲେ। ରାତିରେ ଆୟୋଜିତ ଧର୍ମଗଡ଼ ବିଧାୟକ ସୁଧୀର ପାଟ୍ଟଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ମଞ୍ଚ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ମହିମା ସରପଞ୍ଚ ଇଶରାମ କୋଲଥିଆ, ସମିତି ସଭ୍ୟ ଘନଶ୍ୟାମ ନାଏକ, ନାଏକ, ସରପଞ୍ଚ ସୁମତି ବାଗ, ୱାର୍ଡ ସଭ୍ୟା ଭୂମିସୂତା ମାଝୀ, ୱାର୍ଡ ସଭ୍ୟ ଦୈତାରୀ ମାଝୀ, ଆମପାଣି ମଣ୍ଡଳ ବିଜେପି ସାଧାରଣ ସଂପାଦକ ମଧୁବନ ପାତ୍ର, ମହିମା ଗୈନ୍ତିଆ ସୁରେଶ ଚନ୍ଦ୍ର ପାତ୍ର, ଔରତ ମାଝୀ, ଭୋଜରାଜ କୋଚିଆ, ଦୁର୍ଜନ ମାଝୀ, ନକୁଳ ନାଏକ, ଟଙ୍କଧର ନାଏକ, ଗ୍ରାମ ପୂଜାରୀ ପୁରୁନ ପୂଝାରୀ ପ୍ରମୁଖ ଯୋଗଦେଇ ଥିଲେ। ଏହି ପ୍ରତିଯୋଗୀତାରେ ମୋଟ ୨୪ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ପୁରସ୍କାର ମା' କାଳୀମାଉଳି ଡ୍ୟାନ୍ସ ଗୃପ୍ କୋଟପାଡି, ଦିତୀୟ ଚିକୁମିକୁ ଡେନ୍ସ ଗୃପ୍ ବେହେରା, ତୃତୀୟ ଆର୍ ପି ଡେନ୍ସ ଗୃପ୍ ସେମଲା, ଚତୁର୍ଥ ଜିଙ୍ଗାଲାଲା ଡେନ୍ସ ଗୃପ୍ ଜୟପାଟଣା ଓ ପଞ୍ଚମ ପୁରସ୍କାର ମିସ୍ ମନିଷା ମଇଦଲପୁର ପାଇଥିଲେ। ଆୟୋଜନ କମିଟିର ସଭାପତି ଲଳିତ ଦିଆରୀ, ସଂପାଦକ ଲବ ମାଝୀ, କୋଷାଧ୍ୟକ୍ଷ ଅଶୋକ ବିଶି, ସ୍ୱାମୀ ବିବେକାନନ୍ଦ ଯୁବ ସଂଘ, ଭୁର୍ଷାଗୁଡା ସଭାପତି ଶିବାନ ମାଝୀ, ସଂପାଦକ କ୍ଷୀରୋଦ କୁମାର ନାଏକ, କୋଷାଧ୍ୟକ୍ଷ ଗୋବର୍ଦ୍ଧନ ନାଏକ ସମେତ ଭୁର୍ଷାଗୁଡା ଗ୍ରାମବାସୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମଞ୍ଚକୁ ଜିତେନ୍ଦ୍ର କୁମାର ଠାକୁର ପରିଚାଳନା କରିଥିଲେ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୦/୨୦)

–ବିଭୂତିଯୋଗଃ–

( ଶ୍ରୀଭଗବାନୁବାଚ )

ଅହମାତ୍ମା ଗୁଡ଼ାକେଶ ! ସର୍ବଭୂତାଶୟସ୍ଥିତଃ ।
ଅହମାଦିଶ୍ଚ ମଧ୍ୟଞ୍ଚ ଭୂତାନାମନ୍ତ ଏବ ଚ ॥୨୦॥

(ପ୍ରଥମେ ନିଜର ଐଶ୍ୱର୍ଯ୍ୟ ରୂପ କହୁଛନ୍ତି) – ହେ ଅର୍ଜୁନ ! ମୁଁ ସବୁ ପ୍ରାଣୀଙ୍କର ଅନ୍ତଃକରଣରେ ନିୟନ୍ତାରୂପରେ ଅବସ୍ଥିତ ପରମାତ୍ମା । ପ୍ରାଣୀମାନଙ୍କର ଉତ୍ପତ୍ତି, ସ୍ଥିତି ଓ ସଂହାରସ୍ୱରୂପ ମୁଁ ॥୨୦॥

# କିସାନ, ପେହଲୱାନ ଏବଂ ସମ୍ବିଧାନ

ସମ୍ପାଦକୀୟ

ହରିଆନା ବିଧାନସଭା ନିର୍ବାଚନର ଫଳାଫଳକୁ ନେଇ ଏବେବି ଆଲୋଚନା–ପର୍ଯ୍ୟାଲୋଚନା ଲାଗିରହିଛି । ନିର୍ବାଚନ ଫଳାଫଳକୁ ନେଇ ଭିନ୍ନ ଭିନ୍ନ ମତ ଉପସ୍ଥାପନା କରିବାରେ ଲାଗିଛନ୍ତି ବିଶେଷଜ୍ଞ । ତେବେ ଭାରତୀୟ ଜନତା ପାର୍ଟିର ବୃତ୍ତିଗତ ମନୋଭାବ ଏହାକୁ ଆରାମଦାୟକ ବିଜୟ ହାସଲ କରିବାରେ ସାହାଯ୍ୟ କରିଛି ବୋଲି ପ୍ରାୟ ସବୁ ବିଶେଷଜ୍ଞଙ୍କ ମତ । ଏହାହିଁ ବାସ୍ତବିକତା, ଏଥିରେ ଦ୍ୱିମତ ହେବାର କିଛି ନାହିଁ । ବିଭିନ୍ନ ଜାତି ଓ ଗୋଷ୍ଠୀଙ୍କ ପାଖରେ ବିଜେପି ଏହାର ମନୋଭାବ ବା ମାନସିକତାକୁ ସ୍ପଷ୍ଟ ଭାବରେ ଉପସ୍ଥାପିତ କରିପାରିଥିଲା । ଦଳକୁ ତୃଣମୂଳ ସ୍ତରରେ ଦୃଢ଼ କରି ଲୋକଙ୍କ ପାଖରେ ଦଳର ଆଭିମୁଖ୍ୟକୁ ପହଞ୍ଚାଇ ପାରିଥିଲା । କଂଗ୍ରେସର ପ୍ରଦର୍ଶନକୁ ମଧ୍ୟ ଅବମାନନା କରାଯାଇପାରିବ ନାହିଁ । ଏହାର ଭୋଟ୍ ଅଂଶ ପ୍ରଭାବଶାଳୀ ଏବଂ ଏହା ହରିଆନାରେ ଏକ ଶକ୍ତିଶାଳୀ ବିରୋଧୀ ଭାବରେ ଉଭା ହୋଇଛି । ଦୁଇଟି ଜାତୀୟ ସ୍ତରର ଅଭିଯୋଗ ହରିଆନା ନିର୍ବାଚନକୁ ବେଶ୍ ପ୍ରଭାବିତ କରିବ ବୋଲି ଆଶା କରାଯାଉଥିଲା । ପ୍ରଥମଟି ହେଉଛି, ନରେନ୍ଦ୍ର ମୋଦୀଙ୍କ ଶାସନ ଦ୍ୱାରା ପାରିତ ହୋଇଥିବା ତିନିଟି କୃଷି ଆଇନକୁ କୃଷକଙ୍କ ବିରୋଧ ଏବଂ ଦ୍ୱିତୀୟଟି ହେଉଛି, ଭାରତର ରେସଲିଂ ଫେଡେରେଶନର ସଭାପତି ଥିବା ସମୟରେ ପୂର୍ବତନ ବିଜେପି ସାଂସଦ ବ୍ରିଜ ଭୂଷଣ ଶରଣ ସିଂଙ୍କ ଦ୍ୱାରା ଯୁବ ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ଉତ୍ପୀଡନ ଦିଆଯିବା ନେଇ ଅଭିଯୋଗ । ଉଭୟ ଅଭିଯୋଗକୁ ନେଇ ଦେଶରେ ବଡ ଧରଣର ଧାରଣା, ପ୍ରତିବାଦ, ଆନ୍ଦୋଳନ ଗଢି ଉଠିଥିଲା । ଏହି ଦୁଇଟି ସରକାର ବିରୋଧୀ ଆନ୍ଦୋଳନକୁ ପୁଞ୍ଜି କରିବା ପାଇଁ କଂଗ୍ରେସ ଯଥାସମ୍ଭବ ଚେଷ୍ଟା କରିଥିଲା । କଂଗ୍ରେସ ଏହାର ସ୍ଲୋଗାନରେ ପରିବର୍ତ୍ତନ ଆଣିଥିଲା । ଏହାର ନୂଆ ସ୍ଲୋଗାନ ଥିଲା–'କିସାନ, ପହଲୱାନ ଏବଂ ସମ୍ବିଧାନ' । ଦଳ ୨୦୨୪ ଲୋକସଭା ନିର୍ବାଚନରେ ଭଲ ପ୍ରଦର୍ଶନ କରିଥିଲା ଏବଂ ବିଧାନସଭା ନିର୍ବାଚନରେ ମଧ୍ୟ ଫଳାଫଳ ଆହୁରି ଭଲ ହେବ ବୋଲି ଏହା ଆଶାବାଦୀ ଥିଲା । ନିର୍ବାଚନର ଫଳାଫଳ କିନ୍ତୁ ଅଲଗା ହେଲା । ଅର୍ଥାତ୍, ମତଦାତାଙ୍କୁ କଂଗ୍ରେସର ନୂଆ ସ୍ଲୋଗାନ ଆକର୍ଷିତ କରିପାରିଲା ନାହିଁ । ଏହାର ଅର୍ଥ କିସାନ, ପହଲୱାନଙ୍କ ଆନ୍ଦୋଳନର ପ୍ରଭାବ ଭୋଟରେ ପ୍ରତିଫଳିତ ହେଲାନାହିଁ । ଏବେ ପ୍ରଶ୍ନ ଉଠୁଛି, ସରକାର ବିରୋଧୀ ଲୋକପ୍ରିୟ ଆନ୍ଦୋଳନର ପ୍ରଭାବ ନିର୍ବାଚନ ରାଜନୀତିରେ ପଡେ କି ନାହିଁ ? ଏହାର ଉତ୍ତର ହଁ, ନାହିଁ ରେ ଦେବା ସମ୍ଭବ ନୁହେଁ । ତିନିଟି କୃଷି ଆଇନ ଏବଂ ସର୍ବନିମ୍ନ ସହାୟତା ମୂଲ୍ୟର ବିବାଦୀୟ ପ୍ରସଙ୍ଗ ପଞ୍ଜାବ, ହରିୟାଣା ଏବଂ ପଶ୍ଚିମ ଉତ୍ତରପ୍ରଦେଶର କୃଷକମାନଙ୍କୁ ସଂଗଠିତ କରିବାକୁ ବାଧ୍ୟ କରିଥିଲା । ଏହି ନିର୍ଦ୍ଦିଷ୍ଟ ସମସ୍ୟାର ସମାଧାନ ପାଇଁ ସେମାନେ ଏକାଠି ହୋଇଥିଲେ । ସରକାର କୃଷକମାନଙ୍କ ଦାବିକୁ ବାଧ୍ୟ ହେଇ ଗ୍ରହଣ କରିଥିଲେ । ତେବେ ଚାଷୀଙ୍କ ଅସୁବିଧା ଦେଶବ୍ୟାପୀ ଜନସାଧାରଣଙ୍କ ପାଇଁ ଚିନ୍ତାର କାରଣ ହୋଇପାରି ନାହିଁ । କୁସ୍ତିଯୋଦ୍ଧାଙ୍କ ବିରୋଧ ମଧ୍ୟ ସମାନ ଧରଣର ଥିଲା । ଅଲିମ୍ପିକ୍ ପଦକ ବିଜେତା ଭିନେଶ ଫୋଗେଟ୍ ଏବଂ ବଜରଙ୍ଗ ପୁନିଆଙ୍କ ସମେତ ବିଶିଷ୍ଟ କ୍ରୀଡ଼ାବିତ୍‌ମାନେ ଏହାର ନେତୃତ୍ୱ ନେଇଥିଲେ । ବିକ୍ଷୋଭକାରୀମାନେ ଯୌନ ଉତ୍ପୀଡ଼ନ ପ୍ରସଙ୍ଗ ଉଠାଇ ବ୍ରିଜ ଭୂଷଣ ଶରଣ ସିଂଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ । ସରକାର ଏହି ଦାବିକୁ ପ୍ରାୟ ଅଣଦେଖା କରି ତ୍ୱରିତ ପଦକ୍ଷେପ ନେଇନଥିଲେ । ବିଭିନ୍ନ ଉତ୍‌ଥାନ–ପତନ ସତ୍ତ୍ୱେ, କୁସ୍ତି ଯୋଦ୍ଧାମାନଙ୍କ ଆନ୍ଦୋଳନ ଏହାର ମୌଳିକ ଉଦ୍ଦେଶ୍ୟକୁ ସମ୍ପୂର୍ଣ୍ଣ ରୂପେ ହାସଲ କରିପାରିଲା ନାହିଁ । କୃଷକଙ୍କ ବିରୋଧ ପରି ଏହି ସଂଗ୍ରାମ ମଧ୍ୟ ସାରା ଦେଶର ଜନତାଙ୍କୁ ଆକୃଷ୍ଟ କରିପାରି ନ ଥିଲା । କଥା ହେଉଛି, ବିରୋଧୀ ଦଳର ନେତା, ଏହି ଦୁଇଟି ଶକ୍ତିଶାଳୀ ସାମାଜିକ–ରାଜନୈତିକ ଆନ୍ଦୋଳନକୁ ଜନ ଆନ୍ଦୋଳନର ରୂପ ଦେଇପାରି ନ ଥିଲେ ବା ଏହି ଆନ୍ଦୋଳନକୁ ଦେଶର ଜନତା ସେତିକି ଗୁରୁତର ସହ ନେଇନଥିଲେ । ଏହି ଦୁଇ ଆନ୍ଦୋଳନର ପ୍ରଭାବ ଜନତାଙ୍କ ମଧ୍ୟରେ ଅନୁଭୂତ ହେଇ ନ ଥିଲା । ରାହୁଲ ଗାନ୍ଧିଙ୍କ ଦୁଇଟି ଭରତ ଯୋଡୋ ଯାତ୍ରା ଯାହା ଲୋକଙ୍କ ଗତିବିଧି ତଥା ନାଗରିକ ସମାଜ ସଂଗଠନ ଦ୍ୱାରା ସମର୍ଥିତ ଥିଲା । ଏହି ପରିପ୍ରେକ୍ଷୀରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଘଟଣା ଥିଲା । ତୃଣମୂଳ ସ୍ତରରେ ଜନମତକୁ ସମ୍ବେଦନଶୀଳ କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଏହି ଯାତ୍ରା ସାମାଜିକ ଏବଂ ଅର୍ଥନୈତିକ ନ୍ୟାୟର ଏକ ନୂତନ ଦିଗ ଉପସ୍ଥାପନ କରିବାରେ ସଫଳ ହେଇଥିଲା, ଯାହା ଭୋଟରଙ୍କୁ ଆକର୍ଷିତ କରିଥିଲା ଏବଂ ଏହା କଂଗ୍ରେସକୁ ଲୋକସଭାରେ ଏକ ଶକ୍ତିଶାଳୀ ଶକ୍ତି ଭାବେ ଉଭା କରିବାରେ ସାହାଯ୍ୟ କଲା । କଂଗ୍ରେସର ସାମାଜିକ ନ୍ୟାୟକୁ ନେଇ ଥିବା ଯୁକ୍ତିକୁ ଜନତା ଲୋକସଭା ନିର୍ବାଚନ ସମୟରେ ଯଥେଷ୍ଟ ପ୍ରାଧାନ୍ୟ ଦେଇଥିଲେ । ସ୍ଲୋଗାନକୁ ଆକର୍ଷଣୀୟ କରିବା ପାଇଁ କିସାନ, ପେହଲୱାନ ଏବଂ ସମ୍ବିଧାନ କଥା କଂଗ୍ରେସ ଜନତାଙ୍କ ସାମ୍ନାରେ ଉପସ୍ଥାପିତ କଲା । କିନ୍ତୁ ଏହା ଜନତାଙ୍କୁ ଆକୃଷ୍ଟ କଲାନାହିଁ, ତାର କାରଣ ଥିଲା, କୃଷକ ଏବଂ କୁସ୍ତିଯୋଦ୍ଧାଙ୍କ ପ୍ରତିବାଦ ସହ ସମ୍ପୃକ୍ତ ଭୋଟର ଓ ଅନ୍ୟ ଭୋଟରଙ୍କ ମଧ୍ୟରେ ଏକ ଯୁକ୍ତିଯୁକ୍ତ ସମ୍ପର୍କ ସ୍ଥାପନ କରାଯାଇ ପାରିଲାନାହିଁ । ଦ୍ୱିତୀୟରେ, କଂଗ୍ରେସ କୌଣସି ଗଠନମୂଳକ–ସାଂଗଠନିକ ସଂସ୍କାର କରିପାରିଲା ନାହିଁ । ଏହି ପରିପ୍ରେକ୍ଷୀରେ ହରିୟାନା ବିଧାନସଭା ସର୍ଭେରେ CSDS-Lokniti ସର୍ଭେ ଅତ୍ୟନ୍ତ ପ୍ରାସଙ୍ଗିକ ଅଟେ । ଗ୍ରାମାଞ୍ଚଳରେ ଦଳ ୪୪ ପ୍ରତିଶତ କୃଷକଙ୍କ ଭୋଟ୍ ପାଇଥିଲା, କିନ୍ତୁ ସହରରେ ଏହା ସେହିଭଳି ଭୋଟ ପାଇପାରିଲା ନାହିଁ । ହୁଏତ କଂଗ୍ରେସର ସାମାଜିକ ନ୍ୟାୟକୁ ନେଇ ସ୍ଲୋଗାନ ଏଠାରେ ଭଲ କାର୍ଯ୍ୟ କରିଥାନ୍ତା । ନିର୍ବାଚନ ପ୍ରଚାର ସମୟରେ ରାହୁଲ ଗାନ୍ଧି ଏହା ଉପରେ ଆଲୋକପାତ କରିଥିଲେ । ସର୍ଭେ ଅନୁସାରେ, ଯେତେବେଳେ ହରିୟାନାର ଭୋଟରଙ୍କୁ ନିର୍ବାଚନରେ ଭୋଟ୍ ଦେବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଲ୍ଲେଖ କରିବାକୁ କୁହାଯାଇଥିଲା, ସେତେବେଳେ କେବଳ ୫ ପ୍ରତିଶତ ଉତ୍ତରଦାତା କୃଷକଙ୍କ ଆନ୍ଦୋଳନ କଥା କହିଥିଲେ । ତେଣୁ ଏହା ସ୍ପଷ୍ଟ, କଂଗ୍ରେସର ସ୍ଲୋଗାନ ଏବଂ ରଣନୀତି ହୁଏତ ଏଠାରେ କାମ କରି ନ ଥିଲା ଏବଂ ବିଜେପି ଏହାର ସଂଗଠନ ଶକ୍ତି ଓ ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତାକୁ ଆଧାର କରି ଅତି ସହଜରେ ନିର୍ବାଚନରେ ସଫଳତା ପାଇପାରିଲା ।

# ସ୍ୱାର୍ଥ ଥିବା ସମବେଦନା

ଗୋଟିଏ ଦୈନିକ ବଜାରରେ ଦୁଇ ଜଣ ପରିବା ବେପାରୀ ଯଦୁ ଓ ପବିତ୍ର ପାଖାପାଖି ବସିକି ପ୍ରତିଦିନ ପରିବା ବିକ୍ରିକରି ଥାଆନ୍ତି । ସେଥିରେ ମିଳୁଥିବା ଲାଭରେ ନିଜ ନିଜର ପରିବାର ପ୍ରତିପୋଷଣ କରୁଥାଆନ୍ତି । ଉଭୟେ ଭିନ୍ନ ଭିନ୍ନ ଗ୍ରାମର । ପବିତ୍ର ଯେଉଁଦିନ ସେ ଦୈନିକ ବଜାରକୁ ନିଜର ପରିବା ବିକ୍ରି କରି ଆସି ନ ଥାଏ, ସେଦିନ ଯଦୁ ଅତ୍ୟନ୍ତ ଖୁସିଥାଏ । କାରଣ ସେଦିନ ତା'ର ଟିକିଏ ଅଧିକ ବିକ୍ରି ଓ ଲାଭ ହେବ । ଗତ ଗୋଟିଏ ସପ୍ତାହ ହେବ ପବିତ୍ର ସେହି ଦୈନିକ ବଜାରକୁ ଆସୁ ନ ଥାଏ । ଯଦୁର ଭଲ ବିକ୍ରି ଓ ଲାଭ ହେଉଥାଏ ଛ ତେଣୁ ସେ ଖୁସି ଥାଏ । ଦିନେ ସେ ଭାବିଲା କାଳେ ପବିତ୍ର ଅନ୍ୟ କୌଣସି ବଡ଼ ବେପାର କରିଛି କି ? ଅଧିକ ଲାଭ ପାଇ ତା' ଠାରୁ ଅଧିକ ଅର୍ଥ ରୋଜଗାର କରି ଧନୀ ହୋଇଯିବଣି । ତେଣୁ ସେଦିନ ଯଦୁ ତାକୁ ଦେଖା କରିବାକୁ ଗଲା । ପବିତ୍ରର ଗାଁରେ ପହଞ୍ଚି ସେ ଦେଖିଲା ପବିତ୍ର ତା'ର ଘରେ ବସିଛି । ଯଦୁକୁ ଦେଖି ସେ ଖୁସି ହୋଇ ଅତିଥି ସତ୍କାର କଲା । ତା'ପରେ ସେ ସବୁ ପଚାରି ଜାଣି ପାରିଲା ଯେ ପବିତ୍ରକୁ ଜ୍ୱର ହେଉଥିବାରୁ ଦୈନିକ ବଜାରକୁ ପରିବା ବିକ୍ରି କରି ଯାଉନାହିଁ । ସେଦିନ ସେ ସୁସ୍ଥ ଅନୁଭବ କରୁଥିଲା ଏବଂ ଆଉ ଦୁଇ ଦିନ ପରେ ସେ ପୁଣି ପନିପରିବା ସେହି ବଜାରକୁ ବିକିନେବ ବୋଲି କହିଲା । ଏସବୁ ଶୁଣି ଯଦୁ ଉପରେ ଉପରେ ମିଛ ସମବେଦନା ଜଣାଇ ମୁରୁକି ହସିଲା । କାରଣ ସତରେ ଯଦୁ ପବିତ୍ରକୁ ସମବେଦନା ଜଣେଇବାକୁ ଯାଇ ନ ଥିଲା ବା ତା'ର ସ୍ୱାସ୍ଥ୍ୟ ଅବସ୍ଥା ଦେଖିବାକୁ ଯାଇ ନ ଥିଲା । ସେ ଉପରୁ ଉପରୁ କହିଲା– ଯାହାହେଉ, ଭଲ ହେଇଗଲୁ ପବିତ୍ର । ତୁ ଦୈନିକ ବଜାରକୁ ଯାଉ ନ ଥିବାରୁ ମୋର ମନ ଦୁଃଖ ଥିଲା । ଏତିକି କହି ଯଦୁ ସେଠାରୁ ନିଜ ଘରକୁ ଫେରିଆସିଲା । କିନ୍ତୁ ମନେ ମନେ ସେ ଭାବୁଥାଏ– ଯାହାହେଉ ପବିତ୍ର ଆର୍ଥିକ ରୋଜଗାରରେ ତା'ଠାରୁ ଆଗକୁ ବଢ଼ି ନାହିଁ, ଅନ୍ୟ କିଛି ବଡ଼ ବ୍ୟବସାୟ କରିନାହିଁ । ସତରେ, ଯଦୁ ଭଳି ଏମିତି ଉପରୁ ମିଥ୍ୟା ସମବେଦନା ଦେବା ଲୋକମାନଙ୍କୁ ପବିତ୍ର ଭଳି ଲୋକ ସହଜରେ ତ ଚିହ୍ନି ପାରନ୍ତି ନାହିଁ, ଅନ୍ୟ ପକ୍ଷରେ ସହଜରେ ବିଶ୍ୱାସ କରି ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି । ଯଦୁର ଏଭଳି ସହାନୁଭୂତିକୁ ସ୍ୱାର୍ଥ ଥିବା ସହାନୁଭୂତି କୁହାଯିବ ।

ସନ୍ତୋଷ କୁମାର ଅଦାବର
ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ–୯୭୭୭୯୧୦୭୨୮

# କଡ଼ ଲେଉଟା 'କ'

## ଡ. ଶିଶିର କୁମାର ଦାସ

ଆଲେଖ୍ୟର ଶୀର୍ଷକ ହଠାତ୍ ଅଡୁଆ ଓ ଅସ୍ୱାଭାବିକ ଲାଗିପାରେ । ସାଧାରଣ ପାଠକ ବିଦ୍ୟାର୍ଥୀଙ୍କ ପାଇଁ ଯେଉଁ ଅକ୍ଷର ସ୍ୱାଭାବିକ ଭାବେ ସ୍ଥିର ବା ବୋଧଗମ୍ୟ ହୋଇଥାଏ, ଏକ ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତାଯୁକ୍ତ ବିଦ୍ୟାର୍ଥୀ/ବ୍ୟକ୍ତି ପାଇଁ ତାହା କଡ଼ ଲେଉଟାଇ ଥାଏ ଏବଂ ଭ୍ରମ ସୃଷ୍ଟି କରିଥାଏ । ଏହି ପ୍ରସଙ୍ଗରେ ଜଣେ ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମ ବିଦ୍ୟାର୍ଥୀଙ୍କ ଉକ୍ତି ପ୍ରଣିଧାନଯୋଗ୍ୟ, ''ମୁଁ ଜଣେ ପ୍ରତିଭାସଂପନ୍ନ ବ୍ୟକ୍ତି ନୁହେଁ । ଯେତେବେଳେ ମୁଁ କୌଣସି ଶବ୍ଦ ସବୁ ପଢ଼େ, ସେମାନେ କଡ଼ ଲେଉଟାନ୍ତି ବା ହଲ୍‌ଚଲ୍ ହେବା ଆରମ୍ଭ କରନ୍ତି । ଶବ୍ଦ ସବୁ କାଗଜ ସାରା ଘିରିଘିରି ହୋଇ ବୁଲୁଥାନ୍ତି ।'' ଯେତେବେଳେ ସେଇ ସବୁ ଶବ୍ଦଗୁଡ଼ିକ ନିଜ ନିଜ ଜାଗାକୁ ଫେରି ଆସି ସ୍ଥିର ହୋଇଯାନ୍ତି, ସେତେବେଳକୁ ବହୁତ ଡେରି ହୋଇଯାଇଥାଏ । ସେତେବେଳକୁ ଶ୍ରେଣୀରେ ପାଠପଢ଼ା ବହୁତ ଆଗକୁ ଯାଇସାରିଥାଏ'' । ଆମେ ଯେତେବେଳେ ଶିକ୍ଷା ଅଧିକାର କଥା ଚିନ୍ତା କରୁ, ସେତେବେଳେ ଜାତି, ବର୍ଗ, ଲିଙ୍ଗ ଓ କ୍ଷମତା ନିର୍ବିଶେଷରେ ସମସ୍ତ ଶିଶୁ/ବିଦ୍ୟାର୍ଥୀଙ୍କର ଏକ ବାଧାମୁକ୍ତ ଅନ୍ତର୍ନିବେଶୀ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନା କରିଥାଉ । ବିଶେଷତଃ ଭିନ୍ନକ୍ଷମ ଶିଶୁ/ବିଦ୍ୟାର୍ଥୀଙ୍କର ଶିକ୍ଷା ଅଧିକାର, ସୁଯୋଗ ଓ ସୁବିଧା କଥା ବିଶ୍ଳେଷଣ କଲାବେଳେ ସମ୍ବିଧାନର ଧାରା ଅସ୍ପଷ୍ଟ ଦେଖାଯାଏ । ସମୟର ତୁଳନାତ୍ମକ ସାରଣୀରେ ଆମେ ନିଶ୍ଚିତ ଭାବେ ଅଗ୍ରଗତି କରିଛେ, କିନ୍ତୁ ଆଶାନୁରୂପ ନୁହେଁ ବୋଲି ସ୍ୱୀକାର କରିବାକୁ ପଡ଼ିବ ।

ଅତୀତରେ ଅନେକ ବିଦ୍ୟାର୍ଥୀ ବିଦ୍ୟାଳୟକୁ ଯିବାର କିଛି ବର୍ଷ ପରେ ପାଠ ଛାଡ଼ିଦେଉଥିଲେ । ଯାହାର କାରଣ, ପ୍ରଥମ ପର୍ଯ୍ୟାୟରେ ଆମ ପାଇଁ ଦୁର୍ବୋଧ ଥିଲା । ଏହି ସମସ୍ୟା ହାଲ୍‌କା ଭାବେ ବିଭିନ୍ନ କାରଣ ବାହାନାରେ ନିଜର ଅସ୍ତିତ୍ୱ ହରାଉଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ୧୯୯୫ ମସିହାରୁ 'ସମାନ ସୁଯୋଗ, ଅଧିକାର ସୁରକ୍ଷା ଓ ପୂର୍ଣ୍ଣ ସହଭାଗିତା' ଅଧିନିୟମ, ୮୬ତମ ସମ୍ବିଧାନ ସଂଶୋଧନ ଅଧିନିୟମରେ ପ୍ରଣୀତ ୨୦୦୧–୦୨ରେ ଆରମ୍ଭ ହୋଇଥିବା ସର୍ବଶିକ୍ଷା ଅଭିଯାନ, ଶିକ୍ଷା ଅଧିକାର ଆଇନ୍ (Right to Education' Act) ସମନ୍ୱିତ ଶିକ୍ଷା (Integrated Education for Disable Children), ଅନ୍ତର୍ନିବେଶୀ ଶିକ୍ଷା (Inclusive Education for Disabled at Secondary Stage) ଭଳି ଅନେକ ଯୁଗାନ୍ତକାରୀ ଯୋଜନା କାର୍ଯ୍ୟକାରୀ ହୋଇସାରିଛି । ସଂପ୍ରତି 'ସମଗ୍ର ଶିକ୍ଷା' ନାମରେ ସାରା ଭାରତ ବର୍ଷରେ କାର୍ଯ୍ୟକ୍ରମ ଚାଲିଛି । ଭିନ୍ନକ୍ଷମମାନଙ୍କ ପାଇଁ ୨୦୧୬ ମସିହାରୁ ୨୧ ପ୍ରକାର ଅକ୍ଷମତାକୁ ସ୍ୱୀକୃତି ମିଳିସାରିଛି । ତନ୍ମଧ୍ୟରୁ 'ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା' (Specific Learning Disability) ଅନ୍ୟତମ । ସେହି ଅଧିନିୟମ ଅନୁସାରେ ଶିକ୍ଷଣ ଅକ୍ଷମତା ବହୁବିଧ ଅବସ୍ଥାର ସମାହାର ଯେଉଁଥିରୁ କଥିତ ବା ଲିଖିତ ଭାଷାକୁ ଅନୁଶୀଳନ କରିବାରେ ଏକ ଅନ୍ତର୍ନିହିତ ଅଭାବ ସୃଷ୍ଟି ହୋଇଥାଏ । ଏହିଭଳି ଅବସ୍ଥାରୁ ବୁଝିବା, କହିବା, ପଢ଼ିବା, ଲେଖିବା, ବନାନ କରିବା କିମ୍ବା ଗାଣିତିକ ହିସାବ କରିବାର ଅକ୍ଷମତା ଜନ୍ମ ନେଇଥାଏ ।

ଶିକ୍ଷଣ ଅକ୍ଷମତାକୁ ଏକ ଅଦୃଶ୍ୟ ଅକ୍ଷମତା ବା ଲୁକ୍‌କାୟିତ ଅକ୍ଷମତା ବୋଲି ଅଭିହିତ କରାଯାଏ କାରଣ ଏହାର ଲକ୍ଷଣ ବାହାରୁ ଜାଣିହୁଏ ନାହିଁ । ତେଣୁ ଶିକ୍ଷଣ ଅପାରଗ ଛାତ୍ରଛାତ୍ରୀମାନେ ପ୍ରାୟତଃ ଭୁଲ୍ ବୁଝାମଣାର ଶୀକାର ହୋଇଥାନ୍ତି । ସେମାନଙ୍କୁ ଅନ୍ୟମନସ୍କ, ଅଳସୁଆ ଏବଂ ଅବୁଝା ଭାବେ ଦୋଷ ଦିଆଯାଇଥାଏ ଯାହାକି ସେମାନଙ୍କର ସ୍ୱାଭିମାନରେ ଆଞ୍ଚ ଆଣିଥାଏ ଏବଂ ଆଗକୁ ବଢ଼ିବା ପାଇଁ ନିରୁତ୍ସାହିତ କରିଥାଏ । ଏହି ଶିକ୍ଷଣ ଅକ୍ଷମତାକୁ ପ୍ରାଥମିକ ସ୍ତରରେ ଚିହ୍ନଟ କରିବାର ଆବଶ୍ୟକତା ବହୁତ ବେଶୀ । ଏହା ଏକ ବିଡ଼ମ୍ବନା ଯେ ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପାଖରେ ଏଭଳି ଅକ୍ଷମତାକୁ ଚିହ୍ନିବା ପାଇଁ ଯଥେଷ୍ଟ ସଚେତନତା ଏବଂ ସୂଚନାର ଅଭାବ ପରିଲକ୍ଷିତ ହୋଇଥାଏ । ତେଣୁ ଦୃଷ୍ଟି ଆଢୁଆଳରେ ଏଭଳି ବିଦ୍ୟାର୍ଥୀମାନେ ଉପଯୁକ୍ତ ପରୀକ୍ଷା ନିରୀକ୍ଷା ଅଭାବରୁ ପାଠ ଛାଡ଼ିଦିଅନ୍ତି ଏବଂ ଅବାଟକୁ ଚାଲିଯାଆନ୍ତି ।

ଗବେଷଣା :

ଯଦିଓ ବିଶ୍ୱବ୍ୟାପୀ ବିଗତ ଏକ ଶହ ବର୍ଷ ଧରି ଶିକ୍ଷଣ ଅକ୍ଷମତା ଅନେକ ଗବେଷକମାନଙ୍କ ପାଇଁ ଗବେଷଣାର ଖୋରାକ ଯୋଗାଇ ଆସୁଛି ତଥାପି ସେମିତି କିଛି ସନ୍ତୋଷଜନକ ପର୍ଯ୍ୟାୟରେ ୧୯୬୦ ମସିହା ପର୍ଯ୍ୟନ୍ତ ପହଞ୍ଚି ପାରିନଥିଲେ । ମସ୍ତିଷ୍କ ଗବେଷଣାରୁ ଉନ୍ମୋଚିତ ହୋଇଥିବା କିଛି ତଥ୍ୟ ଶିକ୍ଷଣ ଅକ୍ଷମତାକୁ ଚିହ୍ନିବାରେ ସହାୟକ ହୋଇଥିଲା । ପ୍ରଥମେ ଆଲଫ୍ରେଡ୍ ଷ୍ଟ୍ରସ୍ ଏବଂ ଲିଗ୍ ଲେହଟିନେନ୍‌ଙ୍କ ଭଳି ପ୍ରସିଦ୍ଧ ମନୋବୈଜ୍ଞାନିକ 'ମସ୍ତିଷ୍କ ଆଘାତ ଶିଶୁ' ଭଳି ଶବ୍ଦ ବ୍ୟବହାର ଆରମ୍ଭ କରିଥିଲେ । ଯଦିଓ ଅନେକ ଗବେଷଣା ଇତି ମଧ୍ୟରେ ହୋଇସାରିଛି ତଥାପି ଏହି ଦୁଇ ବୈଜ୍ଞାନିକମାନଙ୍କର ଅମୂଲ୍ୟ ଆବିଷ୍କାର ଯୁଗାନ୍ତକାରୀ ବୋଲି କହିବାକୁ ପଡ଼ିବ । ଜଣେ ଜର୍ମାନ ସ୍ନାୟୁବିତ୍ ପ୍ରଥମେ ୧୮୭୭ ମସିହାରେ ଶିକ୍ଷଣ ଅକ୍ଷମତାକୁ ନିର୍ଦ୍ଦିଷ୍ଟ ଭାବେ ଚିହ୍ନଟ କରିପାରିଥିଲେ ଯାହାକୁ ସେ 'Word-blindness' ବା 'ଶବ୍ଦ ଅନ୍ଧତ୍ୱ' ଭାବେ ଅଭିହିତ କରିଥିଲେ । ଜଣେ ଶିଶୁର ଦୃଷ୍ଟିଶକ୍ତି, ଧିଶକ୍ତି ଏବଂ ବାକ୍‌ଶକ୍ତି ସାଧାରଣ ଥିବା ସତ୍ତ୍ୱେ ସେ ବହି ପଢ଼ିବା ପାଇଁ ସମ୍ପୂର୍ଣ୍ଣ ଦୃଷ୍ଟିହୀନ ଭାବେ ପ୍ରମାଣିତ ହୋଇଥିଲା ।

ଏଭଳି ଅନ୍ଧତ୍ୱ ଶବ୍ଦ ବ୍ୟବହାର କରିବାର ପ୍ରାୟ ୧୦ ବର୍ଷ ପରେ ୧୮୮୭ ମସିହାରେ ମନୋବିଜ୍ଞାନ ଶାସ୍ତ୍ରରେ ପ୍ରଥମେ 'ଡିସ୍‌ଲେକ୍ସିଆ' ଶବ୍ଦର ସଂଜ୍ଞା ନିରୂପଣ କରାଯାଇଥିଲା । ପ୍ରଥମେ ୧୮୯୬ ମସିହାରେ ''ପ୍ରିଙ୍ଗଲ ମୋର୍ଗାନ୍''ଙ୍କ ଦ୍ୱାରା ରଚିତ ''A Case of Congenital Word Blindness'' ପ୍ରବନ୍ଧ ଶିକ୍ଷଣ ଅକ୍ଷମତାକୁ ଚିହ୍ନିବା ପାଇଁ ଆଧାର ଓ କୌଶଳ ଉଚ୍ଚତର ଗବେଷଣାର ଦ୍ୱାର ଖୋଲିଥିଲା । ସାମୁଏଲ୍ ଏ କିର୍କ୍ ହେଉଛନ୍ତି ପ୍ରଥମ ମନସ୍ତତ୍ତ୍ୱବିତ୍ ଯିଏ ୧୯୬୩ ମସିହାରେ ଚିକାଗୋରେ ଅନୁଷ୍ଠିତ ଏକ ଶିକ୍ଷା ଆଲୋଚନାଚକ୍ରରେ ଶିକ୍ଷଣ ଅକ୍ଷମତା ବା ''Learning Disability'' ଶବ୍ଦର ବ୍ୟବହାର କରିଥିଲେ । ୨୦୦୦ ମସିହାରୁ ଏହି କ୍ଷେତ୍ରରେ ନିରନ୍ତର ଗବେଷଣା ଜାରି ରହିଛି । ୨୦୧୩ ମସିହାରେ ''Specific Learning Disorder'' କିମ୍ବା ନିର୍ଦ୍ଦିଷ୍ଟ ଶିକ୍ଷଣ ଅପାରଗତାର ବହୁମୁଖି ବ୍ୟାଖ୍ୟା କରାଯାଇଥିଲା ।

ସାଂପ୍ରତିକ ଶିକ୍ଷା ବ୍ୟବସ୍ଥାରେ ବିଶ୍ୱସ୍ତରୀୟ ଆକଳନରୁ ଜଣାପଡ଼େ ଯେ ପ୍ରତ୍ୟେକ ପାଞ୍ଚଜଣ ବ୍ୟକ୍ତିଙ୍କ ମଧ୍ୟରେ ଜଣେ ଶିକ୍ଷଣ ଅକ୍ଷମତା ଦ୍ୱାରା ପ୍ରଭାବିତ । କନ୍ତୁ କୋଡ଼ିଏ ଜଣରେ ଜଣେ ମାତ୍ର ଚିହ୍ନଟ ହୋଇଥାଏ ଏବଂ ଏମାନଙ୍କ ମଧ୍ୟରୁ ଅଷ୍ଟମ ଶ୍ରେଣୀ ପଢ଼ିଲା ବେଳକୁ ଶତକଡ଼ା ପ୍ରାୟ ୩୫ ଭାଗ ବିଦ୍ୟାର୍ଥୀ 'ଡ୍ରପ୍ ଆଉଟ୍' ହୋଇଯିବାର ଆଶଙ୍କ ବଢ଼ିଯାଇଥାଏ ।

ଆମ ଶିକ୍ଷାୟତନର ଶ୍ରେଣୀଗୃହରେ ଏମିତି ଅନେକ ଶିଶୁ/ବିଦ୍ୟାର୍ଥୀ ଅଛନ୍ତି ଯେଉଁମାନେ ଶିକ୍ଷକ ଓ ଅଭିଭାବକମାନଙ୍କର ଅଜ୍ଞତା ବା ଅବହେଳା ଯୋଗୁଁ ପାଠ ଛାଡ଼ିଦିଅନ୍ତି । ସେମାନେ ନିଜକୁ ଅଲୋଡ଼ା ଭାବନ୍ତି ଓ ଶ୍ରେଣୀ ଗୃହରେ ପଢ଼ାଯାଉଥିବା ପାଠ ସବୁ ସେମାନଙ୍କ ପାଇଁ ଦୁର୍ବୋଧ ମନେ ହୋଇଥାଏ । କଡ଼ ଲେଉଟା 'କ'ର ସୃଷ୍ଟି ଏହି ଘମାଘୋଟ ସଂଘର୍ଷର ପ୍ରକ୍ରିୟାରୁ ହୋଇଥାଏ । କିଛି ବର୍ଷ ତଳେ ଏକ ବଲିଉଡ୍ ହିନ୍ଦୀ ଚଳଚିତ୍ର 'ତାରେ ଜମିନ୍ ପର୍' ଏହି ଶିକ୍ଷଣ ଅକ୍ଷମତା କ୍ଷେତ୍ରରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଏଠାରେ ପ୍ରଶ୍ନ ଉଠେ ଯଦି ଏତେ ସଂଖ୍ୟକ ବିଦ୍ୟାର୍ଥୀ ଉକ୍ତ ଅକ୍ଷମତା ପାଇଁ ଡ୍ରପ୍ ଆଉଟ୍ ହେଉଛନ୍ତି, ତେବେ ସେଥିପାଇଁ ଦାୟୀ କିଏ । ଅନ୍ୟାନ୍ୟ ଅକ୍ଷମତା ପାଇଁ ବିଭିନ୍ନ ବ୍ୟବସ୍ଥା ଅଛି ଆକଳନ କରିବା ଏବଂ ଆନୁସଙ୍ଗିକ ସୁବିଧା, ସୁଯୋଗ ପ୍ରଦାନ କରିବା ନିମନ୍ତେ ।

ପ୍ରୟୋଗ :

ଉଲ୍ଲେଖଯୋଗ୍ୟ ଯେ ଆଇ.ଆଇ.ଇ.ସି. ସ୍ୱେଚ୍ଛାସେବୀ DALI (Dyslexia Assessment for Languages of India) ସୂତ୍ର ଦ୍ୱାରା ୩୦୦ ବିଦ୍ୟାର୍ଥୀଙ୍କୁ SLD ବୋଲି ଚିହ୍ନଟ କରିଥିଲା । ଉକ୍ତ ଅନୁଷ୍ଠାନ ଦ୍ୱାରା ସରକାରୀ ବିଦ୍ୟାଳୟର ଶହ ଶହ ଶିକ୍ଷକ, ବ୍ଲକ୍ ସମ୍ବଳ ଶିକ୍ଷକ ଏବଂ ଶିକ୍ଷା ଅଧିକାରୀଙ୍କୁ ଉକ୍ତ ଅକ୍ଷମତା ସଂପର୍କରେ ସଚେତନ କରାଯାଇଥିଲା ଓ ତାଲିମ୍ ପ୍ରଦାନ କରାଯାଇଥିଲା । ଖୁସିର କଥା ଯେ ଭାରତୀୟ ଏବଂ ସାମାଜିକ ଶିକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି 'ନ୍ୟାସ୍‌ନାଲ୍ ବ୍ରେନ୍ ରିସର୍ଚ୍ଚ ସେଣ୍ଟର' ଦ୍ୱାରା ଉଦ୍ଭାବିତ DALI (Dyslexia Assessment for Languages of India) ପଦ୍ଧତିରେ ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମ ଶିଶୁ/ବିଦ୍ୟାର୍ଥୀଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ବହୁତ ସହଜ ଏବଂ ଗ୍ରହଣୀୟ ହୋଇଛି ।

ଲକ୍ଷଣ ଓ ପ୍ରକାରଭେଦ :

ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତା ଗୋଟିଏ ସ୍ନାୟୁ ବିକାଶ ଜନିତ ସମସ୍ୟା ଯାହାକି ପଢ଼ିବା, ଲେଖିବା କିମ୍ବା ଗାଣିତିତ ହିସାବ କରିବା ଭଳି ଦକ୍ଷତାକୁ ଅବରୋଧ କରିଥାଏ । ଉକ୍ତ ଦକ୍ଷତାଗୁଡ଼ିକ ଅନ୍ୟ ସବୁ ଶିକ୍ଷା ଗ୍ରହଣ କରିବା ପାଇଁ ମୂଳଦୁଆ ସ୍ଥାପନ କରିଥାଏ । ଯଦି ଶିଶୁଟିର ବିକାଶ ସାଧାରଣ ଭଳି ମନେ ହେଉଥାଏ, ତା'ର ଶିଖିବାରେ ଉପୁଜିଥିବା ଅସୁବିଧା ଆଶ୍ଚର୍ଯ୍ୟ ସୃଷ୍ଟି କରେ । ଶିଶୁ ଅବସ୍ଥାରେ ଶିକ୍ଷା ଗ୍ରହଣ କରିବା ସମୟରେ ଅକ୍ଷର ଶିଖିବା ଓ ଗଣନ କରିବା ପ୍ରାୟ ସ୍ୱାଭାବିକ ଜଣାପଡ଼େ । କିନ୍ତୁ ଏ ସବୁ ଅକ୍ଷମତା ଆନୁଷ୍ଠାନିକ ଭାବେ ଶିକ୍ଷା ଗ୍ରହଣ କଲାବେଳେ ହିଁ ଦୃଷ୍ଟିଗୋଚର ହୁଏ । ଏହିଭଳି ଅକ୍ଷମତାର ପ୍ରଭାବ କୈଶୋର ଅବସ୍ଥା ପର୍ଯ୍ୟନ୍ତ ଦୃଷ୍ଟିକୁ ଆସେ ଏବଂ ସାଂସ୍କୃତିକ ପ୍ରଭେଦ ଓ ଶିଶୁ ମାନଙ୍କର ବିକାଶଗତ ପରିବର୍ତ୍ତନ ସତ୍ତ୍ୱେ ଏହା ଏକ ନିତ୍ୟନୈମିତିକ ଅବସ୍ଥାରେ ରୂପାନ୍ତର ହୋଇଥାଏ । ଶିକ୍ଷଣ ଅକ୍ଷମତାର ଲକ୍ଷଣ ବିଶ୍ଳେଷଣ କଲାବେଳେ ଏହି ସବୁ କଥା ନଜରକୁ ଆସେ ଯଥା– ବିଦ୍ୟାଳୟରେ ଆନୁଷ୍ଠାନିକ ଭାବେ ଅଧ୍ୟୟନ କରିବା ସମୟରେ ପଢ଼ିବା, ଲେଖିବା, ଗାଣିତିକ ହିସାବ କରିବାର ଦକ୍ଷତାରେ ବିଭିନ୍ନ ପ୍ରକାର ଅଭାବ । ତନ୍ମଧ୍ୟରୁ ଭୁଲ୍ କିମ୍ବା ଧୀରେ ଏବଂ ବହୁ ଚେଷ୍ଟା କରି ପଢ଼ିବା, ନିମ୍ନ ସ୍ତରର ଲେଖାଲେଖି, ସଂଖ୍ୟା ମନେ ରଖିବାରେ କଷ୍ଟ କିମ୍ବା ଗାଣିତିକ ହିସାବ କିତାବ ବୁଝିବାରେ ଅସୁବିଧା ଇତ୍ୟାଦି ଅନ୍ୟତମ ।

ବିଦ୍ୟାଳୟରେ ଅଧ୍ୟୟନ ସମୟରେ ଭାଷାଗତ ଏବଂ ସଂସ୍କୃତି ସମ୍ପର୍କିତ ପଢ଼ିବା, ଲେଖିବା ଏବଂ ଗଣିତ ଇତ୍ୟାଦି ପରୀକ୍ଷାରେ ଶୈକ୍ଷିକ ଦକ୍ଷତା ସାଧାରଣ ସ୍ତର ଅପେକ୍ଷା ବହୁତ ଖରାପ ହୋଇଥାଏ । ଫଳତଃ ଜଣେ ଡିସ୍‌ଲେକ୍ସିକ୍ ବିଦ୍ୟାର୍ଥୀ ସାଧାରଣ ବିଦ୍ୟାର୍ଥୀ ଅପେକ୍ଷା ପଢ଼ିବା ପାଇଁ ବହୁତ ବେଶି ଚେଷ୍ଟା କରିଥାଏ । ଏହିଭଳି ଶିକ୍ଷଣ ସମସ୍ୟା ବିଦ୍ୟାଳୟ ଅଧ୍ୟୟନ ସମୟରେ ପ୍ରଥମ ଅବସ୍ଥାରେ ଦେଖାଯାଇଥାଏ । ଜଣେ ବିଦ୍ୟାର୍ଥୀର ଏହିଭଳି ଅସୁବିଧା ତା'ର ଭବିଷ୍ୟତ ପଢ଼ାପଢ଼ି, କର୍ମଦକ୍ଷତା କିମ୍ବା ଦୈନନ୍ଦିନ କାର୍ଯ୍ୟକୁ ବାଧା ପହଞ୍ଚାଇଥାଏ । କିନ୍ତୁ ଏହିସବୁ ଅସୁବିଧା ପାଇଁ ବିକାଶଗତ, ସ୍ନାୟୁଗତ, ଦୃଷ୍ଟି ଓ ବାକ୍‌ଶକ୍ତି କିମ୍ବା ଚଳନଗତ କ୍ଷମତାକୁ ଦାୟୀ କରାଯାଇ ନପାରେ । ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତାର ମୂଲ୍ୟାୟନ ଜଣେ ଛାତ୍ରଛାତ୍ରୀର ଇତିହାସ, ଶିକ୍ଷକଙ୍କ ବିବରଣୀ, ବିଦ୍ୟାଳୟ ବିବରଣୀ ଏବଂ ବିଦ୍ୟାର୍ଥୀକୁ ଦିଆଯାଉଥିବା ସାହାଯ୍ୟ ପ୍ରତି ତା'ର ପ୍ରତିକ୍ରିୟା ଉପରେ ପର୍ଯ୍ୟବେସିତ କରିବାକୁ ପଡ଼ିବ । ଜଣେ ବିଦ୍ୟାର୍ଥୀକୁ ଶିକ୍ଷଣ ଅପାରଗ ଭାବେ ଅନ୍ତର୍ଭୁକ୍ତ କରିବା ପାଇଁ ଉକ୍ତ ଅସୁବିଧାଗୁଡ଼ିକ ନିରନ୍ତର ଭାବେ ପରିଲକ୍ଷିତ ହେବା ଆବଶ୍ୟକ ।

ସଦାବେଳେ ପରୀକ୍ଷା ଫଳାଫଳ, ଲଗାତାର ଭାବେ ଉପଯୁକ୍ତ ପଦକ୍ଷେପ ନେବା ସତ୍ତ୍ୱେ ବି ସାଧାରଣ ସ୍ତର ଠାରୁ କମ୍ ରହିବା ଏକ ଲକ୍ଷଣ । ଶିକ୍ଷଣ ଅପାରଗତାର ବିଭିନ୍ନ ପ୍ରକାରଭେଦ ବହୁବିଧ ପର୍ଯ୍ୟାୟରେ କରାଯାଇଥାଏ । ଶିଶୁମାନଙ୍କ ଶିକ୍ଷଣ ଅକ୍ଷମ, ସାଧାରଣ ବିଦ୍ୟାର୍ଥୀ, ମାନସିକ ସ୍ତରରେ ନ୍ୟୁନ, ପଢ଼ିବା ଏବଂ ଗଣିତରେ ଅଯୋଗ୍ୟ ଇତ୍ୟାଦି ବିଭିନ୍ନ ପରିପ୍ରେକ୍ଷୀରେ ସ୍ଥାନିତ କରାଯାଏ । ଶିକ୍ଷଣ ଅକ୍ଷମତାକୁ କେବଳ ଲକ୍ଷ୍ୟ ହାସଲ କରିବା କିମ୍ବା କମ୍ ନମ୍ବର ରଖିଲେ ବୁଝାଯିବ ନାହିଁ, କାରଣ ଏସବୁ ଅସୁବିଧା ପାଇଁ ଆବେଗିତ ବିଶୃଙ୍ଖଳା, ସାମାଜିକ କିମ୍ବା ସାଂସ୍କୃତିକ ଅସୁବିଧା କିମ୍ବା କମ୍ ଦିଗ୍‌ଦର୍ଶନ ମିଳିବା ଦାୟୀ ନହୋଇ ପାରେ ! ଏହାକୁ ଏକ ଅପ୍ରତ୍ୟାଶିତ ଖରାପ ପ୍ରଦର୍ଶନ କୁହାଯାଇପାରେ, ଯାହାକି ନିରନ୍ତର ଭାବେ ପ୍ରତ୍ୟେକ ଶ୍ରେଣୀରେ ଲକ୍ଷ୍ୟ କରାଯାଏ ଏବଂ ଶେଷରେ କମ୍ ପାରଦର୍ଶିତା ପରିଲକ୍ଷିତ ହୋଇଥାଏ ।

ଶିକ୍ଷଣ ଅକ୍ଷମତାକୁ ବହୁତ କ୍ୱଚିତ୍ ଏକକ ଅକ୍ଷମତା ଭାବେ ବିବେଚନା କରାଯାଏ । ବରଂ ଏହାର ବ୍ୟାପକ ସଂଜ୍ଞାରେ ଶୁଣିବା, କହିବା, ସାଧାରଣ ଭାବେ ପଢ଼ିବା (ଅକ୍ଷରକୁ ଚିହ୍ନିବା ଓ ଶବ୍ଦକୁ ପଢ଼ିବା) ପଢ଼ିସାରି ବୁଝିବା, ଗାଣିତିକ ହିସାବ, ଗଣିତକୁ ବୁଦ୍ଧି ଦ୍ୱାରା ବୁଝିବା ଏବଂ ଲିଖିତ ଭାବେ ଭାବ ବ୍ୟକ୍ତି କରିବା ଇତ୍ୟାଦି ସ୍ଥାନ ପାଇଥାଏ । ଶିକ୍ଷଣ ଅକ୍ଷମତାର ପ୍ରକାରଭେଦକୁ ୭ ଭାଗରେ ନାମକରଣ କରାଯାଏ ଯଥା– ଡିସ୍‌ଲେକ୍ସିଆ, ଡିସ୍‌ଗ୍ରାଫିଆ, ଡିସ୍‌କାଲ୍‌କୁଲିଆ, ଶ୍ରବଣ ପ୍ରକ୍ରିୟାରେ ଅସୁବିଧା, ଭାଷା ପରିପ୍ରକାଶ ବାଧା, ଭାବ ପ୍ରକାଶ ଜନିତ ଅକ୍ଷମତା ଏବଂ ଦୃଷ୍ଟି ଚଳନ ବାଧା ଇତ୍ୟାଦି ।

ସମ୍ଭାବ୍ୟ ସମାଧାନ :

ଏତେ ସବୁ ଜଟିଳ ସମସ୍ୟାର ରାତାରାତି ସମାଧାନ କରିବା ଅସମ୍ଭବ ମନେ ହୋଇପାରେ । ଆଜି ପର୍ଯ୍ୟନ୍ତ ଆମେ ଅଗଣିତ ବିଦ୍ୟାର୍ଥୀ/ବ୍ୟକ୍ତିମାନଙ୍କ ପ୍ରତି ଘୋର ଅନ୍ୟାୟ କରିଛେ । ଏଥିପାଇଁ ଅଜ୍ଞତା ଓ ସରକାରୀ ଉଦାସୀନତା ଦାୟୀ । ଆମର ସାମାଜିକ ଦାୟିତ୍ୱ ଓ ପ୍ରତିବଦ୍ଧତାକୁ ସମ୍ମାନ ଜଣାଇ ପ୍ରଥମେ ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମ ବିଦ୍ୟାର୍ଥୀମାନଙ୍କର ଚିହ୍ନଟ ପ୍ରକ୍ରିୟା ଉପରେ ପ୍ରାଥମିକତା ଦେବା । ଏମାନଙ୍କୁ ଚିହ୍ନିବା ପାଇଁ ସରଳ DALI (Dyslexia Assessment for Languages of India) ପଦ୍ଧତି ଦ୍ୱାରା ଆକଳନ କରିବା ସମ୍ଭବତଃ ଗ୍ରହଣୀୟ ହେବ । ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଏ ବିଷୟରେ ସଚେତନ କରିବା ଓ ତାଲିମ୍ ଦେବା ଏବଂ ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଶିକ୍ଷକ ଓ ଅଭିଭାବକମାନଙ୍କର ସମନ୍ୱିତ ବୁଝାମଣା ଓ ସହଯୋଗ ଏକାନ୍ତ ପ୍ରୟୋଜନ । ଚିହ୍ନଟ ହୋଇଥିବା ବିଦ୍ୟାର୍ଥୀ/ଶିଶୁମାନଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ସରକାରଙ୍କ ଦ୍ୱାରା ଗଠନ କରାଯାଇଥିବା ମେଡ଼ିକାଲ୍ ବୋର୍ଡ଼ରେ ସ୍ୱୀକୃତି ଓ ଅନୁବନ୍ଧିତ କରିବା ଜରୁରୀ ଯଦ୍ୱାରା ସେହି ଶିଶୁମାନେ ସରକାରଙ୍କ ଦ୍ୱାରା ସମସ୍ତ ସୁବିଧା, ସୁଯୋଗ ପାଇପାରିବେ ।

ପରୀକ୍ଷା ଦେଲାବେଳେ ଅତିରିକ୍ତ ସମୟ, ସୁବିଧା ଓ ଆବଶ୍ୟକ ସାହାଯ୍ୟ ପାଇବାକୁ ଯୋଗ୍ୟ ବିବେଚିତ ହେବେ । ମହାରାଷ୍ଟ୍ର ବିଦ୍ୟାଳୟ ବୋର୍ଡ଼ରେ ଏଭଳି ଶିଶୁ/ବିଦ୍ୟାର୍ଥୀମାନଙ୍କ ପାଇଁ ସବୁପ୍ରକାର ନ୍ୟାୟିକ ସୁବିଧା ବିଧିବଦ୍ଧ ଭାବେ ଉପଲବ୍ଧ କରାଯାଇଛି । ଯଦି ଅନ୍ୟ ରାଜ୍ୟରେ ହୋଇପାରୁଛି ଆମ ଓଡ଼ିଶାରେ କାହିଁକି ନ ହୋଇପାରିବ ? ଏହା ଏକ ମୌଳିକ ପ୍ରଶ୍ନ ଏବଂ ସମସ୍ୟା ଯାହାର ସମାଧାନର ସୂତ୍ର ବାହାର କରିବା ଖାଲି ସରକାରଙ୍କର ନୁହେଁ, ପ୍ରତ୍ୟେକ ନାଗରିକଙ୍କର ମୌଳିକ ଦାୟିତ୍ୱ ଏବଂ କର୍ତ୍ତବ୍ୟ । ସରକାରଙ୍କ ଅଧୀନରେ ଥିବା ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମଧ୍ୟରେ ସମନ୍ୱୟ ଜରୁରୀ । ଉପରୋକ୍ତ ତିନୋଟି ବିଭାଗ ଭିନ୍ନକ୍ଷମ ବିଦ୍ୟାର୍ଥୀ/ବ୍ୟକ୍ତିମାନଙ୍କର ପ୍ରସଙ୍ଗକୁ ନିୟନ୍ତ୍ରଣ କରିଥାନ୍ତି । ନିର୍ଦ୍ଦିଷ୍ଟ ଶିକ୍ଷଣ ଅକ୍ଷମତାକୁ ବୈଷୟିକ ସ୍ତରରେ ଆକଳନ କରିବା ପାଇଁ ଏବଂ ସ୍ୱୀକୃତି ଦେବାପାଇଁ ମନୋବିଜ୍ଞାନୀମାନଙ୍କର ବିଶ୍ଳେଷଣ ଓ ମତାମତ ବହୁତ ଗୁରୁତ୍ୱପୂର୍ଣ୍ଣ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ଅକ୍ଟୋବର ମାସ ୩୦ ତାରିଖରେ ଶିକ୍ଷଣ ଅକ୍ଷମତା ବିଷୟରେ ସମାଜକୁ ସଚେତନ କରିବା ଏବଂ ସେମାନଙ୍କ ପ୍ରତି ବୁଝାମଣା ବଢ଼ାଇବା ପାଇଁ ଦିଲ୍ଲୀରେ ରାଷ୍ଟ୍ରପତି ଭବନ, ପାର୍ଲିଆମେଣ୍ଟ, ନର୍ଥ ଏବଂ ସାଉଥ୍ ବ୍ଲକ୍, ଇଣ୍ଡିଆ ଗେଟ୍ ସହ ଅନ୍ୟାନ୍ୟ ଐତିହାସିକ ଶୀଳାରାଜି ଏବଂ ସରକାରୀ ଦପ୍ତରଗୁଡ଼ିକୁ ନାଲି ଆଲୁଅରେ ଆଲୋକିତ କରାଯାଇଥିଲା । ଡିସ୍‌ଲେକ୍ସିଆ ବିଷୟରେ ଭ୍ରାନ୍ତ ଧାରଣା ଦୂର କରିବାକୁ ସ୍ଲୋଗାନ୍ ଥିଲା "Go Red' ଏବଂ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା । ସମୟ ଆସିଛି ଆମେ ସମସ୍ତେ ସଚେତନ ହେଲେ ଏକ ସୁସ୍ଥ, ପ୍ରଗତିଶୀଳ ଅନ୍ତର୍ନିବେଶୀ ସମାଜର ସ୍ୱପ୍ନ ସଫଳ ହୋଇପାରିବ । ଆସନ୍ତୁ, ସମସ୍ତେ ସେଇ ଅଜଣା ସ୍ୱପ୍ନ ଦେଖିବାକୁ ବିଦ୍ୟାର୍ଥୀମାନଙ୍କୁ ଅସୀମ ଧୈର୍ଯ୍ୟ ଓ ସହୃଦୟତାର ସହ ଆପଣେଇନେବା ଏବଂ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବା ।

ନିର୍ଦ୍ଦେଶକ, ଆଇ.ଆଇ.ଇ.ସି. (Indian Institute of Education & Care)
IIEC, କେ–୭/୧୬୧, କଳିଙ୍ଗ ନଗର,
ଘାଟିକିଆ, ଭୁବନେଶ୍ୱର,
ମୋ.– ୯୪୩୭୦୫୧୧୪୫
E-mail-shisirkdas1959@gmail.com

# କୁମାର ପୂର୍ଣ୍ଣିମା, ଗଜଲକ୍ଷ୍ମୀ ପୂଜା

## ଯଶସ୍ୱିନୀ ପଟ୍ଟନାୟକ

ସୌନ୍ଦର୍ଯ୍ୟ, ଧନ ଓ ଉତ୍ପାଦନର ଦେବୀ ଲକ୍ଷ୍ମୀଙ୍କର ଅନେକ ରୂପ ଅଛି । ଯେମିତି ମା'ଦୁର୍ଗାଙ୍କର ନ'ଟି ରୂପ, ସେମିତି ମା'ଲକ୍ଷ୍ମୀଙ୍କର ଆଠଟି ରୂପ । ସେମାନଙ୍କୁ ଅଷ୍ଟଲକ୍ଷ୍ମୀ କୁହାଯାଏ । ପୁରାଣରେ ବର୍ଣ୍ଣନା ଅଛି ମା'ଲକ୍ଷ୍ମୀ ପ୍ରଦାନ କରୁଥିବା ଧନ ୧୬ ପ୍ରକାରର । ଏହି ଷୋଡ଼ଶ ଧନ ହେଉଛି – ଜ୍ଞାନ, ବୁଦ୍ଧିମତା, ଶକ୍ତି, ବୀରତ୍ୱ, ସୌନ୍ଦର୍ଯ୍ୟ, ପରାକ୍ରମ, ଖ୍ୟାତି, ଅଭିଳାଷା, ନୈତିକତା, ସ୍ୱର୍ଣ୍ଣ, ଶସ୍ୟ, ଖୁସି, ପରମାନନ୍ଦ, ସ୍ୱାସ୍ଥ୍ୟ, ଆୟୁଷ ଓ ପରାକ୍ରମୀ ସନ୍ତାନ । ଲକ୍ଷ୍ମୀଙ୍କର ଅଷ୍ଟସ୍ୱରୂପ ମନୁଷ୍ୟ ନିମନ୍ତେ ଆବଶ୍ୟକ ଏହି ଷୋଡ଼ଶ ଧନର ଆବଶ୍ୟକତା ପୂରଣ କରନ୍ତି । ମା'ଲକ୍ଷ୍ମୀଙ୍କର ଏହି ଆଠ ରୂପ ହେଉଛି – ଆଦି ଲକ୍ଷ୍ମୀ ବା ମହାଲକ୍ଷ୍ମୀ, ଧନ ଲକ୍ଷ୍ମୀ ବା ଐଶ୍ୱର୍ଯ୍ୟ ଲକ୍ଷ୍ମୀ, ଧାନ୍ୟ ଲକ୍ଷ୍ମୀ, ଗଜ ଲକ୍ଷ୍ମୀ, ସନ୍ତାନ ଲକ୍ଷ୍ମୀ, ବୀରଲକ୍ଷ୍ମୀ ବା ଧୈର୍ଯ୍ୟ ଲକ୍ଷ୍ମୀ, ବିଦ୍ୟା ଲକ୍ଷ୍ମୀ, ବିଜୟଲକ୍ଷ୍ମୀ ବା ଜୟଲକ୍ଷ୍ମୀ ।

ଓଡ଼ିଆ ଚିନ୍ତା ଚେତନାରେ କୁମାର ଉତ୍ସବ ବା କୁମାର ପୂର୍ଣ୍ଣିମା ଅନ୍ୟତମ । ଆଶ୍ୱିନ ମାସ ପୂର୍ଣ୍ଣିମା ତିଥିରେ ଏହି ପର୍ବଟି ପାଳିତ ହୁଏ । ଏହି ଦିନ ଜଗତ୍‌ମାତା ବା ଲକ୍ଷ୍ମୀ ଦେବୀଙ୍କ ପୂଜା କରାଯାଉଥିବାରୁ ଏହାକୁ 'ଗଜଲକ୍ଷ୍ମୀ' ପୂଜା କୁହାଯାଏ । ସୌଭାଗ୍ୟ, ସୌନ୍ଦର୍ଯ୍ୟ ଓ ସମ୍ପଦର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ଶ୍ରୀଲକ୍ଷ୍ମୀ । ଶାରଦୀୟ ପୂର୍ଣ୍ଣିମାରେ ଲକ୍ଷ୍ମୀ ଦେବୀଙ୍କର ଆରାଧନା କରିବା ତ ସ୍ୱାଭାବିକ କଥା । ଶରତର ଶେଷ ସହିତ ହେମନ୍ତର ଆଗମନ । ଶସ୍ୟ ସବୁଜିମାରେ ପରିପୂର୍ଣ୍ଣ ଧରିତ୍ରୀ କେଉଁଠି କେମିତି ପାଚିଲା ଧାନକିଆରୀର ସୁନେଲୀ ଆଡ଼ମ୍ବର । ବର୍ଷାଋତୁ ଧରାପୃଷ୍ଠରୁ ବିଦାୟ ନେଇ ସାରିଥାଏ । ତେଣୁ ନିର୍ମଳ ଆକାଶ, ନଦୀ, ପୁଷ୍କରିଣୀର ଜଳରାଶି ଅନାବିଳ । ସତେ ଯେପରି ମାଆ ଧରିତ୍ରୀ ହସୁଛନ୍ତି ।

ଏହି ସମୟରେ ଗଜପୃଷ୍ଠରେ ଲକ୍ଷ୍ମୀ ଦେବୀଙ୍କର ପଦାର୍ପଣ ହୁଏ । ଭକ୍ତିପୂତ ହୃଦୟର ନିବେଦନ ଶୁଣି ମହାଲକ୍ଷ୍ମୀ ରାତ୍ରୀ ସମୟରେ ଭକ୍ତଗୃହରେ ଉପସ୍ଥିତ ହୋଇ କୁହନ୍ତି 'ନିଶୀଥେ ବରଦା ଲକ୍ଷ୍ମୀଃ କୋ ଜାଗର୍ତ୍ତୀ ଭାଷିନୀ, ତସ୍ମୈ ବିତଂ ପ୍ରୟଚ୍ଛାମିସ୍ମିଃ ଅକ୍ରୋଡ଼ାଂ କରୋତି ଯଃ' । ଯିଏ ରାତ୍ର ଉଜାଗର ରହି ପଶାଖେଳରେ ନିଯୁକ୍ତ ରହେ ତାହାକୁ ହିଁ ଲକ୍ଷ୍ମୀ ଦେବୀ ବରପ୍ରଦାନ କରନ୍ତି । ମୃତ୍ୟୁର କରାଳ କବଳରେ ନବଜାତକ ଅକସ୍ମାତ ପତିତ ହେବା କିମ୍ବା ପୌଷର ଶୁଷ୍କପତ୍ର ତୁଲ୍ୟ ବୃଦ୍ଧଗଣ ମୃତ୍ୟୁ ପ୍ରତୀକ୍ଷାରେ ଅତିଷ୍ଠ ହୋଇ ଉଠିବା– ଏ ତ ସଂସାରର ନିୟମ । ଏହାର ବ୍ୟଞ୍ଜନାତ୍ମକ ଅଭିବ୍ୟକ୍ତି ହେଉଛି ପଶାଖେଳ । ତେଣୁ କୁମାର ପୂର୍ଣ୍ଣିମାରେ ପଶାଖେଳର ପ୍ରଚଳନ – ଏଇ ସାଂସାରିକ ତତ୍ତ୍ୱର ଉପଲବ୍ଧି ପାଇଁ ।

ମା'ଲକ୍ଷ୍ମୀଙ୍କର ନିର୍ଦ୍ଦେଶ, ଯେଉଁ ବ୍ୟକ୍ତି ଏ ଉଠାପଡ଼ା ଦୁନିଆରେ ନିଜ ପୁରୁଷାକାର ଦ୍ୱାରା ସ୍ଥିର ରହେ ସେହି କେବଳ ଜିତାପଟ ନିଏ । କାରଣ ଲକ୍ଷ୍ମୀଙ୍କର ଅନ୍ୟ ନାମ ଚଞ୍ଚଳା । ସେ କାହାକୁ ହସାନ୍ତି ତ କାହାକୁ କନ୍ଦାନ୍ତି । କାହା ମୁଣ୍ଡରେ ରାଜମୁକୁଟ ପିନ୍ଧାନ୍ତି ତ କାହାକୁ ଦାଣ୍ଡର ଭିକାରୀ କରନ୍ତି । ତେଣୁ ରୋଗ, ଶୋକ, ଅଭାବ, ଅନାଟନର ଅନ୍ଧକାର ରାତ୍ରିରେ ଯିଏ ଉଜାଗର ରହେ ଏବଂ ଅସ୍ଥିର ଓ କ୍ଳାନ୍ତ ହୁଏ ନାହିଁ, ସେହି କେବଳ ଲକ୍ଷ୍ମୀଙ୍କର ବରପୁତ୍ର ହୁଏ । ତେଣୁ କୁମାର ପୂର୍ଣ୍ଣିମାରେ ଉଜାଗର ରହିବା ପ୍ରଥା ଓଡ଼ିଶାର ବହୁ ସ୍ଥଳରେ ପ୍ରଚଳନ ରହିଛି ।

କୁମାର ପୂର୍ଣ୍ଣିମା ରାତ୍ରିରେ ଚୁଡ଼ା ଓ ନଡ଼ିଆରେ ଶ୍ରୀଲକ୍ଷ୍ମୀଙ୍କର ଅର୍ଚ୍ଚନା କରାଯାଏ । ଏହା ମଧ୍ୟ ପୁରାଣରେ ବର୍ଣ୍ଣିତ ଅଛି– 'ନାରିକେଳେଶ୍ଚ ପିଟକୈଃ ପିତମ୍ ଦେବାନ୍ ସମର୍ଚ୍ଚୟେତ୍, ବନ୍ଧୁଂଶ୍ଚ ପ୍ରୀନୟେନ୍ନେନ ସ୍ୱୟଂ ତଦଶନୋ ଭବେତ୍' । ଚୁଡ଼ା ନଡ଼ିଆରେ ଲକ୍ଷ୍ମୀ ଦେବୀଙ୍କ ନୈବେଦ୍ୟ ପ୍ରସ୍ତୁତ କରିବାର ତାତ୍ପର୍ଯ୍ୟ ହେଉଛି – ଅନ୍ନହିଁ ଲକ୍ଷ୍ମୀଙ୍କର ରୂପମନ୍ତ ପ୍ରକାଶ । ସେହି ହେତୁରୁ ଧାନ ମଧ୍ୟ ଲକ୍ଷ୍ମୀ ନ୍ୟାୟରେ ପୂଜ୍ୟ । ଏହି ଦିନରେ ପୁଣି ଚନ୍ଦ୍ର ଓ କାର୍ତ୍ତିକଙ୍କର ପୂଜା କରାଯାଏ । କେତକ ଘରର କୁମାରକୁମାରୀମାନେ ତ କେଉଁଠି କେଉଁଠି ଘରର ସମସ୍ତ ସଦସ୍ୟ ନୂତନ ବସ୍ତ୍ର ପରିଧାନ କରି, ସନ୍ଧ୍ୟା ସମୟରେ ନବୋଦିତ୍ ଚନ୍ଦ୍ରଙ୍କର ଆରାଧନା କରନ୍ତି । କୁମାରୀମାନେ ମାସକ ପୂର୍ବରୁ ଏ ଉତ୍ସବ ପାଳନର ପ୍ରସ୍ତୁତି କରିଥାନ୍ତି । ଭାଦ୍ରବ ପୂର୍ଣ୍ଣିମା ବା ଇନ୍ଦୁ ପୂର୍ଣ୍ଣିମା ଠାରୁ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ କୁମାରୀକନ୍ୟାମାନେ ଏକାଠି ହୋଇ ଜହ୍ନିଓଷା କରନ୍ତି । ଜହ୍ନି ଫୁଲରେ କୋଠି ତିଆରି କରି, କଳସ ସ୍ଥାପନ କରି, ତୁଳସୀ ଚଉରା ମୂଳେ ପୂଜା କରିଥାନ୍ତି । ସେହି ପୂଜାର ଉଦ୍‌ଯାପନ ହୁଏ କୁମାର ପୂର୍ଣ୍ଣିମାରେ । ସନ୍ଧ୍ୟାର ପୂଜା ଉତ୍ସବ ବେଳେ ମଧ୍ୟ ଆକାଶରୁ ଗୋଧୂଳିର ରକ୍ତିମା ଲିଭି ନଥାଏ କିମ୍ବା ପୂର୍ଣ୍ଣିମା ଜହ୍ନ ତାର ସମୁଦାୟ କାନ୍ତି ପ୍ରକାଶ କରିନଥାଏ । ଏହିପରି ମଧୁର ସନ୍ଧିବେଳାରେ ଚନ୍ଦ୍ର ପୂଜାର ଆୟୋଜନ ହୁଏ । ତେଣୁ ଏମାନେ ଏକକାଳୀନ ଚନ୍ଦ୍ର ଓ ସୂର୍ଯ୍ୟ ଉଭୟର ପୂଜା କରି ନିଜର ସୌଭାଗ୍ୟ କାମନା କରିଥାନ୍ତି । କୁମାରୀମାନେ କୌତୁକ କ୍ରୀଡ଼ାକରି କୁମାର ପୂର୍ଣ୍ଣିମା ରାତ୍ରିଟି ଉଜାଗରରେ କଟାଇ ଦିଅନ୍ତି । ଏହି ପର୍ବ ଓଡ଼ିଶାର ଘରେ ଘରେ ପାଳିତ ହୁଏ ଏବଂ ଏ ଦିନ ଓଡ଼ିଶାବାସୀ ଗଜଲକ୍ଷ୍ମୀ, ଚନ୍ଦ୍ର, ସୂର୍ଯ୍ୟ ଓ କାର୍ତ୍ତିକଙ୍କର ପୂଜା ଆରାଧନା କରି ନିଜର ସୁଖ, ସୌଭାଗ୍ୟ, ଯଶ, ଧନ ଓ ପୌରୁଷ କାମନା କରିଥାନ୍ତି ।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର–୮, ସିଡିଏ, କଟକ,

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶ୍ରୀମନ୍ଦିର...

ଦେଇଛି ଶ୍ରୀମନ୍ଦିର ପ୍ରଶାସନ । ସିଂହଦ୍ୱାର ଦେଇ କୌଣସି ପ୍ରସ୍ଥାନକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି । ତେବେ କଟକଣା ବା ବ୍ୟବସ୍ଥା ଶ୍ରୀମନ୍ଦୀର ସେବକ ଓ ସେବକ ପରିବାର ସଦସ୍ୟଙ୍କ ପାଇଁ କାର୍ଯ୍ୟକାରୀ ହେବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ଏଲ୍‌ଜିଙ୍କୁ...

ଅବମାନନା ମାମଲାରେ ଏହି ରାୟ ଆସିଛି । ରାସ୍ତା ଚଉଡା ପାଇଁ ଏଭଳି ଗଛ କଟାଯାଇଥିଲା । କୋର୍ଟ ଏହାକୁ ବିଚାରକୁ ନେଇ କହିଛନ୍ତି ଯେ, ଫେବ୍ରୁଆରୀ ୧୬ରେ ଗଛ କଟାଯାଇଥିଲା । ଏହା ପୂର୍ବରୁ କୋର୍ଟରେ କୌଣସି ଆବେଦନ ନଥିଲା । ଖଣ୍ଡପୀଠ କହିଥିଲେ ଯେ, ଅନୁମତି ଠାରୁ ଅଧିକ ଗଛ କଟାଯାଇଛି । ସୁପ୍ରିମ୍‌କୋର୍ଟର କେନ୍ଦ୍ରୀୟ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ରିପୋର୍ଟକୁ ଆଧାର କରି କୋର୍ଟ କହିଥିଲେ ଯେ, ୨୨୨ ଗଛ ଅଣଜଙ୍ଗଲ ଅଞ୍ଚଳରେ କଟାଯାଇଛି । ଯେଉଁଥି ପାଇଁ ଅନୁମତି ଦରକାର । ୫୨୩ ଗଛ ମଧ କେନ୍ଦ୍ର ସରକାରଙ୍କ ଅନୁମତିରେ କଟାଯାଇଛି । ଯେଉଁଥି ଲାଗି କୋର୍ଟର ଅନୁମତି ଆବଶ୍ୟକ ଥିଲା । ଅଦାଲତ ଅବମାନନା ଆବେଦନକାରୀ ବିନ୍ଦୁ କାପୁଡାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣ ଅଭିଯୋଗ କରିଥିଲେ ଯେ ସତ୍ୟକୁ ଲୁଚାଇବା ଲାଗି ଚେଷ୍ଟା ଚାଲିଛି । ଆବେଦନକାରୀଙ୍କ ଦାବି ଉପରେ ଏଲ୍‌ଜିଙ୍କ କାଉନସିଲର ମହେଶ ଜେଠାମାଲିନୀ କହିଥିଲେ ଯେ ଭିକେ ସାକ୍‌ସେନା ଫେବ୍ରୁଆରୀ ୩ରେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ସେ କୌଣସି ଗଛ କାଟିବା ପାଇଁ ନିର୍ଦ୍ଦେଶ ଦେଇନାହାନ୍ତି । ତେବେ ସୁପ୍ରିମ୍‌କୋର୍ଟ କହିଥିଲେ ଯେ କୋର୍ଟର ଅନୁମତି ଦରକାର ଥିଲା । କାହିଁକି ଏପରି କରାଗଲା । ୧୧୦୦ ଗଛ କଟାଯାଇଛି । ଫେବ୍ରୁଆରୀ ୧୬ରୁ ଗଛକଟା ଆରମ୍ଭ ହୋଇଥିଲେ ମଧ କୌଣସି ଦରଖାସ୍ତ କୋର୍ଟକୁ ଆସିନଥିଲା । ଖଣ୍ଡପୀଠ କହିଥିଲେ ଯେ ଡିଡିଏ ଅଧକ୍ଷ ମଧ ଅପରାଧିକ ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇପାରିବେ । ସେ କାହିଁକି ଏ ଦିଗରେ ଅପେକ୍ଷା କରିଛନ୍ତି ବୋଲି ପ୍ରଶ୍ନ କରିଥିଲେ ।

## ମୁଖ୍ୟମନ୍ତ୍ରୀ...

ବା ଟ୍ରାଫିକ୍ ବନ୍ଦ କରିବ ନାହିଁ । ସାଧାରଣ ଲୋକ ଯେଭଳି ହଇରାଣ ନହେବେ ତାକୁ ସୁନିଶ୍ଚିତ କରିବାକୁ ପ୍ରଥମ ନିର୍ଦ୍ଦେଶ ଦେଇଛନ୍ତି । ତାଙ୍କ ଗସ୍ତ ସମୟରେ ପୋଲିସ ଲୋକଙ୍କୁ ସାଇଟ୍ କରିବା ପାଇଁ ବାଡି କିମ୍ବା କୌଣସି ଆକ୍ରମଣାତ୍ମକ ପଦକ୍ଷେପ ଗ୍ରହଣ କରିବ ନାହିଁ । ତାଙ୍କ ମନ୍ତ୍ରିମଣ୍ଡଳରେ ଥିବା ସଦସ୍ୟମାନଙ୍କୁ ମଧ ସମାନ ପନ୍ଥା ଆପଣାଇବାକୁ କହିଛନ୍ତି । ଏହାଛଡା ସାଇରନର ବ୍ୟବହାର କମ୍ କରିବା, ବାଡି ହଲାଇବା କିମ୍ବା ଆକ୍ରମଣାତ୍ମକ ଆଭିମୁଖ୍ୟ ପ୍ରଦର୍ଶନ କରିବାକୁ ବାରଣ କରାଯାଇଛି । ଜାମ୍ମୁ-କାଶ୍ମୀରରୁ ୨୦୧୯ରେ ଧାରା ୩୭୦ ଉଚ୍ଛେଦ ହୋଇଥିଲା । ଏହାପରେ ଜାମ୍ମୁ-କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହୋଇଥିଲା । ତେବେ ଚଳିତ ନିର୍ବାଚନରେ କଂଗ୍ରେସ ଓ ଏନ୍‌ସି ମିଳିତ ଭାବେ ଲଢିଥିଲେ ମଧ କଂଗ୍ରେସ ମନ୍ତ୍ରୀ ପଦକୁ ପ୍ରତ୍ୟାଖ୍ୟାନ କରିଛି । ତେବେ ମନ୍ତ୍ରୀ ପଦ ବଣ୍ଟନକୁ ନେଇ କଂଗ୍ରେସ ସହ ଆଲୋଚନା କରାଯାଉଛି ବୋଲି ଓମାର ଅବଦୁଲ୍ଲା କହିଛନ୍ତି ।

## ପୋଲିସ...

ଉଲ୍ଲଗ୍ନ ହୋଇଯାଇଥିଲେ। ତା'ପରେ ଆରମ୍ଭ ହୋଇଥିଲା ହୋ-ହଲ୍ଲା ଓ ଠେଲାପେଲା। ପୁଲିସ୍ କର୍ମଚାରୀଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ ଗାଁ ଲୋକ। ଯେଉଁଥିପାଇଁ ଗାଁ ଦାଣ୍ଡ ରଣକ୍ଷେତ୍ରରେ ପରିଣତ ହୋଇଯାଇଥିଲା। ଗାଁ ଲୋକଙ୍କ ମାଡ଼ରେ ଏଏସଆଇ ତ୍ରିନାଥ ସାହୁ ଓ ସୁଜାତା ବୁଡେକଙ୍କ ସମେତ ଆଉ କିଛି ପୁଲିସ୍ କର୍ମଚାରୀ ଗୁରୁତର ଆହତ ହୋଇଥିଲେ।

ଖବର ପାଇ ସୋନପୁର ଏସଡ଼ିପିଓ ପ୍ରତାପ ତ୍ରିପାଠୀ ଗୋଟିଏ ପ୍ଲାଟୁନ୍ ଫୋର୍ସ ଧରି ଗାଁରେ ପହଞ୍ଚିଥିଲେ। ସ୍ଥିତି ଅଣାୟତ୍ତ ହୋଇଥିବା ଦେଖି ଲାଠି ଚାର୍ଜ କରିଥିଲେ। ଗାଁ ଲୋକେ ଛତ୍ରଭଙ୍ଗ ଦେଇ ପଳାଇଯାଇଥିଲେ। ଏହା ପରେ ଆହତ ହୋଇଥିବା ୩ ଡକାୟତ ଓ ଦୁଇ ଏଏସ୍ଆଇଙ୍କୁ ଉଦ୍ଧାର କରି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସୁରକ୍ଷା ଦୃଷ୍ଟିରୁ ଗାଁରେ ଏବେ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି। ଏହି ମାମଲାରେ ପୁଲିସ୍ ୧୧ ଜଣ ଗାଁ ଲୋକଙ୍କୁ ଅଟକ ରଖିଛି।

## ଝିଅ...

ଜେଜେ ବାପା ବିନୋଦ ଭଦ୍ରା ଅଭିଯୋଗ କରଛନ୍ତି ଯେ, ମୋ ପୁଅ ତାର ଦ୍ୱିତୀୟ ସ୍ତ୍ରୀ କଥାରେ ପଡ଼ି ନିଜ ଝିଅକୁ ହତ୍ୟା କରିଛି। ହତ୍ୟାକାରୀକୁ କୋଠର ଦଣ୍ଡ ଦିଆଯାଉ। ପୁଲିସ ଘଟଣାର ତଦନ୍ତ କରିବା ସହ ସଞ୍ଜୀବଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

## ସାଇବର...

ଆନ୍ତର୍ଜାତୀୟ ସ୍ତରରେ କେଉଁମାନେ ଜଡିତ ଅଛନ୍ତି ତାହା ଜଣାପଡିବ । ଗିରଫ ୬ ଜଣଙ୍କୁ କୋର୍ଟ ଚାଲାଣ ପରେ ରିମାଣ୍ଡରେ ଆଣି ତଦନ୍ତ ଆଗକୁ ବଢ଼ାଯିବ ବୋଲି ଡିସିପି ଶ୍ରୀ ମିଶ୍ର କହିଛନ୍ତି ।

# ଡଙ୍କାରୀ ପଥର ଖଣିରେ ଶ୍ରମିକ ମୃତ୍ୟୁ ଓ ଜବତ ୭୦୦ ଟ୍ରିପରୁ ଉର୍ଦ୍ଧ୍ୱ ରକ୍ତଭିଜା କଳାପଥର ଗାୟବ ଘଟଣା, କାର୍ଯ୍ୟାନୁଷ୍ଠାନ ଶୂନ

ଚଣ୍ଡିଖୋଲ, (ସବ୍ୟୁ) ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ପାହାଡର ୫/୧୦ ନମ୍ବର ପଥର ଖଣି ଓ ସେହି ଖଣିକୁ ଲାଗିରହିଥିବା ଅନ୍ୟ ଏକ କଳାପଥର ଖଣିରେ ଦୁର୍ଘଟଣା ଘଟି ୪ଜଣ ଶ୍ରମିକଙ୍କ ମୃତ୍ୟୁ ହେବାପରେ ଏହି ଦୁଇ ଗଣିରେ ପଥର ଖନନ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଏହି ଦୁଇଖଣି ଉପରେ ପ୍ରଶାସନ ୧୬୩ଧାରା ଯାରିକରି ସେଠାରେ ବେଆଇନ ଭାବେ ଗଛିତଥିବା ୭ଶହ ଟ୍ରିପରୁ ଉର୍ଦ୍ଧ୍ୱ ରକ୍ତଭିଜା ପଥରକୁ ଜବତ କରିଥିଲେ । ଏଥିନେଇ ଯାଜପୁର ଜିଲ୍ଲାର ଜେନାପୁର ଥାନାରେ ଜିଲ୍ଲା ଲଘୁ ଖଣି ଅଧିକାରୀ (ଡିଡିଏମ)ଙ୍କ ପକ୍ଷରୁ ପୃଥକଭାବେ ଦୁଇଟି ଏତଲା ଦାୟର ହୋଇଥିଲା । ଏହି ସ୍ୱର୍ଣକାତର ଘଟଣାକୁ ନେଇ କେବଳ ଯାଜପୁର ଜିଲ୍ଲା ନୁହେଁ ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି ହୋଇଥିଲା । ହେଲେ ଦୁର୍ଭାଗ୍ୟର କଥା ଇତିମଧ୍ୟରେ ଉପରୋକ୍ତ ଦୁଇ ଖଣିରେ ଜବତ ହୋଇ ଗଛିତଥିବା ୭ଶହ ଟ୍ରିପରୁ ଉର୍ଦ୍ଧ୍ୱ ରକ୍ତଭିଜା ପଥର ଗତ ୮/୧୦ ଦିନ ତଳୁ ଗାୟବ ହୋଇଯାଇଥିଲା । ଏ ସମ୍ପର୍କିତ ବହୁତଥ୍ୟ ସାଧାରଣରେ ଆଲୋଚନା ହେଉଥିଲେ ମଧ ଅଦ୍ୟାବଧି ପୋଲିସ ପ୍ରଶାସନ ଏଥିନେଇ କିପରି ତଥ୍ୟ ହାସଲ କରିପାରୁ ନାହିଁ, ଯାହାକୁ ନେଇ ସାଧାରଣରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛ । ଗାୟବ କଳାପଥରର ଆନୁମାନିକ ସରକାରୀ ମୂଲ୍ୟ ଦୁଇ କୋଟିରୁ ଉର୍ଦ୍ଧ୍ୱ ହେବବୋଲି ଜଣାପଡିଛି । ଏନେଇ ସ୍ଥାନୀୟ ଜେନାପୁର ଥାନା ପୋଲିସ ମଧ ଚୁପହୋଇ ବସିଛି । ପ୍ରଶାସନିକ ସ୍ଥାଣୁତା ପାଇଁ ଏଥିରେ ସଂପୃକ୍ତ ଲୁଟେରା ମାନେ ଘଟଣାକୁ ଭିନ୍ନ ରଙ୍ଗ ଦେଇ ଏବେ ଖସିଯିବାକୁ ବସିଥିବା ଅଭିଯୋଗ ହୋଇଛି । ଏଥି ପୂର୍ବରୁ ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅଞ୍ଚଳରେ ଶହଶହ କୋଟି ଟଙ୍କାର କଳାପଥର ଲୁଟପାଟ ଘଟଣା ରାଜ୍ୟରେ ମୁଖ୍ୟ ପ୍ରସଙ୍ଗ ହୋଇଥିଲା । ରାଜ୍ୟରେ ସରକାର ଓ ଧର୍ମଶାଳାରେ ନେତୃତ୍ୱ ପରିବର୍ତ୍ତନ ହେବାପରେ ଏହି ଲୁଟପାଟ ବନ୍ଦହେବ ବୋଲି ଲୋକେ ଅପେକ୍ଷା କରିଥିଲେ । ହେଲେ ବିଡମ୍ବନାର ବିଷୟ ଏହି ଲୁଟପାଟରେ ସମ୍ୟକ ରୋକ ଲାଗିଥିଲେ ମଧ ଏବେ ନୂଆ ଢଙ୍ଗରେ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦ୍ୱାରା ପୂର୍ବ ପରି ପଥଳ ଲୁଟପାଟ ଚାଲିଛ । ତେବେ ଏହି ଲୁଟପାଟ ଘଟଣାରେ କେବଳ ଜିଲା ଲଘୁ ଖଣି ଉପ ନିର୍ଦ୍ଦେଶକଙ୍କ ମୁଣ୍ଡରେ ଅଠାବୋଳି ଲୁଟେରା ଗୋଷ୍ଠୀ ଓ ସଂପୃକ୍ତ ଅନ୍ୟ ବିଭାଗୀୟ ଅଧିକାରୀ ମାନେ ଖସିଯିବାକୁ ସୁଚିନ୍ତିତ ଯୋଜନା କରୁଥିବା ଆଲୋଚନା ହେଉଛି ।

ଏଠାରେ ଏବେ ଚାଲିଥିବା ଖଣିଲୁଟକୁ ରୋକିବା ଓ ପୁନଃ ତଦନ୍ତକରି ରିପୋର୍ଟ ଦେବା ପାଇଁ ଅକ୍ଟୋବର ୫ ତାରିଖରେ ରାଜ୍ୟ ଖଣି ବିଭାଗ ଉପ ସଚିବ ପତ୍ର ସଂଖ୍ୟା ୮୬୪୮ରେ ଯାଜପୁର ଜିଲ୍ଲାପାଳ ଓ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା ଜଣାପଡିଛ । ଚଳିତ ବର୍ଷ ମେ ମାସ ୧୬ ତାରିଖରେ ନାରାୟଣ ରାଉତଙ୍କ ୫/୧୦ ନମ୍ବର ଡଙ୍କାରୀ ଖଣିରେ ପଥର ଚାପାରେ ତିନି ଜଣ ଶ୍ରମିକଙ୍କ ଜୀବନ ଯାଇଥିବା ବେଳେ ସେହି ଖଣିକୁ ଲାଗିରହିଥିବା ଅନ୍ୟ ଏକ ଖଣିରେ ବେଆଇନ ଖନନ ଚାଲିଥିଲା ବେଳେ ଗତ ସେପ୍ଟେମ୍ବର ୧୪ ତାରିଖରେ ଅନ୍ୟ ଜଣେ ଶ୍ରମିକର ପଥର ଚାପାରେ ମୃତ୍ୟୁ ଘଟିଥିଲା । ଘଟଣାପରେ ସେହି ଦୁଇ ଖଣି ଉପରେ ୧୬୩ଧାରା ଯାରୀ କରାଯାଇ ପ୍ରାୟ ୭ଶହ ଟ୍ରିପରୁ ଉର୍ଦ୍ଧ୍ୱ ଗଛିତ ପଥରକୁ ଯବତ କରାଯାଇଥିଲା । ହେଲେ ଏହି ପଥର ଗାୟବକୁ ୨୦ ଦିନ ଓ ଶ୍ରମିକ ମୃତ୍ୟୁ ଘଟଣାକୁ ଇତିମଧ୍ୟରେ ମାସେଠୁ ଅଧିକ ଦିନ ବିତି ଯାଇଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହ । ଏ ସମ୍ପର୍କରେ ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁକୁମାର ସାହୁଙ୍କୁ ପଚାରିବାରୁ ଖୁବଶୀଘ୍ର ଶ୍ରମିକ ମୃତ୍ୟୁ ଘଟଣାରେ ସଂପୃକ୍ତ ମାଫିଆ ମାନଙ୍କୁ ଗିରଫ କରାଯିବ ଓ ପଥର ଗାୟବ ଘଟଣାରେ ଜିଲ୍ଲା ଖଣି ଉପ ନିର୍ଦ୍ଦେଶକଙ୍କ ଠାରୁ ନିର୍ଦ୍ଦେଶ ମିଳିଲେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ ।

# ପ୍ରଶାସନର ଦୋମୁହାଁ ନୀତିରେ ବ୍ୟବସାୟୀ ସଂଘ କ୍ଷୁବ୍ଧ

ନିଶ୍ଚିନ୍ତକୋଇଲି,(ସବ୍ୟୁ) :ନିଶ୍ଚିନ୍ତକୋଇଲି ବ୍ୟବସାୟୀ ସଂଘ ପକ୍ଷରୁ ଚଳିତ ବର୍ଷ ଆୟୋଜିତ ଶାରଦୀୟ ଦଶହରା ଉତ୍ସବ ଫିକା ପଡ଼ିଛି । ପ୍ରଶାସନର ଦୋମୁହାଁ ନୀତି ଯୋଗୁଁ ଏ ବର୍ଷ ଦଶହରାରେ ମେଲୋଡ଼ି ଓ ଡ୍ୟାନ୍ସ ଡ୍ୟାନ୍ସ କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଛି । ଏଥିପାଇଁ ହଜାର ହଜାର ଜନସାଧାରଣଙ୍କ ଭାବାବେଗ ମଧ୍ୟରେ ଯେଉଁ ଆଘାତ ସୃଷ୍ଟି ହୋଇଛି ସେଥି ପାଇଁ ବ୍ୟବସାୟୀ ସଂଘ ପକ୍ଷରୁ ପ୍ରଶାସନକୁ ଦାୟୀ କରାଯାଇଛି । ପ୍ରଶାସନର ଏଭଳି କାର୍ଯ୍ୟକଳାପ ପାଇଁ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି । ସଂଘ ପକ୍ଷରୁ ଭଷାଣୀକୁ ବନ୍ଦ କରାଯାଇଥିବା ବେଳେ ବଜାର ମଧ୍ୟରେ ହୋଇଥିବା ୩ଟି ପୂଜା କମିଟି ସେମାନଙ୍କର ମେଢକୁ ପାଣିରେ ବିସର୍ଜନ କରିଛନ୍ତି । ଦଶହରା ପୂର୍ବରୁ ଗତ ସେପ୍ଟେମ୍ବର ୨୭ତାରିଖରେ ଅନୁଷ୍ଠିତ ହୋଇଥିବା ପ୍ରଶାସନିକ ପ୍ରସ୍ତୁତି ବୈଠକରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ୧୪ଓ ୧୫ତାରିଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ୧୬ ତାରିଖରେ ଭଷାଣୀ ହେବା ପାଇଁ ଖୋଦ୍ ତହସିଲଦାର ଓ ଆଇଆଇସି ଙ୍କ ପକ୍ଷରୁ ସ୍ଥିର କରାଯାଇଥିଲା । ହେଲେ ଗତ ୧୩ ତାରିଖରେ ପୋଲିସ ଓ ପ୍ରଶାସନ ବଜାର ମଧ୍ୟରେ ସାଂସ୍କୃତିକ ମଞ୍ଚ ତିଆରି କରି ମେଲୋଡ଼ି ଓ ଡ୍ୟାନ୍ସ ଡ୍ୟାନ୍ସ କାର୍ଯ୍ୟ ନକରିବା ପାଇଁ ସଂଘର ସଭାପତି ଓ ସମ୍ପାଦକ ଙ୍କୁ ଜଣାଇ ଦେଇଥିଲେ । ଏଥିରେ ବ୍ୟବସାୟୀ ସଂଘ ପକ୍ଷରୁ କୌଣସି ପ୍ରତିବାଦ ମଧ ନଥିଲା । ହେଲେ ପୁର୍ନବାର ୧୪ତାରିଖ ସନ୍ଧ୍ୟାରେ ସଂଘର କର୍ମକର୍ତ୍ତା ମାନଙ୍କୁ ନିଶ୍ଚିନ୍ତକୋଇଲି ଆଇଆଇସି ଡ଼ାକି କେତେକ ସର୍ତ୍ତ ରଖି ୧୫ ତାରିଖ ଦିନ ମଜାର ମଧ୍ୟରେ ମେଲୋଡ଼ି କରିବା ପାଇଁ କହିଥିଲେ । ପୋଲିସର ସବୁ ସର୍ତ୍ତରେ ସଂଘ ରାଜି ହୋଇ ମଞ୍ଚ ତିଆରି କରି ମେଲୋଡ଼ି କାର୍ଯ୍ୟକ୍ରମ କରିବା ପାଇଁ ସମସ୍ତ ପ୍ରସ୍ତୁତି ମଧ କରିଥିଲା । ମେଲୋଡ଼ି ଦଳ ପକ୍ଷରୁ ସାଉଣ୍ଡ ସିଷ୍ଟମ ଆସି ତାର ପ୍ରସ୍ତୁତ କାର୍ଯ୍ୟ ଚଳାଇଥିବା ବେଳେ ହଠାତ୍ ପୋଲିସ ଆସି ମୋଲୋଡ଼ି ବନ୍ଦ କରିଥିଲା । ଏଥିରେ ବ୍ୟବସାୟୀ ସଂଘର କର୍ମକର୍ତ୍ତା ମାନେ ପ୍ରଶାସନ ଉପରେ କ୍ଷୁବ୍ଧ ହୋଇଥିଲେ । ଏଭଳି ସ୍ଥିତିରେ ବୁଧବାର ଦିନ ହେବାକୁ ଥିବା ଭଷାଣୀରେ ୧୨ଟି ମେଢ ମଧରୁ ୩ଟି ମେଢକୁ ଶୋଭାଯାତ୍ରାରେ ନିଆଯାଇ ପାଣିରେ ବିସର୍ଜନ କରାଯାଇଛି । ବ୍ୟବସାୟୀ ସଂଘ ବୁଧବାର ଭଷାଣୀ ବନ୍ଦ କରିଥିଲା ବେଳେ ଯେଉଁ ୩ଟି ପୂଜା କମିଟି ଏହି ନିୟମକୁ ନମାନି ସେମାନଙ୍କର ପାଣିରେ ବିସର୍ଜନ କରିଛନ୍ତି ସେ ପୂଜା କମିଟି କୁ ଆସନ୍ତା ବର୍ଷ ଭଷାଣୀରୁ ବାଦ୍ ଦିଆଯିବ ଏବଂ ଆସନ୍ତା ଶୁକ୍ରବାର ଦିନ ବ୍ୟବସାୟୀ ସଂଘ ଅଧିନରେ ଥିବା ୯ଟି ମେଢକୁ ନିରାଡ଼ମ୍ବର ଭାବେ କେବଳ ଘଣ୍ଟ ବଜାଇ ପାଣିରେ ବିସର୍ଜନ କରାଯିବ ବୋଲି ବ୍ୟବସାୟୀ ସଂଘର ସଭାପତି ପ୍ରମୋଦ କୁମାର ପଣ୍ଡା ପ୍ରକାଶ କରିଛନ୍ତି ।

**AFFIDAVIT**

By virtue of an Affidavit Before Executive magistrate Banki No:2674/ Dt,14.,10,2024 I Sri Purna chandra Baral Age 36 years S/O- Gouranga BaralVill:- Baghei P,O-kendupalli ,PS:Baideswar ,Dist:Cuttack declared that my childhood name was Sagar Baral, when my adhar card was preparation was recorded Sagar Baral in place of Purna chandra Baral So, Purna chandra Baral and Sagar Baral is one and same person for all purpose for ever.

Sd/ Purna chandra Baral

**AFFIDAVIT**

By virtue of an affidavit in the court of executive magistrate Puri. I Sri Jadumani Pradhan, aged about (50), So Late- Laxman Pradhan, Village & Po- Kusubenti, Ps-Brahmagiri, Dist- Puri, Pin-752011. Declare that this affidavit no.16 on dated.03.10.2024, I have changed my name from Shrikant Malick to Jadumani Pradhan. Henceforth I shall be known as Jadumani Pradhan for all purposes.

Sd- Jadumani Pradhan

**ଦକ୍ଷିଣପୂର୍ବ କେନ୍ଦ୍ରୀୟ ରେଳପଥ**

**ସାମଗ୍ରୀ ପରିଚାଳନା ବିଭାଗ**

ଇ-ଟେଣ୍ଡର ନୋଟିସ ନମ୍ବର ଏନ୍‌ଆଇଟି/୧୪/୨୪/୨୬, ତାରିଖ : ୦୧.୧୦.୨୦୨୪ ।

କ୍ର.ନଂ. ୦୧, ଟେଣ୍ଡର ନଂ: ୦୩୨୪୩୧୬୭ବି । ବିବରଣୀ : ବିଓଏକ୍ସଏନ୍‌ଏସ୍ ୱାଗନର ଏଲ୍‌ଡବ୍ଲୁଏଲ୍‌ଏଚ୍ ୨୫ ବଗି ପାଇଁ ବଗି ସେଣ୍ଟର ପାଇଭଟ ଟପ । ଟେଣ୍ଡର ବନ୍ଦ / ଖୋଲା ତାରିଖ ଓ ସମୟ ୨୫.୧୦.୨୦୨୪ ପୂର୍ବାହ୍ନ ୧୦.୩୦ ଘଟିକା । ପରିମାଣ: ୧୩୧୧ଟି । ଏହି ଟେଣ୍ଡରର କୌଣସି ସଂଶୋଧନ କରିବାର ଅଧିକାର ରେଳବାଇର ରହିଛି । ଭେଣ୍ଡରମାନଙ୍କ ଲାଗି କୌଣସି ପ୍ରକାର ସଂଶୋଧନ ଓ ଗୁରୁତ୍ୱପୂର୍ଣ୍ଣ ନୋଟିସ www.ireps.gov.in ଲିଙ୍କରେ ଦେଖିପାରିବେ ।

Principal Chief Material Manager
CPR/10/FL/277 S.E.C. Railway, Bilaspur

South East Central Railway @secrail

**PARADIP PORT AUTHORITY**
HARBOUR WORKS DIVISION No.I
e-TENDER CALL NOTICE

e-TCN No.CE/HWDI/ACCTS-05/24/334, dtd.09.10.2024. **Name of the Work:** "Development of New Road along with drain in CD Plots for easy movement of cargo through IPT/Dumpers". Put to tender value: Rs.5,13,88,904.34 plus GST as applicable. Last date & time of submission of tender through online bidding is 04.11.2024 up to 17:15 Hrs. For details, please log on to the Website: **https://eprocure.gov.in/eprocure/app.**

Sd/- Executive Engineer, Harbour Works Division No.I, Paradip Port Authority

PPA/PR/44/2024-2025 dtd.15.10.2024

**ODISHA GRAMYA BANK**
INFORMATION TECHNOLOGY DEPARTMENT,
HEAD OFFICE, GANDAMUNDA, KHANDAGIRI,
BHUBANESWAR-751030 (ODISHA)

Bid Number # GEM/2024/B/5392503

**Odisha Gramya Bank** invites application for procurement of 100 units of All-in-one desktop through bidding process from (Government e Marketplace) GeM under buyback arrangement. For details and application format please visit Bank's website: **www.odishabank.in**

GENERAL MANAGER

# ଫିଟନେସ ପାଇଁ ଖାଦ୍ୟ ଓ ବ୍ୟାୟାମ

ଖାଦ୍ୟରେ ବହୁତ କ୍ୟାଲୋରି ରହିଲେ ବୟସ ଓ ଉଚ୍ଚତା ଅନୁପାତରେ ଆପଣଙ୍କ ଓଜନ ବଢ଼ିଯିବ । ଆପଣ ଯଦି ସାଧାରଣ କାର୍ଯ୍ୟ କରୁଥିବେ, ଦୈନିକ ଆପଣଙ୍କ ଶରୀର ଆବଶ୍ୟକ କରିବ ୧୫୦୦ ଶହରୁ ୨୦୦୦ କ୍ୟାଲୋରି । ଓଡ଼ିଆ ଘର ଖାଦ୍ୟରେ ଏତିକି କ୍ୟାଲୋରି ମିଳିଥାଏ । ଦିନରେ ଅତିବେଶୀରେ ଗିନାଏ ଭାତ, ୨ରୁ ତିନି-ଚାରି ଖଣ୍ଡ ରୁଟି, ତିନିଥର ପରିବା ତରକାରୀ, ଦୁଇଟି ଅଣ୍ଡା ଏବଂ ୧୦୦ରୁ ୧୫୦ଗ୍ରାମ ମାଛ ଆପଣଙ୍କ ପାଇଁ ଯଥେଷ୍ଟ । ଯଦି ଦୈନିକ ୫ଶହ କ୍ୟାଲୋରି କମାଇ ପାରିବେ ୧୫ଦିନରେ ୧କିଲୋ ଶାରୀରିକ ଓଜନ କମିବ । ଯଦି ଦୈନିକ ଅଳ୍ପ କସରତ କରିପାରିବେ ତାହେଲେ ଅଧିକ ଲାଭବାନ ହେବେ । ବିଶେଷ ଶାରୀରିକ ଶ୍ରମ ନ କରି ଅତ୍ୟଧିକ ତୈଳାକ୍ତ ଓ ଶ୍ୱେତସାର ଯୁକ୍ତ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ । ଆପଣଙ୍କ ଖାଦ୍ୟାଭ୍ୟାସ ବଦଳାଇ ଦିଅନ୍ତୁ ଓ ନିୟମିତ ବ୍ୟାୟାମ କରନ୍ତୁ । ପ୍ରତିଦିନ ସକାଳୁ ଉଠି ୪୫ ମିନିଟ ଯାଏ ଜଗିଂ କରନ୍ତୁ । ସନ୍ଧ୍ୟାରେ ୫୦ଟି ପୁସ୍‌ଅପ୍, ୫୦ଟି ସିଟ୍ ଅପ୍ ଏବଂ ୧୦୦ଟି ଫ୍ରି ସ୍କ୍ୱାଟ୍ ସହ ଷ୍ଟ୍ରେଚିଂ କରନ୍ତୁ । ନଚେତ ସକାଳୁ ଆସନ ପ୍ରାଣାୟମ ଏବଂ ଉପର ବେଳା ଖେଳାଖେଳି କରିପାରନ୍ତି । ଗଜାମୁଗ, ଗଜାବୁଟ, ସିଝାବୁଟ, ମଟର, ରୁଟି, ଫଳ, ତଥା ପନିପରିବା ସାଲାଡ, ମାଛ, କୁକୁଡା ମାଂସ ଏବଂ ଅଣ୍ଡା ଖାଆନ୍ତୁ । ଭାତ, ବରା ପିଆଜି ଭଳି ତେଲଛଣା ଖାଦ୍ୟ,ବାରମଜା, ଥଣ୍ଡା ପାନୀୟ ଦୁଗ୍ଧ ଏବଂ ଦୁଗ୍ଧଜାତ ଖାଦ୍ୟ ସମ୍ପୁର୍ଣ ବର୍ଜନ କରନ୍ତୁ । ଦିନରେ ୩ରୁ ୪ଥର ଚା ପିଇଲେ କ୍ଷତି ନାହିଁ । ଦ୍ଧ

-ଡଃ ହରିପ୍ରସାଦ ପଟ୍ଟନାୟକ

# ଯାତ୍ରୀଙ୍କ ଠାରୁ ଚାଳକଙ୍କ ଦ୍ୱାରା ଲୁଟ ଧରାପଡିଲା, କାର ସହ ଚାଳକ ଅଟକ

ପାଣିକୋଇଲ,(ସବ୍ୟୁ) : ପାଣିକୋଇଲି ପୁଲିସ ଦ୍ୱାରା ଆଜି ଜଣେ ଚାଳକ ଯାତ୍ରୀଙ୍କ ଠାରୁ ସୁନା ଓ ଟଙ୍କା ଲୁଟ ଘଟଣାରେ ସଫଳତା ପାଇଛି । ଲୁଟ ସମଗ୍ରୀ ଜବତ କରିବା ସହ କାର ଓ ଚାଳକ ଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି । ପ୍ରକାଶଯେ ବାଙ୍ଗାଲୋରରୁ ତୁଷାର ପ୍ରୀୟଦର୍ଶ ସସ୍ତ୍ରୀକ ଭୁବନେଶ୍ୱର ଏୟାପୋର୍ଟରେ ଓହ୍ଲାଇ ଯୋଡା ଅଭିମୁଖେ ଯାଉଥିଲେ । ପୂର୍ବରୁ ଭୁବନେଶ୍ୱରର ଏକ ଟ୍ରାଭେଲସରୁ ଏକ ହୂଣ୍ଡାଇ କାର ( ଓଡି୦୨ ୟୁ ୭୩୧୦) ଯୋଡା ସ୍ଥିତ ତାଙ୍କ ସମ୍ପର୍କୀୟ ବୁକ କରିଥିଲେ । ଉକ୍ତ ଦମ୍ପତି ଏୟାରପୋର୍ଟରୁ କାରରେ ଯୋଡା ଅଭିମୁଖେ ଯାଉଥିଲେ । ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଟୋଲଗେଟ ନିକଟରେ ଥିବା ନିୟୁ ଶାନ୍ତି ହୋଟେଲେ ଉଭୟ ଦମ୍ପତି ଆଜି ମଧ୍ୟାନ୍ନରେ ମଧ୍ୟାନ୍ନ ଭୋଜନ କରିବା ନିମନ୍ତେ ରହିଥିଲେ । ମଧ୍ୟାନ୍ନ ଭୋଜନ ସାରି ପ୍ରାୟ ୧୦ କିମି ଗଲାପରେ ସେମାନେ ତାଙ୍କ ବ୍ୟାଗରେ ରଖିଥିବା ସୁନା ଚେନ, ତିନି ହଳ ସୁନା କାନଫୁଲ ଓ ୨ ହଜାର ଟଙ୍କା ନଥିବା ଦେଖି ଚାଳକୁ ପଚାରିଥିଲେ । ମାତ୍ର ଚାଳକ ଏ ବିଷୟରେ କିଛି ଜାଣିନଥିବା କହିଥିଲା । ଫଳରେ କେମିତି ଚୋରି ହେଲା ସେ ନେଇ ଉଭୟ ଦମ୍ପତି କାର ନେଇ ଶାନ୍ତି ହୋଟେଲକୁ ଆସି ସିସିଟିଭି ଯାଂଚ କରିଥିଲେ । ଏହି ସମୟରେ ଚାଳକ ତାଙ୍କ ଜିନିଷ ପତ୍ର କାରରୁ ଓହ୍ଲାଇ ଫେରାର ହୋଇଯାଇଥିଲା । ଫଳରେ ଉକ୍ତ ଦମ୍ପତି ଶାନ୍ତି ହୋଟେଲର ମାଲିକ ବ୍ରଜ ଦାଶଙ୍କ ସହାୟତା ନେଇଥିଲେ । ବ୍ରଜ ଦାଶ ଏନେଇ ପୁଲିସକୁ ଜଣାଇବା ପରେ ପୁଲିସ ତତ୍‌କ୍ଷଣାତ ଚଣ୍ଡିଖୋଲ ଫାଣ୍ଡିକୁ ଜଣାଇବା ପରେ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଅସିତ ବଳବନ୍ତ ରାୟ ଚଣ୍ଡିଖୋଲ ଠାରେ ଏକ ଟ୍ରକକୁ ଆଡ୍ଡା ପକାଇ ଉକ୍ତ କାରକୁ ଜବତ କରି ପାଣିକୋଇଲି ଥାନାକୁ ଖବର ଦେଇଥିଲେ । ପାଣିକୋଇଲି ଥାନାଧିକାରୀ ରଂଜନ ପ୍ରଧାନଙ୍କ ନିର୍ଦ୍ଦଶରେ ରାଜପଥ ପୋଟ୍ରୋଲିଂଗ ଓ ଥାନା ସବଇନ୍ସପେକ୍ଟର ପ୍ରକାଶ ପ୍ରଧାନ ସଦଳବଳେ ଚଣ୍ଡିଖୋଲରେ ପହଂଚି କାର ସହ ଚାଳକୁ ଥାନାକୁ ଆଣିଥିଲେ । ଚାଳକୁ ଅଟକ ରଖି ପଚାରିବାରୁ ଲୋଭରେ ପଡି ସେ ଚୋରି କରିଥିବା ସ୍ୱୀକାର କରିବା ସହ ତା ନିକଟରୁ ଚୋରି ସୁନା ଓ ଟଙ୍କା ଜବତ କରାଯାଇଥିଲା । ଚାଳକ କଳାପଥର ଥାନା ବୈଦେଶ୍ୱର ଗ୍ରାମର ପ୍ରକାଶ ବରାଳ(୨୯)କୁ ପୁଲିସ ଥାନାରେ କାର ସହ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି ।

Mail ID:- sepwdsbp@rediffmail.com

B- 407

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER,
NORTHERN (R&B) CIRCLE SAMBALPUR
e - Procurement
BID IDENTIFICATION No CCENC (R AND B) /09/ 2024-25
No. 3532 //MID//date. 07.10.2024

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system in **ONLINE MODE** for the construction of Road works as detailed in the DTCN from the eligible class of contractors.
2. No of works= **04 NOS (FOUR NOS ROAD WORKS)**
3. Tender Cost: **Rs. 10,000/-**
4. Class of contractor: **"A" Class and "Special".**
5. Date & Time of available in web site & receipt of Bids From **19.10.2024 to 17.00 Hours of 04.11.2024.**
6. Date of opening of Technical Bid **05.11.2024 at 11.00 Hours.**
7. The Bidders have to participate in ONLINE bidding only. Further details can be seen from the website **www.tendersodisha.gov.in.**
8. Any corrigendum / Addendum will be displayed in the website **www.tendersodisha.gov.in.**

OIPR : 34035/11/0009/2425

Sd/- Chief Construction Engineer
Northern (R&B) Circle, Sambalpur

ID:ee.randbjyp@gmail.com

B- 420

GOVERNMENT OF ODISHA
OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE
e-Procurement Notice
Bid Identification No. S.E (R&B)-02/2024-25/JYP(K)
No. 12021 Date. 09.10.2024

Bid Documents consisting of work, Estimated Cost, Cost of Tender paper, EMD, Time of completion. Class of Contractors and the set of terms and conditions of contract and other necessary documents can be seen in Govt. Website i.e. **www.tendersodisha.gov.in.**

| | | |
|---|---|---|
| 1. | Name of the Work | : Building Works as mentioned in DTCN. |
| 2. | No. of Works | : **3** Nos. |
| 3. | Estimated Cost | : Rs. **27.23 lakhs to Rs.47.53** lakhs |
| 4. | Period of completion | : Three months |
| 5. | Date & Time of Bidding | : From 11.00 hours of **19.10.2024** Up-to 17.00 hours of **29.10.2024** |
| 6. | Last date & time for receipt of bids in portal | : 17.00 hours of **29.10.2024.** |
| 7. | Bids received online shall be opened on | : 11.00 hours of **30.10.2024.** |
| 8. | Name and address of the officer inviting Bid | : Superintending Engineer, Jeypore (R&B) Division, Jeypore |

Further details can be seen from the **www.tendersodisha.gov.in**

OIPR : 34027/11/0001/2425

Sd/- Superintending Engineer
Jeypore (R&B) Division

# ଟାଟା ଷ୍ଟିଲକୁ ୱାର୍ଲଡଷ୍ଟିଲ ସୁରକ୍ଷା ଓ ସ୍ୱାସ୍ଥ୍ୟ ଉତ୍କର୍ଷୀୟ ମାନ୍ୟତା ୨୦୨୪

ଭୁବନେଶ୍ୱର (ସବ୍ୟୁ) : ଟାଟା ଷ୍ଟିଲକୁ ଏହାର ଅନଲାଇନ ପର୍ଜିଂ ସହାୟତା ମଡେଲ ପାଇଁ ବିଶ୍ୱ ଇସ୍ପାତ ସଂଘ (ୱାର୍ଲଡଷ୍ଟିଲ) ସୁରକ୍ଷା ଓ ସ୍ୱାସ୍ଥ୍ୟ ମାନ୍ୟତା ୨୦୨୪ ପ୍ରଦାନ କରାଯାଇଛି। ଏହା ବ୍ଲାଷ୍ଟ ଫର୍ଣ୍ଣେସର ଗ୍ୟାସ ସଫେଇ କାରଖାନା (ଜିସିପି) ଅଂଚଳରେ ବିସ୍ଫୋରଣ ଆଶଙ୍କାକୁ ଦୂର କରୁଛି। ଟାଟା ଷ୍ଟିଲ ବିଶ୍ୱର ୬ଟି ଇସ୍ପାତଉତ୍ପାଦନକାରୀ ଦେଶ ମଧ୍ୟରୁ ଅନ୍ୟତମ ଏବଂ ଭାରତର ଏକମାତ୍ର ଇସ୍ପାତ ଉତ୍ପାଦନକାରୀ ଯିଏ ଚଳିତ ବର୍ଷ ଏହି ସମ୍ମାନଜନକ ବିଶ୍ୱସ୍ତରୀୟ ମାନ୍ୟତା ହାସଲ କରିଛି।ୱାର୍ଲଡଷ୍ଟିଲ ସୁରକ୍ଷା ଓ ସ୍ୱାସ୍ଥ୍ୟ ଉତ୍କର୍ଷ ମାନ୍ୟତା ୨୦୨୪ ପାଇଁ ସାରା ବିଶ୍ୱର ଇସ୍ପାତ ଉତ୍ପାଦନକାରୀମାନଙ୍କୁ ସୁରକ୍ଷା ସଂସ୍କୃତି ଏବଂ ନେତୃତ୍ୱ, ବୃତିଗତ ନିରାପତାପରିଚାଳନା, ବୃତିଗତ ସ୍ୱାସ୍ଥ୍ୟ ପରିଚାଳନା ଏବଂ ପ୍ରକ୍ରିୟା ନିରାପତା ପରିଚାଳନା ଭଳି ଚାରିଟି ବ୍ୟାପକ ବର୍ଗରେ ନିରାପତା ଏବଂ ସ୍ୱାସ୍ଥ୍ୟରେ ଉଲ୍ଲେଖନୀୟ ଉନ୍ନତିଆଣିବା ପାଇଁ ମୂଲ୍ୟାଙ୍କନ କରାଯାଇଥିଲା ।ଟାଟା ଷ୍ଟିଲର ସୁରକ୍ଷା, ସ୍ୱାସ୍ଥ୍ୟ ଓ ସ୍ଥାୟୀତ୍ୱ ଉପାଧକ୍ଷ ରାଜୀବ ମଙ୍ଗଲ କହିଛନ୍ତି ଯେ, 'ଟାଟା ଷ୍ଟିଲ୍ ଏହାର କର୍ମଚାରୀ ଏବଂ ଅଂଶୀଦାରଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତାଦେଉଛି ଏବଂ ଏହାକୁ ସୁନିଶ୍ଚିତ କରିବା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ଡିଜିଟାଲ୍ ଉପକରଣରେ ବିନିଯୋଗ କରୁଛି। ଏହି ଦିଗରେ ଆମର ପ୍ରୟାସକୁୱାର୍ଲଡଷ୍ଟିଲ କ୍ରମାଗତ ଭାବରେ ସ୍ୱୀକୃତି ଦେଇଥିବାରୁ ଆମେ ଆନନ୍ଦିତ ଯାହା ଏକ ' ଶୂନ୍ୟ ଆଘାତ' କମ୍ପାନି ଗଠନ ପାଇଁ ଆମର ପ୍ରତିବଦ୍ଧତାକୁ ଦୋହରାଇଛି।'ଟାଟା ଷ୍ଟିଲର ନୂଆ ପର୍ଜିଂ ସହାୟତା ମଡେଲ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଲାଗିଥିବା ରିମୋଟ ପରିଚାଳିତ ଭାଲଭ ଏବଂ ଭେରେ ଲାଗିଥିବା ଗ୍ୟାସ୍ ଆନାଲାଇଜରମାଧମରେ ପର୍ଜିଂ ପ୍ରକ୍ରିୟାର ବାସ୍ତବ ସମୟ ସ୍ଥିତି ଉପରେ ନଜର ରଖିଛି। ଲଜିକ୍ ଏବଂ ଇରଲକର ଏକ ବ୍ୟବସ୍ଥା ମଧ ବିକଶିତ କରାଯାଇଛି ଯାହା ଦ୍ୱାରାଅପରେଟର ନିୟନ୍ତ୍ରଣ କକ୍ଷରୁ ସମଗ୍ର ଗ୍ୟାସ ଲାଇନକୁ ନିରୀକ୍ଷଣ ଏବଂ ସଫା କରିବାରେ ସକ୍ଷମ ହୋଇଛି । ଏହି ନୂତନ ମଡେଲ୍ ନାଇଟ୍ରୋଜେନ୍ ଭାଲ୍ଭ ଖୋଲିବାଏବଂ ଭେ ମାଧମରେ ଗ୍ୟାସ୍ ମାପ ନେବା ପର୍ବ ପାରମ୍ପରିକ ମାନୁଆଲ୍ କାର୍ଯ୍ୟ ଯୋଗୁଁ ଗ୍ୟାସ୍ ଲାଇନର ପର୍ଯ୍ୟାପ୍ତ ବିଶୋଧନ ନହେବାର ଆଶଙ୍କାକୁ ଦୂର କରିଛି।ଏହି ମଡେଲରେ ପର୍ଯ୍ୟାପ୍ତ ବିଶୋଧନ କାରଣରୁ ଶୂନ୍ୟ ଉଚ୍ଚ ସମ୍ଭାବ୍ୟ ବିପଦ ଘଟଣା, ସମୟ ହ୍ରାସ କାରଣରୁ ପ୍ରତି ସଟଡାଉନ୍ ପିଛା ପ୍ରାୟ ୨୧୫,୦୦୦ ଡଲାରସଂଚୟ, ପର୍ଜିଂ ସମୟରେ ୫୦% ହ୍ରାସ ଏବଂ କାରଖାନାର ୧୦୦% ସୁରକ୍ଷିତ ସଟଡାଉନ୍ ଏବଂ ଷ୍ଟାର୍ଟ ସୁନିଶ୍ଚିତ କରାଯାଇଛି। ପ୍ରକ୍ରିୟା ନିରାପତା ପରିଚାଳନାରେଉତ୍କର୍ଷ ହାସଲ କରିବା ପାଇଁ, ଟାଟା ଷ୍ଟିଲ୍ ଡିଜିଟାଲ ଟେକ୍ନୋଲୋଜିର ଉପଯୋଗ କରି ପ୍ରକ୍ରିୟା ସୁରକ୍ଷାର ଗୁରୁତ୍ୱପର୍ଣ୍ଣ ଉପକରଣର ଠିକ୍ ସମୟରେ ରକ୍ଷଣାବେକ୍ଷଣକୁପ୍ରୋତ୍ସାହିତ କରୁଛି ।ଏହାଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଉପକରଣଗୁଡ଼ିକର ବିଫଳତା ହ୍ରାସ ପାଇଛି । କମ୍ପାନୀ ସମସ୍ତ ସ୍ଥାନରେ କର୍ମଚାରୀଙ୍କ ପ୍ରକ୍ରିୟା ନିରାପତା ଦକ୍ଷତାରେ ଉନ୍ନତି ଆଣିବା ପାଇଁପ୍ରୋସେସ ସେଫ୍ଟି ସ୍କୁଲ ଅଫ୍ ଏକ୍ସଲେନ୍ସ ମଧ ପ୍ରତିଷ୍ଠା କରାଯାଇଛି। ଇସ୍ପାତ ଶିଳ୍ପରେ ନିରାପତା ମାନ ବୃଦ୍ଧି ପାଇଁ ଟାଟା ଷ୍ଟିଲକୁ ୱାର୍ଲଡଷ୍ଟିଲ ସୁରକ୍ଷା ଓ ସ୍ୱାସ୍ଥ୍ୟ ଉତ୍କର୍ଷମାନ୍ୟତା ୨୦୨୩ରେ ସମ୍ମାନିତ କରାଯାଇଥିଲା ।




**କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ, କେନ୍ଦ୍ରାପଡ଼ା**

- ଓଡ଼ିଶା ସରକାରଙ୍କ ଦ୍ୱାରା ସୋସାଇଟି କାର୍ଯ୍ୟ ପରିସର ଅବିଭକ୍ତ କଟକ ଜିଲ୍ଲା ତଥା କେନ୍ଦ୍ରାପଡ଼ା ସମେତ ଜଗତସିଂହପୁର, ଯାଜପୁର ଓ କଟକ ଜିଲ୍ଲା ମଧ୍ୟରେ ସୀମିତ ।
- ସଞ୍ଚୟ ଜମା (Saving Collection Account)ରେ ବାର୍ଷିକ ୪.୦୦% ସୁଧ Daily Balance ଉପରେ ଦିଆଯାଏ ।
- ସ୍ଥାୟୀ ଜମା (Fixed Deposit)ରେ ୧ବର୍ଷ ଓ ୩ବର୍ଷରୁ କମ୍ ପାଇଁ ବାର୍ଷିକ ୮.୫୦%, ୩ବର୍ଷ ଓ ୫ ବର୍ଷରୁ କମ୍ ୮.୭୫% ଏବଂ ୫ ବର୍ଷ ଓ ତଦୁର୍ଦ୍ଧ ପାଇଁ ୯.୦୦% ସୁଧ ଦିଆଯାଏ ।
- ବିଜୁ ପଟ୍ଟନାୟକ ବିକାଶପତ୍ର @ ୯.୦୦% ସୁଧ ହାରରେ ୭ ବର୍ଷ ୧୦ ମାସରେ ୨ ଗୁଣ ହୁଏ ।
- ଦୃଷ୍ଟିହୀନ ଓ ସମ୍ପୂର୍ଣ୍ଣ ଶାରୀରିକ ଅକ୍ଷମ ତଥା ଅସହାୟ ପରିବାରକୁ ଜ୍ଞାନଦେବୀ ଗୁରୁରାଣ ସହାୟତା ପ୍ରଦାନ ।
- ଅବସରପ୍ରାପ୍ତ ସାମରିକ କର୍ମଚାରୀ, ଭିନ୍ନକ୍ଷମ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତ ସାମ୍ବାଦିକ ଓ ବରିଷ୍ଠ ନାଗରିକ (Senior Citizen)ଙ୍କ ଜମା ଉପରେ ଯେକୌଣସି ଗୋଟିକରେ ୦.୫୦% ଅଧିକ ସୁଧ ଦିଆଯାଏ ।
- ସ୍ୱଳ୍ପ ସମୟ ଓ ସହଜ କିସ୍ତିରେ ଋଣ ପ୍ରଦାନ କରାଯାଏ ।
- ଆପଣଙ୍କ ଜମା ଖାତା ସୋସାଇଟିର ଯେକୌଣସି ଶାଖାରେ ଥିଲେ ମଧ CBS ବ୍ୟବସ୍ଥା ଦ୍ୱାରା ପ୍ରତ୍ୟେକ ଶାଖାରେ କାରବାର ସୁବିଧା ଲଭ୍ୟ ।
- କେନ୍ଦ୍ରାପଡ଼ା ପୌରାଞ୍ଚଳର ମୁଖ୍ୟରାସ୍ତା ସଂଲଗ୍ନ ବିଦ୍ୟୁତ୍ ବିଭାଗ ଅଫିସ ସନ୍ନିକଟ କଜଳା ମୌଜାରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜମିରେ ସୋସାଇଟିର ସ୍ଥାୟୀ ଅଫିସ ଗୃହ ନିର୍ମାଣ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି ।
- ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜକନିକା, ରାମନଗର, ଗରଦପୁର, ରାଜନଗର, ସାନମଙ୍ଗଳା ଛକ, ଆଳି, ସାଲେପୁର, ପାରାଦ୍ୱୀପ, ଜଗତସିଂହପୁର, ଯାଜପୁର ଟାଉନ, ରାହାମା, ଚୌଦ୍ୱାର, ଜଗତପୁର ଓ ବାଲିଚନ୍ଦ୍ରପୁରଠାରେ ଶାଖାଗୁଡ଼ିକ ସୂଚାରୁରୂପେ କାର୍ଯ୍ୟ କରୁଛି ।

ପ୍ରହ୍ଲାଦ ସାହୁ
ସମ୍ପାଦକ
ମୋ.- ୯୧୨୪୨୫୪୪୧୯

ପ୍ରମୋଦ ସାହୁ
ସଭାପତି
ମୋ.- ୯୧୨୪୨୫୪୪୧୮

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

# ସିଆଟେଲ୍‌ରେ ପ୍ରବାସୀ ଓଡ଼ିଆଙ୍କ ଦୁର୍ଗାପୂଜା



କଟକ (ସ୍ୱ.ପ୍ର): ଆମେରିକାର ସିଆଟେଲ୍ ଠାରେ ଓଡ଼ିଆ ଯୁବସଂଗଠନ ପକ୍ଷରୁ ଦୁର୍ଗାପୂଜା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରବାସୀ ଓଡ଼ିଆ ପରିବାରର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଆ ଯୁବକଳାକାର ଓ କୁନିକୁନି ପିଲାମାନେ ଅଂଶଗ୍ରହଣ କରିଥିଲେ । ଏ ଅବସରରେ ଉତ୍ସବସ୍ଥଳରେ ବିଭିନ୍ନ ପ୍ରକାରର ଓଡ଼ିଆ ଖାଦ୍ୟ ସଂଭାର ପ୍ରସ୍ତୁତ ହୋଇଥିଲା । ସିଆଟେଲ ଓଡ଼ିଆ ପରିବାର ପକ୍ଷରୁ ଡାକ୍ତର ଶିବାନୀ ଦାଶ ଦୁର୍ଗାପୂଜା ଉତ୍ସବ ଆୟୋଜକର ମୁଖ୍ୟ ପୁରୋଧା ଥିଲାବେଳେ ଅମୂଲ୍ୟ ଦାଶ, ସଚଳା ଦାଶ, ଅଲିଶା ଦାସ, ଦେବଦତ୍ତ ଦାସ, ଇଟୁ ଦାସ, ମନୋଜ ରଥ, ନିହାର ଦାଶ, ସଂଜୀବ ଷଡ଼ଙ୍ଗୀ, ସଂଜୟ ଦାଶ, ଦୀନକୃଷ୍ଣ ରାୟ, ଅରୁଣ ମିଶ୍ର, ମନୋଜ ନନ୍ଦ, ଅଶୋକ ଦାସଙ୍କ ସମେତ ରୁଚି ପରିବାର ପକ୍ଷରୁ ବିଭୁ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ସିଆଟେଲ୍ ଠାରେ ପାରମ୍ପାରିକ ଦୁର୍ଗାପୂଜା କାର୍ଯ୍ୟକ୍ରମ ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ସୃଷ୍ଟି କରିଥିଲା ।

# ବିଜେପିରେ ଯୋଗଦେଲେ ଶତାଧିକ ମହିଳା

ସାକ୍ଷୀଗୋପାଳ,(ସବ୍ୟ):ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଶୁକଳ ଓ ମହୁରା ପଞ୍ଚାୟତର ଶତାଧିକ ମହିଳା ବୁଧବାର ଦିନ ବିଜେପି ଦଳରେ ଯୋଗ ଦେଇଛନ୍ତି। ସ୍ଥାନୀୟ ଆଞ୍ଚଳିକ ନାରିକେଳ ଗବେଷଣା କେନ୍ଦ୍ର ପରିସରରେ ଅବସ୍ଥିତ ମା ଚଣ୍ଡୀ ମନ୍ଦିର ପରିସରରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ସାଂସଦଙ୍କ ପ୍ରତିନିଧି ତ୍ରିଲୋଚନ ରଥ, ହର ପ୍ରସାଦ ରଥ,ରୀତା ତ୍ରିପାଠୀ, ଉମେଶ ଚନ୍ଦ୍ର ପ୍ରଧାନ, ଅଶୋକ କୁମାର ରାଉତରାୟ ଓ ପ୍ରତାପ ବେହେରା ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ମହିଳାମାନଙ୍କ ଯୋଗଦାନକୁ ସ୍ୱାଗତ କରିଥିଲେ। ଏହି ଯୋଗଦାନ ଫଳରେ ସତ୍ୟବାଦୀରେ ବିଜେପିର ଶକ୍ତି ବୃଦ୍ଧି ଘଟିଲା ବୋଲି ବିଧାୟକ ଶ୍ରୀଯୁକ୍ତ ମିଶ୍ର ପ୍ରକାଶ କରିଥିଲେ । ଜୟନ୍ତୀ ସେନାପତି, ଶୁକଳ ପଞ୍ଚାୟତ ଓ ଜୟନ୍ତୀ ସ୍ୱାଇଁ, ମହୁରା ପଞ୍ଚାୟତଙ୍କ ନେତୃତ୍ୱରେ ମହିଳା ପ୍ରାଣୀ ମିତ୍ର, ଓ ମହିଳା କୃଷି ମିତ୍ରଙ୍କ ଶତାଧିକ ମହିଳା ବିଜେପିରେ ଯୋଗ ଦେଇଥିଲେ । ବିଧାୟକ ଶ୍ରୀଯୁକ୍ତ ମିଶ୍ର ଏହି ମହିଳା ମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ।

# ସନ୍‌ଫିଷ୍ଟ ଡାର୍କ ଫାସି ପିଲାଙ୍କ ପାଇଁ ପ୍ରଚଳନ କରୁଛି 'ବିଗ୍ ଫାସିଜ୍'

ଭୁବନେଶ୍ୱର (ସବ୍ୟ) ଦୈନନ୍ଦିନ ମୁହୂର୍ତ୍ତଗୁଡିକୁ ଏକ ଅନନ୍ୟ ଅନୁଭୂତିରେ ପରିଣତ କରିବା ନିମନ୍ତେ ସୁପରିଚିତ ଭାରତର ସର୍ବାଧିକ ଲୋକପ୍ରିୟ କୁକି ବ୍ରାଣ୍ଡ ଆଇଟିସି ସନ୍‌ଫିଷ୍ଟ ଡାର୍କ ଫାସି ଗର୍ବର ସହିତ ତାହାର ସଦ୍ୟତମ ନବସୃଜନ ପ୍ରେରିତ ପ୍ରୟାସ 'ବିଗ୍ ଫାସିଜ୍: ଗିଭ ୱିଙ୍ଗସ୍ ଟୁ ୟୋର ଇମାଜିନେସନ' ସମ୍ପର୍କରେ ଘୋଷଣା କରୁଅଛି । । ଏହି ପ୍ରୟାସ ସହିତ ବ୍ରାଣ୍ଡ ପ୍ରଯୁକ୍ତି କଳାକୁ ସମନ୍ୱିତ କରି ପିଲାଙ୍କ ଠାରେ ସୃଜନଶୀଳତା ଏବଂ କଳ୍ପନାକୁ ବଢାଇବା ପାଇଁ ଲକ୍ଷ୍ୟ ରଖିଛି। ଏହି ଅନନ୍ୟ ଏବଂ ଅଗ୍ରଣୀ ଚିନ୍ତାଧାରା ସମ୍ପନ୍ନ ପ୍ରୟାସ ବେଙ୍ଗାଲୁରୁ ସେ ଯୋଶେଫ ସ୍କୁଲରେ ପିଲାମାନେ, ସେମାନଙ୍କର ପିତା ମାତା ଏବଂ ମାନ୍ୟଗଣ ଅତିଥିଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଥିଲା ଏବଂ ଏହି କାର୍ଯ୍ୟକ୍ରମ ମାଧ୍ୟମରେ 'ଏକ ଶିଶୁର କଳ୍ପନାକୁ ଆଗକୁ ବଢ଼ାଇବାର ଗୁରୁତ୍ୱ' ଉପରେ ଏକ ବିସ୍ତୃତ ଦଳଗତ ଆଲୋଚନା ସ୍ଥାନ ପାଇଥିଲା, ଯେଉଁଥିରେ ମହାକାଶ ଅନୁଧ୍ୟାନ, ଶିକ୍ଷାକ୍ଷେତ୍ର, ମନୋବିଜ୍ଞାନ ଏବଂ ସୃଜନଶୀଳ କଳା ଆଦି କ୍ଷେତ୍ରରୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

# ଇଂଲଣ୍ଡରେ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ଜମି ହାସଲ କଲେ ଡ. ବିଶ୍ୱନାଥ ପଟ୍ଟନାୟକ

ଭୁବନେଶ୍ୱର (ସବ୍ୟ): ଲଣ୍ଡନରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କେତେକ ଆହ୍ୱାନର ସମ୍ମୁଖୀନ ହୋଇଥିଲେ ଫିନନେଷ୍ଟ ଗ୍ରୁପ, ଏହାର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ବିଶ୍ୱନାଥ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ପ୍ରକଳ୍ପକୁ ଆଗକୁ ବଢ଼ାଇବା ପାଇଁ ବଦ୍ଧପରିକର ଅଛି । ଡ. ପଟ୍ଟନାୟକ ମନ୍ଦିରର ବିକାଶ ପାଇଁ ୨୫ ନିୟୁତ ପାଉଣ୍ଡ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ଏବଂ ପ୍ରକଳ୍ପର ଅଗ୍ରଗତି ଜାରି ରଖିଛନ୍ତି । ନିକଟରେ ବ୍ରିଟେନର ଶ୍ରୀ ଜଲାରାମ ଜ୍ୟୋତି ମନ୍ଦିର ଏହି ମନ୍ଦିର ପାଇଁ ଆନୁଷ୍ଠାନିକ ଭାବେ ଜମି ଚିହ୍ନଟ କରିଛି ବୋଲି ଅକ୍ଟୋବର ୧୬, ୨୦୨୪ରେ ଏକ ଚିଠି ମାଧ୍ୟମରେ ନିଶ୍ଚିତ କରାଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ଏହି ସମ୍ମାନଜନକ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହାସିକ ପ୍ରତିଷ୍ଠାକୁ ସମଗ୍ର ଜଗନ୍ନାଥ ସମ୍ପ୍ରଦାୟ ପାଇଁ ଫଳପ୍ରଦ କରିବାର ନିକଟତର କରିଛି । ନିକଟରେ ଗଣମାଧ୍ୟମରେ ପ୍ରକାଶିତ କେତେକ ଖବର ସଂପର୍କରେ ଡ. ପଟ୍ଟନାୟକ କହିଛନ୍ତି, ମନ୍ଦିର ନିର୍ମାଣ ପ୍ରତି ଆମର ପ୍ରତିବଦ୍ଧତା ଅତୁଟ ରହିଛି । ପାରଦର୍ଶିତାରେ ସମସ୍ୟା ଯୋଗୁଁ ଶ୍ରୀଜଗନ୍ନାଥ ସୋସାଇଟି ୟୁକେ (ଏସଜେଏସୟୁକେ) ସହିତ ଭାଗିଦାରୀ ବାତିଲ ହୋଇଛି, କାରଣ ଆମ ପାଇଁ ସ୍ୱଚ୍ଛତା ସର୍ବୋଚ୍ଚ ଅଟେ ।

## ସାରା ରାଜ୍ୟରେ ପାଳିତ ହେଲା ନବୀନଙ୍କ ୭୮ତମ ଜନ୍ମଦିନ

# ଶଙ୍ଖ ଭବନରେ ଆୟୋଜିତ ରକ୍ତଦାନ ଶିବିରରେ ୨୫୦ରୁ ଊର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗ୍ରହ



ଭୁବନେଶ୍ୱର, (ସବ୍ୟ): ବିଜେଡ଼ି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିବସ ଅବସରରେ ବୁଧବାର ଦଳ ତରଫରୁ ଶଙ୍ଖଭବନ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିର ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ତରଫରୁ ଆୟୋଜନ କରାଯାଇଥିଲା । ରକ୍ତଦାନ ଶିବିରରେ ୨୫୦ରୁ ଉର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲାବେଳେ ରାଜ୍ୟର ୩୫ଟି ସ୍ଥାନରେ ଅନୁଷ୍ଠିତ ହୋଇଥିବା ରକ୍ତଦାନ ଶିବିରରେ ସମୁଦାୟ ୩୦୦୦ରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଏଥିରେ ଦଳର ଯୁବ, ଛାତ୍ର ଓ ମହିଳା ସଂଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ନବୀନଙ୍କ ଜନ୍ମଦିନ ସାରା ରାଜ୍ୟର ବିଭିନ୍ନସ୍ଥାନରେ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଦଳର ବରିଷ୍ଠ ନେତୃମଣ୍ଡଳୀଙ୍କ ସହ ଜନସାଧାରଣ ମଧ୍ୟ ଆଜି ନବୀନ ନିବାସ ଯାଇ ନବୀନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶଙ୍ଖଭବନ ଠାରେ ଆୟୋଜିତ ରକ୍ତଦାନ ଶିବିର ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ସଭାପତି ତଥା ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ଦଳର ବରିଷ୍ଠ ନେତୃମଣ୍ଡଳୀ ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ, ସଂତୃପ୍ତ ମିଶ୍ର, ଅତନୁସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା, ମେୟର ଶ୍ରୀମତୀ ସୁଲୋଚନା ଦାସ, ରାଜ୍ୟସଭା ସଦସ୍ୟା ଶ୍ରୀମତୀ ସୁଲତା ଦେଓ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି ଓ ଡଃ ପ୍ରିୟବ୍ରତ ମାଝୀ, ଶ୍ରୀମତୀ ରାଜଶ୍ରୀ ମଲ୍ଲିକ, ଶ୍ରୀମତୀ ଶର୍ମିଷ୍ଠା ସେଠୀ, ଶ୍ରୀମତୀ ଲୋପାମୁଦ୍ରା ବକ୍ସିପାତ୍ର, ଶ୍ରୀମତୀ ଶ୍ରୀମୟୀ ମିଶ୍ର, ମନ୍ମଥ ରାଉତରାୟ, ବିଜୟ ନାୟକ, ମୁଖପାତ୍ର ମିହିରରାୟ, ଦ୍ୟୁମ୍ନନାଥ ପଣ୍ଡା ଇତ୍ୟାଦି ଉପସ୍ଥିତ ରହି କାର୍ଯ୍ୟକ୍ରମ ତଦାରଖ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ।

# ଗ୍ଲୋବାଲ ସୁପରଷ୍ଟାର୍ ଜେନିଙ୍କ ବହୁପ୍ରତିକ୍ଷୀତ ନୂଆ ସିଙ୍ଗଲ୍ ଓ ମ୍ୟୁଜିକ ଭିଡିଓ 'ମନ୍ତ୍ରା'

ଭୁବନେଶ୍ୱର(ସବ୍ୟ) : ବିଶ୍ୱବ୍ୟାପୀ ପ୍ରତୀକ୍ଷା ପରେ ଗ୍ଲୋବାଲ ସୁପରଷ୍ଟାର ଜେନି ଆଜି କଲୟିଆ ରେକର୍ଡସ / ଓଡାଟେଲିୟର ମାଧ୍ୟମରେ ନିଜର ବହୁପ୍ରତିକ୍ଷୀତ ନୂଆ ସିଙ୍ଗଲ୍ ଓ ମ୍ୟୁଜିକ୍ ଭିଡିଓ 'ମନ୍ତ୍ରା'କୁ ରିଲିଜ୍ କରିଛନ୍ତି । ଏହି ନୂଆ ସିଙ୍ଗଲ୍ ସମ୍ପର୍କରେ ସେ କହିଛନ୍ତି, ' ମୋର ନୂତନ ଯୁଗକୁ ଆରମ୍ଭ କରିବା ପାଇଁ ଏହା ହେଉଛି ଉପଯୁକ୍ତ ସଙ୍ଗୀତ। ମୁଁ ଭାବୁଛି 'ମନ୍ତ୍ରା' ମୋର ପ୍ରଶଂସକଙ୍କୁ ଖୁସି କରିବ କିନ୍ତୁ ଏହା ଜଣେ ସୋଲୋ ଆର୍ଟିଷ୍ଟ ଭାବେ ମୋର ନୂଆ ରୂପକୁ ମଧ୍ୟ ପ୍ରଦର୍ଶିତ କରିବ। ଏହି ଗୀତଟି ଲସ୍ ଆଲେସରେ ମୋର ରେକର୍ଡିଂ ସମୟ ଦ୍ୱାରା ଅନୁପ୍ରାଣିତ ଅଟେ ଏବଂ ପ୍ରଶଂସକମାନେ ସେହି ଉତ୍ସାହକୁ ଅନୁଭବ କରିପାରିବେ ବୋଲି ମୁଁ ଆଶା କରୁଛି - ଯାହା ସକାରାତ୍ମକ ହେବା, ଅଭିବ୍ୟକ୍ତିଶୀଳ ହେବା ଓ ନିଜ ପ୍ରତି ବାସ୍ତବ ରହିବା ସମ୍ପର୍କିତ ଅଟେ। ଏହା ମୋର ସମସ୍ତ ମହିଳା ଓ ଯୁବତୀ ପ୍ରଶଂସକମାନଙ୍କ ପାଇଁ ନିଜର ବ୍ୟକ୍ତିତ୍ୱକୁ ଭଲ ପାଇବାର ଏକ ବାର୍ତ୍ତା ସହ ଶକ୍ତିଶାଳୀ ଓ ସଶକ୍ତ ଅଟେ। ଏହା ଆପଣଙ୍କର ଆନ୍ଥେମ ଅଟେ ।' 'ମନ୍ତ୍ରା' ଏକ ନିର୍ଭୀକ ଓ ଅବିସ୍ମରଣୀୟ ସଙ୍ଗୀତ ଭାବେ ତାଙ୍କର ପରବର୍ତ୍ତୀ ପର୍ଯ୍ୟାୟକୁ ଆଲୋକିତ କରୁଛି। ଏକ ହାର୍ଡ-ହିଟିଂ ବାସ୍ ଲାଇନ୍ ଓ ବୋଲ୍ଡ ବିଟ୍ ମଧ୍ୟରେ ସେ ଆତ୍ମବିଶ୍ୱାସ ସହ ପ୍ରକାଶ କରିଛନ୍ତି ଯେ, 'ବେଳେ ବେଳେ ଝିଅମାନେ କେବଳ ମଜା କରିବା ଉଚିତ୍'। ଏକ ସୁନ୍ଦର ଭିଜୁଆଲ ଦ୍ୱାରା ସୁସଜ୍ଜିତ ଏହି ଗୀତରେ ନିଶ୍ଚିତ ରୂପେ ଏକ ବ୍ଲକ୍‌ବଷ୍ଟର ଭିଡିଓ ହେବାର ସମସ୍ତ ଉପାଦାନ ରହିଛି।

# ନବୀନଙ୍କ ଜନ୍ମ ଦିବସ ପାଳନ ଅବସରରେ ରକ୍ତଦାନ ଶିବିର



ପୁରୀ, (ସବ୍ୟ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ୭୯ ତମ ଜନ୍ମ ଦିବସ ଅବସରରେ ୟୁଥ୍ ହଷ୍ଟେଲ ପରିସରରେ ଓଡିଶା ମୋ ପରିବାର ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜନ ହୋଇ ଯାଇଛି । ଏହି ରକ୍ତ ଦାନ ଶିବିରରେ ମୋଟ ୧୦୩ ୟୁନିଟ ରକ୍ତ ସଂଗ୍ରହ କର ଯାଇଥିଲା ଏହି କାର୍ଯ୍ୟକ୍ରମକୁ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଏଂ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଉଦଘାଟନ କରିଥିଲେ । ଏହି ରକ୍ତ ଦାନ ଶିବିରରେ ନିମାପଡ଼ାର ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକ, ପୁରୀର ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ସୁରେନ୍ଦ୍ରନାଥ ଦାସ, ବିଶ୍ଣୁ ରାଓ, ପୂର୍ବତନ କାଉନସିଲର ବିଭୂତି ସେଠୀ , ନୃସିଂହ ସାହୁ, ନାରାୟଣ ପଟ୍ଟନାୟକ, ସୂଚୀସ୍ମିତା ସାହୁ,ବରିଷ୍ଠ ସେବାୟତ ରାମକୃଷ୍ଣ ଦାସ ମହାପାତ୍ର,ରବି ଶଙ୍କର ପ୍ରତିହାରୀ ,ସାଇନୀ ଖୁଣ୍ଟିଆ ,ସୁବ୍ରତ ଛାଟୋଇ ,ବିଜୟ ମିଶ୍ର ,ବିଦ୍ୟାଧର ସ୍ୱାଇଁ ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ସମେତ ବହୁ ବିଜେଡି ନେତା ଉପସ୍ଥିତ ଥିଲେ ।

# ଭୁବନେଶ୍ୱରରେ ପ୍ରବେଶ କରିଛି ଭାରତର ଅଗ୍ରଣୀ ଘରୋଇ ସେବା ଷ୍ଟାର୍ଟଅପ୍ ହୋମ୍ ଟ୍ରାଏଙ୍ଗେଲ



ଭୁବନେଶ୍ୱର (ସବ୍ୟ) : ଭାରତର ଘରୋଇ ସେବା ଶିଳ୍ପରେ ଏକ ଅଗ୍ରଣୀ ସଂସ୍ଥା ହୋମ୍ ଟ୍ରାଏଙ୍ଗେଲ, ଭୁବନେଶ୍ୱରରେ ଏହି ଉପସ୍ଥିତିକୁ ବିସ୍ତାର କରିଛି। ଏହି ରଣନୈତିକ ପଦକ୍ଷେପ ନିଜର ପହଂଚକୁ ବୃଦ୍ଧି କରିବା ଓ ଏଭଳି ବିକଶିତ ବଜାରଗୁଡିକରେ ଘର ମାଲିକମାନଙ୍କର ବିବିଧ ଆବଶ୍ୟକତାକୁ ପୂରଣ କରିବା ପାଇଁ କମ୍ପାନୀର ଲକ୍ଷ୍ୟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଚିହ୍ନିତ କରୁଛି। ସାମ୍ପ୍ରତିକ ବିସ୍ତାର ସହିତ କମ୍ପାନୀ ଏବେ ଭାରତର ୨୩ଟି ସହରରେ ଉପସ୍ଥିତ ରହିଛି ଏବଂ ଆଗାମୀ ମାସଗୁଡିକରେ ଅଧିକ ସହରକୁ ସମ୍ପ୍ରସାରିତ ହେବା ପାଇଁ ଯୋଜନା ରଖିଛି। କମ୍ପାନୀ ନିଜ ପରିଚାଳନାର ୬ ମାସ ମଧ୍ୟରେ ମୋଟ ରାଜସ୍ୱରୁ ପ୍ରାୟ ୩ରୁ ୫% ଭୁବନେଶ୍ୱରରୁ ହାସଲ କରିବା ପାଇଁ ଆଶା ରଖିଛି। ୨୦୧୫ରେ ସ୍ଥାପିତ ହୋମ୍ ଟ୍ରଏଙ୍ଗେଲ ଭାରତରେ ଘରୋଇ ସେବା କ୍ଷେତ୍ରକୁ ପରିବର୍ତ୍ତନ କରିବା ପାଇଁ ଆଗଧାଡିରେ ରହିଆସିଛି। ସ୍ଥାନୀୟ ପେସାଦାରମାନଙ୍କୁ ଘର ମାଲିକଙ୍କ ସଂ ସଂଯୋଜିତ କରି, କମ୍ପାନୀ କେବଳ କ୍ଷୁଦ୍ର ବ୍ୟବସାୟଗୁଡିକୁ ସହଯୋଗ କରୁନାହିଁ ବରଂ ଦେଶବ୍ୟାପୀ କୁଶଳୀ କର୍ମଚାରୀମାନଙ୍କର ସାମାଜିକ ଓ ଆର୍ଥିକ ସ୍ଥିତିକୁ ଉନ୍ନତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଘର ମରାମତି, ସଫେଇ, ପେଷ୍ଟ କଂଟ୍ରୋଲ, ଆପ୍ଲାଏନ୍ସ ମରାମତି ଓ ହ୍ୟାଣ୍ଡିମ୍ୟାନ ସର୍ଭିସ ଭଳି ଏକ ବିସ୍ତୃତ ରେର ସେବାଗୁଡିକ ସହିତ ହୋମ୍ ଟ୍ରାଏଙ୍ଗେଲ ପ୍ରତ୍ୟେକ ଯୋଗାଯୋଗରେ ଉଚ୍ଚ ଗୁଣବତ୍ତା ଓ ନିର୍ଭରଯୋଗ୍ୟତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।

# ନବୀନ ପଟ୍ଟନାୟକଙ୍କ ଜନ୍ମଦିବସରେ ରକ୍ତଦାନ ଶିବିର, ୯୧ୟୁନିଟ ସଂଗ୍ରହ



ଖୋର୍ଦ୍ଧା, (ସବ୍ୟ): ବିଜେଡ଼ି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୭୮ବର୍ଷ ବୟସରେ ପଦାର୍ପଣ କରିଛନ୍ତି । ଏହି ମହାନ ଜନନାୟକ ଦୀର୍ଘ ୨୪ବର୍ଷ ଧରି ଓଡ଼ିଶାର ସାଢ଼େ ଚାରିକୋଟି ଜନତାଙ୍କୁ ନିରବଚ୍ଛିନ୍ନ ସେବା ଯୋଗାଇବାରେ କେବେବି ଅବହେଳା କରିନାହାନ୍ତି । ଓଡ଼ିଶା କୁ ଏକ ଶସକ୍ତ ଓ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ତାଙ୍କର ଅବଦାନ ଅତୁଳନୀୟ। ବୁଧବାର ତାଙ୍କ ଜନ୍ମ ଦିବସ ଅବସରରେ ଖୋର୍ଦ୍ଧା ସଦର ମହକୁମା ସ୍ଥିତ ଇଗଲ କ୍ଲବ୍ ପରିସରରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ରେ ୯୧ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଏହି କାର୍ଯ୍ୟକ୍ରମକୁ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଉଦ୍‌ଘାଟନ କରିଥିଲେ।

ଅନ୍ୟତମ ଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରକ୍ଷଣୀ ଗୁମାନସିଂ, ଲୋକସଭା ପ୍ରାର୍ଥୀ ମନ୍ମଥ ରାଉତରାୟ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧ୍ୟକ୍ଷ ଅଭିଷେକ ସିଂହସାମନ୍ତ, ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶନୀ, ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିଙ୍କି ମାନଧାତା, ଖୋର୍ଦ୍ଧା ପୌର-ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ମହମ୍ମଦ ଆରିଫ, ୧୩ ଟି ୱାର୍ଡ ର କାଉନ୍ସିଲର, ସରପଂଚ,ସମିତିସଭ୍ୟ/ସଭ୍ୟା, ଜିଲ୍ଲାପରିଷଦ ସଭ୍ୟ, ବିଜେଡି ମିଡିଆ ସେଲ ଆବାହକ ଲଳିତ ମୋହନ ମହାପାତ୍ର, ଡିଜିଟାଲ ସେକ୍ରେଟାରୀ ନୁପୁର ସାମନ୍ତସିଂହାରଙ୍କ ସମେତ ଜିଲ୍ଲା ପ୍ରେସ କ୍ଲବ ସମସ୍ତ ସଦସ୍ୟମାନେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ପବିତ୍ରଦିନରେ ସମସ୍ତ ରକ୍ତଦାତା, ଅତିଥି ଓ ଉପସ୍ଥିତ ଶୁଭେଚ୍ଛୁ ବୃନ୍ଦ ଏହି ମହାନ ବ୍ୟକ୍ତିଙ୍କର ଦୀର୍ଘାୟୁ ତଥା ନିରାମୟ ଜୀବନ ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

# ପିଜ୍ଜା ହଟ ମୋମୋ ମିଆ ପିଜ୍ଜା ଲଞ୍ଚ କରିଛି

ଭୁବନେଶ୍ୱର, (ସବ୍ୟ): ଭାରତର ସବୁଠାରୁ ପ୍ରିୟ ତଥା ବିଶ୍ୱସ୍ତ ପିଜ୍ଜା ବ୍ରାଣ୍ଡ ପପିଜ୍ଜା ହଟ ମୋମୋ ମିଆ ପିଜ୍ଜାର ଲଂଚ କରିଛି, ଯାହା ପିଜ୍ଜା ହଟର ନାମ ଅନୁସାରେ ନିଜର ପ୍ରଥମ ପ୍ରକାରର ମିଶ୍ରଣ, ସ୍ୱାଇସୀ ସେଜୱାନ୍ ସସ୍ ସହିତ ଟପ୍ ହୋଇଥିବା ଚିଜୀ ପିଜା ଏବଂ ରସାଳ ଷ୍ଟ୍ରିଟ୍ ଷ୍ଟାଇଲ୍ ମୋମୋ। ଏହା ଉଭୟ ଭେଜ୍ ଏବଂ ନନ୍ ଭେଜ୍ ପ୍ରକାରରେ ଉପଲବ୍ଧ, ମୋମୋ ମିଆ ପିଜ୍ଜାର ୨୬୯ ରୁ ଆରମ୍ଭ ହେଉଛି। ମୋମୋ ମିଆର ଭେଜିଟେରିଆନ୍ ଭେରିଆଂଟରେ ସିମଲାଲଙ୍କା, ପିଆଜ ଏବଂ ମିଠା ମକାର ଟପିଂସ୍ ସହିତ ଚାରିପାଖରେ ସୁଆଦିଆ ଭେଜିଟେବଲ୍ ମୋମୋ ରଖାଯାଇଥିବା ଏକ ଆନନ୍ଦଦାୟକ କ୍ରଂଚି ପ୍ୟାନ୍ ପିଜା ବେସ୍ ଅଛି। ନନ୍ ଭେଜିଟେରିଆନ୍ ଭେରିଆଂଟ ସେଜୱାନ୍ ଚିକେନ୍ ମିଟବଲ୍, ସିମଲାଲଙ୍କା ଏବଂ ପିଆଜର ଟପ୍ପିଙ୍ଗ୍ ସହିତ ଆସିଥାଏ, ଯାହାର ଚାରିପାଖରେ ସୁଆଦିଆ ଚିକେନ୍ ମୋମୋ ରହିଛି। କେବଳ ଏତିକିରେ ନଥାଏ - ପ୍ରତ୍ୟେକ ମୋମୋ ତଳେ ଏବଂ ମସଲାୟୁକ୍ତ ସେଜୱାନ୍ ସସ୍ ର ଅନ୍ୟ ଏକ ପରସ୍ତ ଲୁଚିରହିଥାଏ, ଯାହା ପ୍ରତ୍ୟେକ ବାଇଟ୍ ରେ ଏକ ସ୍ୱତନ୍ତ୍ର କିକ୍ ଆଣିଥାଏ। ମସଲାଯୁକ୍ତ ସେଜୱାନ୍ ସସ୍ ର ନିଆରା ସ୍ୱାଦ ଚିଜୀ ପିଜାର ଆରାମଦାୟକ ସମୃଦ୍ଧତା ଏବଂ ରସାଳିଆ ମୋମୋର ମନୋରମ ଗଠନ ସହିତ ଗ୍ରାହକମାନେ ଏହାକୁ ପସନ୍ଦ କରିବେ ।

# ଟାଟା ମୋଟର୍ସ ପକ୍ଷରୁ ଦେଶ କା ଟ୍ରକ ଉତ୍ସବ ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ



ଭୁବନେଶ୍ୱର (ସବ୍ୟ): ଟାଟା ମୋଟର୍ସ ଭାରତର ସର୍ବବୃହତ୍ ବାଣିଜ୍ୟିକ ଯାନ ନିର୍ମାଣକାରୀ ପ୍ରତିଷ୍ଠାନ ଦେଶ କା ଟ୍ରକ ଉତ୍ସବ ପାଳନ ଉତ୍ସବର ପ୍ରସ୍ତୁତି ପର୍ବ ପାଇଁ ୧୮ ଅକ୍ଟୋବର ୨୦୨୪ରେ ଭୁବନେଶ୍ୱର ଠାରେ ଏକ ଏକ ଦିବସୀୟ କାର୍ଯ୍ୟକ୍ରମର ଆୟୋଜନ କରୁଛି। ଭୁବନେଶ୍ୱରରେ ଅବସ୍ଥାପିତ ଟ୍ରକ ମାଲିକାନା ସମ୍ପ୍ରଦାୟମାନଙ୍କୁ ସଶକ୍ତ କରିବା ପାଇଁ ଏହି କାର୍ଯ୍ୟକ୍ରମର ପ୍ରସ୍ତୁତ ହେଉଛି ଏକ କାର୍ଯ୍ୟକାରୀ ଦୂରଦୃଷ୍ଟି ତଥା ଟ୍ରକ ସମ୍ଭାରର ପ୍ରାଥମିକ ଅଭିଜ୍ଞତା ସହିତ ଟାଟା ମୋଟର୍ସର ଅଧୁନାତମ ଟ୍ରକ ପରିସର ତଥା ଅନେକ ଗୁଡ଼ିଏ ମୂଲ୍ୟଯୁକ୍ତ ସେବା ପ୍ରଦାନ କରିବା ସହିତ ସର୍ବୋପରି ଏସବୁର ମୂଳ ଲକ୍ଷ୍ୟ ହେଉଛି, ସେମାନଙ୍କ ମଧ୍ୟରେ ଲାଭାଂଶ ବୃଦ୍ଧି କରିବା ସହିତ ସମ୍ପୂର୍ଣ୍ଣ ମାଲିକାନା ସତ୍ୱର ମୂଲ୍ୟ (ଟିସିଓ) ହ୍ରାସ ପ୍ରଦାନ କରିବା। ଯାନ ପରିବହନ କ୍ଷେତ୍ରରେ ଭଡ଼ା ବୃଦ୍ଧି କାର୍ଯ୍ୟ ଦକ୍ଷତା, ଇନ୍ଧନ ଦକ୍ଷତାରେ ବୃଦ୍ଧି ତଥା ଏ ସବୁ ଦିଗରେ ଏକ ବିରାଟ ଲାଭାଂଶ ପ୍ରାପ୍ତ କରିବା ନିମନ୍ତେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରୁଥିବା ପ୍ରତିନିଧି ମାନଙ୍କୁ ବିଶେଷଜ୍ଞ ମାନଙ୍କ ପରାମର୍ଶ ପ୍ରଦାନର ବ୍ୟବସ୍ଥା ରହିଛି । ସେମାନଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ବିସ୍ତୃତ ଯାନର ପ୍ରଦର୍ଶନ ତଥା ଏଥି ସହିତ ଯୋଡ଼ି ହୋଇଥିବା ସୁବିଧା ଏବଂ ଟାଟା ମୋଟର୍ସର କ୍ରୟ ପରବର୍ତ୍ତୀ ବିସ୍ତାରିତ ସେବା ପ୍ରଦାନ ଉପରେ ମଧ୍ୟ ବିଭିନ୍ନ ପ୍ରକାରର ପରାମର୍ଶ ପ୍ରଦାନ କରାଯିବ । ରାଜେଶ କୌଲ, ଉପସଭାପତି ତଥା ବିଜିନେସ ମୁଖ୍ୟ-ଟ୍ରକ୍ସ, ଟାଟା ମୋର୍ଟସ କମର୍ସିଆଲ ଭେଇକିଲ, ଏହି ଉତ୍ସବରେ ସାମିଲ ହୋଇ କହିଥିଲେ ଦେଶ କା ଟ୍ରକ ଉତ୍ସବ ଆମ ପାଇଁ ଏକ ପ୍ରମୁଖ ମଂଚ ପ୍ରଦାନ କରିବା ସହିତ ସିଧାସଳଖ ଭାବରେ ସେମାନଙ୍କ ସହିତ ରହି ଆମର ଅଧୁନାତମ ଡ଼ିଜିଟାଲ ଉପାୟ ଗୁଡ଼ିକ ଉପରେ ଆଲୋକପାତ କରିବା ମୁଖ୍ୟ ଉଦ୍ଦେଶ୍ୟ।

## ସିବିଏସଇ ତୀରନ୍ଦାଜ ଚାମ୍ପିୟନସିପ ୨୦୨୪

# ବିଜୟ ଲାଭ କଲେ ବେଦାନ୍ତ ଲାଞ୍ଜିଗଡ଼ ଦ୍ୱାରା ସମର୍ଥିତ ଯୁବ ତୀରନ୍ଦାଜ

ଭୁବନେଶ୍ୱର (ସବ୍ୟ): ବେଦାନ୍ତ ଆଲୁମିନିୟମ ଲିମିଟେଡ, ଲାଞ୍ଜିଗଡ଼, ଭାରତର ଅଗ୍ରଣୀ ମେଟାଲଜିକାଲ ଗ୍ରେଡର ଆଲୁମିନିୟମ ନିର୍ମାତା କଳାହାଣ୍ଡିର ଦୁଇ ଯୁବ ତୀରନ୍ଦାଜ କ୍ଷିରୋଦ କୁମାର ଓ ଓମକାର ମାଝୀ ଜୋନାଲ ସ୍ତରୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଓ ରୌପ୍ୟ ମେଡାଲ ଜିତିଛନ୍ତି । ରାୟପୁରରେ ଅନୁଷ୍ଠିତ ସିବିଏସଇ ତୀରନ୍ଦାଜ ଚାମ୍ପିୟନଶିପ ୨୦୨୪ରେ ପୂର୍ବ ଜୋନାଲ ସ୍ତରୀୟ ପ୍ରତିଯୋଗିତାରେ ୨୦୦ରୁ ଅଧିକ ବ୍ୟତିକ୍ରମ ପ୍ରଦର୍ଶନ କରିଥିଲେ । କ୍ଷିରୋଦ କୁମାର ଓ ଓମକାର ମାଝୀ ଗତ ତିନିବର୍ଷ ଧରି ବେଦାନ୍ତ କ୍ରୀଡ଼ା ଉଦ୍ୟମ ଅଧିନରେ ତାଲିମ ନେଉଛନ୍ତି । ଏହି ପଦକ୍ଷେପଟି ଏକ ସାମଗ୍ରିକ କ୍ରୀଡ଼ା ଇକୋସିଷ୍ଟମ ସୃଷ୍ଟି କରି ଗ୍ରାମୀଣ ଗୋଷ୍ଠୀର ଯୁବ ପ୍ରତିଭାଧାରୀଙ୍କୁ ପ୍ରତିପୋଷଣ କରିବା ଲାଗି ଲକ୍ଷ୍ୟ ରଖିଛି ଯେଉଁଥିରେ ବ୍ୟାପକ ପ୍ରଶିକ୍ଷଣ ସୁଯୋଗ, ଦଳ ୟୁନିଫର୍ମ ଓ ବିଭିନ୍ନ ପ୍ରତିଯୋଗିତା ପାଇଁ ସେମାନଙ୍କୁ ଉତ୍ସାହିତ କରାଯାଉଛି । ୨୦୧୮ରେ ଆରମ୍ଭ ହେବା ପରଠାରୁ ବେଦାନ୍ତ ୧୦୦ରୁ ଅଧିକ ତୀରନ୍ଦାଜଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛି ସେଥିମଧ୍ୟରୁ ୫୦% ବାଳିକା ଅଟନ୍ତି । ସେମାନଙ୍କ ମଧ୍ୟରେ ୪୦ରୁ ଅଧିକ ପଦକ ଜିତିଛନ୍ତି ଓ ୨୦ରୁ ଅଧିକ ଆଥଲେଟ ଜାତୀୟ ସ୍ତରରେ ଚାମ୍ପିୟନଶିପରେ ପ୍ରତିନିଧିତ୍ୱ କରି ପଦକ ପାଇଛନ୍ତି ।




କଳାହାଣ୍ଡିର କ୍ଷିରୋଦ କୁମାର ଓ ଓମକାର ମାଝୀଙ୍କୁ ଜୋନାଲ ସ୍ତରୀୟ ପ୍ରତିଯୋଗିତାରେ ମେଡାଲ

କ୍ରୀଡ଼ାବିତଙ୍କୁ ପ୍ରତିପୋଷଣ କରିବା ଲାଗି କମ୍ପାନିର ଉତ୍ସର୍ଗକୁ ନିଶ୍ଚିତ କରି ପ୍ରଣବ କୁମାର ଭଟାଚାର୍ଯ୍ୟ, ସିଇଓ-ଆଲୁମିନା ବିଜିନେସ, ବେଦାନ୍ତ ଲମିଟେଡ କହିଛନ୍ତି ଯେ ଆମର ଯୁବ କ୍ରୀଡ଼ାବିତଙ୍କ ଉଲ୍ଲେଖନୀୟ ସଫଳତାର ସାକ୍ଷୀ ହେବା ଆମ ପାଇଁ ଅତ୍ୟନ୍ତ ଗୌରବ ବିଷୟ। କ୍ରୀଡ଼ା ଜଗତରେ ଏକ ପଦଚିହ୍ନ ସୃଷ୍ଟି କରିବାକୁ ଅର୍ଥନୈତିକ ପରିସ୍ଥିତି ସହ ସାମାଜିକ- ସଂସ୍କୃତିକ ଐତିହ୍ୟ ପାଇଁ ଜଣାଶୁଣା କଳାହାଣ୍ଡି ମଧ୍ୟ ଅତୁଳନୀୟ ଭୂମିକା ନିର୍ବାହ କରୁଛି । ଗ୍ରାମୀଣ ଯୁବକମାନଙ୍କ ବିକାଶ ଲାଗି କମ୍ପାନି ପକ୍ଷରୁ ବିଭିନ୍ନ ସୁବିଧା ପ୍ରଦାନ କରାଯାଉଛି । ଆମେ ବିଶ୍ୱସ୍ତରୀୟ ଆଥଲେଟ ସୃଷ୍ଟି କରିବାର ଏକ ବୃହତ ଦୃଷ୍ଟିକୋଣ ପାଇଁ ସହଯୋଗ କରୁଛୁ, ଯେଉଁମାନେ ଆଗାମୀ ଦିନରେ ଭାରତ ପାଇଁ ପ୍ରତିନିଧିତ୍ୱ କରିପାରିବେ । ବେଦାନ୍ତ ଆଲୁମିନିୟମ ଯୁବ ପ୍ରତିଭା ଅନ୍ୱେଷଣ ଓ ପ୍ରତିପୋଷଣ କରିବାକୁ ପ୍ରତିଶ୍ରୁତିବଦ୍ଧ। ବେଦାନ୍ତ କ୍ରୀଡ଼ା ପଦକ୍ଷେପ ମାଧ୍ୟମରେ ତୀରନ୍ଦାଜ, ହକି ଓ ଫୁଟବଲ ଭଳି କ୍ରୀଡ଼ାରେ ୫୦୦ରୁ ଅଧିକ ଯୁବକଙ୍କୁ ତାଲିମ ଦେଇଛି। ଏହା ସହ ବେଦାନ୍ତ ବିଭିନ୍ନ ସାମାଜିକ ପ୍ରଭାବରେ ୫୦୦ରୁ ଅଧିକ ଗାଁରେ ସକାରାତ୍ମକ ପ୍ରଭାବ ବିସ୍ତାର କରିଛି ଯାହା ଦ୍ୱାରା ୪.୫ ଲକ୍ଷ ଲୋକ ଉପକୃତ ହୋଇପାରିଛନ୍ତି । ଏହି ପ୍ରଭାବ ଗୁଡ଼ିକ ଶିକ୍ଷା, ଭିତିଭୂମି, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ସାଂସ୍କୃତିକ ବିକାଶକୁ ବିସ୍ତାର କରିଥାଏ। ଆମର ଫ୍ଲାଗସିପ କାର୍ଯ୍ୟକ୍ରମ ନନ୍ଦଘର ପ୍ରକଳ୍ପ ପ୍ରାୟ ୫୩୧ ଅଧୁନିକ ଅଙ୍ଗନବାଡ଼ି ପ୍ରତିଷ୍ଠା କରିଛି ଯାହା ମହିଳା ଓ ଶିଶୁ ବିକାଶ ପାଇଁ ଉତ୍ସର୍ଗୀକୃତ ।

# ଭୁବନେଶ୍ୱର ସାମ୍ବାଦିକଙ୍କ ପକ୍ଷରୁ ଶାରଦୀୟ ବନ୍ଧୁ ମିଳନ



ଭୁବନେଶ୍ୱର, (ସବ୍ୟ): ଦୀର୍ଘବର୍ଷ ପରେ ଭୁବନେଶ୍ୱର ଠାରେ ଅବସ୍ଥାପିତ ସାମ୍ବାଦିକମାନେ ଶାରଦୀୟ ଦୁର୍ଗାପୂଜା ଅବସରରେ ଗୋଟିଏ ମଂଚରେ ଏକାଠି ହେବାର ନିଆରା ଦୃଶ୍ୟ ଦେଖିବାକୁ ମିଳିଛି । ଅଶି ଦଶକର ମଧ୍ୟଭାଗରୁ ରାଜଧାନୀ ଭୁବନେଶ୍ୱରରେ ନିଚ୍ଛକ ସାମ୍ବାଦିକତାଙ୍କ ବୃତ୍ତି ନିର୍ବାହ କରିଆସୁଥିବା ସାମ୍ବାଦିକମାନଙ୍କ ପକ୍ଷରୁ ଶୁକ୍ରବାର (୧୧ ତାରିଖ) ପବିତ୍ର ଦଶହରା ପର୍ବ ନବମୀ ତିଥି ଅବସରରେ ଦୁଇ ନମ୍ବର ୟୁନିଟ୍ ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ବିଶ୍ୱନାଥ ସାମଲ, ଅକ୍ଷୟ ପତି, ରମେଶ ଚନ୍ଦ୍ର ମହାନ୍ତି, ଦେବୀ ପଟ୍ଟନାୟକ, କେଦାର ମହାନ୍ତି, ସୁରେନ୍ଦ୍ର ସାହୁ, ପ୍ରତାପ ମହାନ୍ତି, ବିପିନ ସିଂ, ବି. ଚନ୍ଦ୍ର ରାଓ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାମ୍ବାଦିକମାନଙ୍କ ଭିତରେ ସମନ୍ୱୟ ସୁସମ୍ପର୍କ, ଏକତା ଓ ଭାଇଚାରା ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିବା ସହିତ ନିୟମିତ ବ୍ୟବଧାନରେ ଏଭଳି ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସହମତ ହୋଇଥିଲେ। ପ୍ରାରମ୍ଭରେ ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ୟତମ ବରିଷ୍ଠ ସାମ୍ବାଦିକ ସର୍ବେଶ୍ୱର ବର୍ଦ୍ଧନ ଶାରଦୀୟ ବନ୍ଧୁ ମିଳନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତି, ବାଉରୀବନ୍ଧୁ ମହାରଣା, ଦୀନବନ୍ଧୁ ସାହୁ, ସଂଜୟ ପ୍ରଧାନ, ବିଜୟ ପ୍ରଧାନ, ଅମିତାଭ ଦାସ, ସନ୍ଦୀପ ମିଶ୍ର, ଦେବକାନ୍ତ ମହାପାତ୍ର, ଗୋପୀନାଥ ପରିଡ଼ା, ସୁବାସ ସ୍ୱାଇଁ, ପାରେଶ୍ୱର ଜେନା, ଗୁଣଗ୍ରାହୀ ସାହୁ, ଉମେଶ ରାୟ, ବଳରାମ ନନ୍ଦ, କିଶୋର ମଙ୍ଗରାଜ, ହିମାଂଶୁ ସିଂ, ପ୍ରହ୍ଲାଦ ସିଂହ, ସମିତ ରାୟ, ଅଜିତ ନାୟକ, ମହେଶ୍ୱର ରଥ, ପାର୍ଥସାରଥୀ ଜେନା, ପ୍ରିୟ ରଞ୍ଜନ ସାହୁ, ଅକ୍ଷୟ ସାହୁ, ସତ୍ୟବାଦୀ ନାୟକ, ମୁରଲୀ ମିଶ୍ର, ପ୍ରକାଶ ସେଠୀ, ସନତ ମିଶ୍ର, ସମର ପ୍ରଧାନ, ପ୍ରସନ୍ନ ନାୟକ, ହର ଦାସ, ଜୟଦେବ ପରିଡ଼ା, ଲଳିତ ପଟ୍ଟନାୟକ, ଉମେଶ ସାମନ୍ତରାୟ, ମିନତୀ ସିଂ, ସମନ୍ୱୟ ନନ୍ଦ, ଫଟୋ ସାମ୍ବାଦିକ ଅଭିମନ୍ୟୁ ମହାରଣାଙ୍କ ସମେତ ଶତାଧିକ ସାମ୍ବାଦିକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ ବରିଷ୍ଠ ସାମ୍ବାଦିକ ମାଧବ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜନନୀ ଓଡ଼ିଶାର ମୁଖ୍ୟ ଉପଦେଷ୍ଟା ସୁବୋଧ ତ୍ରିପାଠୀ ଏବଂ ପ୍ରତ୍ୟୁଷ ପ୍ରଧାନ ସକ୍ରିୟ ସହଯୋଗ କରିଥିଲେ।

## ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀ

# ଆତଙ୍କବାଦ ବିନାଶ ବିନା ବିକାଶ ଅସମ୍ଭବ



**ଇସ୍ଲାମବାଦ:** ପାକିସ୍ତାନରେ ଆୟୋଜିତ ସାଙ୍ଘାଇ କର୍ମୋପେସନ ଅର୍ଗାନାଇଜେନ (SCO) ବୈଠେକରେ ନିଜ ଆନ୍ଦାଜ ଦେଖାଇଛନ୍ତି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର । ପାକିସ୍ତାନକୁ ଆକ୍ଷେପ କରି ଆତଙ୍କବାଦ କେବେ ହେଲେ ବାଣିଜ୍ୟ ଏବଂ ଯୋଗାଯୋଗ ବୃଦ୍ଧି କରିବ ନାହିଁ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି, ଯଦି ଦୁଇ ଦେଶର ସୀମାରେ ଆତଙ୍କବାଦ ଏବଂ ବିଚ୍ଛିନ୍ନତାବାଦ ମନୋଭାବ ରହେ, ତେବେ ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ସମ୍ପର୍କକୁ ସହଯୋଗ କରିବା ସମ୍ଭବ ନୁହେଁ । ବିକାଶ ଏବଂ ଅଭିବୃଦ୍ଧି ସର୍ବଦା ଶାନ୍ତି ଏବଂ ସ୍ଥିରତା ଉପରେ ନିର୍ଭର କରେ । ଆତଙ୍କବାଦର ବିନାଶ ନ ହେଲେ, ବିକାଶ ହୋଇପାରିବ ନାହିଁ । ବର୍ତ୍ତମାନ ସମୟରେ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ଉଗ୍ରବାଦ ବିରୋଧରେ ଲଢେଇ କରିବା ମୂଳ ଲକ୍ଷ୍ୟ । ଜଗତୀକରଣ ଏବଂ ପୁନଃ ସନ୍ତୁଳନ ବଜାୟ ରଖିବା ମୂଳ ମୁଦ୍ଦା, ସଦସ୍ୟ ରାଷ୍ଟ୍ର ଏହାକୁ ଆଗକୁ ନେବାର ଆବଶ୍ୟକତା ରହିଛି । ଏଥିପାଇଁ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ସଚ୍ଚୋଟ ବାର୍ତ୍ତାଳାପ, ବିଶ୍ୱାସ, ଉତ୍ତମ ସମ୍ପର୍କ ଏବଂ ଚାର୍ଟର ପ୍ରତି ପ୍ରତିବଦ୍ଧତା ଆବଶ୍ୟକ କରେ । ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ଉଗ୍ରବାଦ ଭଳି ତିନି ଶତ୍ରୁକୁ ପ୍ରତିହତ କରିବା ପାଇଁ କୌଣସି ପ୍ରକାର ଆପୋଷ ବୁଝାମଣା କରିବା ଆବଶ୍ୟକ ନୁହେଁ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ସହଯୋଗ ପାରସ୍ପରିକ ସମ୍ମାନ ଏବଂ ସାର୍ବଭୌମତ୍ୱ ସମାନତା ଉପରେ ଆଧାରିତ ହେବା ଆବଶ୍ୟକ । ଆଞ୍ଚଳିକ ଅଖଣ୍ଡତା ଏବଂ ସାର୍ବଭୌମତ୍ୱକୁ ସ୍ୱୀକୃତି ଦେବା ଉଚିତ ଏବଂ ଏକପାଖିଆ ଏଜେଣ୍ଡା ନୁହେଁ ପ୍ରକୃତ ସହଭାଗୀତା ଉପରେ ନିର୍ମିତ ହେବା ଦରକାର । ଏସବୁକୁ ବାଦ୍ ଦେଇ ଯଦି ଆମେ କେବଳ ବେପାର-ବାଣିଜ୍ୟ ଉପରେ ପ୍ରାଧାନ୍ୟ ଦେବା, ତେବେ କେବେ ହେଲେ ଏସ୍‌ସିଓକୁ ବଢିପାରିବ ନାହିଁ । ଏହା ବ୍ୟତୀତ ଚଳିତ ବର୍ଷର ଏସ୍‌ସିଓକୁ ସମ୍ମିଳନୀର ଆୟୋଜନ ପାଇଁ ପାକିସ୍ତାନକୁ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି ଏସ୍ ଜୟଶଙ୍କର । ଏହି ଅଧ୍ୟକ୍ଷତାକୁ ସଫଳ କରିବା ପାଇଁ ଭାରତର ସମସ୍ତ ପ୍ରକାର ସହଯୋଗ ଅଛି ବୋଲି ସେ କହିଛନ୍ତି ।

### ବିସ୍ଫୋରଣରେ ୫ ପୋଲିସ୍ ଆହତ

ଗୋଟିଏ ପଟେ ଏସ୍‌ସିଓ ବୈଠକ କରୁଥିବା ବେଳେ ଅନ୍ୟପଟେ ଆତଙ୍କବାଦୀମାନେ କରିଛନ୍ତି ବିସ୍ଫୋରଣ । ପାକିସ୍ତାନର ଖାୟବର ପାଖତୁନଖ୍ୱାରେ ଆତଙ୍କବାଦୀମାନେ କରିଥିବା ବିସ୍ଫୋରଣରେ ୫ ଜଣ ପୁଲିସ୍ କର୍ମଚାରୀ ଆହତ ହୋଇଛନ୍ତି । ଆତଙ୍କବାଦୀମାନେ ରିମୋଟ ଦ୍ୱାରା ପୁଲିସ୍ ଗାଡ଼ି ନିକଟରେ ବିସ୍ଫୋରଣ କରିବାକୁ ଏପରି ଘଟଣା ଘଟିଥିବା ସ୍ଥାନୀୟ ପ୍ରଶାସନ ସୂଚନା ଦେଇଛି । ବିସ୍ଫୋରଣରେ ଆହତ ପୁଲିସ୍ କର୍ମଚାରୀଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ସ୍ଥାନୀୟ ପ୍ରଶାସନ କହିଛି ଯେ ବିସ୍ଫୋରଣଟି ବୁନେର ଜିଲ୍ଲାର ପାହାଡ଼ିଆ ଅଞ୍ଚଳ ଭାବେ ପରିଚିତ କାନକୋଇ ମନ୍ଧନାରରେ ଘଟିଛି । ଏଠାରେ ପ୍ୟାଟ୍ରୋଲିଂ କରୁଥିବା ପୁଲିସ ଗାଡ଼ିକୁ ଟାର୍ଗେଟ କରି ଆତଙ୍କବାଦୀମାନେ ବିସ୍ଫୋରଣ କରିଛନ୍ତି । ଆହତ ୫ ଜଣଙ୍କ ମଧ୍ୟରେ ଜଣେ ସବ ଇନସପେକ୍ଟର ରହିଛନ୍ତି । ଘଟଣା ପରେ ଅତିରିକ୍ତ ପୁଲିସ୍ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚିଥିଲେ । ସେମାନେ ପୂରା ଅଞ୍ଚଳକୁ କର୍ଡନ କରିବା ସହ ସର୍ଚ୍ଚ ଅପରେସନ ଆରମ୍ଭ କରିଛନ୍ତି । ପାକିସ୍ତାନ ଏବେ ଇସଲାମାବାଦରେ ଏସସିଓ ଶିଖର ସମ୍ମିଳନୀର ହୋଷ୍ଟିଂ କରୁଛି । ଏଥିରେ ବିଦେଶ ରାଷ୍ଟ୍ରର ସଦସ୍ୟମାନେ ଯୋଗ ଦେଇଛନ୍ତି । ସେମାନଙ୍କ ଉପସ୍ଥିତିରେ ଏପରି ବିସ୍ଫୋରଣ ପାକିସ୍ତାନର ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଟ୍ୟାଙ୍କରରେ ବିସ୍ଫୋରଣ: ୯୫ ମୃତ



**ଘାନା:** ତୈଳ ଟ୍ୟାଙ୍କରରେ ହୋଇଛି ଭୟଙ୍କର ବିସ୍ଫୋରଣ । ରାସ୍ତାରେ ପେଟ୍ରୋଲ ଭର୍ତ୍ତି ଟ୍ୟାଙ୍କର ଓଲଟି ପଡ଼ିବା ପରେ ବିସ୍ଫୋରଣ ହୋଇଛି । ଏଥିରେ ବର୍ତ୍ତମାନ ସୁଦ୍ଧା ୯୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି । ନାଇଜେରିଆର ମାଜିୟା ଗାଁରେ ଏତେ ବଡ଼ ଘଟଣା ଘଟିଛି । ତୈଳ ବୋଝେଇ ଟ୍ୟାଙ୍କର ଡ୍ରାଇଭର ଗାଡ଼ିକୁ ପୋରଥାରକୋର୍ଟରୁ ୟୋବେ ରାଜ୍ୟର ନଗୁରୁକୁ ନେଇ ଯାଇଥିଲେ । ତେବେ ସେ ବାଟ ବାଉଳା ହୋଇ ତାଉରା ଅଧୀନ ମାଜିୟା ଗାଁରେ ପହଞ୍ଚି ଯାଇଥିଲେ । ରାତି ୧୨.୩୦ରେ ସେ ଗାଁରେ ପହଞ୍ଚିବା ପରେ କେଉଁ ଆଡ଼େ ଯିବେ ଜାଣି ପାରି ନଥିଲେ । ସେ ଆଗକୁ ଯାଉଥିବା ବେଳେ ହଠାତ୍ ଗାଡ଼ିଟି ଗାଁ ରାସ୍ତାରେ ଓଲଟି ପଡ଼ିଥିଲା । ଫଳରେ ତୈଳ ବୋଝେଇ ଟ୍ୟାଙ୍କରରେ ଭୟଙ୍କର ବିସ୍ଫୋରଣ ହୋଇଥିବା ସ୍ଥାନୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ଏହି ବିସ୍ଫୋରଣରେ ୯୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ୫୦ ଜଣ ଆହତ ହୋଇଥିବା ଜିଗାୱା ପୁଲିସ ନିଶ୍ଚିତ କରିଛି । ପୁଲିସର କହିବା କଥା ଯେ ଗାଡ଼ିଟି ଓଲଟି ପଡ଼ିବା ପରେ ଟ୍ୟାଙ୍କରରେ ଥିବା ପେଟ୍ରୋଲ ଗାଁ ଭିତରେ ବହିବାରେ ଲାଗିଥିଲା । ଗାଁ ରାସ୍ତା ଠାରୁ ଆରମ୍ଭ କରି ଗଟର ଓ ଡ୍ରେନରେ ତେଲ ସବୁ ଭର୍ତ୍ତି ହୋଇଥିଲା । ଗାଁ ଲୋକମାନେ ଏହା ଦେଖି ତେଲ ବୋହିବା ଆରମ୍ଭ କରି ଦେଇଥିଲେ । ତେଲ ନେବାକୁ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିଲା । ଏହି ସମୟରେ ହଠାତ ନିଆଁ ଲାଗିଯାଇଥିଲା । ଚାରିଆଡ଼େ ତେଲ ପଡ଼ିଥିବାରୁ ନିଆଁ ଆଖି ପିଛୁଳାକେ ବ୍ୟାପିଯିବା ସହ ବିସ୍ଫୋରଣ ହୋଇଥିଲା ।

## ମସଜିଦରେ ‘ଜୟ ଶ୍ରୀରାମ’ ନାରା ଦେବା ଅପରାଧ ନୁହେଁ




**ବେଙ୍ଗାଲୁରୁ:** ମସଜିଦରେ ’ଜୟ ଶ୍ରୀରାମ’ ନାରା ଦେବା କୌଣସି ଅପରାଧ ନୁହେଁ ବୋଲି କହିଛନ୍ତି କର୍ଣ୍ଣାଟକ ହାଇକୋର୍ଟ । ଏଥିସହ ଜୟ ଶ୍ରୀରାମ ନାରା ଦେବାକୁ ନେଇ ଦୁଇ ଜଣ ବ୍ୟକ୍ତିଙ୍କ ବିରୁଦ୍ଧରେ ରୁଜୁ ହୋଇଥିବା ଅପରାଧିକ ମାମଲାକୁ ଖଣ୍ଡନ କରିଛନ୍ତି । ଅଭିଯୋଗ ଅନୁସାରେ, କର୍ଣ୍ଣାଟକ ପୁଲିସ ଦୁଇ ଜଣ ବ୍ୟକ୍ତିଙ୍କୁ ମସଜିଦ ଭିତରେ ଜୟ ଶ୍ରୀରାମ ନାରା ଦେବାକୁ ନେଇ ଭିଭିନ୍ନ ଦଫା ଲଗାଇବା ସହ ଗିରଫ କରିଥିଲା, ଯାହାକୁ ଭୁଲ୍ ଦର୍ଶାଇଛନ୍ତି କର୍ଣ୍ଣାଟକ ହାଇକୋର୍ଟ । ଏଥିସହ ସେମାନଙ୍କ ବିରୁଦ୍ଧରେ ପରବର୍ତ୍ତୀ ନ୍ୟାୟିକ ପ୍ରକ୍ରିୟାକୁ ମନା କରିଦେଇଛନ୍ତି । ସୂଚନା ଅନୁସାରେ, ସେପ୍ଟେମ୍ବର ୨୪ ସକାଳ ସମୟରେ କର୍ଣ୍ଣାଟକର ଦୁଇ ଜଣ ବ୍ୟକ୍ତି ଏକ ମସଜିଦ ଭିତରେ ଜୟ ଶ୍ରୀରାମ ନାରା ଦେଇଥିବା ଅଭିଯୋଗ ହୋଇଥିଲା । ଧାରା ୨୯୫ଅ (ଧାର୍ମିକ ଭାବନାକୁ ଆକ୍ଷେପ) ଅନୁସାରେ ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଥିଲା । ଏଥିସହ ପୁଲିସ ସେମାନଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡ ସଂହିତା ଧାରା ୪୪୭ (ଅପରାଧିକ ଅନୁପ୍ରବେଶ), ୫୦୫ (ଜନସାଧାରଣଙ୍କ ଭୟଭୀତ କଲା ପରି ବିବୃତ୍ତି), ୫୦୬ (ଅପରାଧିକ ଧମକ ଦେବା), ୩୪ (ସାଧାରଣ ଉଦ୍ଦେଶ୍ୟ) ଆଧାରରେ ମାମଲା ରୁଜୁ କରିବା ସହ ଗିରଫ କରିଥିଲା । କିନ୍ତୁ ଅଭିଯୁକ୍ତ ଦର୍ଶାଯାଇଥିବା ଦୁଇ ଜଣ ବ୍ୟକ୍ତି ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ଆଜି ଉଚ୍ଚ ନ୍ୟାୟାଳୟର ଜଷ୍ଟିସ ଏମ ନାଗପ୍ରସନ୍ନଙ୍କୁ ନେଇ ଗଠିତ ଏକକ ବେଞ୍ଚ ଏ ଉପରେ ଶୁଣାଣି କରି ଏହି ମସଜିଦରେ ଜୟ ଶ୍ରୀରାମ ନାରା ଦେବା ଏକ ଅପରାଧ ନୁହେଁ ବୋଲି ଦର୍ଶାଇଛନ୍ତି । ଯଦି ମସଜିଦ ବାହାରେ କିମ୍ବା ଭିତରେ କେହି ଜୟ ଶ୍ରୀରାମ କୁହନ୍ତି, ତେବେ ଏହା କିପରି କାହାର ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଉଛି, ତାହା ବୁଝାପଡୁନାହିଁ ବୋଲି ଜଷ୍ଟିସ ନାଗପ୍ରସନ୍ନ କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ସମ୍ପୃକ୍ତ ଅଞ୍ଚଳରେ ହିନ୍ଦୁ ଏବଂ ମୁସଲିଲ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି ଚଳୁଥିବା ଅଭିଯୋଗକାରୀ ନିଜେ କହିଛନ୍ତି । ତଥାପି ଏହି ଅଭିଯୋଗକୁ ଭିତ୍ତି କରି ସେମାନଙ୍କ ବିରୁଦ୍ଧର ପରବର୍ତ୍ତୀ ନ୍ୟାୟିକ ପ୍ରକ୍ରିୟା ପାଇଁ ଅନୁମତି ଦେବା ଆଇନର ଅପବ୍ୟବହାର ହେବ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ କୌଣସି ବି କାର୍ଯ୍ୟକୁ ଆଇପିସିର ଧାରା ୨୯୫ଅ ଅନୁଯାୟୀ ଅପରାଧ ଦର୍ଶାଯିବ ନାହିଁ ବୋଲି ଜଷ୍ଟିସ ନାଗପ୍ରସନ୍ନ କହିଛନ୍ତି ।

## ଜରୁରୀ ଅବତରଣ କଲା ସିଇସିଙ୍କ ହେଲିକପ୍ଟର




**ନୂଆଦିଲ୍ଲୀ:** ହେଲିକପ୍ଟଟି ମିଲାମ ଗ୍ଲାସିୟର ଅଭିମୁଖେ ଯିବାର ଥିଲାଛ ହେଲେ ଅଧା ବାଟରେ ଖରାପ ପାଗ ଯୋଗୁ ପାଇଲଟ ଠିକ ଭାବେ ଆଗକୁ ଦେଖି ପାରି ନଥିଲେ । ଟଳିଛି ବଡ଼ ବିପଦ । ଅଳ୍ପକେ ବର୍ତ୍ତିଛନ୍ତି ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଓ ଉତ୍ତରାଖଣ୍ଡର ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ବିଜୟ କୁମାର । ସେମାନଙ୍କୁ ନେଇ ଯାଉଥିବା ହେଲକପ୍ଟର ଜରୁରୀ ଅବତରଣ କରିଛି । ପିଥୋରଗଡ଼ର ମୁନସୟାରି ଠାରେ ହେଲିକପ୍ଟରଟି ଜରୁରୀ ଅବତରଣ କରିଥିବା ବେଳେ ଏହା ମଧ୍ୟରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି । ହେଲିକପ୍ଟଟି ମିଲାମ ଗ୍ଲାସିୟର ଅଭିମୁଖେ ଯିବାର ଥିଲା । ହେଲେ ଅଧା ବାଟରେ ଖରାପ ପାଗ ଯୋଗୁ ପାଇଲଟ ଠିକ ଭାବେ ଆଗକୁ ଦେଖି ପାରି ନଥିଲେ । ଆଗକୁ ଯିବାରେ ବିପଦ ଥିବାରୁ ସେ ରାଲାମ ହେଲିପ୍ୟାଡରେ ହେଲିକପ୍ଟରୁ ଜରୁରୀ ଅବତରଣ କରିବାକୁ ବାଧ ହୋଇଥିଲେ । ଏହାପରେ ମୁଖ୍ୟ ନିର୍ବାଚନ କମିଶନ, ତାଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ ଓ ବିଜୟ କୁମାରଙ୍କୁ ନିକଟରେ ଥିବା ଗୋଟିଏ ଘରକୁ ନିଆଯାଇଥିଲା । ସେଠାରେ ସେମାନେ ରହିଛନ୍ତି । ପ୍ରଶାସନ ପକ୍ଷରୁ ଲିଲାମ, ପାଟୋ ଓ ମିଲାମରୁ ୩ଟି ଉଦ୍ଧାରୀକର ଦଳ ଘଟଣାସ୍ଥଳକୁ ପଠାଯାଇଛି । ସେମାନେ ଟ୍ରେକିଂ କରି ଘଟଣାସ୍ଥଳକୁ ଆସୁଛନ୍ତି । କାରଣ ହେଲିକପ୍ଟର ଅବତରଣ କରିଥିବା ସ୍ଥାନକୁ ଠିକ ଭାବେ ସଡ଼କ ପଥ ନାହିଁ । ଆଜି ରାତି ସୁଦ୍ଧା ସେମାନେ ଘଟଣାସ୍ଥଳରେ ପହଞ୍ଚି ଯିବେ । ଆସନ୍ତାକାଲି ଦିନ ୧୦ଟା ସୁଦ୍ଧା ସମସ୍ତଙ୍କୁ ସେଠାରୁ ଉଦ୍ଧାର କରି ଅଣାଯିବ ।

## ଝାଡ଼ଖଣ୍ଡରେ ୬୯ଟି ଆସନରେ ନିର୍ବାଚନ ଲଢ଼ିବ ବିଜେପି



**ନୂଆଦିଲ୍ଲୀ:** ନିର୍ବାଚନ ଆୟୋଗ ଝାଡଖଣ୍ଡ ଏବଂ ମହାରାଷ୍ଟ୍ର ସମେତ ଉପ-ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି । ଏଭଳି ପରିସ୍ଥିତିରେ ଝାଡଖଣ୍ଡ ଏବଂ ମହାରାଷ୍ଟ୍ରରେ ଆସନ ବାଣ୍ଟିବା ନେଇ ବର୍ତ୍ତମାନ ବିଭିନ୍ନ ମିଳିତ ମଞ୍ଚର ଆଲୋଚନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସୂଚନାନୁସାରେ, ଏନଡିଏରେ ସିଟ୍ ଫର୍ମୁଲା ପ୍ରାୟ ସ୍ଥିର ହୋଇସାରିଛି ଏବଂ ଶେଷ ପର୍ଯ୍ୟାୟ ଆଲୋଚନା ଚାଲିଛି । ବିଜେପିର ପ୍ରୟାସ ହେଉଛି ଏହାର ସମସ୍ତ ସହଯୋଗୀଙ୍କ ସହଯୋଗରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା । ଏହି କାରଣରୁ ସହଯୋଗୀ ଜନତା ଦଳ ୟୁନାଇଟେଡ, ଆଜସୁ ଏବଂ ଚିରାଗ ପାସୱାନଙ୍କ ଦଳ ଲୋକ ଜନଶକ୍ତି ପାର୍ଟି ରାମବିଲାସଙ୍କ ସହ ଆସନ ବାଣ୍ଟିବା ନେଇ ନିରନ୍ତର ଆଲୋଚନା ଚାଲିଛି ଏବଂ ବର୍ତ୍ତମାନ ଏହି ଆଲୋଚନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସୂଚନାନୁସାରେ, ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ଆଲୋଚନାରେ ବିଜେପି ୬୯ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବ, ଯେତେବେଳେ ଜନତା ଦଳ ୟୁନାଇଟେଡକୁ ୨ଟି ଆସନ ଦିଆଯାଇପାରେ, ଆଜସୁ ପ୍ରାର୍ଥୀଙ୍କୁ ୯ଟି ଆସନ ଦିଆଯାଇପାରେ ସେହିପରି ଚିରାଗ ପାସୱାନଙ୍କ ଦଳକୁ ଗୋଟିଏ ଆସନ ଦିଆଯାଇପାରେ । ତେବେ ସହଯୋଗୀମାନେ ସେମାନଙ୍କ ପାଇଁ ଆଉ କିଛି ସିଟ୍ ପାଇବାକୁ ଚେଷ୍ଟା କରୁଛନ୍ତି ଏବଂ ଏହି ସମ୍ପର୍କରେ ଅନ୍ତିମ ରାଉଣ୍ଡ ଆଲୋଚନା ଜାରି ରହିଛି । ଯଦିଓ ଆଲୋଚନା ଚାଲିଛି, କିନ୍ତୁ ଏସବୁ ମଧ୍ୟରେ ଏନଡିଏ ସହ ଜଡିତ ଦଳମାନେ ମଧ୍ୟ ବିଶ୍ୱାସ କରୁଛନ୍ତି ଯେ ଯଦି ସମସ୍ତେ ଏକାଠି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି, ତା’ହେଲେ ସେମାନଙ୍କ ପ୍ରଦର୍ଶନ ପୂର୍ବ ନିର୍ବାଚନ ତୁଳନାରେ ବହୁତ ଭଲ ହୋଇପାରେ ଏବଂ ସେମାନେ ସରକାର ଗଠନ କରିବାକୁ ସୁଯୋଗ ପାଇବେ ସରକାର ଗଠନ କରିବାକୁ ଏହାପୂର୍ବରୁ, ଅକ୍ଟୋବର ୧୫ ତାରିଖ ସନ୍ଧ୍ୟାରେ ବିଜେପିର କେନ୍ଦ୍ରୀୟ ନିର୍ବାଚନ କମିଟିର ଏକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବିଜେପି ପ୍ରାର୍ଥୀଙ୍କୁ ନେଇ ଆଲୋଚନା ହୋଇଥିଲା ଆସନ୍ତା କିଛି ଦିନ ମଧ୍ୟରେ ବିଜେପି ଏହାର ପ୍ରାର୍ଥୀଙ୍କ ପ୍ରଥମ ତାଲିକା ପ୍ରକାଶ କରିବ ବୋଲି ଆଶା କରାଯାଉଛି ।

## ଜମି ବିବାଦ: ଇସ୍ତଫା ଦେଲେ ମୁଦା ମୁଖ୍ୟ



**ବେଙ୍ଗାଲୁରୁ:** ମହୀଶୂର ଅର୍ବାନ ବିକାଶ ପ୍ରାଧିକରଣ (ମୁଦା)ର ମୁଖ୍ୟ ଏମକେ ମାରିଗୌଡ଼ା ହଠାତ ବୁଧବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କ ଅତନ୍ୟନ୍ତ ଘନିଷ୍ଠ ମାରିଗୌଡ଼ା ସ୍ୱାସ୍ଥ୍ୟଗତ କାରଣରୁ ମୁଦା ମୁଖ୍ୟରୁ ଇସ୍ତଫା ଦେଇଥିବା କହୁଛନ୍ତି ।

ହେଲେ ଏବେ କର୍ଣ୍ଣାଟକାରେ ମୁଦା ଜମି ଦୁର୍ନୀତି ବିବାଦ ଚରମସୀମାରେ ପହଞ୍ଚିଛି । ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ଓ ତାଙ୍କ ପରିବାର ଏଥିରେ ଫସିଛନ୍ତି । ଉଭୟ ଲୋକାୟୁକ୍ତ ଓ ଇଡି ଏହାର ତଦନ୍ତ କରୁଥିବା ବେଳେ ମାରିଗୌଡ଼ାଙ୍କ ଅପ୍ରତ୍ୟାଶିତ ଇସ୍ତଫା ସମସ୍ତଙ୍କୁ ଚକିତ କରିଛି । ତେବେ ଇସ୍ତଫା ସମ୍ପର୍କରେ ମାରିଗୌଡ଼ା କହିଛନ୍ତି, ମୁଁ ମୋର ଇସ୍ତଫାପତ୍ର ନଗର ଉନ୍ନୟନ ବିଗାର ସଚିବଙ୍କ ପାଖକୁ ପଠାଇ ଦେଇଛି । ମୁଖ୍ୟମନ୍ତ୍ରୀ ମୋତେ ଇସ୍ତଫା ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ତେଣୁ ମୁଁ ଇସ୍ତଫା ଦେଇଛି । ମୁଦା ପ୍ରସଙ୍ଗର ତଦନ୍ତ ଚାଲିଛି । ତଦନ୍ତ ଚାଲିବାକୁ ଦିଆଯାଉଛି ତଦନ୍ତ ସବୁ କିଛିର ପର୍ଦ୍ଦାଫାସ କରିବ । ମୋ ଉପରେ କୌଣସି ଚାପ ନାହିଁ । ମୁଁ ସ୍ୱାସ୍ଥ୍ୟଗତ ସମସ୍ୟାରୁ ଇସ୍ତଫା ଦେଇଛି । ମୁଖ୍ୟମନ୍ତ୍ରୀ ମୋ ଉପରେ ଏନେଇ କୌଣସି ଚାପ ପକାଇ ନାହାନ୍ତି । ମୁଦା ପକ୍ଷରୁ କ୍ଷତିପୂରଣ ବାବଦରେ ଦିଆଯାଇଥିବା ଜମିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ମୁଦା ମୁଖ୍ୟ ବିବାଦରେ ରହିଛନ୍ତି । ମୁଦା ପକ୍ଷରୁ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କ ପତ୍ନୀ ପାର୍ବତୀଙ୍କୁ ତାଙ୍କ ଭାଇ ମଲ୍ଲିକାର୍ଜୁନ ସ୍ୱାମୀଙ୍କ ଜରିଆରେ ୩.୨ ଏକର ଜମି ଦିଆଯାଇଥିଲା । ମୁଦା ପ୍ରଥମେ ପାର୍ବତୀଙ୍କ ଗୋଟିଏ ଜମିକୁ ବିକାଶମୂଳକ କାର୍ଯ୍ୟ ପାଇଁ ଅଧିଗ୍ରହଣ କରିଥିଲା । ଏହାପରେ ପାର୍ବତୀ କ୍ଷତିପୂରଣ ମାଗିଥିଲେ । ତେଣୁ ତାଙ୍କୁ ୧୪ଟି ପ୍ଲଟ ଦିଆଯାଇଥିଲା । ବିରୋଧୀ ଅଭିଯୋଗ କରିଛନ୍ତି ଯେ ମୁଦା ପାର୍ବତୀଙ୍କ ଠାରୁ ଯେଉଁ ଜମି ନେଇଥିଲା, ତା’ ଠାରୁ ଅଧିକ ମୂଲ୍ୟବାନ ପ୍ଲଟ ତାଙ୍କୁ ପ୍ରଦାନ କରିଛି । ଏହି ଜମି ନେଣଦେଣ ଯୋଗୁ ୩ ହଜାରୁ ୪ ହଜାର କୋଟି ଟଙ୍କା ଦୁର୍ନୀତି ହୋଇଛି । ଏହି ପ୍ରସଙ୍ଗରେ ବିରୋଧୀ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କ ଭୂମିକା ଉପରେ ଅଙ୍ଗୁଳି ଉଠାଇ ତାଙ୍କୁ ଇସ୍ତଫା ଦେବାକୁ ଦାବି କରିଛନ୍ତି ।

# ନ୍ୟାୟ ଦେବୀଙ୍କ ଆଖିରୁ ହଟିଲା କଳା ପଟି

## ଖଣ୍ଡା ବଦଳରେ ଧରିଲେ ସମ୍ବିଧାନ



**ନୂଆଦିଲ୍ଲୀ:** ଭାରତୀୟ ଆଇନ ଅନ୍ଧ ନୁହେଁ । ନ୍ୟାୟ ଦେବୀ ସମସ୍ତଙ୍କ ବିଚାର ଠିକ ଭାବେ କରନ୍ତି । ଏହି ବାର୍ତ୍ତା ଏଣିକି ଲୋକଙ୍କ ପାଖରେ ପହଞ୍ଚିବ । ଭାରତୀୟ ଆଇନ ଅନ୍ଧ ବୋଲି ଯେଉଁ ଧାରଣା ଥିଲା, ତାହା ବଦଳିବ । କାରଣ କୋର୍ଟରେ ରହୁଥିବା ନ୍ୟାୟ ଦେବୀଙ୍କ ଆଖିରେ ଲାଗିଥିବା କଳା ପଟିକୁ ହଟାଇ ଦିଆଯାଇଛି । ପୂର୍ବରୁ ନ୍ୟାୟଦେବୀ ହାତରେ ଖଣ୍ଡା ଧରିଥିବା ବେଳେ ଏବେ ସମ୍ବିଧାନ ଧରିଛନ୍ତି । ନ୍ୟାୟ ଦେବୀଙ୍କ ଏପରି ପରବର୍ତ୍ତୀ ଷ୍ଟାଚ୍ୟୁ ସୁପ୍ରିମକୋର୍ଟର ବିଚାରପତିମାନଙ୍କ ଲାଇବ୍ରେରୀରେ ଲାଗିଛି । ଏହାର ପ୍ରଥମ ଝଲକ ପଦାକୁ ଆସିଛି । ଭାରତୀୟ ନ୍ୟାୟ ଦେବୀଙ୍କୁ ନୂଆ ରୂପ ଦେବାକୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ ପରାମର୍ଶ ଦେଇଥିଲେ । ସେହି ଅନୁସାରେ ନ୍ୟାୟ ଦେବୀଙ୍କ ସ୍ୱରୂପକୁ ବଦଳା ଯାଇଛି । ପ୍ରଧାନ ବିଚାରପତିଙ୍କ ବିଚାରରେ ଖଣ୍ଡା ହେଉଛି ହିଂସାର ପ୍ରତୀକ । କିନ୍ତୁ ଅଦାଲତଙ୍କ କାର୍ଯ୍ୟ ହିଂସାତ୍ମକ ନୁହେଁ । କୋର୍ଟ ସବୁବେଳେ ସାମ୍ବିଧାନିକ ବିଧି ବ୍ୟବସ୍ଥା ଭିତରେ ନ୍ୟାୟ ପ୍ରଦାନ କରିଥାନ୍ତି । ସେହିପରି ନ୍ୟାୟ ଦେବୀଙ୍କ ଆଖିରେ ବନ୍ଧା ଯାଉଥିବା କଳା କପଡ଼ାଟିକୁ ମଧ୍ୟ କାଢ଼ିବାକୁ ସେ କହିଥିଲେ । ସେହି ଅନୁସାରେ ନ୍ୟାୟ ଦେବୀଙ୍କ ନୂଆ ପ୍ରତିମୂର୍ତ୍ତି ତିଆରି କରାଯାଇଛି । ନ୍ୟାୟଦେବୀ ପୂର୍ବରୁ ବାମ ହାତରେ ନ୍ୟାୟ ତରାଜୁ ଧରିଥିଲେ । ଡାହାଣ ହାତରେ ଖଣ୍ଡା ଧରିଥିଲେ । ତାଙ୍କ ଆଖିରେ କଳା ପଟି ବନ୍ଧା ଯାଇଥିଲା । ହେଲେ ଏହାକୁ ବଦଳା ଯାଇଛି । ନ୍ୟାୟ ଦେବୀ ବାମ ହାତରେ ସମ୍ବିଧାନ ଧରିଛନ୍ତି । ଡାହାଣ ହାତରେ ନ୍ୟାୟର ତରାଜୁ ରହିଛି । କିନ୍ତୁ ପୂର୍ବଭଳି ଆଖିରେ କଳାପଟି ନାହିଁ । କିଛିଦିନ ତଳେ ଇଂରେଜ ଅମଳର ନ୍ୟାୟ ବ୍ୟବସ୍ଥାକୁ ବଦଳାଇ ଦିଆଯାଇଥିଲା । ଏବେ ନ୍ୟାୟଦେବୀଙ୍କ ସ୍ୱରୂପରେ ପରିବର୍ତ୍ତନ ଅଣାଯାଇଛି । ପୂର୍ବରୁ ନ୍ୟାୟ ଦେବୀଙ୍କ ଆଖିରେ କଳା ପଟି ବନ୍ଧା ଯାଇ ସମସ୍ତେ ନ୍ୟାୟପାଳିକା ଆଗରେ ସମାନ ବୋଲି ବାର୍ତ୍ତା ଦିଆଯାଉଥିଲା । ନ୍ୟାୟ ଦେବୀ ଧନୀ, ଗରିବ କିମ୍ବା କ୍ଷମତାଶାଳୀ ବ୍ୟକ୍ତିଙ୍କୁ ଦେଖନ୍ତି ନାହିଁ । ଖଣ୍ଡାକୁ ସର୍ବୋଚ୍ଚ ଅଧିକାରୀର କ୍ଷମତା ଓ ଅନ୍ୟାୟ ବିରୋଧରେ ଦଣ୍ଡ ଦେବାକୁ ସୂଚାଉ ଥିଲା । ହେଲେ ଏହା ବ୍ରିଟିଶ ମାନସିକତା ବୋଲି ସିଜେଆଇ ହୃଦୟଙ୍ଗମ କରି ଏହାକୁ ବଦଳାଇବାକୁ କହିଥିଲେ ।

## ଲିଜେଣ୍ଡସ୍ ଲିଗ୍ କ୍ରିକେଟ୍: ୟୁସୁଫଙ୍କ ବିସ୍ଫୋରକ ବ୍ୟାଟିଂ

# ସୁପର ଓଭରକୁ ଗଲା ମ୍ୟାଚ

ଶ୍ରୀନଗର,୧୬।୧୦ (ଏଜେନ୍ସି): ଲିଜେଣ୍ଡସ୍ ଲିଗ୍ କ୍ରିକେଟ୍‌ର ମହାମୁକାବିଲାରେ ଭେଟା ଭେଟି ହୋଇଛନ୍ତି ସର୍ଦ୍ଦନ ସୁପରଷ୍ଟାର ଓ କୋଣାର୍କ ସୂର୍ଯ୍ୟସ । ଶ୍ରୀନଗରର ବକ୍ସି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚରେ ସର୍ଦ୍ଦନ ସୁପରଷ୍ଟାର ୨୦ ଓଭରରେ ୬ ୱିକେଟ୍ ହରାଇ ୧୬୪ ରନ୍ କରିଥିଲା । ତେଣୁ କୋଣାର୍କ ସୂର୍ଯ୍ୟସ ସମ୍ମୁଖରେ ୧୬୫ ରନ୍‌ର ଧାର୍ଯ୍ୟ ହୋଇଥିଲା । ହାମିଲଟନ୍ ମାସାକାଜାଙ୍କ ବିସ୍ଫୋରକ ୮୩ ରନ୍ ଯୋଗୁଁ ସର୍ଦ୍ଦନ ସୁପରଷ୍ଟାର ଫାଇନାଲ ମ୍ୟାଚରେ ବଡ଼ ସ୍କୋର କରିବାକୁ ସକ୍ଷମ ହୋଇଛି । ଜବାବରେ କୋଣାର୍କ ସୂର୍ଯ୍ୟସ ଓଡ଼ିଶା ୟୁସୁଫ ପଠାନଙ୍କ ୮୫ ରନ୍ ସହାୟତାରେ ୨୦ ଓଭରରେ ୯ ୱିକେଟ୍ ହରାଇ ୧୬୪ ରନ୍ କରିବାକୁ ସକ୍ଷମ ହୋଇଥିଲା । ତେଣୁ ମ୍ୟାଚ ସୁପର ଓଭରକୁ ଯାଇଛି ।

ଟସ୍ ଜିତି କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଦଳର ଅଧିନାୟକ ଇର୍ଫାନ୍ ପଠାନ, ସର୍ଦ୍ଦନ ସୁପରଷ୍ଟାରକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ସର୍ଦ୍ଦନ ସୁପରଷ୍ଟାରର ମାର୍ଟିନ ଗୁପ୍ଟିଲ ଓ ଶ୍ରୀଭଞ୍ଚ ଗୋସ୍ୱାମୀ ପାଳି ଆରମ୍ଭ କରିଥିଲେ । ଦଳୀୟ ସ୍କୋର ୧ ରନ୍ ବେଳେ ଶ୍ରୀଭଞ୍ଚ ବିନାସ୍କୋରରେ ଆଉଟ୍ ହେବାରୁ ସୂର୍ଯ୍ୟସ ସିବିରରେ ଖୁସି ଖେଳି ଯାଇଥିଲା । କିନ୍ତୁ ଦ୍ୱିତୀୟ ୱିକେଟ୍ ପାଇଁ ଗୁପ୍ଟିଲଙ୍କ ସହ ମାସାକାଜା ୭୬ ରନ୍ ସଂଗ୍ରହ କରିବାରୁ ଦଳୀୟ ସ୍ଥିତି ସୁଧୁରି ଥିଲା । ମାର୍ଟିନ ଗୁପ୍ଟିଲ ୨୫ଟି ବଲ୍‌ରୁ ୨ଟି ଲେଖାଏଁ ଚୌକା ଓ ଛକା ମାରି ୨୭ ରନ୍ କରିଥିଲେ । କିନ୍ତୁ ମାସାକାଜାଙ୍କ ବ୍ୟାଟ ଥମି ନଥିଲା । ସେ ୫୮ ବଲ୍ ସମ୍ମୁଖୀନ ହୋଇ ୫ଟି ଛକା ଓ ୮ଟି ଚୌକା ସହ ୮୩ ରନ୍ କରିଥିଲେ । ତାଙ୍କ ବ୍ୟତୀତ ପୱନ ନେଗୀ ୨୪ ବଲ୍‌ରୁ ୩୩ ରନ୍, ଚତୁରଙ୍ଗ ଡିସିଲଭା ୯ ଓ ଏଲଟନ୍ ଚିଗୁମ୍ବୁରା ୧ ରନ୍ କରିଥିଲେ । କୋଣାର୍କ ସୂର୍ଯ୍ୟସର ଦିଲସାନ ମୁନାବୀର ୪ଟି, ଦିବେସ ପଠାନିଆ ଓ ଇର୍ଫାନ ପଠାନ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।




୧୬୫ ରନ୍‌ର ବିଜୟଲକ୍ଷ୍ୟ କୋଣାର୍କ ସୂର୍ଯ୍ୟସକୁ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା । ଓପନର ରିଚାର୍ଡ ଲେଭି ଓ ଦିଲସାନ ମୁନାବୀରା ଯଥାକ୍ରମେ ୧୬ରୁ ୧୧ ରନ୍ କରି ଆଉଟ୍ ହୋଇଥିଲେ । ଓପନିଂ ଯୋଡିର ବିଫଳତା ପରେ କେଭିନ୍ ଓବ୍ରିଏନ୍ ୧୭, ଅଧିନାୟକ ଇର୍ଫାନ ପଠାନ ୩ ରନ୍ ତଥା ଜେସି ରାଇଡର ୧୧ ରନ କରି ଆଉଟ୍ ହେବାରୁ ଦଳ ବ୍ୟାକଫୁଟ୍‌କୁ ଚାଲିଯାଇଥିଲା । କିନ୍ତୁ ୟୁସୁଫ ପଠାନ ଦଳର ମଙ୍ଗ ଧରିଥିଲେ । ସେ ଏକାକୀ ଶେଷ ପର୍ଯ୍ୟନ୍ତ ଦଳକୁ ଜିତାଇବା ପାଇଁ ଲଢ଼ିଥିଲେ । ୟୁସୁଫ ୩୮ ବଲ୍‌ରୁ ୮୫ ରନ୍ କରିବା ସତ୍ତ୍ୱେ ମ୍ୟାଚ ଟାଇ ହୋଇଥିଲା । ତେଣୁ ଫଳାଫଳ ପାଇଁ ମ୍ୟାଚ ସୁପର ଓଭରକୁ ଯାଇଛି ।

## ବର୍ଷାରେ ଧୋଇଗଲା ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଦିନ



ବେଙ୍ଗାଲୁରୁ,୧୬।୧୦ (ଏଜେନ୍ସି): ଲଗାଣ ବର୍ଷା ଯୋଗୁଁ ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟର ପ୍ରଥମ ଦିନ ଧୋଇ ଯାଇଛି । ବେଙ୍ଗାଲୁରୁରେ ଲଗାଣ ବର୍ଷା ଯୋଗୁଁ ମ୍ୟାଚ ଆରମ୍ଭ ହେବା ସମ୍ଭବପର ହୋଇନଥିଲା । ମଙ୍ଗଳବାର ଠାରୁ ବେଙ୍ଗାଲୁରୁରେ ବର୍ଷା ଲାଗି ରହିଛି । ବୁଧବାର ବର୍ଷା ଆହୁରି ହୋଇଥିଲା । ତଥାପି ଦିନ ୨ଟାରୁ ମ୍ୟାଚ ଆରମ୍ଭ କରିବାକୁ ଚେଷ୍ଟା ହୋଇଥିଲା । ବର୍ଷା ନଛାଡିବାରୁ ଫିଲ୍ଡ ଅମ୍ପାୟାର ପ୍ରଥମ ଦିନ ଖେଳକୁ ବାତିଲ ଘୋଷଣା କରିଥିଲେ । ସକାଳୁ ବେଙ୍ଗାଲୁରୁରେ ଝିପିଝିପି ବର୍ଷା ହେଉଥିଲା । ସମୟକ୍ରମେ ବର୍ଷାର ପରିମାଣ ବଢ଼ିଯାଇଥିଲା । ମଧ୍ୟାହ୍ନ ବେଳକୁ ବର୍ଷା ଛାଡିବାରୁ ପ୍ରଥମ ଦିନ ଖେଳ ଆରମ୍ଭ ହେବାରୁ ଆଶା କରାଯାଇଥିଲା । ପୁଣି ବର୍ଷା ଲାଗି ରହିଥିବାରୁ ୨.୩୦ରେ ବାତିଲ ଘୋଷଣା ହୋଇଥିଲା । ଏଦୃଷ୍ଟିରୁ ଭାରତ ଓ ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ ୪ ଦିନିଆ ହୋଇଛି । ଗୁରୁବାର ଯଦି ପାଗ ଠିକ୍ ରହେ ତେବେ ମ୍ୟାଚ ଆରମ୍ଭ ହେବ । ସେହିପରି ଫଲୋଅନ୍‌ରନ୍ ୨୦୦ ବଦଳରେ ୧୫୦ ହୋଇଯିବ । ଅବଶିଷ୍ଟ ୪ ଦିନ ମ୍ୟାଚ ୧୫ ମିନିଟ୍ ଆଗରୁ ଆରମ୍ଭ ହୋଇ ୧୫ ମିନିଟ୍ ବିଳମ୍ବରେ ଶେଷ ହେବ । ଏହାର ଅର୍ଥ ପ୍ରତି ଦିନ ୯୮ ଓଭର ବୋଲିଂ ହେବ ।

## ରାଜମାତା ଜିଜାବାଇ ଟ୍ରଫି

### ଓଡ଼ିଶା ସିନିୟର ମହିଳା ଫୁଟବଲ ଦଳର ଆନ୍ଧ୍ର ଗସ୍ତ



ଭୁବନେଶ୍ୱର,୧୬।୧୦ (ସବ୍ୟୁ): ଆନ୍ଧ୍ରପ୍ରଦେଶର ଅନନ୍ତପୁରରେ ୧୯ରୁ ୨୯ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିଅନ୍‌ସିପ୍ ରାଜମାତା ଜିଜାବାଇ ଟ୍ରଫି ଆରମ୍ଭ ହେବାକୁଯାଉଛି । ଏହି ମର୍ଯ୍ୟାଦଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ରାଜ୍ୟ ସିନିୟର ମହିଳା ଫୁଟବଲ ଦଳ ଆନ୍ଧ୍ର ଗସ୍ତ କରିଛି । ଦଳର ସମସ୍ତ ଖେଳାଳିମାନଙ୍କୁ ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶା ସଭାପତି ସମୀର ଦେ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟାନ୍ୟ କର୍ମକର୍ତ୍ତା ଶୁଭକାମନା ଜଣାଇଛନ୍ତି । ୨୨ ଜଣିଆ ଦଳରେ ଖେଳାଳିମାନେ ହେଲେ ସସ୍ମିତା ପୁନ୍, ମଞ୍ଜୁ ଗଞ୍ଜୁ, ରାଣୀ ବାଗ, ପ୍ରଜ୍ଞା କିଶାନ, ଅମୃତା ନାୟକ, ସୁଲେଖା କଅଁର, ଶୁଭାସିନୀ ଶାହା, ଶ୍ରଦ୍ଧାଞ୍ଜଳୀ ପଣ୍ଡା, ଶିବାନୀ ମୁଣ୍ଡାରୀ, ପ୍ରିୟାଶ ସରକାର, ଜାହ୍ନବୀ କିଷାନ, ଇସ୍ମିତା ରାଉତ, ମୁନିକା ମିଞ୍ଜ, ଦୀପା ନାୟକ, ଲକ୍ଷ୍ମୀପ୍ରିୟା ଲେଙ୍କା, ସୁଭଦ୍ରା ସାହୁ, ସତ୍ୟବତୀ ଖଡିଆ, ମାଳତୀ ମୁଣ୍ଡା, ମନୀଶା ନାୟକ, ପ୍ୟାରି ଖାଖା, ପ୍ରତିଭା ଓରାମ ଓ ରୂପଶ୍ରୀ ମୁଣ୍ଡା, ସେହିଭଳି ଗୀତାଞ୍ଜଳୀ ଖୁଣ୍ଟିଆ ମୁଖ୍ୟ କୋଚ୍, ଗାୟତ୍ରୀ ମଲ୍ଲିକ (ମ୍ୟାନେଜର) ଓ ଲୋପାମୁଦ୍ରା ମହାରାଜ ଫିଜିଓ ଦାୟିତ୍ୱ ତୁଲାଇବେ । ୧୯ରେ ଓଡ଼ିଶା ଦଳ ଲଦାଖ ବିପକ୍ଷ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ । ୨୧ରେ ଅରୁଣାଚଳ ପ୍ରଦେଶ ଓ ୨୩ ତାରିଖରେ ମଧ୍ୟପ୍ରଦେଶ ବିପକ୍ଷରେ ମ୍ୟାଚ ଖେଳିବ ।

## ଜାତୀୟ ଭିନ୍ନକ୍ଷମ ଟି-୨୦ କ୍ରିକେଟ୍

# ଚଣ୍ଡିଗଡ଼କୁ ହରାଇଲା ଓଡ଼ିଶା

ଭୁବନେଶ୍ୱର,୧୬।୧୦ (ସବ୍ୟୁ): ରାଜସ୍ଥାନର ଉଦୟପୁର ଠାରେ ଚତୁର୍ଥ ଭିନ୍ନକ୍ଷମ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଜାରି ରହିଛି । ଦ୍ୱିତୀୟ ଦିନ ଓଡ଼ିଶା ଦଳ ଚଣ୍ଡିଗଡ଼କୁ ହରାଇ ଆଗକୁ ବଢ଼ିଛି । ଗ୍ରୁପ୍‌ରେ ଓଡ଼ିଶା ସମେତ ୫ଟି ଦଳ ଯଥା ଚଣ୍ଡିଗଡ଼, ବିଦର୍ଭ, ବିହାର, ପଶ୍ଚିମବଙ୍ଗ ଓ ତାମିଲନାଡୁ ସ୍ଥାନ ପାଇଛନ୍ତି । ପ୍ରଥମ ମ୍ୟାଚରେ ଓଡ଼ିଶାକୁ ଭେଟିଥିଲା ଚଣ୍ଡିଗଡ଼ । ଟସ୍ ଜିତି ଚଣ୍ଡିଗଡ଼ ୨୦ ଓଭରରେ ୮ ୱିକେଟ୍ ହରାଇ ୧୧୯ ରନ୍ ସଂଗ୍ରହ କରିଛନ୍ତି । ଓଡ଼ିଶା ୧୮.୪ ଓଭରରେ ୪ ୱିକେଟ୍ ହରାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ଜଗଜିତ ମହାନ୍ତିଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନକୁ ଟ୍ରଫି ସହ ୧୧ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଫର ଫିଜିକାଲ ଚ୍ୟାଲେଞ୍ଜ ସଂଘର ସଭାପତି ତନୁଜା ମହାନ୍ତି, ସମ୍ପାଦକ ବେଳା ଜୟସ୍ୱାଲ, ଉପସଭାପତି ମଣ୍ଟୁ ଦାସ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ର ଦଳକୁ ଅଭିନନ୍ଦନ ଜଣାଇଛନ୍ତି ।




## ନଭେମ୍ବରରେ ରାଜ୍ୟସ୍ତରୀୟ ପାରା ବ୍ୟାଡ଼ମିଣ୍ଟନ ପ୍ରତିଭା ଚୟନ ଶିବିର

ଭୁବନେଶ୍ୱର,୧୬।୧୦ (ସବ୍ୟୁ): ଓଡ଼ିଶାରେ ପାରା ବ୍ୟାଡ଼ମିଣ୍ଟନ ଖେଳାଳି ପ୍ରତିଭାକୁ ଚିହ୍ନଟ କରିବା ପାଇଁ ମହାନଦୀ କ୍ଲବ୍ ସମ୍ବଲପୁରରେ ନଭେମ୍ବର ୨ ଓ ୩ ତାରିଖରେ ରାଜ୍ୟସ୍ତରୀୟ ପାରାବ୍ୟାଣ୍ଟନ ପ୍ରତିଭା ଚୟନ ଶିବିର ଆୟୋଜିତ ହେବାକୁଯାଉଛି । ପାରା ସ୍ପୋର୍ଟ୍ସ ଆସୋସିଏସନ୍ ଅଫ୍ ଓଡ଼ିଶା ଆନକୂଲ୍ୟରେ ଏହି ଶିବିର ଆୟୋଜିତ ହେବ । ଓଡ଼ିଶାରେ ପାରାବ୍ୟାଡ଼ମିଣ୍ଟନ ପ୍ରତିଭା ଖୋଜିବା ଏବଂ ସେମାନଙ୍କୁ ପ୍ରଶିକ୍ଷଣ ତଥା ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ଦେବାକୁ ଲକ୍ଷ୍ୟ ରଖି ଏହା ଆୟୋଜନ କରାଯାଇଛି । ଯେଉଁ ଖେଳାଳିମାନେ ୨୦୦୬ ଜାନୁଆରୀ ୧ ପରେ ଜନ୍ମ ହୋଇଛନ୍ତି ସେମାନେ ଏହି ଶିବିରରେ ଭାଗ ନେଇପାରିବେ । ନିଜର ଜନ୍ମ ପ୍ରମାଣପତ୍ର, ଆଧାର କାର୍ଡ, ଭିନ୍ନକ୍ଷମ ପ୍ରମାଣପତ୍ର ଓ ଦୁଇଟି ପାସ୍‌ପୋର୍ଟ ସାଇଜ ପତ୍ର ସହିତ ଖେଳ ସଂରଞ୍ଜାମ ଓ ବ୍ୟାଡ଼ମିଣ୍ଟନ ସମ୍ପର୍କରେ ସୌମ୍ୟକ ଧାରଣା ଥିବା ନିହାତି ଆବଶ୍ୟକ । ଏହି ଶିବିର ରାଜ୍ୟର ପାରାବ୍ୟାଡ଼ମିଣ୍ଟନ ଖେଳାଳିଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ସୁଯୋଗମୟ ଅବସର । ସେମାନେ ନିଜ ଦକ୍ଷତା ଓ ପ୍ରତିଭା ଦେଖାଇ ଆଗକୁ ବଢ଼ିବାର ସୁଯୋଗ ହାସଲ କରିବେ । ପାରାବ୍ୟାଡ଼ମିଣ୍ଟନ ଓଡ଼ିଶା କୋଚ୍ ଅମରେନ୍ଦ୍ର ବେହେରା ଓ ଅଭିଶେକ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯିବ । ଶିବିର ସମ୍ପର୍କରେ ଅଧିକ ସୂଚନା ପାଇଁ କୋଚ୍ ଶିବ ପ୍ରସାଦ ଦାସ (୯୮୬୧୦୮୯୯୭୦)ଙ୍କ ଯୋଗାଯୋଗ କରିବାକୁ ରାଜ୍ୟ ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

## କେନ୍ଦୁଝର ଜିଲ୍ଲା ହ୍ୟାଣ୍ଡବଲ ସଂଘ ନିର୍ବାଚନ

# ବସନ୍ତ ସଭାପତି, ରିତିକ ସମ୍ପାଦକ

ଭୁବନେଶ୍ୱର,୧୬।୧୦ (ସବ୍ୟୁ): କେନ୍ଦୁଝର ହ୍ୟାଣ୍ଡବଲ ସଂଘର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ସାଇନ୍ସ ସଂଘର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ସଂଘର ସମସ୍ତ ସଦସ୍ୟ ଯୋଗଦେଇଥିଲେ । ଆଗାମୀ ୪ ବର୍ଷ ପାଇଁ ନିର୍ବାଚନ ଓ ଖେଳ ବିଷୟରେ ଆଲୋଚନା ହୋଇଥିଲା । ସଂଘର କାର୍ଯ୍ୟକାଳ ଚଳିତ ବର୍ଷ ଡିସେମ୍ବରରେ ସରୁଥିବାରୁ ଆଗୁଆ ୩ ମାସ ପୂର୍ବରୁ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି । ରାଜ୍ୟ ସଂଘର ସମ୍ପାଦକ ମାନସ କୁମାର ସିଂ ନିରୀକ୍ଷକ, କୋଷାଧ୍ୟକ୍ଷ ସିତେନ୍ଦ୍ର କୁମାର ଦାସ ଓ ରମେଶ ପୃଷ୍ଟି, ନିର୍ବାଚନ ଅଧିକାରୀ ଭାବେ ଯୋଗଦେଇ ସର୍ବସମ୍ମତିକ୍ରମେ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ପୁଣିଥରେ ବସନ୍ତ କୁମାର ଦାନୀ ସଭାପତି ହୋଇଥିବା ବେଳେ ରିତିକ ଅଧିକାରୀ ସମ୍ପାଦକ ଓ ଦୟାସାଗର ପଣ୍ଡା କୋଷାଧ୍ୟକ୍ଷ ହୋଇଛନ୍ତି । ଅନ୍ୟ ସଦସ୍ୟମାନେ ହେଲେ କୃଷ୍ଣ ଚନ୍ଦ୍ର ରାଉତ (ଉପସଭାପତି), ପ୍ରଣୟ କୁମାର ପାଣି ଓ ମଧୁସ୍ମିତା ବେହେରା (ଯୁଗ୍ମ ସମ୍ପାଦକ), ପରେଶ କୁମାର ପ୍ରଧାନ, ରବିନ୍ଦ୍ର କୁମାର ବାରିକ, ଶୁକଦେବ ନାୟକ, ସସ୍ମିତା ବିଶ୍ୱାଳ ଓ ସିଦ୍ଧାର୍ଥ ଗୌତମ ନନ୍ଦ କାର୍ଯ୍ୟ ନିର୍ବାହୀ ସଦସ୍ୟ ନିର୍ବାଚିତ ହୋଇଛନ୍ତି । ଏମାନ କାର୍ଯ୍ୟକାଳ ୨୦୨୮ ଡିସେମ୍ବରରେ ଶେଷ ହେବ ।




## ବନମାଳିପୁର ଚ୍ୟାଲେଞ୍ଜ କପ କ୍ରିକେଟ

# ରଘୁନାଥ ଦେବ କ୍ରିକେଟ୍ କ୍ଲବ୍ ଚାମ୍ପିଅନ

ଖଣ୍ଡପଡା,(ସବ୍ୟୁ) ଖଣ୍ଡପଡା ବ୍ଲକ ଅଧିନ ବନମାଳିପୁର ଉଚ୍ଚ ବିଦ୍ୟାଳୟକ୍ରୀଡାଙ୍ଗନରେ ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ବାର୍ଷିକ ଚ୍ୟାଲେଞ୍ଜ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବୁଧବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ୍ ମ୍ୟାଚ୍‌ରେ ରଘୁନାଥଦେବ କ୍ରିକେଟ୍ କ୍ଲବ୍ ୧ ୱିକେଟ୍‌ରେ ନୟାଗଡ଼ କ୍ରିକେଟ୍ କ୍ଲବ୍‌କୁ ପରାସ୍ତ କରି ଚଳିତ ବର୍ଷ ଚାମ୍ପିଅନ ହୋଇଛି । ପ୍ରଥମେ ନୟାଗଡ଼ କ୍ରିକେଟ୍ କ୍ଲବ୍ ଟସ୍ ଜିତ ବ୍ୟାଟିଂ କରି ୧୭.୩ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୧୨୭ ରନ କରିଥିଲା । ଜବାବ୍‌ରେ ରଘୁନାଥଦେବ କ୍ରିକେଟ୍ କ୍ଲବ୍ ୧୬.୪ ଓଭରରେ ୯ ୱିକେଟ୍ ହରାଇ ବିଜୟୀ ହୋଇଥିଲା । ମ୍ୟାଚ୍‌କୁ ପ୍ରକାଶ ଚନ୍ଦ୍ର ଦାସ ଓଦିଲ୍ଲିପ୍ କୁମାର ସାହୁ ପରିଚାଳନା କରିଥିବା ବେଳେ ଗୌରାଙ୍ଗ ସେଠି ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଚାମ୍ପିଅନ୍ ଦଳକୁ ସ୍ୱର୍ଗତ ଗଦାଧର ସାହୁ ଓସ୍ୱର୍ଗୀୟା ସୁବର୍ଣ୍ଣ ଦେବୀ ସ୍ମାରକି ଟ୍ରଫି ସହ ଅର୍ଥରାଶି ଓ ରନର୍ସଅପ୍ ଦଳକୁଅନୁରୁପ ଭାବେ ଟ୍ରଫି ସହ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳୀ ଭାବେ ପ୍ରକାଶ ଜେନା, ଟୁର୍ଣ୍ଣମେଣ୍ଟର ଶ୍ରେଷ୍ଠ ଖେଳାଳୀ ଭାବେ ସୁଶାନ୍ତ ସାହାଣୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଶିବନାରାୟଣ ମହାନ୍ତି ଶ୍ରେଷ୍ଠ ବ୍ୟାଷ୍ଟସ୍ ମ୍ୟାନ୍, ଆଶିଷ ରାଉତ ଶ୍ରେଷ୍ଠ ବୋଲର ଭାବେ ସମ୍ମାନୀତ ହୋଇଥିଲେ । କ୍ଲବ୍‌ର ବରିଷ୍ଠ ସଦସ୍ୟ ଚର୍ତୁଭୁଜ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ସମ୍ମାନୀତ ଅତିଥି ଭାବେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବନମାଳିପୁର ଆଞ୍ଚଳିକ ସ୍ପୋର୍ଟ୍ସ କ୍ଲବ୍‌ର ବରିଷ୍ଠ ସଦସ୍ୟ ଧିରେନ୍ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

## ଫୁଟବଲ: ଏନଏନଏଫସି ଗଞ୍ଜା ଚାମ୍ପିଅନ



ରାଜକନିକା,୧୬।୧୦ (ସବ୍ୟୁ): ନୃସିଂହ ନାଥ ଫୁଟବଲ କ୍ଲବ ଗଂଜା ଓ କନିକା ୟୁଥ କ୍ଲବ ରାଜକନିକା ମିଳିତ ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ବାର୍ଷିକୀ ଏନ. ଏନ.ଏଫ. ସି ଫୁଟବଲ ଟୁର୍ଣ୍ଣାମେଣ୍ଟ ର ଫାଇନାଲ ଖେଳ ଆର. ଏନ. ହାଇସ୍କୁଲ ମିନି ଷ୍ଟାଡିଅମରେ ଅନୁଷ୍ଠିତ ହୋଇଯାଇଛି । ଏହି ଖେଳରେ ଆୟୋଜକ ଏନ. ଏନ. ଏଫ. ସି. ଗଂଜା ସତ୍ୟନାରାୟଣ କ୍ଲବ ବାଘବୁଦା କୁ ଭେଟିଥିଲା । ଏଥିରେ ଗଂଜା ବାଘବୁଦାକୁ ୪-୩ ଟ୍ରାଇବ୍ରେକର ଗୋଲରେ ହରାଇ ଚମ୍ପିୟାନ ହୋଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଖେଳଟି ୨-୨ ଗୋଲରେ ଅମୀମାଂଶିତ ରହିବାରୁ ଟ୍ରାଇବ୍ରେକର ସହାୟତା ନିଆଯାଇଥିଲା ।ଏହି ଖେଳରେ ମୁଖ୍ୟ ଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ସମାଜସେବୀ ପ୍ରଦୀପ ରାଉତ ଓ ସମ୍ମାନିତ ଅତିଥି ଭାବେ ତ୍ରୈଲୋକ୍ୟପୁର ପଞ୍ଚାୟତ ସମିତି ସଭ୍ୟ ଦାମୋଦର ସ୍ୱାଇଁ, ଅବସର ପ୍ରାପ୍ତ ଶିକ୍ଷକ ବିଜୟ କୁମାର ଭୂୟାଁ, ବରିଷ୍ଠ ଫୁଟବଲ ଖେଳାଳୀ ବାସୁଦେବ ବେହେରା ଓ ପର୍ଶୁରାମ ସାହୁ, ଜାଗୁଲାଇପଡ଼ା ପଞ୍ଚାୟତ ସମିତି ସଭ୍ୟ ପ୍ରକାଶ ସେନାପତି ପ୍ରମୁଖ ଯୋଗଦେଇ ଖେଳାଳୀ ମାନଙ୍କ ସହିତ ପରିଚିତ ହୋଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ ।ଏହି ଖେଳରେ ଉପବିଜେତା ଦଳର ଗୋଲକିପର ରୀତିଶ କୁମାର ପାତ୍ର ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ କିଷାନ କ୍ଲବ ଗୋଲାଡ଼ିଆ ଦଳକୁ ଶ୍ରେଷ୍ଠ ଶୃଙ୍ଖଳା ଦଳ ଭାବେ ପୁରସ୍କୃତ କରାଯାଇଥିଲା ।ଏସ. କେ. ସଲିମ ଖେଳ ପରିଚାଳନା କରିଥିବା ବେଳେ ସଞ୍ଜୟ ନାୟକ, ଅମର ଜେନା, ପ୍ରଶାନ୍ତ ସେନାପତି ଓ ଶରତ ଜେନା ତାଙ୍କୁ ସହଯୋଗ କରିଥିଲେ । ଗୋଲକ ବିହାରୀ ମଲ୍ଲିକ ମ୍ୟାଚ କମିଶନର କାର୍ଯ୍ୟ ସମ୍ପାଦନ କରିଥିବାବେଳେ ଲାଲ ଚାନ୍ଦ ଏସ. କେ. ବେହେରା, ପ୍ରଭାସ ସେନାପତି, ବିବେକାନନ୍ଦ ବେହେରା, ଜିତେନ୍ଦ୍ର ନାୟକ, ଅମିତ ମଲ୍ଲିକ, ପ୍ରକାଶ ସାମଲ, ଜ୍ଞାନ ରଞ୍ଜନ ବେହେରା ଙ୍କ ସମେତ କନିକା ୟୁଥ କ୍ଲବ ଓ ଏନ. ଏନ. ଏଫ. ସି ର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ । ପ୍ରକାଶ ଥାଉ କି ଏନ. ଏନ. ଏଫ. ସି. ଗଂଜା ଜେ. ଏସ. ସି. ସି. ଜାଗୁଲାଇପଡ଼ା କୁ ପ୍ରଥମ ସେମିଫାଇନାଲ ରେ ପରାସ୍ତ କରି ଫାଇନାଲ ରେ ପ୍ରବେଶ କରିଥିବାବେଳେ ଦ୍ୱିତୀୟ ସେମିଫାଇନାଲ ରେ ସତ୍ୟନାରାୟଣ କ୍ଲବ ବାଘବୁଦା କିଷାନ କ୍ଲବ ଗୋଲାଡିଆ କୁ ପରାସ୍ତ କରି ଫାଇନାଲ ରେ ପ୍ରବେଶ କରିଥିଲା । ପ୍ରଥମ ସେମିଫାଇନାଲରେ ଅତିଥି ଭାବେ ରାଜକନିକା ଥାନାଧିକାରୀ ଦିଲ୍ଲୀପ କୁମାର ଧଳ ଯୋଗଦେଇ ଥିବା ବେଳେ ଦ୍ୱିତୀୟ ସେମିଫାଇନାଲ ରେ ଅତିଥି ଭାବେ ନୋଡାଲ ପ୍ରଧାନ ଶିକ୍ଷକ ଧର୍ମଜ୍ୟୋତି ରାଉତ ଯୋଗଦେଇ ଥିଲେ ।

## ରାଇଗୁରୁ, ପ୍ରଣବଙ୍କୁ ଭବ୍ୟ ସ୍ୱାଗତ



ଭୁବନେଶ୍ୱର,୧୬।୧୦ (ସବ୍ୟୁ): ଭୁବନେଶ୍ୱର ବିମାନବନ୍ଦର ଓଡ଼ିଶା ମଡର୍ଣ୍ଣ ପେଣ୍ଟାଥଲନ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଏମ୍‌ଡି ଆଜମ, ସଂଘର ବରିଷ୍ଠ ଉପସଭାପତି ରଞ୍ଜନ କୁମାର ନନ୍ଦ, ବିଜୟ କୁମାର ରାଉତ, ବାସୁଦେବ ଓଝ, ଗୌତମ ବେହେରା ପ୍ରମୁଖ ଉପସ୍ଥିତ ରହି ଦୁଇ ଖେଳାଳିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଚଳିତ ମାସ ୧୦ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ବିଶ୍ୱ ଚାମ୍ପିଅନ୍‌ସିପ୍‌ରେ ଭାରତୀୟ ଦଳରେ ଭାଗ ନେଇଥିବା ପ୍ରଣବ ଦାସ ଏବଂ ରାଇଗୁରୁ ସୂର୍ଯ୍ୟଂସ ମହାପାତ୍ର ଭାରତ ପାଇଁ ପଦକ ଜିତି ଗୌରବ ଆଣିଛନ୍ତି । ରାଇଗୁରୁ ୩ଟି ବ୍ରୋଞ୍ଜ ପଦକ ଯଥା ବାଇଥିଲେ ମିକ୍ସ ରିଲେ, ଟିମ୍ ଇଭେଣ୍ଟ ଓ ଟ୍ରାଇଥିଲେ ମିକ୍ସ ରିଲେରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ । ଏହି ସଫଳତା ପାଇଁ ରାଜ୍ୟ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କ୍ରୀଡା ବିଭାଗର ସମସ୍ତ ଅଧିକାରୀ, ଓଡ଼ିଶା ଅଲିମ୍ପିକ ଆସୋସିଏସନ୍‌ର ସମସ୍ତ କର୍ମକର୍ତ୍ତା, ଗଗନେନ୍ଦୁ ଦାସ, ଏସ୍‌ଆର୍ ପରିଜା, ଟିଟନ ସାହୁ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି ।

ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି